# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ (୧୬ ପୃଷ୍ଠା) Sambalpur, Friday, April 26/ 2019 ★★

୧୫ଶ ଭାଗ ୧୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



## ଏଥର କେନ୍ଦ୍ରରେ ସରକାର ଗଠନରେ ଓଡ଼ିଶାର ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଏଥର ନିର୍ବାଚନରେ କୌଣସି ଜାତୀୟ ଦଳ କେନ୍ଦ୍ରରେ ସଂଖ୍ୟା ଗରିଷ୍ଠତା ପାଇବେ ନାହିଁ । ଆଞ୍ଚଳିକ ଦଳମାନେ କେନ୍ଦ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ।

ଆପଣମାନେ ସମସ୍ତେ ମୋର ପରିବାର । ମୁଁ ସବୁବେଳେ ଆପଣଙ୍କ ସାଥୀରେ ଅଛି । ଆପଣମାନେ ବିଜୁ ଜନତା ଦଳକୁ ଆଶୀର୍ବାଦ କରନ୍ତୁ ।

କେନ୍ଦ୍ର ସରକାର ଗଠନରେ ବିଜେଡିକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଅନ୍ତୁ ।





**ବିଜୁ ଜନତା ଦଳ**

**ନବୀନ ମୋର ପରିବାର**
**ଶଙ୍ଖ ମୋର ଚିହ୍ନ ।**



'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ନବୀନ ଓଡ଼ିଶା : ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା, ସମସ୍ତଙ୍କୁ ମିଳିବ ନୂଆ ସ୍ମାର୍ଟ କାର୍ଡ।

ପାରାମେଡିକ୍ସ କ୍ୟାଡରରେ ନୂତନ ସ୍ଥାୟୀ ନିଯୁକ୍ତି, ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ, ନୂତନ ପଦବୀ ସୃଷ୍ଟି।

୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ।

ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ।

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

# ଭୋଜି ଖାଇ ଜଣେ ମୃତ, ୩୦ ଅସୁସ୍ଥ

କଲ୍ୟାଣସିଂହପୁର, ୨୫।୪(ଡ଼ି.ଏନ.ଏ.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡ଼ା ପଞ୍ଚାୟତ ପଡ଼ଚୁଆଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଭୋଜି ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ ଅସୁସ୍ଥ ହୋଇଛନ୍ତି । ଅସୁସ୍ଥମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗୁରୁବାର ଏକ ଡ଼ାକ୍ତରୀ ଦଳ ଗାଁକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ଗତ ମଙ୍ଗଳବାର ଗାଁ ଲୋକେ ଅନ୍ୟ ଗାଁରେ ଆୟୋଜିତ ବିବାହ ଭୋଜିରେ ଖାଇଥିଲେ । ବୁଧବାର ଜଣକ ପରେ ଜଣଙ୍କର ଝାଡ଼ାବାନ୍ତି ହୋଇଥିଲା । ତୁରନ୍ତ ସେମାନଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି ।

# ହତ୍ୟା ଯୋଜନାକୁ ଡକାୟତି ଉଦ୍ୟମ କହୁଛି ପୋଲିସ

## ହନୁମାନ ପଇସା ପାଇଁ ହୋଇଥାନ୍ତା ହତ୍ୟାକାଣ୍ଡ

ବାରିପଦା ଅଫିସ, ୨୫।୪

ବାରିପଦା ସହରର ଜନଗହଳିପୂର୍ଣ୍ଣ ଗାନ୍ଧୀପାର୍କରୁ ମଙ୍ଗଳବାର ସକାଳେ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ଉଠାଇ ଆଣିଥିଲା । ଉକ୍ତ ଯୁବକଙ୍କ ଘର ବାଙ୍ଗିରିପୋଷି ହୋଇଥିବା ବେଳେ ତାଙ୍କ ନାମ ଯାଦବାନନ୍ଦ ହେମ୍ବ୍ରମ ବୋଲି ତଦନ୍ତ ବେଳେ ଜଣାପଡିଥିଲା । ତାଙ୍କ ନିକଟରୁ ଗୋଟିଏ ଅତ୍ୟାଧୁନିକ ବନ୍ଧୁକ, ଗୁଳି ଓ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ ହୋଇଥିଲା । ଏହା ପରେ ପୋଲିସ ତନାଘନା କରି ଗ୍ୟାଙ୍ଗର ମୁଖ୍ୟ ବିଶୋଇ ଅଞ୍ଚଳର କୃଷ୍ଣ କର୍ମକାରଙ୍କୁ ବାଳଡିଆ ଅଞ୍ଚଳରୁ ଗିରଫ କରିଥିଲା । ଉପରୋକ୍ତ ୨ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି । ତେବେ ଏହି ୨ଜଣଙ୍କୁ ଛାଡି ଅନ୍ୟ ୫ରୁ ୬ ସହଯୋଗୀ ଫେରାର ଥିବା ପୋଲିସ କହିଛି ।

ମଙ୍ଗଳବାର ବାରିପଦା ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସେମାନେ ସହରର କିଛି ପ୍ରତିଷ୍ଠିତ ସୁନା ଦୋକାନରେ ଡକାୟତି କରିବାକୁ ଯୋଜନା କରୁଥିବା ବାରିପଦା ସଦର ଏସ୍‌ଡିପିଓ କେ.ପି. ପଟ୍ଟନାୟକ କହିଥିଲେ । ତେବେ ପୋଲିସ ମିଛ କହୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି । ସେମାନେ ଡକାୟତି ନୁହେଁ ବରଂ ହତ୍ୟାକାଣ୍ଡ ପାଇଁ ଆସିଥିବା ଦୃଢ଼ତାର ସହିତ କହୁଛନ୍ତି ।

ସୂଚନା ମୁତାବକ ଏହି ଯୁବକମାନେ ମଙ୍ଗଳବାର ସକାଳ ପ୍ରାୟ ୬ଟା ବେଳେ ଗାନ୍ଧୀ ପାର୍କରେ ଆଲୋଚନା କରୁଥିଲେ । ସେଠାକୁ ପ୍ରତିଦିନ ସକାଳେ ଲୋକେ ପ୍ରାତଃ ଭ୍ରମଣ କରିବାକୁ ଆସନ୍ତି । ସେମାନଙ୍କ କଥାବାର୍ତ୍ତା ଓ ଉପସ୍ଥିତି ସନ୍ଦେହ ହେବା ପରେ ପ୍ରାତଃ ଭ୍ରମଣକାରୀମାନେ ଅତି ସତର୍କତାର ସହ ପାଖକୁ ଯାଇ ଯୁବକମାନଙ୍କ କଥା ଶୁଣିଥିଲେ । ଏଥିରେ ସେମାନେ ହତ୍ୟା ବା ସଫା କରିଦେବା ଭଳି ଶବ୍ଦ ଶୁଣିଥିଲେ । ଫୋନ ଯୋଗେ ମଧ ଏଭଳି ଶବ୍ଦ ବ୍ୟବହାର କରି ଆଲୋଚନା କରୁଥିଲେ । ପରେ କେତେଜଣ ଲୋକଙ୍କୁ ସେମାନେ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ । ହେଲେ ଲୋକେ ନ ଡରି ଯାଦବାନନ୍ଦଙ୍କୁ ଧରି ପକାଇଥିଲେ । ଫଳରେ ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ । ପରେ ପୋଲିସକୁ ଏ ନେଇ ଖବର ଦିଆଯାଇଥିଲା । ପୋଲିସ ଘଟଣା ସ୍ଥଳକୁ ଆସି ତାଙ୍କୁ ଥାନାକୁ ନେଇ ଯାଇଥିଲା । ଏହି ଯୁବକମାନେ ହନୁମାନ ପଇସା ପାଇଁ ଏଠାକୁ ଆସିଥିବା ଜଣାପଡିଛି । ରାସଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ହନୁମାନ ପଇସା ଦେବେ ବୋଲି କହି ଏମାନଙ୍କୁ ଠକି ଚାଲୁଥିଲେ । ଏଣୁ ସେହି ବ୍ୟକ୍ତିଙ୍କୁ ହତ୍ୟା କରି ହନୁମାନ ପଇସା ନେବା ନେଇ ସେମାନଙ୍କ ଯୋଜନା ରହିଥିଲା ବୋଲି ପୋଲିସକୁ ପଚରାଉଚରା ବେଳେ ସେହି ଯୁବକମାନେ କହିଥିବା ଜଣେ ପୋଲିସ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି । ବାରିପଦା ପୋଲିସର ସିଭିଲ ସ୍କ୍ୱାଡ ଏ ସମ୍ପର୍କରେ କିଛି କିପରି ନ ଜାଣି ପାରିଲା ତାହା ଆଶ୍ଚର୍ଯ୍ୟର ବିଷୟ । ଏ ସମ୍ପର୍କରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କୁ ପଚାରିବାରୁ ହନୁମାନ ପଇସା ଘଟଣାକୁ ସ୍ୱୀକାର କରିଥିଲେ । ହେଲେ ସୁନା ଦୋକାନ ଲୁଟ କରିବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଗାନ୍ଧୀ ପାର୍କରେ ସୁରକ୍ଷା କର୍ମୀ ମୁତୟନ କରିବା, ସେହି ପାର୍କକୁ ଖୋଲିବା ଓ ବନ୍ଦ କରିବା ପାଇଁ ସମୟ ଧାର୍ଯ୍ୟ କରିବା ପାଇଁ ବାରିପଦା ପୌର ପରିଷଦକୁ ବାରମ୍ବାର ଚିଠି କରି ସାରିଛନ୍ତି ବୋଲି ସେ କହିଛନ୍ତି ।

# ଶିଶୁ ମୃତଦେହକୁ ଝୁଣି ଖାଇଲା କୁକୁର



ମୃତଦେହ ପଡିଥିବା ସ୍ଥାନରେ ଲୋକଙ୍କ ଭିଡ ଜମିଛି । ପୋଲିସ ତଦନ୍ତ ଆରମ୍ଭ କରିଛି ।

ବଲାଙ୍ଗୀର ଅଫିସ, ୨୫।୪

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ପୁଡାପାଲି ନିକଟରେ ବଲାଙ୍ଗୀର-ଆଟଗାଁ ରାସ୍ତାରେ ଏକ ନବଜାତ ଶିଶୁର ମୃତଦେହ ପଡିଥିଲା । ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ କୁକୁର ସେହ ମୃତଦେହକୁ ଝୁଣି ଖାଉଥିବା ଦେଖାଯାଇଥିଲା । କେତେକ ବାଟୋଇ ଏହା ଦେଖିବା ପରେ କୁକୁର ଘଉଡାଇ ଦେଇଥିଲେ । ହେଲେ ସେତେବେଳକୁ କୁକୁର ଉକ୍ତ ମୃତଦେହର ଦୁଇଗୋଡ ସହ ଅଣ୍ଟା ପର୍ଯ୍ୟନ୍ତ ଖାଇ ଦେଇଥିଲା । ଏଥିଯୋଗୁ ଶିଶୁର ଲିଙ୍ଗ ଚିହ୍ନଟ ହୋଇ ପାରିନାହିଁ । ଏଭଳି ଦୃଶ୍ୟ ଦେଖି ସେଠାରେ ଲୋକଙ୍କ ଭିଡ ଜମିଥିଲା । ପୁଇଁନ୍ତଲା ପୋଲିସ ଘଟଣାସ୍ଥଳକୁ ଆସି କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । କେହି ଉକ୍ତ ମୃତ ଶିଶୁକୁ ନିକଟସ୍ଥ ନାଳ ପାଖରେ ଫିଙ୍ଗି ଦେଇଯାଇଥିବା ଅନୁମାନ କରାଯାଉଛି । ପରିତ୍ୟକ୍ତ ସ୍ଥାନରେ ଉକ୍ତ ଶିଶୁକୁ ଫିଙ୍ଗାଯାଇଥିବାରୁ ଏହା ଅବୈଧ ସନ୍ତାନ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି । ତେବେ କିଏ କିଭଳି ପରିସ୍ଥିତିରେ ଉକ୍ତ ଶିଶୁକୁ ସେଠାକୁ ଆଣି ଫିଙ୍ଗିଲା ସେ ନେଇ କିଛି ଜଣାପଡିନାହିଁ ।

# ମାଲକାନାଗିରି ପୀଡ଼ିତାଙ୍କୁ ଭେଟିଲେ ଭାଜପା ନେତା

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ଓଡ଼ିଶାର ବର୍ତ୍ତମାନ ସବୁ ସ୍ଥାନରେ ନାବାଳିକାଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତେ ଅସମ୍ମାନିତ, ନିଷ୍ପେଷିତ, ଅପମାନିତ, ଲାଞ୍ଛିତ । ପ୍ରତିଦିନ ଗଣବଳାତ୍କାର ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ନୀରବଦ୍ରଷ୍ଟା ସାଜିଛନ୍ତି । କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାରମ୍ବାର ଅଭିଯୋଗ ହେଉଥିଲାବେଳେ ଓଡିଶା ପୋଲିସ ଚୁପ ବସିଛି । ମାଲକାନଗିରିର ଜଣେ କଲେଜ ପଢୁଥିବା ଝିଅ ସହ କଲେଜ ଭିତରେ ଗଣବଳାତ୍କାର ଘଟଣା ୨୦୧୭ରେ ହୋଇଥିଲା । ଏହି ପ୍ରସଙ୍ଗରେ ପୋଲିସ ପାଖରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଏହି ମାମଲାରେ ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଲେଖାଶ୍ରୀ କହିଛନ୍ତି ଯେ, ପୋଲିସ ଗିରଫ କରିଥିବା ଅପରାଧୀମାନଙ୍କୁ ପରବର୍ତ୍ତୀ ସମୟରେ ଛାଡି ଦିଆଗଲା । ଅଭିଯୁକ୍ତ ଅପରାଧୀମାନଙ୍କୁ ଗିରଫ କରିବା ଲାଗି ହାଇକୋର୍ଟ ଆଦେଶ ଦେଇଥିଲେ ମଧ ମାଲକାନଗିରିର ପୋଲିସ ସମ୍ପୃକ୍ତ ବଳାତ୍କାରୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରୁନାହିଁ ବୋଲି ଲେଖାଶ୍ରୀ କହିଛନ୍ତି । ଗୁରୁବାର ସେ ଏମ୍‌ସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୀଡିତାଙ୍କୁ ଭେଟିବା ପରେ ଏହି ଅଭିଯୋଗ କରିଛନ୍ତି ।




T-shirts . Shirts . Trousers . Denims . Bermudas . Lowers . Lounge wear . Valuepacks . Footwear

EXCL. SHOWROOMS AT BHUBANESHWAR: 1st Floor, Unit 2 Kesari Mall | Pall Height Mall | Ravi Talkies Square | Bajarang Vihar, Patia | 109, Forum Mart Mall JAJPUR: Jajpur Rd. CUTTACK: B.K. Rd. | Darga Bazar BERHAMPUR: Urban Bank Rd. | Telephone Bhavan Rd. | Kampali Square, Mahabali Mkt. ANGUL: Shanti Bazar BARIPADA: Gandhi Mkt. BHADRAK: Salandi-Bye Pass ROURKELA: Udit Nagar, Main Rd. BOLANGIR: Sri Kunj Complex, Ramji Rd. | Main Rd. BALASORE: Opp. Convent school, Vivekanand Marg SAMBALPUR: VSS Marg Road SUNDERGARH: Megha Malhar, Mission Rd. DEOGARH: Traffic Chowk JATNI: Main Rd., Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Nr. Bus Stand TALCHER: Hatatota. | ALSO AT ALL LEADING STORES./visit us at: www.dukeindia.com

SHOWROOM ENQUIRY REQUIRED AT: Jharsuguda, Bhubaneshwar, Bhawanipatna, Bargarh, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani | Contact: 093372-67083, 098555-88080 | Follow us on :

Also at : SHOP ONLINE dukeindia.com MYNTRA JABONG Flipkart snapdeal amazon.in TATA CLiQ AJIO Paytm mall TRENDS | Footwear Store at TALCHER: Go Stteps, Sharma Chakk / Auth. Distributor For Footwear: M/s Ram Ji Enterprises, M: 9437006984

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ Sambalpur, Friday, April 26/ 2019 



## 'ଅଂଗ୍ରେଜୀ ମିଡିୟମ୍'ରେ କରିନା

ଅଭିନେତ୍ରୀ କରିନା କପୁର ଖାନ୍ 'ଅଂଗ୍ରେଜୀ ମିଡିୟମ୍'ରେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।

୦୯

୧୩

## କାକରାନଙ୍କୁ ବ୍ରୋଞ୍ଜ

ଭାରତର ଦିବ୍ୟା କାକରାନ ଏବଂ ମଞ୍ଜୁ କୁମାରୀ ଏସିଆନ ମହିଳା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



### ସଂକ୍ଷେପରେ

#### ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଯାଞ୍ଚ ଘଟଣା

## ଆଇଏଏସ ଅଫିସରଙ୍କ ନିଲମ୍ବନ ଉପରେ ଟ୍ରିବ୍ୟୁନାଲର ସ୍ଥଗିତାଦେଶ

**ନୂଆଦିଲ୍ଲୀ,୨୫।୪:** ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହେଲିକପ୍ଟର ଯାଞ୍ଚ ନିର୍ଦ୍ଦେଶ ଦେଇଥିବା ୧୯୯୬ ବ୍ୟାଚ୍‌ର ଆଇଏଏସ ଅଫିସର ମହମ୍ମଦ ମହସିନ୍‌ଙ୍କ ନିଲମ୍ବନ ଉପରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ସ୍ଥଗିତାଦେଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୩କୁ ଧାର୍ଯ୍ୟ କରାଯାଇଛି। ଟ୍ରିବ୍ୟୁନାଲ ସରକାରୀ ଅଧିକାରୀଙ୍କ ସେବା ଅଭିଯୋଗ ଉପରେ ନିଷ୍ପତ୍ତି ନେଇଥାଏ। ଶୁଣାଣି ବେଳେ ଟ୍ରିବ୍ୟୁନାଲ କହିଛନ୍ତି, ଏସ୍‌ପିଜି ସୁରକ୍ଷା ପାଉଥିବା ବ୍ୟକ୍ତିଙ୍କ ଲାଗି ନିରାପତ୍ତାର ଯଥୋଚିତ ଆଶ୍ୱାସନା ସୁନିଶ୍ଚିତ କରାଯିବାବେଳେ ସବୁ କିଛି ପାଇଁ ସେମାନେ ଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ଗତ ୧୬ ତାରିଖରେ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ତାଙ୍କ ହେଲିକପ୍ଟର ଯାଞ୍ଚ ଲାଗି ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କର୍ଣ୍ଣାଟକର ଆଇଏଏସ୍ ଅଫିସର ମହସିନ୍ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଜି ସୁରକ୍ଷାରେ ଥିବା ବ୍ୟକ୍ତିଙ୍କ ଲାଗି ଉଦ୍ଦିଷ୍ଟ ନିୟମାବଳୀ ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ନିର୍ବାଚନ କମିଶନ(ଇସି) ମହସିନଙ୍କୁ ନିଲମ୍ବନ କରିଥିଲେ। ନିର୍ବାଚନ ବେଳେ ଏସ୍‌ପିଜି ସୁରକ୍ଷାରେ ଥିବା ବ୍ୟକ୍ତିଙ୍କୁ ଯାଞ୍ଚରୁ ବାଦ୍ ଦେବା ଲାଗି ୨୦୧୪ରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ।

#### ୨୦୦୭ କନ୍ଧମାଳ ଦଙ୍ଗା ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରସଙ୍ଗ

## ରିପୋର୍ଟ ଦେଇନାହାନ୍ତି ଏନ୍‌ଏଚ୍‌ଆରସି

**ଭୁବନେଶ୍ୱର,୨୫।୪(ବ୍ୟୁରୋ):** ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ୨୦୦୭ରେ କନ୍ଧମାଳ ଜିଲାରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ରିପୋର୍ଟ କିମ୍ବା ଏ ସମ୍ପର୍କିତ କୌଣସି ରିପୋର୍ଟ ପ୍ରଦାନ କରିନାହାନ୍ତି। ରାଜ୍ୟ ସରକାର ଏ ନେଇ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହି ଦଙ୍ଗାରେ କ୍ଷତିଗ୍ରସ୍ତଙ୍କୁ ଅତିରିକ୍ତ ସହାୟତା ଦେବାକୁ ଆର୍କ ବିଶପ ଜନ ବରୁଆ ସର୍ବୋଚ୍ଚ ଅଦାଲତରେ ଅଭିଯୋଗ ସମ୍ବଳିତ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ୟୁ. ୟୁ. ଲଳିତ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ଶିବାଶିଷ ମିଶ୍ର ଦଙ୍ଗା ସମ୍ପର୍କରେ ଏନ୍‌ଏଚ୍‌ଆରସି କୌଣସି ରିପୋର୍ଟ ଦେଇ ନ ଥିବା ବିଷୟକୁ କୋର୍ଟରେ ଉପସ୍ଥାପନ କରିଥିଲେ। କମିଶନ କେବଳ ୨୦୦୮ରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କରେ ରିପୋର୍ଟ ☞ପୃଷ୍ଠା-୫

### ଆଜିର ସମ୍ପାଦକୀୟ

## ଆସନ୍ନ ତୈଳ ସଂକଟ

#### ସିଜେଆଇଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ

# ଅନଙ୍ଗ ପଟ୍ଟନାୟକଙ୍କୁ ତଦନ୍ତ ଦାୟିତ୍ୱ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ବଡ଼ ଧରଣର ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟ ଗୁରୁବାର ଏକ ଜଣିକିଆ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ନେଇ ଗଠିତ କମିଟି ଏହି ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ କରିବେ। ତଦନ୍ତରେ ଜଷ୍ଟିସ ପଟ୍ଟନାୟକଙ୍କୁ ସହଯୋଗ କରିବା ଲାଗି ସିବିଆଇ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ କୁହାଯାଇଛି। ତେବେ ଏହି କମିଟି ସିଜେଆଇଙ୍କ ବିରୋଧରେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ କରିବ ନାହିଁ। ଉକ୍ତ କମିଟିର ତଦନ୍ତ ରିପୋର୍ଟ ସିଜେଆଇଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରୁଥିବା ଇନ୍-ହାଉସ୍ କମିଟିକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି। ଆଇନଜୀବୀ ଉତ୍ସବ ସିଂ ବୈନ୍ସ ଦାଖଲ କରିଥିବା ସତ୍ୟପାଠ ଜଷ୍ଟିସ ପଟ୍ଟନାୟକଙ୍କ ପାଖକୁ ଜଉମୁଦା ଲଫାପାରେ ପଠାଯିବ। ତଦନ୍ତ ସାରି ଜଷ୍ଟିସ୍ ପଟ୍ଟନାୟକ ତାଙ୍କ ରିପୋର୍ଟ ଜଉମୁଦା ଲଫାପାରେ ଅଦାଲତରେ ଦାଖଲ କରିବେ। ଏହା ପରେ ମାମଲାର ପୁନର୍ବାର ଶୁଣାଣି ହେବ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ସିଜେଆଇଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ପାଇଁ ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଇନ୍-ହାଉସ କମିଟିରୁ ଜଷ୍ଟିସ ଏନ.ଭି. ରମାନା ଗୁରୁବାର ଓହରିଯାଇଛନ୍ତି। ତାଙ୍କ ସ୍ଥାନରେ ତଦନ୍ତ କମିଟିରେ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କୁ ସାମିଲ କରାଯାଇଛି। କମିଟିରେ ଜଷ୍ଟିସ୍ ରମାନାଙ୍କ ଉପସ୍ଥିତିକୁ ନେଇ ଯୌନ ଶୋଷଣ ଅଭିଯୋଗ ଆଣିଥିବା ମହିଳା କର୍ମଚାରୀ ଆପତ୍ତି ଉଠାଇଥିଲେ। ରମାନା ସିଜେଆଇଙ୍କର ଘନିଷ୍ଠ ବନ୍ଧୁ ଓ ନିୟମିତ ତାଙ୍କ ଘରକୁ ଯାଇଥାନ୍ତି ବୋଲି ମହିଳା ☞ପୃଷ୍ଠା-୫



ଅନଙ୍ଗ କୁମାର ପଟ୍ଟନାୟକ

- ଯୌନ ଶୋଷଣ ଅଭିଯୋଗ ତଦନ୍ତ କମିଟିରୁ ଓହରିଲେ ଜଷ୍ଟିସ୍ ରମାନା
- ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା କମିଟିରେ ସାମିଲ
- ନିଆଁ ସହ ଖେଳୁଛନ୍ତି କ୍ଷମତାଶାଳୀ: ସୁପ୍ରିମକୋର୍ଟ



### ମହିଳାଙ୍କ ଅଭିଯୋଗ

## ଶୁଣାଣି ନ କରି ମୋ ଚରିତ୍ର ସଂହାର କରାଯାଇଛି

**ନୂଆଦିଲ୍ଲୀ,୨୫।୪**

ଶୁଣାଣି ପାଇଁ ସୁଯୋଗ ନ ଦେଇ ତାଙ୍କ ଚରିତ୍ର ସଂହାର କରାଯାଉଛି ବୋଲି ପ୍ରଧାନ ବିଚାରପତିଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ କହିଛନ୍ତି। ଏଥିସହିତ ସେ ଜଷ୍ଟିସ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟି ଉପରେ ଚିନ୍ତାବ୍ୟକ୍ତ କରିଛନ୍ତି। 'ବିଶାଖା ଗାଇଡଲାଇନ୍ସ' ଏବଂ ପୋଶ୍ ଆଇନ ଅନୁଯାୟୀ ଉକ୍ତ କମିଟି ଗଠନ କରାଯାଇ ନ ଥିବା ସେ କହିଛନ୍ତି।

ସିଜେଆଇ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗ ଉପରେ ☞ପୃଷ୍ଠା-୫

## ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର: ୩ ଅଭିଯୁକ୍ତ ଫେରାର୍

**ସୁନ୍ଦରଗଡ଼/ବାଲିଶଙ୍କରା, ୨୫।୪(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ବନଡେଗା ଫାଣ୍ଡି ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଗୁରୁବାର ଏନେଇ ବନଡେ଼ଗା ଫାଣ୍ଡିରେ ଅଭିଯୋଗ ହୋଇଛି। ଏତଲା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ଏହି ମାମଲାର ତଦନ୍ତ ଭାର ଜଣେ ଅତିରିକ୍ତ ଏସ୍‌ପିଙ୍କୁ ଦିଆଯାଇଛି। ପୀଡ଼ିତା ନାବାଳିକା ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସନ୍ଧ୍ୟାରେ ସେ ତାଙ୍କ ମାମୁ ଘରୁ ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ଘରକୁ ଫେରୁଥିଲେ। ନିଛାଟିଆ ରାସ୍ତାରେ ଅନ୍ୟ ଏକ ସମ୍ପ୍ରଦାୟର ୩ ଜଣ ଯୁବକ ବାଇକ୍ ଯୋଗେ ଆସି ସେମାନଙ୍କୁ ଅଟକାଇଥିଲେ। ଜଣେ ଯୁବକ ତାଙ୍କ ଭାଇକୁ ଅଟକାଇଥିବାବେଳେ ଅନ୍ୟ ୨ଯୁବକ ନାବାଳିକାକୁ ଟେକିନେଇ ଜଙ୍ଗଲ ମଧ୍ୟରେ ବଳାତ୍କାର କରିଥିଲେ। ପରେ ୩ ଯୁବକ ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସମ୍ପର୍କୀୟ ଭାଇଙ୍କ ସହିତ ଆସି ସକାଳେ ଫାଣ୍ଡିରେ ଅଭିଯୋଗ କରିଥିଲେ।

#### ■ଶ୍ରୀଲଙ୍କା ବିସ୍ଫୋରଣ

## ଆତ୍ମଘାତୀ ଫାତିମା ଇବ୍ରାହିମ ଗର୍ଭବତୀ ଥିଲେ

**କଲମ୍ବୋ,୨୫।୪**



ଶ୍ରୀଲଙ୍କାର କୋଟିପତି ବ୍ୟବସାୟୀ ତଥା ଆଇଏସ ଆତ୍ମଘାତୀ ଇନସାଫ ଅହମଦ ଇବ୍ରାହିମଙ୍କ ସ୍ତ୍ରୀ ଫାତିମା ଇବ୍ରାହିମ ନିଜର ଅଜନ୍ମା ଶିଶୁ ଓ ୩ ପୁଅଙ୍କ ସହ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ରବିବାର ରାତିରେ ପୋଲିସ ପକ୍ଷରୁ ତାଙ୍କ ଘରେ ଚଢଉ କରାଯାଇଥିଲା ବୋଲି ଭାରତୀୟ ଗୋଇନ୍ଦା ସୂଚନାରୁ ଜଣାପଡିଛି। ବିସ୍ଫୋରଣରେ ୩ ପୋଲିସ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା। ଭାଇ ଇଲ୍‌ହାମ ଅହମଦ ଇବ୍ରାହିମଙ୍କ ସହ ଫାତିମା ଡେମାଟାଗୋଡାସ୍ଥିତ ତାଙ୍କ ପରିବାରର ବିଳାସପୂର୍ଣ୍ଣ ୩ ମହଲା କୋଠାଘରୁ ବାହାରି ସିନାମୋନ ଗ୍ରାଣ୍ଡ ଓ ଶାଙ୍ଗରି-ଲା ହୋଟେଲ ବ୍ରେକଫାଷ୍ଟ ବଫେଟରେ ଆତ୍ମଘାତୀ ବିସ୍ଫୋରଣ କରିଥିଲେ। ହୋଟେଲ ଓ ଚର୍ଚ୍ଚ ବିସ୍ଫୋରଣରେ ୩୫୯ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ରବିବାରର ଏହି ବିସ୍ଫୋରଣ ଶ୍ରୀଲଙ୍କାକୁ ଥରହର କରିପକାଇଥିଲା। ଫାତିମା ଆଇଏସ ଆତଙ୍କୀ ସଙ୍ଗଠନର ଜଣେ ସଦସ୍ୟ ଥିବା ଗୋଇନ୍ଦା ରିପୋର୍ଟରେ ଦର୍ଶାଯାଇଛି। ଗତ ମଙ୍ଗଳବାର ରାତିରେ ଜିହାଦି ସଙ୍ଗଠନ ପକ୍ଷରୁ ସ୍ୱାମୀଙ୍କ ସହ ସେ ଛିଡା ହୋଇଥିବା ଏକ ଫଟୋ ଜାରି କରାଯାଇଥିଲା। ଇତିମଧ୍ୟରେ ଶ୍ରୀଲଙ୍କା ପ୍ରତିରକ୍ଷା ସଚିବ ହେମାସିରି ଫେର୍ଣ୍ଣାଣ୍ଡୋ ଆକ୍ରମଣ ପାଇଁ ନିଜ ବିଫଳତାକୁ ଦାୟୀକରି ପଦରୁ ଇସ୍ତଫା ଦେଇଛନ୍ତି।

# ୩୦ ଯାଏ ପ୍ରବଳ ତାତି

- ପାରଦ ଡେଇଁବ ୪୫ ଡିଗ୍ରୀ
- ଟିଟିଲାଗଡ଼ ୪୩.୫ ଡିଗ୍ରୀ
- ଘନୀଭୂତ ହେଉଛି ବାତ୍ୟା
- ୩ରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଆସନ୍ତା ୩୦ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ଏପରି କି ପାରଦ ୪୫ ଡିଗ୍ରୀ ସେଲସିୟସ ଟପିଯିବାର ସମ୍ଭାବନା ରହିଛି। ସୁନ୍ଦରଗଡ, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର, ସୋନପୁର, ଝାରସୁଗୁଡା, ମାଲକାନଗିରି ଆଦି ଜିଲାରେ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ପ୍ରବଳ ଗ୍ରୀଷ୍ମରେ ଆଉଟପାଉଟ ହେବେ ଲୋକେ। ଉପକୂଳବର୍ତ୍ତୀ ଜିଲାଗୁଡିକ ମଧ୍ୟ ପ୍ରବଳ ତାତିରୁ ନିସ୍ତାର ପାଇବେ ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପାରଦ ୪୦ ଡିଗ୍ରୀ ଉପରେ ରହିବ। ଗୁରୁବାର ଆଭ୍ୟନ୍ତରୀଣ ଓଡିଶାର ୧୧ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୨.୫, ଅନୁଗୋଳ ୪୦.୧, ଝାରସୁଗୁଡା ୪୨.୪, ସମ୍ବଲପୁର ୪୧.୬, ସୁନ୍ଦରଗଡ ୪୧, ହୀରାକୁଦ ୪୧.୨, ଭବାନୀପାଟଣା ୪୧.୮, ବଲାଙ୍ଗୀର ୪୨.୫, ଫୁଲବାଣୀ ୪୦.୮ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଅନ୍ୟପଟେ ଦକ୍ଷିଣ ପୂର୍ବ ବଙ୍ଗୋପ ସାଗର ଶ୍ରୀଲଙ୍କା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୩୬ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଶକ୍ତିଶାଳୀ ବାତ୍ୟାରେ ପରିଣତ ହେବ। ଆସନ୍ତା ୧ ତାରିଖରେ ଉତ୍ତର ପଶ୍ଚିମ ତାମିଲନାଡୁ ଉପକୂଳକୁ ଛୁଇଁବା ସମ୍ଭାବନା ରହିଛି। ଏପ୍ରିଲ ୩୦ ତାରିଖ ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରେଡ୍ ଆଲର୍ଟ ଜାରି କରିଛି। ତାମିଲନାଡୁ ଉପକୂଳ ଛୁଇଁବା ବେଳେ ତାମିଲନାଡୁ ଉପକୂଳ ଏବଂ ପୁଡୁଚେରୀରେ ପ୍ରବଳ ଝଡବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ଦକ୍ଷିଣରୁ ଉତ୍ତର ଦିଗ ଆଡକୁ ମୁହାଁଇଛି। ମେ ୪ ତାରିଖ ସୁଦ୍ଧା ଏହା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ମେ ୩ ତାରିଖ ରାତିରୁ ବର୍ଷା ହେବାର ସମ୍ଭାବନା ରହିଛି। ଏହା ପରେ ବାତ୍ୟା ☞ପୃଷ୍ଠା-୫

#### ■ବରୀ, ଚାନ୍ଦବାଲିରେ ବିଜୟ ସଂକଳ୍ପ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ

# 'ନବୀନ ସରକାରର ବିଦାୟ ବେଳ ଆସିଛି'




ଭଦ୍ରକ ଚାନ୍ଦବାଲିରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ ଭାଜପା ନେତାମାନେ।

**ବରୀ/ ରତ୍ନଗିରି/ଚାନ୍ଦବାଲି, ୨୫।୪ (ଡି.ଏନ.ଏ.)**

ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାଙ୍କୁ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ସହାୟତା ଏବଂ ଆବଶ୍ୟକ ସଂଖ୍ୟକ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେଇଥିଲେ ମଧ୍ୟ ରାଜ୍ୟରୁ ଗରିବୀ ନ ହଟିବା ଦୁଃଖର ବିଷୟ। ନବୀନବାବୁଙ୍କ ସରକାରକୁ ବିଦାୟ ଦେବାର ବେଳ ଆସିଛି। ନରେନ୍ଦ୍ର ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେଲେ ଦେଶରୁ ଗରିବୀ ହଟିବା ସହିତ ମାଓବାଦୀ ଓ ଆତଙ୍କବାଦକୁ ଦମନ କରାଯାଇପାରିବ। ଗତ ୧୯ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଶାସନ କରୁଥିଲେ ସୁଦ୍ଧା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ପାନୀୟଜଳ ଆଦିରେ ବିକାଶ ହୋଇପାରି ନାହିଁ। ରାଜ୍ୟରେ ଏଥର ଭାଜପାକୁ ସରକାର ଗଢ଼ିବା ପାଇଁ ସୁଯୋଗ ଦେଲେ ଦେଶ ସହିତ ରାଜ୍ୟର ବହୁମୁଖୀ ବିକାଶ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଯାଜପୁର ଜିଲା ବରୀ ଏବଂ ଭଦ୍ରକ ଜିଲା ଚାନ୍ଦବାଲିରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କହିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ପ୍ରଥମେ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋବିନ୍ଦାବାଟି ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ରାଜନାଥ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ବିଜେଡି ସରକାର ରାଜ୍ୟର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ଏପରିକି କେନ୍ଦ୍ରୀୟ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ ନ କରି ଲୋକମାନଙ୍କୁ ସୁବିଧା ପାଇବାରୁ ବଞ୍ଚିତ କରୁଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ ନ କରି ବିଜୁ ସ୍ୱାସ୍ଥ୍ୟ ଯୋଜନା ଲାଗୁ କରିବା ଏହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟରେ ଭାଜପା ସରକାର ଆସିଲେ ୨୦୨୨ ସୁଦ୍ଧା ଗ୍ରାମାଞ୍ଚଳରେ ଗୋଟିଏ ହେଲେ ଚାଳ ଘର ରହିବ ନାହିଁ ବୋଲି ରାଜନାଥ କହିଥିଲେ। ଏଥିସହିତ ଯାଜପୁର ଲୋକ ସଭା ପ୍ରାର୍ଥୀ ଅମିୟକାନ୍ତ ମଲ୍ଲିକ, ବରୀ ବିଧାନସଭା ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ହେମନ୍ତ ☞ପୃଷ୍ଠା-୫

## ବାରିପଦା ମେଡ଼ିକାଲ କଲେଜ ପ୍ରତିଷ୍ଠାକୁ ଜଣେ ଓଡ଼ିଆ କେନ୍ଦ୍ର ମନ୍ତ୍ରୀ ବିରୋଧ କରୁଥିଲେ: ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ,୨୫।୪**

ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ବାରିପଦା ମେଡିକାଲ କଲେଜ ପ୍ରତିଷ୍ଠାକୁ ବିରୋଧ କରୁଥିଲେ। ଏଥିପାଇଁ କେନ୍ଦ୍ର ଅନୁମତି ନ ଦେବାରୁ ସୁପ୍ରିମକୋର୍ଟ ଏମ୍‌ପାୱାରର୍ଡ କମିଟିରୁ ରାଜ୍ୟ ସରକାର ଅନୁମତି ଆଣିଥିଲେ। ସେହିପରି ପ୍ରତିଦିନ ଲକ୍ଷାଧିକ ଲୋକ ଖାଉଥିବା 'ଆହାର' ଯୋଜନାକୁ ମଧ୍ୟ ଏହି କେନ୍ଦ୍ର ମନ୍ତ୍ରୀ ବିରୋଧ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଏ ନେଇ ମୁହଁ ଖୋଲିଛନ୍ତି। ଅନ୍ୟପକ୍ଷରେ ମୟୂରଭଞ୍ଜ ଜିଲାରେ ରେଳ ଓ ଶିଳ୍ପ କ୍ଷେତ୍ର ପ୍ରତିଷ୍ଠା ପ୍ରତି ମଧ୍ୟ କେନ୍ଦ୍ର ଦୃଷ୍ଟି ଦେଉନାହିଁ। ଏଣୁ ଜଣେ ସ୍ୱାଭିମାନୀ ମୟୂରଭଞ୍ଜିଆ ଭାବେ ଏହାର ଉଚିତ ଜବାବ ଦେବାକୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଜନସାଧାରଣଙ୍କୁ ☞ପୃଷ୍ଠା-୫

### ମୟୂରଭଞ୍ଜରେ ନବୀନଙ୍କ ମାରାଥନ ନିର୍ବାଚନ ପ୍ରଚାର



ମୋରଡା ନିର୍ବାଚନମଣ୍ଡଳୀର ପାଟପୁର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

### ଆଜିର ମନ୍ତବ୍ୟ

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୫ ବର୍ଷରେ ଲୋକଙ୍କ ସହ ଅନ୍ୟାୟ କରିଛନ୍ତି।

**- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

### କିଛି ତଥ୍ୟ

୨୦୧୮-୧୯ରେ ଦେଶର ଅଶୋଧିତ ତୈଳ ଉତ୍ପାଦନ ୪% ହ୍ରାସ ଘଟି ୩୪.୨ ନିୟୁତ ଟନ ରହିଛି।

**- ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ**

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE
STARTING FROM
1ST APRIL 2019
Hurry Up... Limited Seats
(Jharsuguda Highway)
Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE
25.04.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 107 | 167 | 177 |

*Conditions Apply
Eggs Retail Price- 37/-Dozen
Issued in the Interest of Consumers

ଭଡ଼ାଗାଡ଼ି ଆବଶ୍ୟକ
ସମ୍ବଲପୁର ସହରର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ **ଭବାନୀପାଟଣାକୁ** ଧରିତ୍ରୀ ବିତରଣ କରିବା ନିମନ୍ତେ **BOLERO CAMPER** ଗାଡ଼ି ଭଡ଼ା ସୂତ୍ରରେ ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ, ଡ୍ରାଇଭିଂ ଲାଇସେନ୍ସ କପି ସହ ନିଜର କୋଟେସନ ସାତ (୭) ଦିନ ମଧ୍ୟରେ ନିମ୍ନ ଇ-ମେଲ ଠିକଣାରେ ପଠାନ୍ତୁ।
<advt@dharitri.com>



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ



ବାପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା
# ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

**ଖୋର୍ଦ୍ଧା ଅଫିସ,୨୫।୪**

ବହୁ ଚର୍ଚ୍ଚିତ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣାର ହତ୍ୟାକାରୀଙ୍କୁ ଧରିବା ଓ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ୩ ସନ୍ଦିଗ୍ଧଙ୍କ ଫୁଟେଜ ଜାରି କରିବାର ୫ ଦିନ ବିତିଯିବାକୁ ବସିଥିବାବେଳେ କ୍ରାଇମବ୍ରାଞ୍ଚର ହାତ ଖାଲିକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳିଙ୍କୁ ୧୪ ତାରିଖ ରାତିରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଲୁ ଚରଣ ଖଣ୍ଡାଇତରାୟଙ୍କର ନବୀନାବାଗସ୍ଥିତ ଘର ସମ୍ମୁଖରେ ହୋଇଥିଲା। ଏହାକୁ ନେଇ ଭାଜପା ବିଜେଡିକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ଗତ ୧୪ ତାରିଖ ରାତିରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଗତ ୧୫ ତାରିଖ ୬ ଘଣ୍ଟିଆ ଖୋର୍ଦ୍ଧା ବନ୍ଦ କରାଯାଇଥିଲା। ସେହିପରି ନିହତ ମଙ୍ଗୁଳିଙ୍କ ଭାଇ ପୋଲିସ ନିକଟରେ ବଡପୋଖରିଆର ସରପଞ୍ଚ ସାଗର ବଳିଆରସିଂହ ଓ ସହଯୋଗୀ ସଚିନ୍ ବଳିଆରସିଂଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ୧୬ ତାରିଖରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ହତ୍ୟାକାଣ୍ଡରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ମଙ୍ଗୁଳି ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଲା ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇ ସନ୍ଦିଗ୍ଧ ବ୍ୟକ୍ତି ସମ୍ପୃକ୍ତ ନ ଥିବା ଦର୍ଶାଇ ଛାଡି ଦିଆଗଲା। ସେହିଭଳି ୨୧ ତାରିଖରେ କ୍ରାଇମବ୍ରଞ୍ଚ ପକ୍ଷରୁ ଗୋଟିଏ ୧ ମିନିଟ୍ ଓ ଅନ୍ୟଟି ୩୬ ସେକେଣ୍ଡର ଏପରି ଦୁଇଟି ଫୁଟେଜ ଜାରି କରାଯାଇଥିଲା। ଦୁଇ ଫୁଟେଜରେ ୩ ଜଣ ଯୁବକ ହତ୍ୟାକାଣ୍ଡ ସ୍ଥଳଠାରୁ କିଛି ଦୂର ଏକ ଛକରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଦୃଶ୍ୟ ରହିଛି। ଗୋଟିଏ ଫୁଟେଜରେ ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସିଥିଲେ। ଏଥିରୁ ୨ ଜଣ ଓହ୍ଲାଇ ଛକରେ ବସିଥିବାବେଳେ ବାଇକ୍ ଚାଳକ ଭାଜପା ବିଧାୟକ ପ୍ରାର୍ଥୀ କାଲୁଙ୍କର ଘର ଦେଇ ଯାଇଥିଲେ। ଅନ୍ୟ ଭିଡିଓରେ ବାଇକ୍ ଚାଳକ ଫେରି ଆସି ଛାଡି ଯାଇଥିବା ଦୁଇ ଯୁବକଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁଳିକାଣ୍ଡ ସମୟର କୌଣସି ଫୁଟେଜ୍ କ୍ରାଇମବ୍ରାଞ୍ଚ ପାଇଥିବା ପ୍ରକାଶ କରିନାହିଁ। ତେବେ ୩ଟି ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ କାନ୍ଥରେ ଲାଗିଥିଲା। ଗୁଳିର ସ୍ଥାନକୁ କ୍ରାଇମବ୍ରାଞ୍ଚର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିଲେ। ତେବେ ପୋଲିସ ପରି କ୍ରାଇମବ୍ରାଞ୍ଚ ମଙ୍ଗୁଳି ହତ୍ୟାକଣ୍ଡରେ ଫେଲ ମାରିଲାଣି ବୋଲି କୁହାଯାଉଛି।

# ଦୁର୍ଘଟଣାରେ ଆହତ ଶିଶୁ ମୃତ

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଛକରେ ବାଇକ୍ ଓ ଅଟୋରିକ୍ସା ଧକ୍କାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଚିକୁ ପ୍ରଧାନ (୪)ଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଅଟୋରିକ୍ସା ଡ୍ରାଇଭର ମିତ୍ରଭାନୁ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଟୋରିକ୍ସା (ନଂ. ଓଆର୍‌୧୫-ଜେ-୬୭୧୯)କୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଗତ ୨ ତାରିଖରେ ଚିକୁ ଓ ତାଙ୍କ ବାପା ମନୋଜ ପ୍ରଧାନ ଅଇଁଠାପାଲି ଛକ ବାଇପାସ୍ ରୋଡ୍‌ରେ ଓଆର୍‌୧୫-ଏମ୍‌୩୩୮୬ନଂ ବାଇକ୍ ଯୋଗେ ଯାଉଥିଲେ। ଅଟୋରିକ୍ସାରେ ଗ୍ୟାସ୍ ସିଲିଣ୍ଡର ବୋଝେଇ କରି ମିତ୍ରଭାନୁ ଦ୍ରୁତଗତିରେ ଆସୁଥିବାବେଳେ ବାଇକ୍ ସହ ଧକ୍କା ହୋଇଥିଲା।

# ଘରୋଇ ସ୍କୁଲ୍‌ରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ଆତ୍ମହତ୍ୟା ବୋଲି କହିଲେ ସ୍କୁଲ୍ କର୍ତ୍ତୃପକ୍ଷ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ୍ ଛାତ୍ରାବାସରୁ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ମୃତ ଛାତ୍ର ଜଣକ ହେଲେ ଚିନ୍ମୟ କୁମାର ବେହେରା। ତାଙ୍କ ଘର ଅନୁଗୋଳ ଜିଲା ମୁଣ୍ଡଳ ଗାଁରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ୧୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଓ ସ୍କୁଲ୍ କର୍ତ୍ତୃପକ୍ଷ ଆତ୍ମହତ୍ୟା ବୋଲି କହୁଥିବାବେଳେ ମୃତ ଛାତ୍ରଙ୍କ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ପରିବାର ଲୋକେ। ତେବେ ହତ୍ୟା ଅଭିଯୋଗକୁ ଗୁରୁତ୍ୱର ସହ ନେଇଛି ପୋଲିସ। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ତଦନ୍ତ ଆରମ୍ଭ କରିଥିବାବେଳେ ପୋଲିସ ଉକ୍ତ ସ୍କୁଲକୁ ଯାଇ ଚିନ୍ମୟ ରହୁଥିବା ଛାତ୍ରାବାସର ଅନ୍ୟ ଛାତ୍ରମାନଙ୍କୁ ପଚରାଉଚରା କରିଛି। ଏହାସହ ସ୍କୁଲ କର୍ତ୍ତୃପକ୍ଷଙ୍କ ବୟାନ ରେକର୍ଡ କରିଛି ପୋଲିସ।

ସ୍କୁଲ୍ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଚିନ୍ମୟ ଅଧିକାଂଶ ସମୟରେ ଉଦାଶ ରହୁଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ସେ ଛାତ୍ରାବାସରେ ଅନ୍ୟଛାତ୍ରମାନଙ୍କୁ ଆତ୍ମହତ୍ୟା କିଭଳି କରାଯାଏ ତାହାର ଡେମୋ ଦେଖାଉଥିଲେ। ସେ ନିଜ ଗାମୁଛାକୁ ବେକରେ ଲଗାଇ ଛାତ୍ରାବାସର ଏକ ଲୁହାରେ ବାରମ୍ବାର ଝୁଲି ପଡୁଥିଲେ। ସାଙ୍ଗମାନେ ଏଭଳି ନକରିବା ପାଇଁ ତାଙ୍କୁ ବାରଣ କରିଥିଲେ। ଏହାପରେ ଚିନ୍ମୟ ଆସି ବିଜ୍ଞାନ ପାଠ ଲେଖୁଥିଲେ। ଏହାର କିଛି ସମୟ ପରେ ସାଙ୍ଗମାନେ ଖେଳିବାକୁ ଚାଲିଆସିଥିଲେ। ସେମାନେ ଖେଳି ସାରି ଛାତ୍ରାବାସକୁ ଫେରିବା ପରେ ଚିନ୍ମୟଙ୍କ ମୃତଦେହ ଝୁଲୁଥିବା ଦେଖି ସ୍କୁଲ କର୍ତ୍ତୃପକ୍ଷକୁ ଜଣାଇଥିଲେ। ସ୍କୁଲ୍ କର୍ମଚାରୀ ପହଞ୍ଚି ମୃତଦେହକୁ ତଳକୁ ଓହ୍ଲାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି, ଚିନ୍ମୟ ଆତ୍ମହତ୍ୟା କରିଥିବା ସ୍କୁଲ୍ କର୍ତ୍ତୃପକ୍ଷ କହୁଛନ୍ତି। ସେ ସବୁବେଳେ ଚିନ୍ତାରେ ରହୁଥିବା ଓ ଆତ୍ମହତ୍ୟା ଡେମୋ ଦେଖାଇ ଝୁଲି ପଡିଥିବା ଛାତ୍ରାବାସର ଅନ୍ତେବାସୀଙ୍କୁ ପଚରାଉଚରାବେଳେ ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ମୃତ ଚିନ୍ମୟଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ତାଙ୍କ ମାମୁ ଓ ଅନ୍ୟ ଜଣେ ଆସି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତ ଚିନ୍ମୟ ସାଙ୍ଗଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ କରୁଛି। ବ୍ୟବଛେଦ ରିପୋର୍ଟ ଆସିଲେ ଯାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଆନନ୍ଦ ବଜାର ମଧ ଦେଇ ର୍‍ୟାମ୍ପକୁ ବିରୋଧ
# କୋର୍ଟ ଦ୍ୱାରସ୍ଥ ହେବାକୁ ସେବାୟତଙ୍କ ଧମକ

**ପୁରୀ ଅଫିସ,୨୫।୪**

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ର୍‍ୟାମ୍ପ (ସ୍ୱତନ୍ତ୍ର ରାସ୍ତା) ତିଆରି ଚାଲିଛି। ପୂର୍ବରୁ ଉତ୍ତର ଦ୍ୱାର ଦେଇ ଏହି ର୍‍ୟାମ୍ପ ରହିଥିଲା। ଦିବ୍ୟାଙ୍ଗ ଭକ୍ତମାନେ ଏହା ମାଧ୍ୟମରେ ସିଧା କୀର୍ତ୍ତନ ଚକଡ଼ାକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ର୍‍ୟାମ୍ପ ଖରାପ ହୋଇଯିବାରୁ ଏବେ ସ୍ଥାୟୀ ର୍‍ୟାମ୍ପ ପଥରରେ ତିଆରି କରାଯାଉଛି। ତେବେ ଏହି ର୍‍ୟାମ୍ପ ଆନନ୍ଦ ବଜାର ମଧ ଦେଇ ଯାଉଥିବାରୁ ଏହାକୁ ସୁଆର ସେବକ ବିରୋଧ କରିଛନ୍ତି। ବାରମ୍ବାର ଏ ନେଇ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଅସହଯୋଗ କରିବେ। ଏପରି କି ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଧମକ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଏକ ସ୍ମାରକପତ୍ର ଗୁରୁବାର ଡାକ ଯୋଗେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପଠାଇଛନ୍ତି।

ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ର୍‍ୟାମ୍ପ ନିଶ୍ଚିତ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାରେ ବେଶ୍ ଉପକୃତ ହୋଇପାରିବେ। କିନ୍ତୁ ଆନନ୍ଦ ବଜାର ଭିତରେ ର୍‍ୟାମ୍ପ ନ ନେଇ ପୂର୍ବରୁ ଯେପରି ଥିଲା କିମ୍ବା ପଶ୍ଚିମ ଦ୍ୱାରବାଟେ କରିବା ଲାଗି ସୁଆର ମହାସୁଆର ନିଯୋଗ ଶ୍ରୀମନ୍ଦିର ପ୍ରଶାସନକୁ ଗତ ଡିସେମ୍ବରରେ ଚିଠି ଲେଖିଥିଲା। ଏହାର ମାସକ ପରେ ପୁନଶ୍ଚ ସୁଆର ସେବକମାନେ ଆନନ୍ଦ ବଜାର ଦେଇ ର୍‍ୟାମ୍ପ ଗଲେ କ'ଣ ଅସୁବିଧା ହେବ ତାହା ପ୍ରଶାସନକୁ ଜଣାଇଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି ମଧ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ପ୍ରଶାସନ କିଛି ନ ଶୁଣି ଆନନ୍ଦ ବଜାର ମଧ ଦେଇ ର୍‍ୟାମ୍ପ ତିଆରି କରୁଥିବାରୁ ସୁଆର ସେବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦିନକୁ ଦିନ ଆନନ୍ଦ ବଜାର ସଙ୍କୁଚିତ ହେଉଛି। ଫଳରେ ଭୋଗ ରଖିବାକୁ ସେମାନଙ୍କୁ ଅସୁବିଧା ହେଉଛି । ଅନେକ ସୁଆର ସେବକ ବରାଦି ଭୋଗ ରାନ୍ଧି ଭୋଗ ଲଗାଇ ଆନନ୍ଦ ବଜାର ଆସିବା ବେଳକୁ ସ୍ଥାନ ପାଉନାହାନ୍ତି। ତେଣୁ ବାଧ ହୋଇ ସେମାନେ ଅମୁଣିଆ ରହୁଥିବା ସ୍ଥାନରେ, ମହାପ୍ରଭୁଙ୍କ ଶଙ୍ଖୁଡ଼ି ଭୋଗ ଯାଉଥିବା ରାସ୍ତାରେ ରଖୁଛନ୍ତି। ଆଉ କିଛି ସେବକ ଆନନ୍ଦ ବଜାରରେ ସ୍ଥାନାଭାବରୁ ଦକ୍ଷିଣ ଦ୍ୱାର ଓ ଉତ୍ତର ଦ୍ୱାରରେ ଜରିପାଲ ଟାଣି ଅତି ଦୟନୀୟ ଅବସ୍ଥାରେ ଭୋଗ ରଖୁଛନ୍ତି। ଏବେ ର୍‍ୟାମ୍ପ ଯୋଗୁ ଆନନ୍ଦ ବଜାର ଆହୁରି ସଙ୍କୁଚିତ ହେବ। ତେଣୁ ଏସବୁକୁ ବିଚାର କରିବା ପାଇଁ ସୁଆର ସେବକମାନେ ପ୍ରଶାସନକୁ ଜଣାଇଛନ୍ତି। ଯଦି ଏ ଦିଗରେ ପଦକ୍ଷେପ ନିଆ ନ ଯାଏ ତେବେ ସେମାନେ ପ୍ରଶାସନକୁ ଅସହଯୋଗ କରିବେ, ଆବଶ୍ୟକ ପଡ଼ିଲେ ଅଦାଲତଙ୍କ ଆଶ୍ରୟ ନେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି ଯେ, ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ସକାଶେ ସ୍ୱତନ୍ତ୍ର ସୁବିଧା କରିବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଶ୍ରୀମନ୍ଦିର ପ୍ରଶାସନ ମଧ ଏହାକୁ ପାଳନ କରିବା ଲାଗି ର୍‍ୟାମ୍ପ ତିଆରି କରୁଛି। କେଉଁବାଟେ ର୍‍ୟାମ୍ପ ଗଲେ ଦିବ୍ୟାଙ୍ଗ ଭକ୍ତମାନେ ସୁବିଧାରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିଆସିବେ ତାହା ଟେକ୍ନିକାଲ ଟିମ୍ ସ୍ଥିର କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାଶିରେ ରବି ଉଚ୍ଚସ୍ଥ ହେତୁ ପ୍ରତ୍ୟେକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ତାହାଠାରୁ ମନ ମଧ୍ୟ ଆହୁରି ଅଧିକ ଭଲ ରହିବ। ବନ୍ଧୁଙ୍କ ଆଦର ମନ ଭିତରର ସବୁ ଦୁଃଖକୁ ସାମୟିକ ଭାବେ ବିସ୍ମୃତି ଗର୍ଭକୁ ଠେଲିଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବା ସହ କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଭାଗ୍ୟସ୍ଥ ଚନ୍ଦ୍ର ଏବଂ ଶୁକ୍ରଙ୍କ ସୁପ୍ରଭାବରେ ଶାରୀରିକ ସୁସ୍ଥତା ରହିବ। ସାଙ୍ଗଙ୍କୁ ସାହାଯ୍ୟ, ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ସଭାସମିତି, କଳା,ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସଫଳତା ଓ ଆନନ୍ଦ ମିଳିବ। ପାରିବାରିକ ଜୀବନ ବହୁଳାଂଶରେ ଭଲ ରହିବା ସହ ଯାନବାହନ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ**
କୌଶଳକାରକ ରାହୁ ଷଡାଷ୍ଟକ ସ୍ଥିତିରେ ଚନ୍ଦ୍ର ସହିତ ରହି ଅର୍ଥନୀତିକୁ ସମସ୍ୟା ବହୁଳ କରିବେ। ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ଆପଣଙ୍କ ପାରିବାରିକ, ଆନୁଷ୍ଠାନିକ ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରିପାରେ। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଆଜିର ଚନ୍ଦ୍ର କେନ୍ଦ୍ରରେ ରବିଙ୍କ ନକ୍ଷତ୍ରସ୍ଥ ଯୋଗୁ ଏକାଧାରରେ ପଦସ୍ଥବ୍ୟକ୍ତିଙ୍କ ମାଧ୍ୟମରେ ସମ୍ମାନିତ ହେବେ। ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାଧାରଣ ସମସ୍ୟା ଆସିପାରେ।

**ସିଂହ**
କର୍ମଭାବସ୍ଥ ଭାଗ୍ୟାଧିପତି ଚନ୍ଦ୍ରଙ୍କ ନକ୍ଷତ୍ରରେ ରହି ଆପଣଙ୍କୁ ସକୁଶଳ ଯାତ୍ରାପୂର୍ବକ କର୍ମକ୍ଷେତ୍ରସ୍ଥ କାର୍ଯ୍ୟକୁ ସମ୍ପନ୍ନ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚିହ୍ନା ନ ପଡି ପରୋକ୍ଷଭାବରେ ସମସ୍ୟା ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ ସାଧାରଣ ଝଟ୍‌କାରୁ ବାଦ୍ ପଡିବ ନାହିଁ। ପାରିବାରିକ କ୍ଷେତ୍ରକୁ ପୂର୍ବବତ୍ ସୁସ୍ଥ ରଖିପାରିବେ।

**କନ୍ୟା**
ପରିବାର ସ୍ଥାନରେ ଷଷ୍ଠାଧିପତି ଅବସ୍ଥାନ କରି ଷଷ୍ଠଭାବକୁ ଦେଖୁଥିବାରୁ ରୋଗ, ଋଣ,ଶତ୍ରୁତା କଥା ଚିନ୍ତା କରାଇବେ। ବ୍ୟୟାଧିପ ରବି ଧନସ୍ଥାନକୁ ଦୃଷ୍ଟି ଦେଇ ସରକାରୀ କାମରେ ଧନବ୍ୟୟ କରାଇପାରନ୍ତି। ପାରିବାରିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ରହିଲେ ମଧ ବିଶେଷ ଅସୁବିଧା ହେବନାହିଁ। ବ୍ୟବସାୟ, ନୂତନ କର୍ମାରମ୍ଭ ସାଙ୍ଗକୁ ମନମୁତାବକ କାମ ହାସଲ କରିବାରେ ସମର୍ଥ ହେବେ।

**ତୁଳା**
ଚନ୍ଦ୍ରଙ୍କ କେନ୍ଦ୍ରାବସ୍ଥାନ ସାଙ୍ଗକୁ ରାଶିକୁ ରବିଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ଓ ଯାତ୍ରାରେ ସଫଳତା ପ୍ରଦାନ କରିବେ। ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖା ଦେଇପାରେ।

**ବିଛା**
ଲକ୍ଷ୍ମୀସ୍ଥାନରେ ଶୁକ୍ର ଓ ବୁଧ ସାଙ୍ଗକୁ ଚନ୍ଦ୍ରଙ୍କ ତୃତୀୟସ୍ଥିତି ବନ୍ଧୁ, ପଡୋଶୀ କିମ୍ବା ସହକର୍ମୀଙ୍କ ଦ୍ୱାରା ଅର୍ଥପ୍ରାପ୍ତି କରାଇବ। ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପାରେ। ପୂର୍ବରୁ ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରୀଭୂତ ହୋଇଯିବ। ମୂଲ୍ୟବାନ୍ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡିପାରନ୍ତି।

**ଧନୁ**
ସମସ୍ତ ପ୍ରକାରର ସୁବିଧା ଥିଲେ ମଧ ଦୈହିକ ଅସୁସ୍ଥତା ଓ ମାନସିକ ଅସ୍ଥିରତା କୌଣସି ପ୍ରକାରେ ଉପଭୋଗ୍ୟ ହେବନାହିଁ। ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ତଥାପି ଉଚ୍ଚସ୍ଥଗ୍ରହ ପ୍ରଭାବରେ ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର**
ପରିସ୍ଥିତି ଯାହା ଥାଉନା କାହିଁକି ଚନ୍ଦ୍ରଙ୍କ ପ୍ରଭାବରୁ ସବୁକିଛିକୁ ଗୋପନରଖି ହସଖୁସିର ଅଭିନୟ କରିବେ। ତଥାପି ଶ୍ରବଣା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ଶିକ୍ଷା, ପରୀକ୍ଷା ବହୁତ ଭଲ ରହିବ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
କ୍ରମାନ୍ୱୟରେ ଏକାଧିକଗ୍ରହ କୋଣଭାବ ପର୍ଯ୍ୟନ୍ତ ରହିଥିବାରୁ ସ୍ୱାସ୍ଥ୍ୟ, ଅର୍ଥ, ପରିବାର ଓ ଶିକ୍ଷା ପାଇଁ ଅନୁକୂଳ ରହିବ। ଦୀର୍ଘ ଦିନରୁ ଚିନ୍ତାକରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ**
ସମୟର ଅନୁକୂଳତା ଆପଣଙ୍କ ଦୈନନ୍ଦିନର ଯାତ୍ରା ଓ କର୍ମସମୂହକୁ ସରଳୀକୃତ କରିବ। ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସାର ପାତ୍ର ହେବେ। ଆନୁଷ୍ଠାନିକ କର୍ମ, ସଭାସମିତି, ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ଏପ୍ରିଲ ୨୭ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୬।୫୪ମି. ମଧ୍ୟେ ଘ୪।୩୩ମି. ଗତେ ଅମୃତବେଳା। ଦିବା ଘ୬।୫୪ମି. ଗତେ ଘ୮।୩୦ମି. ମଧ୍ୟେ, ଘ୧୧।୩୬ମି. ଗତେ ଘ୧।୧୦ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୦।୦୯ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302

real estate
**SALE**

Lowcost investment & ready construction plots/ flat/ duplex- Patia, Infocity-II Town planning area- Sundarpada, Jagamara. 8328811411, 7978620820. D-66362

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର ରେଳଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

**କଟକ-ଭୁବନେଶ୍ୱର Twincity** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Sanjaya- 8339826767.** D-66354

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ତମାଣ୍ଡୋ ବଜାର ପଛପଟେ 30 ଥାଇ ଘରବାରି Boundary plot ବିକ୍ରିହେବ। 9778556265. D-66361

1260 gharabari boundary plot 30ft. road Ranga Bazar- 8,82,000/- 8144998588. D-66356

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

2000 sqft. (10nos.) main road side plot at Sankarpur, Ghatikia, Bhubaneswar infront Tata Ariana (Electric, Govt. supply water, 30ft. road available)- 7381564227, 8114744495. D-66444

3BHK premium flats available for booking at BJB Nagar extension, facing 60 feet road (1k.m. from Kalpana square) price- 67.50 to 72.50 lakhs (including parking) Contact: 9439543532, 9861052040, 9861157958. D-12310

**BDAର Southcity IIT Argul** ଠାରେ **Railway station**ରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି **plot** କିଣନ୍ତୁ। **Akshya- 8327748629.** D-66352

2BHK simplex 15,00,000/- finishing Hanspal, Gharabari plot- Atala, Ranga bazar: 9668194157. D-66443

Now Matrimonial ads. only on Wednesday & Sunday
Book 1 Get 1 FREE

50 gunth land sale with 25 nos. Mango trees (electrification) near Khordha Collectorate office. Per gunth Rs. 1,60,000/-. Contact: 9439101373. D-12322

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

ପାହାଳ ନିକଟବର୍ତ୍ତୀ ଗୋହଳରେ Bank Finance ଥାଇ plot କିଣନ୍ତୁ। Sqft. 770/- 8280032048. D-66364

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

1500 sqft area near Trident College for office/ Godown/ Store House purposes. Bhubaneswar: 9437025683. D-12276

2000 sqft. for Bank and office purpose. 185, Janpath, Kharvel Nagar, Bhubaneswar. Contact No: 9437075299. D-12303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯

ଯାହା ପାଖରେ ଧନ ଅଛି, ତାହାର ଅନେକ ମିତ୍ର, ଭାଇ-ବନ୍ଧୁ ଓ ସମ୍ପର୍କୀୟ ଥାଆନ୍ତି।
- ଚାଣକ୍ୟ



ବିଜେପି ନେତାଙ୍କ ପାଇଁ ଲୋକଙ୍କଠୁ ବଡ ବ୍ୟକ୍ତିଗତ ସ୍ୱାର୍ଥ

ଜନଜାତି ବହୁଳ ଜିଲ୍ଲା ମୟୁରଭଞ୍ଜ ଜିଲ୍ଲାରେ ରାଜାରାଜୁଡା ଅମଳରେ ରେଲ୍‌ୱେର ଯାହା ସ୍ଥିତି ଥିଲା, ଆଜି ତାହା ଆହୁରି ଦୟନୀୟ । ୨୦୧୪ରୁ ଜମି ଏବଂ ଟଙ୍କା ଦିଆଯାଇ ସାରିଥିଲେ ମଧ୍ୟ ୨୩ ବର୍ଷ ହେଲାଣି କେନ୍ଦ୍ରାପଡାର ପାରାଦୀପ-ହରିଦାସପୁର ରେଲୱେ ଲାଇନ୍ ଆଜି କିଛି ଲୋକଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଖରେ ବନ୍ଧାପଡିଛି ।

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ବିଜେଡି କରୁଛି ବିକାଶ
ବିଜେଡି ସହ ରହିବା

■କଣିହାଁରେ ଅମାନବୀୟ ଦୃଶ୍ୟ

## ବସ୍ତା ପରି ବାଇକ୍‌ରେ ଜ୍ୱାଇଁଙ୍କୁ ବାନ୍ଧିନେଲେ

**କଣିହାଁ, ୨୫।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ଏକ ଅମାନବୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ର କରି ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ମାଡ଼ ମାରି ଏକ ବାଇକ ପଛରେ ବସ୍ତା ପରି ବାନ୍ଧି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ କଣିହାଁ ପୋଲିସ ନଂ. ୭୧/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ତାଳଚେର କଲିଆରୀ ଥାନା ଗୋପାଳପ୍ରସାଦ ଫାଣ୍ଡି ଅନ୍ତର୍ଗତ ବନବାସପୁର ଗ୍ରାମର ଦୁଃଖବନ୍ଧୁ ସାହୁ କଣିହାଁ ଥାନା ସାନତ୍ରିବିଡା ଗ୍ରାମରେ ବିବାହ କରିଥିଲେ। କଣିହାଁ ଥାନା ଦଣ୍ଡସିଂହା ଗ୍ରାମସ୍ଥିତ ତାଙ୍କ ମାମୁ ଘରେ ଅଜାଆଈଙ୍କ ପାଖରେ ସ୍ତ୍ରୀଙ୍କ ସହ ସେ ରହୁଥିଲେ। ଏମ୍‌ସିଏଲରେ ଜମି ହରାଇଥିବାରୁ ତାଙ୍କୁ ପ୍ରକଳ୍ପରେ ନିଯୁକ୍ତି ମଧ୍ୟ ମିଳିଛି। ଗତ ୧୫ ତାରିଖରେ ଦୁଃଖବନ୍ଧୁ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାକୁ ନେଇ ୧୬ ତାରିଖରେ ଶ୍ୱଶୁର ଭିକାରୀ ଭୁଟିଆ, ଶଳା ନେଙ୍କୁରୀ ଭୁଟିଆ ଓ ଭାବ ଭୁଟିଆ ତାଙ୍କୁ ମାଡ଼ ମାରି ବେହୋସ କରିଦେଇଥିଲେ। ପରେ ତାଙ୍କୁ ଏକ ବାଇକ୍‌ରେ ବାନ୍ଧି କେଉଁଆଡେ ନେଉଥିବାବେଳେ କେହି ଜଣେ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ସେମାନେ ଦୁଃଖବନ୍ଧୁଙ୍କୁ ଖୋଲି ଦେଇଥିଲେ। ପୋଲିସ ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଥାନାରେ ବୁଝାମଣା ହୋଇ ମାମଲାର ସମାଧାନ ହୋଇଥିଲା। ଏହା ପରେ ଦୁଃଖବନ୍ଧୁ ଶ୍ୱଶୁର ଘରକୁ ଯାଇଥିଲେ। ୨୧ ତାରିଖରେ ସେ ଶ୍ୱଶୁର ଘରୁ ଆସିବା ପରେ ଗୁରୁବାର କଣିହାଁ ଥାନାରେ ଏ ବାବଦରେ ଲିଖିତ ଅଭିଯୋଗ କରିଛନ୍ତି।

■ଖୋର୍ଦ୍ଧା ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଖୋର୍ଦ୍ଧା ରେଳ ଷ୍ଟେଶନରୁ ୬୯ କେଜି ଗଞ୍ଜେଇ ଧରାହେବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରା ଜଜ୍ ଅରୁଣ କୁମାର ମଲିକ ମାମଲାର ବିଚାର କରି ଅଭିଯୁକ୍ତ ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ଭୂତପଡା ଗ୍ରାମର ବନମାଳୀ ପ୍ରଧାନ(୪୦)ଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡ ଶୁଣାଇବା ସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡ଼ିବ। ୪ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ୨୯ କାଗଜପତ୍ର ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

ସୂଚନା ଅନୁଯାୟୀ, ବନମାଳୀ ରାଜ୍ୟ ବାହାରକୁ ଟ୍ରେନରେ ଗଞ୍ଜେଇ ଚାଲାଣ କରନ୍ତି। ଏହି କାରବାରରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ସୂଚନା ମିଳିଥିଲା। ୨୦୧୬ ଏପ୍ରିଲ ୩ ସକାଳ ୧୦ଟା ୩୦ରେ ବନମାଳୀ ୫ଟି ବସ୍ତାରେ ୬୯ କେଜି ଗଞ୍ଜେଇ ଟ୍ରେନ୍ ନେବାକୁ ଯୋଜନା କରିଥିଲେ। ଖୋର୍ଦ୍ଧା ଷ୍ଟେଶନ ପ୍ଲାଟଫର୍ମ ନଂ-୭ରେ ଟ୍ରେନକୁ ଅପେକ୍ଷା କରିଥିବା ଖବରପାଇ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ବନମାଳୀଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ପରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ବନମାଳୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ କୋର୍ଟରେ ଟ୍ରାଲ୍ ନଂ.୫୨/୧୬ରେ ମାମଲା ଚାଲିଥିଲା। ଏହି ମାମଲାରେ ସରକାରୀ ଅତିରିକ୍ତ ପିପି ଭାବେ ପ୍ରଦୀପ୍ତ କୁମାର ମିଶ୍ର, ସରୋଜ କୁମାର ଦାଶ ଓ ମନୋଜ ଦାଶ କାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ, ଗତ ସପ୍ତାହରେ ଭୁବନେଶ୍ୱର ଷ୍ଟେଶନରୁ ୪୦ କେଜିରୁ ଊର୍ଦ୍ଧ୍ୱ ପରିମାଣର ଗଞ୍ଜେଇ ଜବତ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଜରିମାନା ଶୁଣାଇଥିଲେ ଅତିରିକ୍ତ ଜିଲା ଦୌରା ଜଜ୍।

## ଗଞ୍ଜେଇ କାରବାରରୁ ଗୋଷ୍ଠୀ ସଂଘର୍ଷ

■ ଜଣେ ମୃତ, ୪ ଗୁରୁତର

■ପୋଲିସ୍ ଗାଡ଼ିକୁ ଆକ୍ରମଣ

■ଗଛ ଚଢ଼ି ବର୍ତ୍ତିଗଲେ ଗୃହରକ୍ଷୀ

**ବୈପାରୀଗୁଡ଼ା, ୨୫।୪(ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରୀଗୁଡ଼ା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏଥିରେ ତାଙ୍କ ବାପା ଓ ୩ ଭାଇ ଗୁରୁତର ହୋଇଛନ୍ତି। ଗଞ୍ଜେଇ କାରବାରକୁ ନେଇ ଏହି ତୁମୁଳ କାଣ୍ଡ ଘଟିଥିବା କୁହାଯାଉଛି। ପୋଲିସ ସେଠାରେ ପହଞ୍ଚିବା ପରେ ସେମାନଙ୍କ ଉପରକୁ ମଧ୍ୟ ଆକ୍ରମଣ ହୋଇଛି। ଜୀବନ ବିକଳରେ ପୋଲିସ କର୍ମଚାରୀ ଗାଡ଼ିରେ ବସି ସେଠାରୁ ଖସିଯାଇଥିଲେ। ଅନ୍ୟ ଜଣେ ଗୃହରକ୍ଷୀ ଗଛରେ ଚଢ଼ିଯାଇ ନିଜକୁ ରକ୍ଷା କରିଛନ୍ତି।

ବୈପାରୀଗୁଡ଼ା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ ଚେରକ ଛକରେ ଗତ ବୁଧବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଗୋଟିଏ ପକ୍ଷରେ ଚେରକା ଛକର ଲୋକେ ଏବଂ ପ୍ରତିପକ୍ଷରେ କଦମଗୁଡ଼ା ଓ ବରେଇଗୁଡ଼ା ବାସିନ୍ଦା ରହିଥିଲେ। ୬୦ରୁ ଅଧିକ ଲୋକେ ଗଣ୍ଡଗୋଳରେ ମାତିଥିଲେ। ଗୋଷ୍ଠୀ ସଂଘର୍ଷରେ ଚେରକା ଛକ ବାସିନ୍ଦା ଗୁପ୍ତ ପୂଜାରୀ (୩୫)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବାପା ଘାସିରାମ ପୂଜାରୀ (୬୦), ଭାଇ ଜଗତ ପୂଜାରୀ, ସୁରେଶ ପୂଜାରୀ ଓ ମସିରାମ ପୂଜାରୀ ଆହତ ହୋଇଥିଲେ। ରାମଗିରି ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ବୈପାରୀଗୁଡ଼ା ଥାନା ଏଏସ୍‌ଆଇ ସନ୍ତୋଷ ପାତ୍ର ସେଠାରେ ପହଞ୍ଚିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ ପୋଲିସ୍ ଗାଡ଼ି ଉପରକୁ ଆକ୍ରମଣ କରିବା ପାଇଁ ମାଡ଼ିଆସିଥିଲେ। ଡ୍ରାଇଭର ବୋଲେରୋ ଧରି ଖସିଆସିବାରେ ସକ୍ଷମ ହୋଇଥିଲେ ମଧ୍ୟ କେତେକ କର୍ମଚାରୀ ସେଠାରେ ରହିଯାଇଥିଲେ। ଫାଣ୍ଡି ଅଧିକାରୀ ଓ ଜଣେ ହୋମ୍‌ଗାର୍ଡ ଅଧାବାଟ ଦୌଡ଼ିଦୌଡ଼ି ବୋଲେରୋରେ ଚଢ଼ିଥିଲେ। ଅନ୍ୟଜଣେ ହୋମ୍‌ଗାର୍ଡ଼ ରଞ୍ଜିତ ଦାସ ଗାଡ଼ିରେ ଚଢ଼ି ନ ପାରି ଭୟରେ ଏକ ଗଛ ଉପରକୁ ଚଢ଼ିଯାଇଥିଲେ। ସେଠାରେ ସେ ପ୍ରାୟ ୩ ଘଣ୍ଟା ଆତ୍ମଗୋପନ କରି ରହିଥିଲେ। ପରେ ପୋଲିସ ସେଠାକୁ ସୁରକ୍ଷାବାହିନୀ ସହ ଯାଇ ରଞ୍ଜିତଙ୍କୁ ଉଦ୍ଧାର କରିଥିଲା। ଗୁପ୍ତଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ପୋଲିସ୍ ପ୍ରାୟ ୧୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ବିଜେଡି ସାଂଗଠନିକ ସ୍ତରରେ ନିଯୁକ୍ତି

**ଭୁବନେଶ୍ୱର,୨୫।୪(ବ୍ୟୁରୋ):**

ବିଜେଡି ସଂଖ୍ୟାଲଘୁ ସେଲ୍‌କୁ ଅଧିକ କ୍ରିୟାଶୀଳ କରାଯାଇଛି। ଏଥିପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନୂତନ କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଏହି କ୍ରମରେ ଜଗତସିଂହପୁର ଜିଲାର ଅନିସୁର ରହେମାନ୍‌ଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ଉପସଭାପତି, ଫୁଲବାଣୀର ଏମ୍‌ଡି ୟାସିନ୍ ବେଗ୍‌ଙ୍କୁ ସାଧାରଣ ସମ୍ପାଦକ, ସାଲେପୁରର ଏମ୍‌ଡି ଇସଲାମ (ସୁନୀଲ), ଜଟଣୀର ହବିବୁଲ୍ଲା ଖାଁ ଓ ଭଦ୍ରକର ଏସ୍. କେ. ଏମ୍‌ଡି ରଫିକଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇର ରିଜୱାନା ବେଗମ୍‌ଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ସଂଖ୍ୟାଲଘୁ ସେଲ୍ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ସହପର୍ଯ୍ୟବେକ୍ଷକ ଭାବେ ମହମ୍ମଦ ମୁର୍ତ୍ତୁଜା, କୋରେଇ ପାଇଁ ସହପର୍ଯ୍ୟବେକ୍ଷକ ଭାବେ ଅଫତାବ ଆଲମ୍, ସାରସକଣା ସହପର୍ଯ୍ୟବେକ୍ଷକ ଭାବେ ଗଣେଶ ମିଶ୍ର, ଜଗତ୍‌ସିଂହପୁର ଜିଲ୍ଲା ସହପର୍ଯ୍ୟବେକ୍ଷକ ଭାବେ ବିଜୁ ଯୁବ ଜନତା ଦଳ ମହାସଚିବ ଶିଶିର ପରିଜା, ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ସହପର୍ଯ୍ୟବେକ୍ଷକ ଭାବେ ସୁଶ୍ରୀ ମନ୍ଦାକିନୀ କର ଓ ଭଣ୍ଡାରିପୋଖରୀ ପାଇଁ ସହପର୍ଯ୍ୟବେକ୍ଷକ ଭାବେ ଜ୍ୟୋତିର୍ମୟୀ ପରିଡ଼ାଙ୍କୁ ବିଜେଡି ନିଯୁକ୍ତି ଦେଇଛି। ଅପରପକ୍ଷରେ ନିକଟରେ ବିଜେଡିରେ ଯୋଗ ଦେଇଥିବା ବିଶ୍ୱଜିତ ମହାନ୍ତିଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

## ବିଜ୍ଞାପନ ଜରିଆରେ ମିଛ ପ୍ରଚାର କରୁଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ପରାଜୟ ଭୟରେ ବିଜେଡି ମିଥ୍ୟା ବିଜ୍ଞାପନର ସାହାରା ନେଉଛି । ହେଲେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟବାସୀଙ୍କୁ ବିଜେଡି ଯେପରି ଭୁଆଁ ବୁଲାଇବାକୁ ପ୍ରୟାସ କରୁଛି ତାହା କେବେହେଲେ ସଫଳ ହେବନାହିଁ । ମିଛକୁ ଯେତେ ବଡ ପାଟିରେ କହିଲେ ଓଡିଶା ଲୋକେ ବିଶ୍ୱାସ କରିବେ ନାହିଁ । ବାରିପଦା ମେଡିକାଲ କଲେଜରେ ନାମଲେଖାରେ କେନ୍ଦ୍ର ସରକାର ବାଧକ ସାଜୁଥିଲେ ବୋଲି ବିଜେଡି ଯେଉଁ ବିଜ୍ଞାପନ ଦେଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ବାସ୍ତବରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ହିଁ ବାରିପଦା ସମେତ ବାଲେଶ୍ୱର, କୋରାପୁଟ, ପୁରୀ ଓ ବଲାଙ୍ଗୀରରେ ମେଡିକାଲ କଲେଜ ସ୍ଥାପନା ହୋଇପାରିଛି ବୋଲି ଭାଜପା କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।




This summer, bring home the all new **Voltas Adjustable Inverter AC** with a **5 Year Comprehensive Warranty** and get a **5% Cashback** through select debit cards, credit cards and paper finance. Powered by the unique Adjustable Mode, the Voltas Adjustable Inverter AC runs on different tonnage, as per your cooling requirement. It can run at either 1.5 Ton or 1 Ton, depending upon the ambient temperature or number of people in the room. Hence, it not only keeps you comfortable at different situations, but also saves on power consumption. Moreover, you get a Lifetime Inverter Compressor Warranty and Easy EMI Finance Offers. Hurry, offers valid for a limited period only.

VOLTAS ADJUSTABLE™ INVERTER AC

Voltas 24x7 Customer Service - 1860 599 4555, 9650694555.
For product registration SMS <WTA> to 9289525321
Buy only genuine Voltas stabilizers.

Visit us at www.myvoltas.com
To locate your nearest store, log on to: www.myvoltas.com/store-locator

Follow us at My Voltas | My Voltas | My Voltas | Voltas Limited | My Voltas

BAJAJ FINSERV | HDB FINANCIAL SERVICES | ICICI Bank Credit Cards | IDFC FIRST Bank | HDFC BANK We understand your world | TVS CREDIT

Registered Office: Voltas Ltd, Voltas House A, Dr. Babasaheb Ambedkar Road, Chinchpokli, Mumbai - 400033, Phone: 022-66656333. Delhi Office: Voltas Ltd, A-43, Mohan Co-operative Industrial Estate, Mathura Road, New Delhi: 110044. Phone: 011-66505550. **BHUBANESWAR:** Voltas Limited, B-15, 2nd Floor, Arihant Plaza, Shaheed Nagar, Bhubaneswar-751007, Phone: 0674 -2544919/18. For Institutional Inquiry - 09937140010. Voltas Ltd. adheres to the E-Waste (Management & handling) Rules 2011 notified by the Ministry of Environment and Forests, Government of India. This product has been manufactured with high quality parts and materials which can be reused and are suitable for recycling. Do not dispose of the waste product with normal domestic and other wastes at the end of its service life. For more information on Voltas E-Waste and exchange policy please contact Voltas Toll No 9650694555. *Features are available in select models only. Terms & Conditions Apply. Average AC (excluding Centralized AC) life under E Waste Management rules - 2016 Guidelines is 10 years. EEE Code is CCEW4. *Voltas Adjustable Inverter AC (Adjustable Mode) can deliver cooling at two different capacities (1.5Ton & 1Ton), as selected by the user on the AC remote, hence optimizing power consumption. The actual performance may vary. Actual Products might differ from the one shown above. #5 year comprehensive warranty is applicable on purchase of Voltas Adjustable Inverter AC, Voltas All Star Inverter ACs, All Weather Split ACs, All Weather Window ACs only and is applicable till 30 April, 2019 for Individual/Retail customers only. 5 year comprehensive warranty (1 + 4 year extended) including all functional parts, Gas charging & labour (plastic, sheet metal parts not covered). #Lifetime Warranty on inverter compressor is applicable on purchase, before 30 April, 2019 of only Voltas Adjustable Inverter AC and All Star Inverter ACs by Individual/Retail Customers. As per E-Waste Management rules - 2016 Guidelines, the average life of an AC (excluding Centralized AC) is 10 years (which defines the lifetime of the inverter compressor in the offer). Over and above the 5 Year comprehensive warranty, the additional 5 Year Warranty is only on Inverter compressor and does not include any other part, Gas charging & labour costs. Extended warranty applicable when all of the below conditions are met. 1) Customer registers with Voltas for the extended warranty within a week of purchase. 2) Unit is installed by Voltas Authorized Service Partner. 3) Preventive Maintenance from 2nd year till 5th year (which will be on chargeable basis) is done by Voltas Authorized service partner. For this special extended warranty the customer need to register and send a SMS 'WTA' to 9289525321 within 7 days of purchase. Call centre representative will call back to customer to take all required details and update in system, (Details required- a) Customer Name, Address, Mobile Number, E-mail ID; b) Dealer name, Invoice number, Invoice date; c) Model name & Serial No.) Or it can be registered at Voltas website www.myvoltas.com/support under support - Register your Product in the page by providing required details along with email id. Once registration is done, a confirmation mail will be sent to customer email id. Offer is not applicable on Cassette, Floor Standing and Mega Split. Any institutional sale is not covered. All Offers valid till stocks last and are subject to change without prior notice by Voltas at its sole discretion. Offers valid on select models only, sold through Voltas authorized Channel Partners. For standard warranty terms refer to the user manual or visit www.myvoltas.com. For product registration SMS <WTA> to 9289525321 or call 1860 599 4555 / 9650694555 or visit www.myvoltas.com. ++ The cash back offer is on market operative price. The cash back offer through Credit and Debit card is applicable at select outlets on transactions done on Pine Labs machines under 'Voltas Brand EMI' option only. Offer not valid on Corporate credit cards. Cash Back to be posted 90 days from offer end date. Cash Back amount will get printed for eligible card holders on the charge slip. Customer to immediately check with merchant if cash back is not mentioned on the charge slip. Customer will not be eligible for cash back if the same is not mentioned on charge slip. Customers are requested to retain charge slip for 180 days post program end. This is a limited period offer. Offer is applicable on HDFC Cards EMI transactions with minimum transaction amount of Rs. 20,000. Offer is valid till 30th April 2019. ^Easy EMI Finance offer is through select NBFCs. Finance at the sole discretion of the finance company. This finance offer is applicable till 30th April, 2019.**100% Copper is available in select models only. This is a limited period offer. ## As per industry reports. Features available in select models only.

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ହିଁ ଗ୍ରହଣ କର।
-ଶ୍ରୀଅରବିନ୍ଦ



# ଆସନ୍ନ ତୈଳ ସଂକଟ

ଇରାନୀୟ ତୈଳ ଉପରେ କଟକଣା ଲଗାଇବା ପୂର୍ବରୁ ଆମେରିକା ଯେଉଁ ଛଅମାସର ଛାଡ଼ ଦେଇଥିଲା, ତାହା ଏବେ ଉଠାଇନେବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆଠଟି ଦେଶ- ଚାଇନା, ଭାରତ, ଜାପାନ, ଦକ୍ଷିଣ କୋରିଆ, ତାଇୱାନ, ତୁର୍କୀ, ଇଟାଲୀ ଓ ଗ୍ରୀସକୁ ସିଧାସଳଖ ପ୍ରଭାବିତ ହେବେ। ଭାରତ ତା'ର ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଥିବା ବେଳେ ଆମର ମୋଟ ଚାହିଦାର ପ୍ରାୟ ୧୧ ପ୍ରତିଶତ ଇରାନ ପୂରଣ କରେ। ଭୌଗୋଳିକ ଦୂରତା ଦୃଷ୍ଟିରୁ ଇରାନରୁ ତୈଳ ଆମଦାନି ଆମ ପାଇଁ ସୁବିଧାଜନକ। କିନ୍ତୁ ଆମେରିକାର ଆଦେଶ ଅମାନ୍ୟ କଲେ ଆମେରିକାରୁ ଆମକୁ ଯେଉଁ ଆର୍ଥିକ ଓ ବୈଷୟିକ ସାହାଯ୍ୟ ସହଯୋଗ ମିଳୁଛି ତାହା ଆଉ ମିଳିବ ନାହିଁ। ସେ ଦେଶରେ ଆମର କମ୍ପାନୀମାନେ ଯେଉଁ ବ୍ୟବସାୟ କରୁଛନ୍ତି ତାହା ପ୍ରଭାବିତ ହେବ। ଆମର ରପ୍ତାନି ଓ ପୁଞ୍ଜି ଆଗମନ କମିଯିବ। କଟକଣା ଲାଗୁ ପାଇଁ ଆମେରିକାର ଛଅମାସିଆ ଛାଡ଼ ସମୟସୀମାର ଅନ୍ତ ହେବା ମାନେ ଭାରତରେ ତୈଳ ଦର ମହଙ୍ଗା ହୋଇଯିବା। ଇରାନ ସବୁବେଳେ ଆମ ପାଇଁ ଉତ୍ତମ ମାନର ଅଶୋଧିତ ତୈଳର ଉତ୍ସ ଥିଲା। ଅନେକ ଦଶନ୍ଧି ଧରି ଏହି ଦେଶ ସହିତ ଆମର ଉତ୍ତମ ଦ୍ୱିପାକ୍ଷିକ ସମ୍ପର୍କ ରହିଆସିଛି। ବର୍ତ୍ତମାନ ଆମେରିକାର କଟକଣାକୁ ମାନି ଆମକୁ ବାଧ୍ୟହୋଇ ଇରାନରୁ ତୈଳ ଆମଦାନି ବନ୍ଦ କରିବାକୁ ପଡ଼ିବ। ଏହା ଫଳରେ ଆମର ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହେବ। ଉକ୍ତ ଦେଶ ସହିତ ମିଶି ଭାରତ ଯେଉଁ ଚାବହାର ବନ୍ଦର ଏବଂ ଆଫଗାନିସ୍ତାନ ଓ କେନ୍ଦ୍ରୀୟ ଏସିଆକୁ ସଂଯୋଗ କରିବା ପାଇଁ ସଡ଼କ ଓ ରେଳପଥ ନିର୍ମାଣ ପରି ଯୁଗ୍ମ ପ୍ରକଳ୍ପର ଯୋଜନା କରିଥିଲା ତାହା ଉପରେ ପ୍ରଶ୍ନବାଚୀ ଠିଆ ହେବ। ଇରାନ ସହ ସମ୍ପର୍କ ବିଗିଡ଼ିବା ଅର୍ଥ ପାକିସ୍ତାନର ମୁକାବିଲା କରିବା ଲାଗି ନୂଆଦିଲ୍ଲୀର ସାମର୍ଥ୍ୟ ହ୍ରାସ ଘଟିବା।

ଆମେରିକା ଚାହୁଁଛି ଆସନ୍ତା ମେ ମାସରୁ ଇରାନ ଯେପରି କୌଣସି ଦେଶକୁ ଆଦୌ ତୈଳ ରପ୍ତାନି କରି ନ ପାରେ। ଆଗାମୀ ଦିନରେ ସାରା ବିଶ୍ୱରେ ଏ ଭୂ-ରାଜନୈତିକ ଲଢ଼େଇ କେମିତି ଚାଲିବ ଓ ପରିସ୍ଥିତି କ'ଣ ରହିବ ତାହା ସମୟ କହିବ। ତେବେ ସେ ଯାହା ହେଉନା କାହିଁକି ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ନିଶ୍ଚୟ ବୃଦ୍ଧି ପାଇବ। ତେଣୁ ଦରଦାମ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଆଜିର ଅର୍ଥନୀତି

ତୈଳର ବିଶ୍ୱ ଚାହିଦା ବୃଦ୍ଧି ପାଇଲେ ସ୍ୱଳ୍ପ ଅବଧି ଭିତରେ ଆମେରିକାର ଶେଲ ଉତ୍ପାଦନ ବୃଦ୍ଧି ପାଇବ। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଦ୍ୱିତୀୟରେ ଇରାନର ତୈଳ ରପ୍ତାନି ବନ୍ଦ ହୋଇଗଲେ ସେହି ଅଭାବକୁ ପୂରଣ କରିବା ପାଇଁ ଆମେରିକା ତା'ର ବନ୍ଧୁରାଷ୍ଟ୍ର ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍‌ସକୁ ଅଧିକ ତୈଳ ଉତ୍ପାଦନ କରିବାକୁ କହିପାରେ। ଏହା ମଧ୍ୟ ତୈଳ ରପ୍ତାନିକାରୀ ଦେଶଗୁଡ଼ିକର ସଂଗଠନକୁ ତୈଳ ଉତ୍ପାଦନ ବୃଦ୍ଧି କରିବାକୁ ଅନୁପ୍ରେରିତ କରିପାରେ।

ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧିପାଇବା ସହ ଭାରତର ତୈଳ ଆମଦାନି ବିଲ୍ ଉପରେ ତା'ର ଆନୁଷଙ୍ଗିକ ପ୍ରଭାବ ପଡ଼ିବ। ଫଳରେ ଭାରତର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିବା ସହ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବ। ଏହାଦ୍ୱାରା ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ ଏବଂ ଭାରତୀୟ ଟଙ୍କା ଦୁର୍ବଳ ହେବ, ଯାହା କେନ୍ଦ୍ରରେ ନୂଆ ସରକାର ପାଇଁ ଏକ ଦୁଃସ୍ୱପ୍ନମୟ ପରିସ୍ଥିତି ସୃଷ୍ଟି କରିବ। ଭାରତ ଏ ପରିସ୍ଥିତିର ମୁକାବିଲା କରିବା ପାଇଁ ବିଜ୍ଞତାର ସହ ନିଜର କାର୍ଡ ଖେଳିବା ଉଚିତ। ଏହା କଟକଣା ଉଠାଇନେବା ପାଇଁ ଆମେରିକା ଉପରେ ଚାପ ସୃଷ୍ଟି କରିବା ଆବଶ୍ୟକ। ଭାରତ ଅବଶ୍ୟ ଇରାନରୁ ତୈଳ ଆମଦାନି ବନ୍ଦ ହୋଇଗଲେ ସମ୍ଭାବ୍ୟ ସମସ୍ୟାର ସାମ୍ନା କରିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିଛି। ଭାରତ ଯେତିକି ଦେଶରୁ ତୈଳ ଆମଦାନି କରୁଛି, ତାହାର ସଂଖ୍ୟା ବୃଦ୍ଧି କରିବା ଦରକାର। ଭାରତ ତା'ର ଦୀର୍ଘକାଳୀନ ତୈଳ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଉଭୟ ଯୋଗାଣ ପକ୍ଷ ଓ ଚାହିଦା ପକ୍ଷର ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଉଚିତ। ଗାଡ଼ି ପ୍ରଭୃତିର ଶକ୍ତି-ଦକ୍ଷତା ବୃଦ୍ଧି, ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ଏବଂ ବିଦ୍ୟୁତ୍‌ଚାଳିତ ବା ବ୍ୟାଟେରି-ଚାଳିତ ଗାଡ଼ିର ବହୁଳ ପ୍ରଚଳନ ବିଷୟରେ ସରକାର ଭାବିବା ଆବଶ୍ୟକ। ଆମ ନିଜ ଦେଶରେ ମଧ୍ୟ ଅଧିକ ତୈଳ ଉତ୍ପାଦନ ପାଇଁ ପଦକ୍ଷେପ ନିଆଯାଇପାରେ। ସରକାର କୂଟନୈତିକ ସ୍ତରରେ ଇରାନୀ ତୈଳ ଉପରୁ କଟକଣା ହଟାଇବା ପାଇଁ ଚେଷ୍ଟା କରିବା ସହ ଅନ୍ୟ ବିକଳ୍ପ ଯୋଗାଣ ଉତ୍ସଗୁଡ଼ିକ ସହ ଯୋଗଯୋଗ କରିବା ଆବଶ୍ୟକ। ଯାହା ଜଣାପଡୁଛି ଇରାନରେ ଅଚଳାବସ୍ଥା ସୃଷ୍ଟି କରି ଟ୍ରମ୍ପ ପ୍ରଶାସନ ଚାହୁଁଛି ସେ ଦେଶର ସରକାରକୁ ଭାଙ୍ଗି ନୂଆ ସରକାର ଗଠନ କରିବା ପାଇଁ। ଏହାଦ୍ୱାରା ଉପସାଗରୀୟ ଅଞ୍ଚଳ (ଗଲ୍‌ଫ)ରେ ସଂକଟ ଅଧିକ ଦିନ ଲାଗି ରହିବା ସହ ବିଶ୍ୱ ତୈଳ ବଜାର ଉପରେ ତାହାର କୁପ୍ରଭାବ ପଡ଼ିବ।

### ଚିରନ୍ତନୀ

ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | 6 | | 1 | 5 | | | | | 7 | | 8 | 3 |
| 9 | | | | | 5 | C | | 0 | | | | | | |
| | 5 | A | | | | 2 | 4 | | | E | 6 | | C | |
| 7 | 4 | | | E | | | | | | 3 | | | | B |
| 3 | | 6 | | | | | | | 4 | D | 0 | | | |
| 4 | | 3 | A | | | D | | | E | | 9 | | 6 | |
| | | | | 2 | | | 6 | | 5 | 0 | | | A | |
| | 9 | | | | 0 | 8 | | | | 6 | | | B | |
| | | | | | | 1 | | 3 | | B | | | | 7 |
| | | C | 9 | | 6 | | 5 | | | | 2 | | 3 | |
| | 6 | | | C | | | 9 | 7 | A | | | | | |
| 0 | 3 | 5 | | | | B | | | | | | E | | |
| | | | E | | | 6 | A | 8 | | 1 | | 4 | | |
| | | | | | | | D | | 8 | | | | | A |
| E | | | 0 | 7 | | | | | B | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 1 | 6 | 4 | 7 | 3 | 0 | C | 8 | A | E | 2 | D | B |
| 6 | C | 7 | B | 2 | 1 | E | 4 | A | 0 | 9 | D | 8 | 3 | 5 |
| 8 | E | 2 | 3 | 9 | C | D | 1 | 6 | B | 4 | 5 | 0 | A | 7 |
| 3 | D | 4 | A | 5 | 0 | 8 | B | 2 | 7 | 1 | C | 6 | E | 9 |
| 0 | B | A | E | D | 8 | 5 | 9 | 7 | 6 | 2 | 3 | 1 | 4 | C |
| 4 | 3 | 8 | 5 | A | 2 | 7 | D | 1 | C | 0 | B | E | 9 | 6 |
| 1 | 0 | 6 | D | 7 | 9 | 4 | 3 | 5 | 2 | E | A | B | C | 8 |
| D | A | B | 4 | 0 | E | 2 | C | 8 | 3 | 6 | 9 | 5 | 7 | 1 |
| E | 7 | C | 1 | B | 3 | 9 | 6 | 0 | 4 | 5 | 8 | D | 2 | A |
| 9 | 2 | 5 | 8 | C | 6 | A | E | B | 1 | D | 7 | 4 | 0 | 3 |
| 7 | 6 | 0 | C | 8 | 4 | B | 2 | D | A | 3 | 1 | 9 | 5 | E |
| C | 5 | 9 | 2 | 6 | D | 1 | A | 3 | E | B | 4 | 7 | 8 | 0 |
| 2 | 8 | D | 7 | 3 | B | 0 | 5 | E | 9 | C | 6 | A | 1 | 4 |
| A | 1 | 3 | 9 | E | 5 | 6 | 7 | 4 | D | 8 | 0 | C | B | 2 |
| B | 4 | E | 0 | 1 | A | C | 8 | 9 | 5 | 7 | 2 | 3 | 6 | D |

ଗତକାଲିର ଉତ୍ତର

# କଲ୍‌କୀ ଭୂମିକାରେ ଭାରତୀୟ ଭୋଟର



ମାୟାଧର ନାୟକ

ଏବେ ସାରା ଭାରତରେ ଦଳମାନେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ମଇଦାନରେ ଓହ୍ଲାଇଦେଲେଣି। ଗଲା ଏପ୍ରିଲ ୧୧ରେ ପ୍ରଥମ ଦଫା କଳିଯୁଦ୍ଧ ଆରମ୍ଭ ହୋଇଯାଇଛି। ଏଇମିତି ଦଫାକୁ ଦଫା ମେ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଶେଷରେ ମେ ୨୩ରେ ଫଳାଫଳ ଘୋଷଣା ହେବ। ମହାଭାରତ ଯୁଦ୍ଧ ୧୮ ଦିନ ଲାଗିଥିଲା। ରୁଷ ବିପ୍ଳବ ୧୦ଦିନରେ ଶେଷ ହୋଇଥିଲା। ୨୦୧୯ କଳିଯୁଦ୍ଧ ବର୍ଷବର୍ଷ ଧରି ଲାଗିରହିଛି। ଧର୍ମକୁ ଆଖିଠାରି ମିଛଟାରେ ନିର୍ବାଚନୀ ପାଲା ଚାଲିଛି। ଏ ପାଲା ଦେଢମାସ ଚାଲିବ।

ଆଜି ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବୀଭତ୍ସ! ବିଶାଳ ବିରୋଧାଭାସର ବିଚିତ୍ର ଏ ଦେଶ, ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ- ଲଜ୍ଜା ଓ ସଂକୋଚରେ ମୁହଁ ଘୋଡାଇବେ ଆମ ପୂର୍ବପୁରୁଷ। ଏଠି ନପୁଂସକ ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏହି ଦୁର୍ଭାଗା ଦେଶକୁ। ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକ ହିଁ ସାଜିଛନ୍ତି ଶାସକ ଶ୍ରେଣୀ। ଦୁର୍ବୃତ୍ତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ! ମାଫିଆ ହୋଇଛି ମୁଖିଆ- ଗୁଣ୍ଡା ବନିଛି ମୁଣ୍ଡିଆଳ- ମେଣ୍ଢା ପାଲଟିଛି ଭେଣ୍ଡା- ଗଙ୍କର ହୋଇଛି ମାତବର୍- ଜିରୋ ହୋଇଛି ହିରୋ।

ଶାସକମାନଙ୍କ ଆଖିରେ କୁମ୍ଭୀରର ଅଶ୍ରୁଳ ବିଜ୍ଞପ୍ତି ଦେଖି ଭୁଆଁ ବୁଲୁଛି ଭାରତୀୟ ଜନତା। ସ୍ୱର୍ଣ୍ଣକଙ୍କଣଧାରୀ କ୍ଷୁଧିତ ବ୍ୟାଘ୍ରର ବାହ୍ୟ ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବସମାଜ। ଚଞ୍ଚକ ରାଜନୀତି ଚଲୁ କରିବାକୁ ବସିଛି ସାରାଦେଶକୁ। ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଖୋଲାଖୋଲି ସମ୍ପର୍କ। ଭିନ୍ନ ଭିନ୍ନ ନାଁ ଓ ଦଳ ଦଖଲ କରିନେଇଛନ୍ତି ଭିନ୍ନ ଭିନ୍ନ କିଆରି। ଜନସ୍ୱାର୍ଥ ନୁହେଁ- ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହିଁ ଆଜି ଏକମାତ୍ର ଆଭିମୁଖ୍ୟ। ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତା ମଥାରେ ଥୋପି! ନେତାର ଚାଲିଛି- ବିଧାନସଭା, ରାଜ୍ୟସଭା, ଲୋକ ସଭା- ଜନତାର କେବଳ ଶୋକସଭା।

ଆଜିର ରାଜନୀତି ରୁଗ୍‌ଣ, ଅର୍ଥନୀତି ଋଣୀ, ଧର୍ମ ଧୂସର। ଏହି ଅବସ୍ଥା ଏକ ଅରାଜକତା ଓ ଅତିଷ୍ଠ ଅବ୍ୟବସ୍ଥା ଛଡା ଆଉ କ'ଣ ହୋଇପାରେ? ଏହି ଅବାଞ୍ଛନୀୟ ଅବସ୍ଥାରୁ ହିଁ ଜନ୍ମନିଏ ଆତଙ୍କବାଦ, ଅନ୍ଧବିଶ୍ୱାସ, ଅନ୍ଧାକାନୁନ୍‌ର ବିଷାକ୍ତ ବାତାବରଣ। ବିଷମଞ୍ଜି ଆଜି ପାଲଟି ସାରିଛି ବିଶାଳ ବିଷବୃକ୍ଷ। ଏ ବୃକ୍ଷର ଫଳାହାର ଏକ ପ୍ରାତ୍ୟହିକ ପ୍ରାତଃରାସରେ ପରିଣତ ହୋଇଛି ଆମ ସମସ୍ତଙ୍କ ପକ୍ଷରେ। ଭାରତବର୍ଷର ପ୍ରତ୍ୟେକ ଗାଁ ଗୋଟିଏ ଭାତହାଣ୍ଡିର ଚାଉଳ। ସେଇ ସ୍ଥାଣୁତ୍ୱ, ସ୍ଥବିରତା ଓ ଶୀତଳଶୂନ୍ୟତା ସବୁଠି ସଞ୍ଚରିତ। ଏହା ନିଶ୍ଚିତପକ୍ଷରେ ଯେକୌଣସି ରାଜନୈତିକ ଦଳ, ଯିଏ ଶାସନ ଓ କ୍ଷମତା ବଣ୍ଟୁଆରିର ମୁକୁଳା ମଇଦାନରେ ଜର୍ସି ପିନ୍ଧିବାକୁ ଆଗେଇଆସୁଛି- ତାହାପାଇଁ ମସ୍ତବଡ ଚ୍ୟାଲେଞ୍ଜ। ମାତ୍ର ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବାର ଯୋଗ୍ୟତା ଆଜି କେତୋଟି ଦଳ ଭିତରେ ରହିଛି? ସ୍ୱାଧୀନ ଭାରତବର୍ଷରେ ଅସଲ ଶାସକ ଦଳ ଏପର୍ଯ୍ୟନ୍ତ ଏକ ଉତ୍କଟ ପ୍ରଶ୍ନବାଚୀ। କୌଣସି ଦଳ ଗଣତାନ୍ତ୍ରିକ ମୂଲ୍ୟବୋଧର ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇପାରି ନାହିଁ। ଗୋଟାଏ ଶବ୍ଦ ଏକ ସବୁଠି ପ୍ରତିଧ୍ୱନିତ- ହାଇକମାଣ୍ଡ୍! ଏ ହାଇକମାଣ୍ଡ୍‌ମାନଙ୍କ ଛାଇରେ ନାହିଁକଟା ନାବାଳକ ଭାରତବର୍ଷର ଭବିଷ୍ୟତ ଆମ ରାଜନୀତିରେ ବଜାଇଚାଲିଛି ଏକ ଶିଶୁମୃତ୍ୟୁଭୟର ସତର୍କଘଣ୍ଟି!

ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାର ଗୋଟି ଚଳାଇବାକୁ ଛାଡିଦେଇ ଦେଶବାସୀ ଚୁପଚାପ୍ ବସିରହିବା ଆଦୌ ନିରାପଦ ନୁହେଁ। ପରିଚ୍ଛନ୍ନ ଭାବମୂର୍ତ୍ତି ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଦେଶ ଓ ଜନଗଣଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୁରକ୍ଷାକଳ୍ପେ ଯଦି ଏକ ସଂକଳ୍ପବଦ୍ଧ ସମ୍ମିଳିତ ରାଜନୈତିକ ମହାଶକ୍ତି ଠିଆହୋଇ ପାରନ୍ତା, ତା'ହେଲେ ଭାରତବର୍ଷ ପାଇଁ ପ୍ରସ୍ତୁତ ହୋଇପାରନ୍ତା ପ୍ରକୃତ ମୁକ୍ତିମାର୍ଗ। ଜନଗଣଙ୍କୁ ଅନ୍ଧକାରରେ ରଖି, ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ପଦାନତ କରି କୌଣସି ରାଜନୈତିକ ଦଳକୁ ଗଣତନ୍ତ୍ର ନାଁରେ ଗାଦିରେ ଠାକୁର କରାଇ ବସାଇଦେଉଥିବା ଯାଏ- ଆମେ କେବଳ ଏକ ସୁବିଧାବାଦର ସଡକରେ ମୋରମ୍ ବିଛେଇ ଚାଲୁଥିବା ମାତ୍ର। ଏବେ ନକାରାତ୍ମକ ନେତୃତ୍ୱ ଅଧିକାଂଶ ରାଜନୈତିକ ଦଳର ସାଧାରଣ ବ୍ୟାଧି ଏବଂ ଏ ବ୍ୟାଧି ଉତ୍କଟ ଭାବେ ସଂକ୍ରାମକ ହୋଇ ପୂରା ଦେଶଟାକୁ ଦଳର ଜଳଖିଆ ଥାଳିରେ ପରଷି ଦେବାପାଇଁ ପୂରା ତୟାର- ଏହାଠାରୁ ବଳି ଦୁର୍ଭାଗ୍ୟଜନକ ଅଘଟଣ ଆଉ କ'ଣ ଥାଇପାରେ?

ଆଜି ମନ୍ଦିର-ମସ୍‌ଜିଦକୁ ନେଇ ଝଗଡା। ଧର୍ମ-ଅଧର୍ମକୁ ନେଇ ବିବାଦ। ସୀମା-ସନ୍ତ୍ରାସକୁ ନେଇ ତୁମ୍ବିତୋଫାନ। ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳକରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା'ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି। ମାଟିଠୁଁ ମଣିଷକୁ ଅଲଗା କରିଦିଆଯାଉଛି। ଲକ୍ଷ୍ୟଠୁ ଲୋଚନକୁ ଦୂରେଇ ରଖାଯାଉଛି। ସ୍ୱପ୍ନଠୁ ସଂକଳ୍ପକୁ ହଟେଇ ନିଆଯାଉଛି। ସବୁସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରିଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା। ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକ ଶ୍ରେଣୀ, ଖଟରେ ଶୋଇ ମଠରେ ମାମଲତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ଶି ଆଗରେ ଚେହେରା ନଚାଉଥିବା ଦୁର୍ନୀତିଗ୍ରସ୍ତ ପ୍ରଶାସକବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ।

ଆମେ କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଅଜବ ଗୋଟାଏ ଅଜଗରୀ ରାଜନୀତି ବିସ୍ତାର କରିସାରିଛି ତାହାର ଭୟଙ୍କର ଫଣା। ଜଘନ୍ୟ ଜନଜଲ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍କାର ଭିତରେ ମିଳେଇ ଯାଉଛି ପ୍ରବଞ୍ଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର! ବାପ ଯାଉଛି ଦାଦନକୁ, ମା' ଗୋଟୋଉଛି ଗୋବର, ପିଲା ବିକ୍ରି ହେଉଛି ବିଟ୍ ବଜାରରେ। ଦଳମାନେ ବାଣ୍ଟିଚାଲିଛନ୍ତି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ପଲେଟ୍। ହାଣମୁହଁକୁ ମୁହାଁଇ ଚାଲିଥିବା ଆମର ଏଇ ଯୁଗଯୁଗର ଐତିହ୍ୟମୟ ଦେଶ ଓ ସମାଜଜୀବନକୁ କ'ଣ ନିଶ୍ଚିହ୍ନ ହେବାପାଇଁ ଆମେ ଛାଡିଦେବା? ଗୋଟାଏ କୁରୁକ୍ଷେତ୍ରରେ ଦିନେ ମୂଳପୋଛ ହୋଇଯାଇଥିଲା ମହାଭାରତ। ଆଜି ଆମ ସାମ୍ନାରେ ସହସ୍ର କୁରୁକ୍ଷେତ୍ର, ଆମର ଏଇ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକେଇଦେବା ତା' ଭିତରେ?

ଦେଶର ଭବିଷ୍ୟତ ନିର୍ଭର କରୁଛି ୨୦୧୯ ନିର୍ବାଚନ ଉପରେ। ଆଗକୁ ଭୟଙ୍କର ବିପଦ। ଯିଏ ଯାହା ପ୍ରତିଶ୍ରୁତି ଦେଉଛି, ସେସବୁ ଅବାନ୍ତର ପ୍ରତିଶ୍ରୁତିର ଉଚ୍ଚତା ଏଭରେଷ୍ଟକୁ ଟପିଗଲାଣି। ସ୍ୱୟଂ ଭଗବାନ ଯଦି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀର ଦାୟିତ୍ୱ ନିଅନ୍ତି, ସେ ବି ଟଙ୍କାରେ ଅଣେ ପ୍ରତିଶ୍ରୁତି ପାଳନ କରିପାରିବେ କି ନାହିଁ ସନ୍ଦେହ! କାରଣ ଭାରତବର୍ଷର ଏହି ଭୟଙ୍କର ପୂତିଗନ୍ଧମୟ ସମାଜବ୍ୟବସ୍ଥାରେ ଯିଏ ଯାହା କହୁ ପଛକେ ମାଟି କାମୁଡ଼ି ପଡ଼ିରହିଥିବା ଏ ଭାରତୀୟ ମହାଜାତିର ଅସଲ ଇଚ୍ଛା କଦାପି ପୂରଣ କରିପାରିବେ ନାହିଁ। ଯାହା ବି କରାଯିବ ସବୁ ସେଇ ପୁଞ୍ଜିବାଦର ସ୍ୱାର୍ଥରେ। ଦେଶର ପରିବର୍ତ୍ତନ, ଜନଗଣଙ୍କର ବିକାଶ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ମହାଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡିବ। ଏ ନିର୍ବାଚନର ଭୋଟରମାନଙ୍କୁ କଲ୍‌କୀ ଅବତାରର ଭୂମିକା ନିର୍ବାହ କରିବାକୁ ହେବ। କୋଟିକୋଟି ଗରିବ ଚାଷୀ, ଶ୍ରମିକ, ଯୁବକ, ବିସ୍ଥାପିତ ନରନାରୀ, ନିରନ୍ନ ନିରୀହ ମଣିଷମାନଙ୍କୁ ଗଣତନ୍ତ୍ରର ହତିଆର ଭାବେ ବ୍ୟବହାର କରି ଏବେ ନୂତନ ପିଢ଼ିର ରଣନୀତିଜ୍ଞମାନଙ୍କୁ ଘୋଷଣା କରିବାକୁ ପଡ଼ିବ ଯେ ଦେଶଦ୍ରୋହୀମାନଙ୍କ ମୁଖାରେ ଶକ୍ତ ଆଘାତ ଦେବାର ସମୟ ଆସିଯାଇଛି। ସେ ଦେଶଦ୍ରୋହୀମାନଙ୍କୁ ଖୋଜିବାକୁ ହେଲେ ବିଦେଶ ଯିବାକୁ ପଡ଼ିବ ନାହିଁ- ଦୂର ସୀମାନ୍ତରେ ପାଦ ପକାଇବାର କ୍ଳେଶ ବରଣ କରିବାକୁ ହେବ ନାହିଁ। ସେମାନେ ଅଛନ୍ତି ଆମ ଆଗରେ-ପଛରେ-ଏକଡ଼-ସେକଡ଼-ଚାରିକଡ଼। ଏଇ ଦେଶ ଭିତରେ, ଆମ ଆଖିର ପରିଧିରେ, ନାକ ସାମ୍ନାରେ। ସେମାନଙ୍କ ସଂହାର ସକାଶେ ଭାରତୀୟ ଭୋଟର ଏବେ କଲ୍‌କୀର ଭୂମିକା ନେବା ଦରକାର।

ଯାଜପୁରରୋଡ, ଯାଜପୁର,
ମୋ : ୯୮୬୧୦୩୪୧୬୩

# ଧାକୁଲି ଆଈର ଅଚଳ ଟଙ୍କା



ମନ-ମାନଚିତ୍ର

ଡ. ନରହରି ବେହେରା

ଆମ ପାଇଁ ଧାକୁଲି ଆଈ ପରି ଭଲ ମଣିଷ ଆଉ ଦୁନିଆରେ ନାହାନ୍ତି। ଭାରି ସ୍ନେହୀ। ପ୍ରତିଦିନ ସକାଳେ ତା' ଦୁଆରେ ପହଞ୍ଚିଗଲେ, ଆଈ ଆମକୁ ନିଶ୍ଚୟ କିଛି ଦିଏ। ଆଈର ପିଲାଝିଲା କେହି ନାହାନ୍ତି। ତେଣୁ ଆମକୁ ଦେଖିଲେ ସେ ଖୁସିରେ ଫାଟିପଡ଼େ। ସକାଳୁ ସଞ୍ଜ ଯାଏ ମାନଚିତ୍ରର ବିଭିନ୍ନ ରଙ୍ଗପରି ଦିଶୁଥିବା ଆମେ ହାଡୁଆ, ପେଟୁଆ, ସିଙ୍ଘାଣିନାକିଆ, ନାକକାନ୍ଦୁରୀ ବିଚିତ୍ରବର୍ଣ୍ଣର ନାତିନାତୁଣୀମାନେ ବିସ୍କୁଟଟିଏ କି ଚକୋଲେଟ୍‌ଟିଏ ପାଇବା ପାଇଁ ଆଈ ଘରେ ଖେଳ ଜମେଇ ଦେଉ। ସେଦିନ ଥିଲା ଫେବୃୟାରୀ ୧୪ ତାରିଖ। ସବୁଦିନ ପରି ଆମେ ଧାକୁଲି ଆଈର ଘର ଦୁଆରମୁହଁରେ ପହଞ୍ଚିବା ବେଳକୁ ସେ ସୁଁ ସୁଁ ହୋଇ କାନ୍ଦୁଥିଲା। ଧାକୁଲି ଆଈର ଏ ଅବସ୍ଥା ଆମକୁ ବହୁତ ବାଧିଲା। ଆମେ ସମସ୍ତେ ଠିଆହୋଇ ପରସ୍ପରର ମୁହଁକୁ ଚାହିଁଲୁ। ଆମକୁ ଦେଖି ଧାକୁଲି ଆଈର କାନ୍ଦଣାର ସ୍ୱର ପ୍ରଥମେ ମନ୍ଦ୍ରସପ୍ତକ, ତା'ପରେ ମଧ୍ୟସପ୍ତକ, ଶେଷକୁ ତାରସପ୍ତକ ଛୁଇଁଲା। ସେ ଆମକୁ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା- ଆଲୋ କାନ୍ଦୁରୀ, ଆରେ ହାଡୁଆ, ଆରେ ପେଟା, ମୁଁ ଭାସିଗଲିରେ। ଡାକ ମାଷ୍ଟରଟା ମୋର ପନ୍ଦର ଶହ ଟଙ୍କା ନେଇଗଲା।

ଧାକୁଲି ଆଈ କାନ୍ଦି କାନ୍ଦି ଯେଉଁ ତଥ୍ୟ ପ୍ରଦାନ କଲା, ତା'ର ସାରମର୍ମ ହେଲା- କାଲି ଆଈ ପୋଷ୍ଟ ଅଫିସ୍‌ରୁ କିଛି ଟଙ୍କା ଉଠାଇ ବିଛଣା ତଳେ ରଖିଥିଲା। ଆଜି ସକାଳେ ସେଇଟଙ୍କା ନେଇ ସଉଦା ଆଣିବାକୁ ଯାଇଥିଲା। ଦୋକାନୀ ସେ ଟଙ୍କା ନେଲା ନାହିଁ। ସବୁଠାରୁ ବଡ଼ କଥା ହେଲା, ଦୋକାନୀଟା ସେହି ଟଙ୍କା ଚାଲୁନାହିଁ ବୋଲି କହି ଫେରାଇଦେଲା। ଏହି କଥାଟା ଧାକୁଲି ଆଈର ହଜମ ହେଲା ନାହିଁ। ଟଙ୍କାର କ'ଣ ହାତଗୋଡ଼ ଅଛି ଯେ ଚାଲିବ? ସତୁରି ବର୍ଷ ହେଲାଣି ସେ ତ ପୁଣି ଚାଲୁଛି! ଟଙ୍କା କ'ଣ ତା'ଠାରୁ ବୁଢ଼ୀ ହୋଇଗଲାଣି ଯେ ଚାଲିପାରୁନି? ଆଈକୁ କଥାଟା ଭଲ ଲାଗିଲା ନାହିଁ। ସେ ବଡ଼ପାଟିରେ ଦୋକାନୀ ସହ ପାଟିକଲା। ଦୋକାନୀଟା ଭଲ ମଣିଷ। ଧାକୁଲି ଆଈ କଥାରେ ରାଗିଲା ନାହିଁ, ଖାଲି ହସିଲା। ସେ ହସ ଆଈ ଦେହରେ ଛୁଞ୍ଚିପରି ଲାଗିଗଲା। ଧାକୁଲି ଆଈ ଗାଁରେ ସମସ୍ତଙ୍କ ଅପେକ୍ଷା ଗୋବିନ୍ଦକୁ ବେଶି ଭରସା କରେ। ସେ ନାତିଆଟା ଭାରି ଭଲ। ଦୁଃଖସୁଖରେ ସାହାଯ୍ୟ କରେ। ଭଲ କଥା କହେ। ଆଈ ସଉଦା ଫୋପାଡ଼ି ଦେଇ ସେହି ଟଙ୍କା ଧରି ଗୋବିନ୍ଦ ପାଖକୁ ଦୌଡ଼ିଲା। ଗୋବିନ୍ଦ ବୁଝାଇଦେଲା, ସେ ଯେଉଁ ତିନିଟା ପାଞ୍ଚଶହ ଟଙ୍କା ନେଇଥିଲା ସେଗୁଡ଼ାକ ପୁରୁଣା ଟଙ୍କା। ସରକାର ତା'କୁ ଅଚଳ କରି ଦେଇଛନ୍ତି। ବୋଧେ ପୋଷ୍ଟମାଷ୍ଟର ନୂଆ ଟଙ୍କା ବଦଳରେ ଏହି ପୁରୁଣା ଟଙ୍କା ଦେଇ ତା'କୁ ଠକି ଦେଇଛି। ଗୋବିନ୍ଦ କଥା ଶୁଣି ଧାକୁଲି ଆଈ ମୁଣ୍ଡରେ ଚଡ଼କ ପଡ଼ିଲା। କେତେ କଷ୍ଟରେ ସେ ଟଙ୍କା ସଞ୍ଚି ରଖିଥିଲା, ଶେଷକୁ ଡାକ ମାଷ୍ଟରଟା ଚଳୁ କରିଦେଲା?

ଧାକୁଲି ଆଈର ଏ କାନ୍ଦଣା ଏବଂ ଟଙ୍କା ଚାଲିଯିବା ଘଟଣା ଆମକୁ ଅସହ୍ୟ ହେଲା। ଆଈ ସହିତ ଆମେ ମିଳିମିଶି ସେ ପୋଷ୍ଟ ମାଷ୍ଟର ବିରୋଧରେ ଯୁଦ୍ଧ କରିବାକୁ ବାହାରିପଡ଼ିଲୁ। ପୋଷ୍ଟ ଅଫିସ୍ ଆଡ଼କୁ ମାଡ଼ିଚାଲିଛୁ, ବାଟରେ ହାବୁଡ଼ିଗଲେ ନିଧିଆ ଅଜା। ତାଙ୍କୁ ଦେଖି ଆଈ କାନ୍ଦ କାନ୍ଦ ହୋଇ କହିଲା- ସକାଳୁ ସକାଳୁ ତେମେ ମତେ କିଛି ନ କହି କୁଆଡ଼େ ଚାଲି ଯାଇଥିଲ? ଏଣେ ମୋ ଘର ବୁଡ଼ି ପାଣି ଆଣ୍ଠୁଏ। ତେମେ ଜାଣିଚ, ଏ ଡାକ ମାଷ୍ଟରଟା ମୋର...। କଥାଟାକୁ ପୂରା କରିବାକୁ ନ ଦେଇ ନିଧିଆ ଅଜା କହିଲେ- ପନ୍ଦର ଶହ ଟଙ୍କା ନେଇଯାଇଛି, ଏୟା ତ? ଧାକୁଲି ଆଈ ସହିତ ଆମେ ସମସ୍ତେ ଚମକିପଡ଼ିଲୁ। ସେ ଏ କଥା ଜାଣିଲେ କେମିତି? ନିଧିଆ ଅଜା କହିଲେ- ତୁମେମାନେ ମନଦୁଃଖ କରନି, ଘରକୁ ଚାଲ ସବୁ ପାଇଯିବ।

ଆମେ ସମସ୍ତେ ଯାଦୁ ଦେଖିବା ପରି ଅଗଣାରେ ବସିପଡ଼ିଲୁ। ନିଧିଆ ଅଜା ପନ୍ଦର ଶହ ଟଙ୍କାର ରହସ୍ୟ ଉଦ୍‌ଘାଟନ ନ କରି ଗୋଟିଏ ଥାଳିରେ ବଡ଼ ବଡ଼ ରସଗୋଲା ରଖିଲେ। ଆଈକୁ ନୂଆ ଶାଢ଼ିଟିଏ ଦେଇ ପିନ୍ଧିବାକୁ କହିଲେ। ଧାକୁଲି ଆଈ କିଛି ବୁଝିପାରିଲାନି। ଆମେ ବି ବୋକା ଭଳି ଚାହିଁଥାଉ। ଆଈ ନୂଆ ଶାଢ଼ି ପିନ୍ଧି ଆସିବା ପରେ ସମସ୍ତଙ୍କୁ ମିଠା ବଣ୍ଟା ହେଲା। ଆଈ ଏଥର ନିଜକୁ ସମ୍ଭାଳି ନ ପାରି ପଚାରିଲା- ମୋ ଟଙ୍କା କୁଆଡ଼େ ଗଲା କିଛି ନ କହି ଏ କି ନାଟ ନଗେଇଚ? ନିଧିଆ ଅଜା ହସି ହସି କହିଲେ- କାଲି ସଞ୍ଜବେଳେ ଚା ଦୋକାନୀ କହିଲା, ଆଜି ଗୋଟେ ଭଲ ଦିନ। କ'ଣ ତା' ନାଁଟା କହିଲା ମନେପଡୁନି, ହଁ ହଁ ଭେଲେଣ୍ଟିନ୍ ଡେ। ଏହି ଦିନରେ ଯିଏ ଯାହାକୁ ଭଲ ପାଏ ତା'କୁ ସେ ନୂଆ ନୂଆ ଜିନିଷ କିଣି ଦେଇଥାଏ। ସେଥିପାଇଁ ଆଜି ବିଛଣା ତଳୁ ତିନିଟା ପାଞ୍ଚଶହ ଟଙ୍କିଆ ନେଇ ଯାଇଥିଲି। ତମକୁ କହିଲେ ମଜା ରହିବନି ବୋଲି କିଛି ନ କହି ଚାଲି ଯାଇଥିଲି। ବଅସ ଗଲାଣି, ତମ ସହ ଟିକିଏ ମଜା କରିବାକୁ ଭାରି ମନ ହେଲା। ଆଈ ଓଠରେ ଟେନାଏ ହସ ଖେଳିଗଲା। ସେ ହସିଦେଇ କହିଲା- ଧେତ୍ ତମେ ଭାରି ଇଏ। ତମେ ସିନା ଟଙ୍କା ନେଇଗଲ, ଇଏ ଟଙ୍କା କୋଉଠୁ ଆସିଲା? ନିଧିଆ ଅଜା କହିଲେ- ଏଗୁଡ଼ାକ ଆଉ ଚଳୁନି। ମୁଁ ଅମଳ ଟମଳ ପାଇଁ ଏ ଟଙ୍କା ଲୁଚେଇ ରଖିଥିଲି। ଆମେ ସମସ୍ତେ ହସିଦେଲୁ। ଆମ ଭିତରୁ ସବୁଠୁ ବଡ଼ ପିଲା ପେଟା ପାଟିକରି କହିଲା, ସତରେ ଅଜା, ତମେ କରିଦେଲ ବଢ଼ିଆ ମଜା। ଧାକୁଲି ଆଈ ଫେଁ କିନା ହସିଦେଇ କହିଲା, ଏ ଟଙ୍କା ପାଇଁ ଆଜି ମୋତେ ଏତେ ହୀନସ୍ତା ହେବାକୁ ପଡ଼ିଲା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ-୭୯୭୮୯୦୩୫୦୯

## ଏଇ ଭାରତରେ

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ବିଭିନ୍ନ ଜାତି ଓ ଧର୍ମର ଲୋକେ ବାସ କରନ୍ତି। ପ୍ରତ୍ୟେକ ଧର୍ମର ରୀତିନୀତି, ଚାଲିଚଳନ ଓ ସଂସ୍କୃତି ଭିନ୍ନ ଭିନ୍ନ। କୌଣସି ପ୍ରସଙ୍ଗକୁ ନେଇ ବେଳେବେଳେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟିହୁଏ। ଏହା ଜାତୀୟ ସଂହତିରେ ପ୍ରତିବନ୍ଧକ ଆଣିବା ସହିତ ଦେଶରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟିକରିବା ପାଇଁ ଖୋରାକ ଯୋଗାଏ। କିନ୍ତୁ ଜଣେ ମୁସଲମାନ ପରିବାର ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ଏକ ନିଆରା ପନ୍ଥା ଆପଣାଇଛନ୍ତି। ଉକ୍ତ ପରିବାର ବିବାହ ନିମନ୍ତ୍ରଣ କାର୍ଡରେ ହିନ୍ଦୁଙ୍କ ପୌରାଣିକ କଥାବସ୍ତୁର ମୁଖ୍ୟଚରିତ୍ର ସୀତାରାମଙ୍କ ଫଟୋ ଛାପିଛନ୍ତି। ଉତ୍ତରପ୍ରଦେଶର ଏହି ମୁସଲମାନ ପରିବାର ଏଥିପାଇଁ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଶାହଜାହାନପୁର୍‌ର ଚିଲୁଆ ଗାଁରେ ବାସକରୁଥିବା ଏହି ପରିବାରର ଝିଅ ରୁକ୍‌ଶାର୍‌ର ବିବାହ ହେବାକୁ ଯାଉଥିବାବେଳେ ନିମନ୍ତ୍ରଣ କାର୍ଡରେ ସୀତାରାମଙ୍କ ଫଟୋ ଛାପିଛନ୍ତି। ଗାଁରେ ଉଭୟ ହିନ୍ଦୁ ଏବଂ ମୁସଲମାନ ପରିବାର ବାସକରନ୍ତି। ଏହାଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇପାରିବ ବୋଲି ରୁକ୍‌ଶାର୍‌ଙ୍କ ମା' କହିଛନ୍ତି। ଗାଁର ସମସ୍ତ ଲୋକେ ଏହି କାର୍ଡକୁ ଆଦରର ସହିତ ଗ୍ରହଣ କରିଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନାର ଏହା ଏକ ନିଆରା ନିଦର୍ଶନ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୪

- ବୋସନିଆର ସର୍ବୀୟ ଅଞ୍ଚଳ ଉପରେ ନାଟୋ ପକ୍ଷରୁ କରାଯାଉଥିବା ବିମାନ ଆକ୍ରମଣକୁ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସନଙ୍କ ବିରୋଧ।
- ଚଳିତବର୍ଷ ଓସ୍କାର ପୁରସ୍କାର ଲାଭ କରିଥିବା ଆମେରିକାର ଫିଲ୍ମନିର୍ଦ୍ଦେଶକ ଷ୍ଟିଭେନ ସ୍ପିଲବର୍ଗ ତାଙ୍କର 'ସ୍କିଲଲରସ ଲିଷ୍ଟ' ଚଳଚ୍ଚିତ୍ର ପାଇଁ ବ୍ରିଟେନର ବାର୍ଷିକ ପୁରସ୍କାର ଲାଭ କରିଛନ୍ତି।
- ବିଶ୍ୱ ହେଭିୱେଟ ବକ୍ସିଂରେ ଇଭାଣ୍ଡର ହୋଲିଫିଲଡଙ୍କୁ ପରାସ୍ତ କରି ମାଇକେଲ ମୋରର ଚାମ୍ପିୟନ।
- ମଧ୍ୟ ଆଫ୍ରିକୀୟ ରାଷ୍ଟ୍ର ର୍ୱାଣ୍ଡାର ଏକ ହସ୍ପିଟାଲରେ ୧୭୦ ଜଣ ଲୋକଙ୍କୁ ଗଣହତ୍ୟା।

## ପାଠକ ଶ୍ରେଷ୍ଠ ବିଚାରକ

### ଉଡ଼ାଜାହାଜ ଓ କଳାକାର

ମହାଶୟ,

ପାଞ୍ଚବର୍ଷ ମଧ୍ୟରେ ରାଜ୍ୟ ଆକାଶରେ ଏତେ ଉଡାଜାହାଜ ଉଡିଲାଣି ଯେ ଏଭଳି ଘଟଣା ପୂର୍ବରୁ କେବେ ଘଟି ନ ଥିଲା। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ଉପାଧ୍ୟକ୍ଷଙ୍କ ବ୍ୟତୀତ ବଡ ବଡ ରାଜନେତା ରାଜ୍ୟ ସାରା ଭଉଁରି କାଟିଛନ୍ତି। ଘରୋଇ ଯାତ୍ରୀବାହୀ ଜାହାଜ ଦେଶବିଦେଶକୁ ଯାତାୟାତ କରୁଛି। ଯିଏ ଯେଉଁ ଦଳର ହୁଅନ୍ତୁନା କାହିଁକି କାହାରିକୁ ଓଡ଼ିଶା ଆସିବା ମନା ନାହିଁ। ଅଧିକାଂଶ ରାଜନେତା ନିର୍ଦ୍ଧାରିତ ସମୟଠୁ ବିଳମ୍ବରେ ସଭାସ୍ଥଳୀରେ ପହଞ୍ଚୁଥିବାରୁ ଲୋକେ ଖରାରେ ଆଉଟୁ ପାଉଟୁ ହେଉଛନ୍ତି। ପଡୋଶୀ ରାଜ୍ୟମାନଙ୍କ ସହ ତୁଳନା କଲେ ଆମ ରାଜ୍ୟର ଖୁବ୍ ନଗଣ୍ୟ ସଂଖ୍ୟକ କଳାକାର ନିର୍ବାଚନ ରଣାଙ୍ଗନରେ ସାମିଲ ଅଛନ୍ତି। ଗତ ସାଧାରଣ ନିର୍ବାଚନରେ ଶକ୍ତିକାପୁର ଓ ରୁପା ଗାଙ୍ଗୁଲିଙ୍କ ଭଳି କଳାକାର ଆମ ରାଜ୍ୟରେ ସଭାସମିତି କରିଥିବା ବେଳେ ଏଥର ସେଭଳି କାହାରି ଦେଖାଦର୍ଶନ ନାହିଁ। ସରକାର ଶ୍ରମଜୀବୀଙ୍କୁ ନିର୍ବାଚନ ପାଇଁ ଗୋଟିଏ ଦିନର ମଜୁରି ଦେବା ଉଚିତ ଥିଲା।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ନିର୍ବାଚନର ଦୁଃଖ

ଧରିତ୍ରୀ(୧୮।୪)ରେ ପ୍ରକାଶିତ ପ୍ରବନ୍ଧ 'ନିର୍ବାଚନର ଦୁଃଖ' ଏକ ଅତ୍ୟନ୍ତ ଉପାଦେୟ ପ୍ରବନ୍ଧ, ଯାହା ସମସ୍ତ ଭୋଟରଙ୍କ ପଢ଼ିବା ଯୋଗ୍ୟ। ସେଥିଲାଗି ଡ. ସୁବାସଚନ୍ଦ୍ର ପାତ୍ରଙ୍କୁ ଅଜସ୍ର ଧନ୍ୟବାଦ। 'ଦେଲ ଯାହା ନେଲ ତାହା, ସାକ୍ଷୀ ଅଛି ଚଉବାହା।' ସତରେ ନିର୍ବାଚନ ସମୟ କେବଳ ଦିବାସ୍ୱପ୍ନର ସମୟ। ଏଠି 'ହାତୀ ଦେ, ଘୋଡ଼ା ଦେ, ମୋ ପେଁକାଳି ବଜେଇ ଦେ'। କିନ୍ତୁ ନେତା କେଉଁଠୁ ଦେଲେ ବା ଦେବେ କେହି ପଚାରନ୍ତିନି। ୫ ବର୍ଷ ଶାସନରେ ରହିଲେ ମଳାଯାଏ ପେନ୍‌ସନ, ଚିକିତ୍ସା ଭତ୍ତା, ସରକାରୀ ସୁବିଧା। କହିଲେ ଦେଖି କେଉଁ ଚାକିରିରେ ଅଛି? ସେଥିପାଇଁ ବୋଧେ ପାନଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି। ମନେପଡୁଛି ଆବ୍ରାହମ ଲିଙ୍କନଙ୍କ ଜୀବନର ଏକ କଥା- ସେ ଗୋଟିଏ ଜନସଭାକୁ ଯିବା ଲାଗି ବସ୍‌କୁ ଅପେକ୍ଷା କରିଥାନ୍ତି। ଏହି ସମୟରେ ତାଙ୍କ ପ୍ରତିପକ୍ଷ କାର ନେଇ ସେଇ ସଭାକୁ ଯାଉଥିଲେ। ସେ ମହାଶୟ ଲିଙ୍କନଙ୍କୁ ବସେଇ ନେଲେ। ପ୍ରଥମେ ଲିଙ୍କନ ସେ ମହାଶୟଙ୍କୁ କହିବାକୁ ସୁଯୋଗ ଦେଲେ। ଲୋକମାନେ ତାଙ୍କ ସମସ୍ୟା କହିଲା ପରେ ଲିଙ୍କନ ଠିଆହେଲେ ଓ କହିଲେ, ଭାଇମାନେ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଚୁର ଅର୍ଥ ଦରକାର। ସେ ବଳ ମୋ ପାଖରେ ନାହିଁ। ମୋର ପ୍ରିୟ ପ୍ରତିଦ୍ୱନ୍ଦ୍ୱୀ ଏସବୁ ଅକ୍ଳେଶରେ କରିପାରିବେ, ତେଣୁ ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ। ସେ ମହାଶୟ ମୋତେ ନିର୍ବାଚନୀ ସଭାକୁ ନିଜ ଗାଡିରେ ଆଣିଥିବାରୁ ମୁଁ କୃତଜ୍ଞ। ସଭାସ୍ଥଳ ତାଳିରେ ଫାଟି ପଡିଲା, କିନ୍ତୁ ଲିଙ୍କନ ବିଜୟୀ ହେଲେ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବିଜେଡିର ବାଇକ୍ ରାଲି

**ଔପଦା, ୨୫।୪(ଡି.ଏନ.ଏ.):** ବାଲେଶ୍ୱର ଲୋକସଭା ଓ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ସଦର ସମେତ ବିଭିନ୍ନ ପଞ୍ଚାୟତରେ ବିଜେଡିର ଏକ ବାଇକ ରାଲି ଓ ପଞ୍ଚାୟତ ପରିକ୍ରମା ଗୁରୁବାର ହୋଇଥିଲା। ନୀଳଗିରି ବିଧାନସଭା ବିଜେଡି ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁ ଶତାଧିକ ବିଜେଡି କର୍ମୀ ଓ ସମର୍ଥକ ସୁସଜ୍ଜିତ ମୋଟରସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ବାଇକ୍ ରାଲିର ଯୁବନେତା ତଥା ତଳକିଆ ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ଡ. ସୁଶାନ୍ତ ଜେନା, ଶଙ୍କର୍ଷଣ ମହାନ୍ତି, ଅନନ୍ତ ପ୍ରସାଦ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୫ ଟଙ୍କାରେ ହେବ ପରିବାର ଚଳିବା ଯୋଜନା

**ରେମୁଣା, ୨୫।୪(ଡି.ଏନ.ଏ.)**




**ରେମୁଣା ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି**

ଭାଜପା ଦ୍ୱାରା ଟଙ୍କିକିଆ ଚାଉଳ ଭଳି ଯୋଜନା ବନ୍ଦ କରିଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟ ସାରା ବୁଲି ଅପପ୍ରଚାର କରୁଛନ୍ତି ବରଂ ଭାଜପା ଆସିଲେ ୫ଟଙ୍କାରେ ପରିବାର ଚଳିବା ଯୋଜନା କରାଯିବ। ବାଲେଶ୍ୱର ଜିଲା ରେମୁଣା ବାଲିପାଳଠାରେ ନିର୍ବାଚନ ପ୍ରଚାର ପାଇଁ ଆସି କେନ୍ଦ୍ର ପେଟ୍ରୋଲିୟମମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଗତ ୧୯ ବର୍ଷ ଧରି ରାଜ୍ୟରେ ସ୍ଥାଣୁ ସରକାର ଚାଲିଥିବା ସେ ଉଲ୍ଲେଖ କରି କହିଛନ୍ତି ଯେ, '୧୯ ନିର୍ବାଚନ' ହିଁ ପରିବର୍ତ୍ତନ ଆଣିବ। ଗାଁ ଠାରୁ ଆରମ୍ଭ କରି ସାରା ଦେଶର ବିକାଶ ପାଇଁ ମୋଦିଙ୍କୁ ଜିତାଇବାକୁ ପଡ଼ିବ। ଏଥିପାଇଁ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଭୋଟ୍ ଦେଇ ଜିତାଇବାକୁ ମନ୍ତ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ମହିଳା, ଛାତ୍ରୀଛାତ୍ର, କୃଷକ, ସଂଖ୍ୟାଲଘୁ ସମସ୍ତଙ୍କର ବିକାଶ ହିଁ ଦେଶର ବିକାଶ ବୋଲି ସେ କହିଛନ୍ତି।

ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଏବଂ ବିଧାୟକ ଗୋବିନ୍ଦଚନ୍ଦ୍ରଙ୍କ ସମେତ ଜିଲାପରିଷଦ ସଭ୍ୟା ସରିତା ଗିରି, ବିପିନ ମାରାଣ୍ଡି, ସୀତାରାମ ପ୍ରଧାନ, କ୍ୟାପଟେନ ଭାସ୍କର ମଲିକ, ନାରୀନେତ୍ରୀ ଶୋଭନା ମହାନ୍ତି, ଯୁବନେତା ଉମାକାନ୍ତ ପଣ୍ଡା, ଗିରିଧାରୀ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଭାପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ରେମୁଣା ଗୋଳେଇରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ବାଲିପାଳ ପଡ଼ିଆରେ ପହଞ୍ଚିଥିଲା।

ଧରିତ୍ରୀ
DHARITRI
**ଝାରସୁଗୁଡା ଜିଲା ପ୍ରତିନିଧି ଆବଶ୍ୟକ**
ଧରିତ୍ରୀ ଆବଶ୍ୟକ କରୁଛି ଝାରସୁଗୁଡା ଜିଲା ପ୍ରତିନିଧି। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀମାନେ ନିମ୍ନ ଠିକଣାରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ।
- ସାମ୍ବାଦିକତା ଡିଗ୍ରୀଧାରୀ, କ୍ୟାମେରା ଏବଂ ବାଇକ୍ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

Apply immediately to
**Email: recruitment@dharitri.com**

## ଆମେରିକା, ଓମାନକୁ ଦିନିକିଆ ମାନ୍ୟତା

**ୱିଣ୍ଡହୋକ, ୨୫।୪(ଏଏଫ୍‌ପି)**

ଆମେରିକା ଓ ଓମାନକୁ ବୁଧବାର ପ୍ରଥମଥର ଲାଗି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ଟିମ୍‌ର ମାନ୍ୟତା ମିଳିଛି। ନାମ୍ବିଆରେ ଚାଲିଥିବା ବିଶ୍ୱ କ୍ରିକେଟ୍ ଲିଗ୍ ଡିଭିଜନ-୨ରେ ଆମେରିକା ୮୪ ରନରେ ହଂକଂକୁ ପରାସ୍ତ କରିଥିଲା। ଫଳରେ ଲଗାତର ୩ଟି ବିଜୟ ହାସଲ କରି ଆମେରିକା ଏହି ସଫଳତା ପାଇଛି। ଆଗାମୀ ଅଢ଼େଇ ବର୍ଷ ମଧ୍ୟରେ ଆମେରିକା ୩୬ ଦିନିକିଆ ମ୍ୟାଚ୍ ଖେଳିବ। ଆମେରିକା ଏଥିପୂର୍ବରୁ ୨୦୦୪ ଚାମ୍ପିୟନ୍ସ ଟ୍ରଫିରେ ଦିନିକିଆ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଥିଲା। ସେହିଭଳି ଓମାନ ମଧ୍ୟ ଏହି ପ୍ରତିଯୋଗିତାରେ ୩ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛି।

## ଭାରତୀୟ ମିକ୍ସଡ ଟିମ୍ ଜିତିଲେ ୨ ସ୍ୱର୍ଣ୍ଣ

**ବେଜିଂ, ୨୫।୪(ପି.ଟି.)**

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଶୁଟିଂ ପ୍ରତିଯୋଗିତାରେ ଗୁରୁବାର ଭାରତର ଯୁବ ମିକ୍ସଡ ଟିମ୍ ପ୍ରାଧାନ୍ୟ ବିସ୍ତାର କରି ୨ଟି ସ୍ୱର୍ଣ୍ଣପଦକ ଲାଭ କରିଛି। ସ୍ୱଳ୍ପବୟସ୍କ ଯୋଡ଼ି ମନୁ ଭାକର ଓ ସୌରଭ ଚୌଧୁରୀ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଦିବ୍ୟାଂଶ ପନ୍‌ୱର ତାଙ୍କ ପାର୍ଟନର ଅଞ୍ଜୁମ ମୋଦଗିଲଙ୍କ ସହ ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଦିବ୍ୟାଂଶଙ୍କର ଏହା ଥିଲା ଦ୍ୱିତୀୟ ସିନିୟର ପ୍ରତିଯୋଗିତା। ଅଞ୍ଜୁମ ତାଙ୍କ ନୂଆ ପାର୍ଟନର କରି ସ୍ୱର୍ଣ୍ଣ ପଦକ ମୁକାବିଲାରେ ଚାଇନାର ଲିୟୁ ରକ୍ସୁଆନ ଏବଂ ୟାଙ୍ଗ୍ ହାଓରାନଙ୍କୁ ୧୭-୧୫ରେ ହରାଇ ଦେଇଥିଲେ। ବେଜିଂରେ ମିକ୍ସଡ ଇଭେଣ୍ଟ ପାଇଁ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ନୂଆ ଫର୍ମାଟ ପରୀକ୍ଷାମୂଳକ ଭାବେ ସାମିଲ କରାଯାଇଛି। ଏକଦା ଚାଇନିଜ୍ ଯୋଡ଼ି ଜିତିବେ ବୋଲି ମନେ ହେଉଥିଲା। ଭାରତୀୟ ଟିମ୍ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୧୫-୧୫ ସମାନ ସ୍ଥିତିକୁ ଆଣିପାରିଥିଲା। ଦିବ୍ୟାଂଶ ଓ ଅଞ୍ଜୁମ ଚାପରେ ଥାଇ ଟାଇବ୍ରେକରରେ ବିଜୟ ହାସଲ କରିନେଇଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଦ୍ୱିତୀୟ ଭାରତୀୟ ଟିମ୍ ଅପୂର୍ବୀ ଚାଣ୍ଡେଲା ଓ ଦୀପକ କୁମାର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ, ହେଲେ ୬ଷ୍ଠ ସ୍ଥାନ ସହ ସେମାନଙ୍କ ଅଭିଯାନ ଶେଷ କରିଥିଲେ। ଅନ୍ୟପକ୍ଷରେ ମନୁ ଓ ସୌରଭ ସେମାନଙ୍କ ସ୍ୱର୍ଣ୍ଣପଦକ ମ୍ୟାଚ୍‌ରେ ପୂର୍ବତନ ଅଲିମ୍ପିକ ଚାମ୍ପିୟନ ପ୍ୟାଙ୍ଗ୍ ୱି ଓ ୨୦୧୯ ନୂଆଦିଲ୍ଲୀ ବିଶ୍ୱକପ୍ ଫାଇନାଲିଷ୍ଟ ଜିଆଙ୍ଗ ରାନକ୍ସିନଙ୍କୁ ୧୬-୬ ବ୍ୟବଧାନରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ଦୁଇ ମାସ ପୂର୍ବେ ନୂଆଦିଲ୍ଲୀ ପର୍ଯ୍ୟାୟ ବିଶ୍ୱକପ୍‌ରେ ମନୁ ଓ ସୌରଭ ଟପ୍ କ୍ଲାସ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଫାଇନାଲ ପ୍ରବେଶ ପଥରେ ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ଅଭିଜ୍ଞ ଜର୍ମାନ ଯୋଡ଼ି ଏବଂ ସେମିଫାଇନାଲରେ ଅନ୍ୟ ଏକ ଚାଇନିଜ୍ ଯୋଡ଼ିଙ୍କୁ ହରାଇ ଦେଇଥିଲେ। ନୂଆ ଫର୍ମାଟ୍‌ରେ ୮ଟି ଟିମ୍ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୪ଟି କ୍ୱାର୍ଟର ଫାଇନାଲ, ଦୁଇଟି ସେମିଫାଇନାଲ ଏବଂ ସ୍ୱର୍ଣ୍ଣ ପଦକ ପାଇଁ ଗୋଟିଏ ଫାଇନାଲର ବ୍ୟବସ୍ଥା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜର ବୁଦ୍ଧି ଠାକୁର**
**ପରର ବୁଦ୍ଧି କୁକୁର।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡ଼େ। ନିଜ ବୁଦ୍ଧି ବିବେକକୁ ପାଥେୟ କରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡ଼ି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ କାର୍ଯ୍ୟ କଲେ ପଛରେ ହୀନସ୍ତା ଭୋଗିବାକୁ ପଡ଼ିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନଈ ବାରବାଙ୍କରେ ଯାଏ**
**ନାଉରିଆ ମୁଣ୍ଡ ଖାଏ**
**ସାପ ବାରବାଙ୍କରେ ଯାଏ**
**ସେଇ ଗାତକୁ ଯାଏ।**

ନଈ ଯେତେ ଅଙ୍କାବଙ୍କା ହୁଏ ସେଥିରେ ନାଆବାହିବା ନାଉରିଆ ପାଇଁ ସେତେ କଷ୍ଟକର ହୋଇଯାଏ। ସାପ ଯେତେ ବୁଲେଇ ବଙ୍କେଇ ଗଲେ ମଧ୍ୟ ସେଇ ଗାତକୁ ହିଁ ଯାଇଥାଏ। ପରୋକ୍ଷରେ ମଣିଷ ନିଜ ଜୀବନ କାଳରେ ଯେତେ ଅନ୍ୟାୟ ଅନୀତି କଲେ ମଧ୍ୟ ତାହା ଦିନେ ନା ଦିନେ ଲୋକଲୋଚନକୁ ଆସିଥାଏ। କୂଟକର୍ମ ସତ୍ୟ ପାଖରେ ଧରାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ ପବ୍ଲିଶର୍ସ

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୨୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଶିଖରପୁର ଗ୍ରାମରେ ଗୁରୁବାର ଅପରାହ୍ଣରେ ଏକ ବାଲି ବୋଝେଇ ଡମ୍ପର ରାସ୍ତା କଡ଼ରେ ଡମ୍ପିଂ କରୁଥିବା ବେଳେ ପ୍ରଦୀପ ବେହେରା(୩୫) ନାମକ ଯୁବକ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ତାଙ୍କ ଘର ରାଜନଗର ଗ୍ରାମରେ। ଡମ୍ପର ଚାଳକ ପାଖରେ ଥିବା ଏକ ଇଟାଭାଟି ମଧ୍ୟରେ ଡମ୍ପରକୁ ଛିଡ଼ା କରି ଫେରାର ହୋଇଯାଇଛନ୍ତି। ଉକ୍ତ ସ୍ଥାନରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ସେବାୟତ

# ବାରିପଦା ଜଗନ୍ନାଥ ମନ୍ଦିରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି

**ବାରିପଦା ଅଫିସ,୨୫।୪**



ଜଗନ୍ନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସେବାୟତ।

ମୟୂରଭଞ୍ଜ ଜିଲା ବାରିପଦା ଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ରତା ରହିଛି। ପୁରୀ ମନ୍ଦିରର ଦିନକ ପରେ ଏଠାରେ ଦୁଇ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ହିଁ ଟାଣି ଥାନ୍ତି। ଏଥିପାଇଁ ଲୋକେ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମଧ୍ୟ କହିଥାନ୍ତି। ହେଲେ ଅଦ୍ୟାବଧି ଏହି କ୍ଷେତ୍ର ସରକାରୀ ମାନ୍ୟତା ପାଇନାହିଁ। ଗୁରୁବାର ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଜଗନ୍ନାଥ ମନ୍ଦିରକୁ ଆସି ଠାକୁରଙ୍କ ଦର୍ଶନ କରିବା ବେଳେ ସେବାୟତମାନେ ବାରିପଦା ଜଗନ୍ନାଥ ମନ୍ଦିରକୁ ସରକାରୀସ୍ତରରେ ଦ୍ୱିତୀୟ ଶ୍ରୀକ୍ଷେତ୍ରର ଭାବେ ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ଜିଲାରେ ଦେବୋତ୍ତର ବିଭାଗ ପାଇଁ ଜଣେ ମାଜିଷ୍ଟ୍ରେଟ ପାହ୍ୟାର ଅଧିକାରୀ ନିଯୁକ୍ତି, ମଠ ଓ ମନ୍ଦିର ଗୁଡିକରେ ଖାଲି ପଡିଥିବା ସେବାୟତ ପଦବୀରେ ନିଯୁକ୍ତି, ଠାକୁରଙ୍କ ରୀତିନୀତି ଶୃଙ୍ଖଳିତ ପରିଚାଳାନା, ମଠ ମନ୍ଦିର ମାନଙ୍କର ସମ୍ପତ୍ତି ଉଦ୍ଧାର ବ୍ୟବସ୍ଥା ଠାକୁରମାନଙ୍କ ଗହଣାର ପୁନରୁଦ୍ଧାର, ସେବାୟତ ମାନଙ୍କୁ ପଦବୀ ଅନୁଯାୟୀ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ଦାବିକୁ ଗ୍ରହଣ କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୩ ଚୋରା ମଦ ବେପାରୀ ଗିରଫ

**ବସ୍ତା, ୨୫।୪(ସ୍ୱ.ପ୍ର.)**–ଅବକାରୀ ବିଭାଗ ସଦଳବଳ ବୁଧବାର ବାଲେଶ୍ୱର ଜିଲା ବସ୍ତା ଏବଂ ସିଂଲା ଅଞ୍ଚଳରେ ଚଢ଼ାଉ କରି ୩୪ ଲିଟର ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଦର ଅବକାରୀ ବିଭାଗ ନିରୀକ୍ଷକ ଏସ୍. କେ. ଆସଫ୍ ଅଲ୍ଲୀ, ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକ ଏବଂ ବସ୍ତା ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଥିଲେ। ଗିରଫ ୩ଅଭିଯୁକ୍ତ ହେଲେ ସିଂଲା ଥାନା ଅନ୍ତର୍ଗତ ମଛଦା ଗ୍ରାମର ଜାନୁମାରାଣ୍ଡି, ବସ୍ତା ଥାନା ଅନ୍ତର୍ଗତ ଚାଳନ୍ତି ଗ୍ରାମର ବରେନ୍ଦ୍ର ଜେନା ଏବଂ ଅନନ୍ତ ହେମ୍ବ୍ରମ। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବନ୍ଧୁକ ସହ ଯୁବକ ଗିରଫ

**ବାଲେଶ୍ୱର ଅଫିସ,୨।୪**

**ଦାଦାବଟି ଆଦାୟ, ଡକାୟତି ବେଳେ ବ୍ୟବହାର କରୁଥିଲେ**



ବନ୍ଧୁକ ଓ ୨ଟି ଗୁଳି ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର ଟାଉନ ଥାନା ପୋଲିସ ବଡ଼ଖୁଆ ଅଞ୍ଚଳରୁ ଜଣେ ଯୁବକଙ୍କଠାରୁ ଗୋଟିଏ ଦାମୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ଓ ଏକ ମୋବାଇଲ୍ ଫୋନ ଜବତ କରିଛି। ଉକ୍ତ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ଦାଦାବଟି ଆଦାୟ, ଡକାୟତି ଆଦି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ବେଳେ ବନ୍ଧୁକକୁ ବ୍ୟବହାର କରାଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଗିରଫ ଯୁବକ ହେଲେ ଅଭି ଜେନା (୩୩)। ତାଙ୍କ ଘର ଚାନ୍ଦିପୁର ଥାନା ନାଇଗୁଡ଼ି ଗ୍ରାମରେ। ଟାଉନ ଥାନାଧିକାରିଣୀ ସରୋଜିନୀ ନାୟକଙ୍କ ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ କେତେକ ଯୁବକ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିବା ଖବର ମିଳିଥିଲା। ଅଭି ପାଖରେ ବନ୍ଧୁକ ରଖି ବୁଲୁଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ସେ ବଡଖୁଆ ଅଞ୍ଚଳରେ ଥିବା ଖବରପାଇ ପୋଲିସ ବୁଧବାର ରାତି ୯ଟା ବେଳେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ପୋଲିସ ପୂର୍ବ ପ୍ରସ୍ତୁତି ଅନୁସାରେ ଚାରିପାଖରୁ ଘେରାଉ କରି ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏନେଇ ଟାଉନ୍ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଜବତ ବନ୍ଧୁକ ୬ ରାଉଣ୍ଡ ବିଶିଷ୍ଟ ହୋଇଥିବା ବେଳେ ପୂର୍ବରୁ ଏହାକୁ ବାରମ୍ବାର ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଅଭି ବହୁଚର୍ଚ୍ଚିତ କୁନୁ ପଣ୍ଡା ହତ୍ୟା ମାମଲାରେ ଜଡ଼ିତ ଥିବାରୁ ପୂର୍ବରୁ ଗିରଫ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ବାରିପଦା ମେଡ଼ିକାଲ...

ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ତୃତୀୟ ପର୍ଯ୍ୟାୟ ଭୋଟ ପରେ ସ୍ଥିତି ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରରେ କୌଣସି ଜାତୀୟ ଦଳ ବହୁମତ ପାଇବେ ନାହିଁ। କେନ୍ଦ୍ର ସରକାର ଗଠନରେ ଓଡ଼ିଶାର ପ୍ରମୁଖ ଭୂମିକା ରହିବ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକାର ପାଇଲେଣି। କିନ୍ତୁ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରିଛନ୍ତି। ହେଲେ ସେ ଥିବା ପର୍ଯ୍ୟନ୍ତ ଏହି ଯୋଜନା ବନ୍ଦ ହେବ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନରେ ହିଁ ସବୁ ଚାଷୀଙ୍କୁ ଦୁଇଟି କିସ୍ତି ପାଇଁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ସେହିପରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ୮୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। କେନ୍ଦ୍ର ସରକାର ମାତ୍ର ୨୦ ପ୍ରତିଶତ ଟଙ୍କା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ସେ ବୈଶିଙ୍ଗା, ମାଣଡ୍ରୀ, ବଡସାହି ଓ ବାରିପଦା ସହରରେ ରୋଡ ଶୋ ପରେ ସର୍କିଟ ହାଉସରେ ରାତ୍ରିଯାପନ କରିଥିଲେ। ଗୁରୁବାର ସକାଳେ ବାରିପଦା ହରିବଳଦେବ ଜୀଉ ମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଏହାପରେ ସେ ବଡବଜାର ରୋଡ ଦେଇ ଷ୍ଟାଡିୟମଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡକୁ ଯାଇଥିଲେ। ସେଠାରୁ ହେଲିକପ୍ଟର ଯୋଗେ ପ୍ରଥମେ ଉଦଳା ନିର୍ବାଚନମଣ୍ଡଳୀ ଅଧୀନ କପ୍ତିପଦା ବ୍ଲକର ପେଦାଗଡିକୁ ଯାଇ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ପରେ ମୋରଡା ନିର୍ବାଚନମଣ୍ଡଳୀର ପାଟପୁର, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର କଳାବାଡିଆ, ସାରସକଣା ନିର୍ବାଚନମଣ୍ଡଳୀର ବାଦୁନିଆ, ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ମହୁଲଡିହାକୁ ଯାଇ ନିର୍ବାଚନୀ ସଭାରେ ଉଦବୋଧନ ଦେଇଥିଲେ। ବାରିପଦା କଚେରୀ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ରାଇରଙ୍ଗପୁର ସହରରେ ହାଇଟେକ ବସ ଯୋଗେ ରୋଡ ଶୋ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଯଶିପୁର ନିର୍ବାଚନମଣ୍ଡଳୀ ଅଧୀନ ରରୁଆଁ ବ୍ଲକର ନଦୀ ସାହିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି, ବାରିପଦା ବିଧାୟିକା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ, ମୋରଡା ବିଧାୟକ ପ୍ରାର୍ଥୀ ରାଜକିଶୋର ଦାସ, ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁଦାମ ମାରାଣ୍ଡି, ସାରସକଣା ବିଧାୟକ ପ୍ରାଥୀ ଅମର ସିଂ ଟୁଡୁ, ରାଇରଙ୍ଗପୁର ବିଧାୟକ ପ୍ରାଥୀ ବାସନ୍ତୀ ମାରାଣ୍ଡି, ଯଶିପୁର ବିଧାୟକ ପ୍ରାର୍ଥୀ ଗୋଲକ ବିହାରୀ ନାୟକ ପ୍ରମୁଖଙ୍କ ସହିତ ଜିଲା ସଭାପତି ଦେବାଶିଷ ମାରାଣ୍ଡି, ଜିଲା ପର୍ଯ୍ୟବେକ୍ଷକ ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ୩୦ ଯାଏ ପ୍ରବଳ...

ଗତିପଥ ପରିବର୍ତ୍ତନ କରି ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡକୁ ଗତି କରିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୮ ତାରିଖ ବେଳକୁ ବାତ୍ୟାର ଗତିବିଧି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇ ପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ. ଆର. ବିଶ୍ୱାସ କହିଛନ୍ତି।

### ରିପୋର୍ଟ ଦେଇନାହାନ୍ତି...

ଦେଇଥିଲେ। ଅଭିଯୋଗକାରୀଙ୍କ ଓକିଲ ଏ ନେଇ ଯୁକ୍ତି ଉପସ୍ଥାପନ କରିବା ସକାଶେ ସମୟ ମାଗିବାରୁ ଖଣ୍ଡପୀଠ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୭ରେ କନ୍ଧମାଳ ଜିଲାରେ କୌଣସି ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କରେ କିଛି ରିପୋର୍ଟ ଦେଇଥିଲେ କି ନାହିଁ ସେ ନେଇ ଉଭୟ ଆବେଦନକାରୀ ଓ ରାଜ୍ୟ ସରକାର ତଦନ୍ତ କରିବାକୁ ୨୦୧୯ ମାର୍ଚ୍ଚ ୫ ତାରିଖରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ଓକିଲ ଅନୁପ୍ରଧା ସିଂ କହିଛନ୍ତି ଯେ ୨୦୦୭ ଦଙ୍ଗା ବିଷୟରେ ରାଜ୍ୟ ସରକାର କୌଣସି ତଦନ୍ତ କରିଥିଲେ କି ନାହିଁ ସର୍ବୋଚ୍ଚ ଅଦାଲତ ଜାଣିବାକୁ ଚାହିଁଥିଲେ ମଧ୍ୟ ଓଡିଶା ସରକାର କୌଣସି ଜବାବ ଦେଇ ନ ଥିଲେ।

### 'ନବୀନ ସରକାରର ବିଦାୟ...

ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଜନାଥ ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବରେ ସମାବେଶ ସ୍ଥଳରେ ପହଞ୍ଚିଥିଲେ। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

ପରେ ଭଦ୍ରକ ଜିଲା ଚାନ୍ଦବାଲି ଦୁର୍ଗାପଡ଼ିଆରେ ମଣ୍ଡଳ ସଭାପତି କମଳାକାନ୍ତ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଯୋଗ ଦେଇ ରାଜନାଥ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ସମସ୍ତ ମତ୍ସ୍ୟଜୀବୀ ପରିବାରକୁ କିଷାନ କ୍ରେଡିଟ କାର୍ଡ ମିଳିବା ସହ ୫ ବର୍ଷ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ରାଜନାଥ କହିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପାର ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କୁ ନିର୍ବାଚନରେ ଜିତାଇବାକୁ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ଏମ୍‌ପି ଅର୍ଜୁନ ଚରଣ ସେଠୀ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଧାମନଗର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ, ଭାଜପା ନେତା ପ୍ରତାପ ଧଳ, ସଂଗ୍ରାମ ରାଉତ, ବିଶ୍ୱକେଶରୀ ମହାନ୍ତି, କାହ୍ନୁ ବେହେରା ଓ ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ବହୁସଂଖ୍ୟକ ଦଳୀୟ ନେତା ଓ କର୍ମୀ ସଭାସ୍ଥଳରେ ଉପସ୍ଥିତ ଥିଲେ।

### ଅନଙ୍ଗ ପଟ୍ଟନାୟକଙ୍କୁ...

ଜଣକ କମିଟିକୁ ପତ୍ର ଲେଖି ଜଣାଇଥିଲେ। ଅଭିଯୋଗକାରିଣୀ ଶୁକ୍ରବାର କମିଟି ଆଗରେ ହାଜର ହେବେ। କମିଟିରେ ଜଣେ ମାତ୍ର ମହିଳା ବିଚାରପତି ଇନ୍ଦିରା ବାନାର୍ଜୀଙ୍କୁ ସାମିଲ କରାଯାଇଥିବାରୁ ଏହା ଉପରେ ପୀଡିତା ପ୍ରଶ୍ନ ଉଠାଇଛନ୍ତି। 'ବିଶାଖା ଗାଇଡଲାଇନ୍ସ' ଅନୁଯାୟୀ କମିଟି ଗଠନ ହୋଇ ନ ଥିବା ସେ କହିଛନ୍ତି। କାର୍ଯ୍ୟସ୍ଥଳୀରେ ଯୌନ ନିର୍ଯାତନା ମାମଲାର ତଦନ୍ତ ଲାଗି ଗଠିତ କମିଟିରେ ଅଧିକ ମହିଳା ସଦସ୍ୟ ରଖିବା ଲାଗି ସୁପ୍ରିମକୋର୍ଟ ବିଶାଖା ରାୟରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

ନ୍ୟାୟପାଳିକା ଉପରେ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣ କରାଯାଉଥିବାରୁ ଏହା ଉପରେ ସୁପ୍ରିମକୋର୍ଟ କ୍ଷୋଭ ବ୍ୟକ୍ତ କରିଥିଲେ। ଦେଶର ଧନୀ ଓ କ୍ଷମତାଶାଳୀ ବ୍ୟକ୍ତି ନିଆଁ ସହ ଖେଳୁଛନ୍ତି ବୋଲି କହିବା ସମୟ ଆସିଗଲାଣି ବୋଲି ଅଦାଲତ କହିଥିଲେ। ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଏକ ବଡ଼ ଷଡଯନ୍ତ୍ର ବୋଲି ଆଇନଜୀବୀ ବୈନ୍ସ ସତ୍ୟପାଠ ମାଧ୍ୟମରେ କୋର୍ଟଙ୍କୁ ଜଣାଇଥିବାବେଳେ ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତାମତ ଦେଇଥିଲେ। ଗତ କିଛିବର୍ଷ ହେଲା ନ୍ୟାୟପାଳିକ ପ୍ରତି ଯେଉଁଭଳି ବ୍ୟବହାର କରାଯାଉଛି ତାହା ଜାରି ରହିଲେ ଉକ୍ତ ସଂସ୍ଥା ତିଷ୍ଠି ରହିବ ନାହିଁ ବୋଲି ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିଥିଲେ।

### ଶୁଣାଣି ନ କରି...

ଶନିବାର ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଶୁଣାଣି କରାଯାଇଥିଲା। ଏଥିରେ ବିଚାରପତି ଏବଂ ସରକାରଙ୍କ ବରିଷ୍ଠ ଆଇନ ଅଧିକାରୀମାନେ ତାଙ୍କ ବିରୋଧରେ ଯେଉଁଭଳି ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କୁ ଭୟଭୀତ ଏବଂ ନିଃସହାୟ କରିଦେଇଛି ବୋଲି ଅଭିଯୋଗକାରିଣୀ କହିଛନ୍ତି। ତାଙ୍କର ଶୁଣାଣି କରା ନ ଯାଇ ବିଚାରପତିମାନେ ଅଭିଯୋଗକୁ କିପରି ମିଥ୍ୟା ଘୋଷଣା କଲେ ତାହା ତାଙ୍କୁ ବିସ୍ମିତ କରିଛି ବୋଲି ମହିଳା ଜଣକ କହିଛନ୍ତି। ତାଙ୍କୁ ଶୁଣା ନ ଯାଇ ବିନା କାରଣରେ ତାଙ୍କ ଚରିତ୍ର ସଂହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ମହିଳାଙ୍କ ଅଭିଯୋଗ କେତେକ ନ୍ୟୁଜ୍ ପୋର୍ଟାଲରେ ପ୍ରକାଶ ପାଇବା ପରେ ଏହା ଉପରେ ସୁପ୍ରିମକୋର୍ଟରେ ତୁରନ୍ତ ସ୍ୱତନ୍ତ୍ର ଶୁଣାଣି କରାଯାଇଥିଲା। ତେବେ ଏଥିରେ ଅଭିଯୋଗକାରିଣୀଙ୍କୁ ଡକାଯାଇ ନ ଥିଲା। ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଜଷ୍ଟିସ୍ ଅରୁଣ ମିଶ୍ର ମନ୍ତବ୍ୟ ଦେଇଥିଲେ। ସେହିପରି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ଭିତ୍ତିହୀନ ମନ୍ତବ୍ୟ ବୋଲି କହିଥିଲେ। ଏପରିକି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ମଧ୍ୟ ଅଭିଯୋଗକାରିଣୀଙ୍କୁ ନିନ୍ଦାକରି ତାଙ୍କ ବ୍ଲଗ୍‌ରେ ଲେଖିଥିଲେ। ଏହିସବୁ କାରଣରୁ ସେ ଭୟଭୀତ ଏବଂ ନିଜକୁ ନିଃସହାୟ ତଥା ନିକ୍ଷେପିତ ମନେକରୁଥିବା ମହିଳା ଜଣକ କହିଛନ୍ତି।

**Saraf Agencies Pvt. Ltd.**

**TENDER CALL NOTICE FOR SALE OF DISMANTLED MATERIALS OF ARC FURNACE**

Sealed tenders in prescribed format are invited from the genuine bidders for purchase of Alumina Brick, copper strips embedded in asbestos cloth and rubber, Burnt electrical Cables, Scrap steel, soiled high Titanium Slag and Pig iron embedded with slag Under Saraf agencies Pvt. Ltd. Chatrapur, Dist.- Ganjam, Odisha and the terms and conditions may be downloaded from the website **www.sarafagencies.com.** The sealed tender will be received through Speed Post/ Registered Post/ Courier only on or before 12.00 Noon of 10.05.2019 in the office of the undersigned i.e. Saraf Agencies Pvt. Ltd. Forum Mart (4th Floor), 89, Kharvel Nagar, Unit-III, Bhubaneswar-751001. The tender will be opened at plant site Saraf Agencies Pvt. Ltd., Chatrapur, Ganjam on 13.05.2019 at 03.00 PM.

The Tender received incomplete and or after the schedule date and time shall be rejected. The undersigned reserves the right to reject any or all the tenders without assigning any reason thereof.

**Sd./- Vice President (Commercial)**
**Saraf Agencies Pvt. Ltd.**
**Bhubaneswar**



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର

# ୯ ବୁଥ୍‌ରେ ସାନି ଭୋଟ ଗ୍ରହଣ ଶେଷ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟରେ ବାତିଲ ହୋଇଥିବା ୯ଟି ବୁଥ୍‌ରେ ଗୁରୁବାର ସାନି ମତଦାନ ଅନୁଷ୍ଠିତ ହୋଇଛି। କନ୍ଧମାଳ, ବରଗଡ଼, ସୁନ୍ଦରଗଡ଼ ଏବଂ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ କରାଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ସେହି ବୁଥ୍‌ଗୁଡ଼ିକରେ ୬୩ ପ୍ରତିଶତ ମତଦାନ ହୋଇଥିଲା। ଭୋଟ ଗ୍ରହଣ ଶେଷବେଳକୁ ମତଦାନ ହାର ବୃଦ୍ଧି ହୋଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉପରପଡା କେନ୍ଦ୍ରିକେଳା ୟୁଜିୟୁପି ସ୍କୁଲର ୧୨୯ ନମ୍ବର ବୁଥ୍ ଏବଂ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗଡିପ ୟୁପି ସ୍କୁଲର ୨୧୩ ନମ୍ବର ବୁଥ୍‌ରେ ୭୦.୫ ପ୍ରତିଶତ ମତଦାନ ହୋଇଥିବା ବେଳେ ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବାହାଡାଝୋଲା ବୁଥ୍ ନମ୍ବର ୨୧୦ ଓ ବେତନଟୀ ବୁଥ୍ ନମ୍ବର ୨୨୨ରେ ୬୮.୧, ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରେଇଗୁଡି ବୁଥ୍ ନମ୍ବର ୨୩, ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ ବୁଥ୍ ନମ୍ବର ୬୮ ଏବଂ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାଭା ବୁଥ୍ ନଂ.୧୬ରେ ୭୩.୮, ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରମାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ବୁଥ୍ ନଂ.୨୫୪ରେ ୭୭.୯୩ ପ୍ରତିଶତ ଏବଂ ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଣ୍ଟ ବୁଥ୍ ନଂ.୧୮୨ରେ ୭୯.୦୩ ପ୍ରତିଶତ ମତଦାନ ହୋଇଛି। ଗତ ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଇଭିଏମ୍ ଓ ମାନବକୃତ ସମସ୍ୟା ଯୋଗୁ ନିର୍ବାଚନକୁ ବାତିଲ କରାଯାଇଥିଲା। ନିର୍ବାଚନ କମିଶନଙ୍କ ଅନୁମତି କ୍ରମେ ସେଠାରେ ପୁଣି ଭୋଟ ଗ୍ରହଣ କରାଯାଇ ଥିଲା। ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

## ■ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ, ଇଭିଏମ୍ ଭଙ୍ଗାରୁଜା ମାମଲା

# ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କୁ ଲୁକ୍‌ଆଉଟ୍ ନୋଟିସ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

- ଆତ୍ମସମର୍ପଣ କରିବା ନେଇ ଚର୍ଚ୍ଚା
- ରାଜ୍ୟ, ବାହାରକୁ ପଠାଗଲା ଫଟୋ
- ବିଜେଡି-ଭାଜପା ମୁହାଁମୁହିଁ

ପୁରୀଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ ନମ୍ବର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ଓ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି। ପୋଲିସ ତାଙ୍କୁ ଧରିବା ପାଇଁ ସବୁ ଉଦ୍ୟମ ଚଳାଇଛି। ଓମ୍ ପ୍ରକାଶଙ୍କୁ ଲୁକ୍ ଆଉଟ୍ ନୋଟିସ୍ ଜାରି କରିବା ସହ ତାଙ୍କ ଘର ଆଗରେ ଲଟ୍‌କା ମାରିଛି। ଯଦି ସେ ପୋଲିସ ନିକଟରେ ଆତ୍ମସର୍ପଣ ନ କରିନ୍ତି ତାଙ୍କୁ ପଳାତକ ଘୋଷଣା କରାଯିବ ବୋଲି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଏସ୍‌ପି ଦାଶ କହିଛନ୍ତି ଯେ, ଓମ୍ ପ୍ରକାଶଙ୍କୁ ଗିରଫ କରିବା ପାଇଁ ଗଠିତ ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ତାଙ୍କର ଫଟୋ ରାଜ୍ୟ ଓ ରାଜ୍ୟ ବାହାରର ବିମାନବନ୍ଦରରେ ଲଗାଯିବାକୁ ପଠାଯାଇଛି। ଏହାସହ ରାଜ୍ୟ ବାହାରର ଥାନାକୁ ମଧ୍ୟ ତାଙ୍କର ଫଟୋ ପଠାଯାଇଛି। ତାଙ୍କ ବିଷୟରେ କୌଣସି ସୂଚନା ମିଳିଲେ ତୁରନ୍ତ ପୋଲିସକୁ ଖବର ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ଦେଖିବାକୁ ଗଲେ ଓମ୍ ପ୍ରକାଶଙ୍କ ପାଇଁ ଆତ୍ମସର୍ପଣ ଛଡା ଅନ୍ୟ କୌଣସି ବାଟ ନାହିଁ। ଯଦି ସେ ପୋଲିସ ନିକଟରେ ଆତ୍ମସର୍ପଣ ନ କରନ୍ତି ତେବେ ପୋଲିସ ତାଙ୍କ ସମ୍ପତ୍ତି ଜବତ କରିପାରେ। ତେଣୁ ଚର୍ଚ୍ଚା ହେଉଛି ଶୁକ୍ରବାର କିମ୍ବା ଶନିବାର ଓମ୍‌ପ୍ରକାଶ ପୁରୀ ଏସ୍‌ପିଙ୍କ ନିକଟରେ ଆତ୍ମସର୍ପଣ କରିପାରନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଗୁରୁବାର ବିଜେଡି ଏକ ଖବରଦାତାରେ ପ୍ରଶ୍ନ କରିଛି ଯେ, ଓମ୍‌ପ୍ରକାଶ ଏବେ କେଉଁଠି? ତାଙ୍କୁ ଫେରାର କରିବାରେ ତାଙ୍କୁ କିଏ ସାହାଯ୍ୟ କରିଥିଲା ଓ ତାଙ୍କ ପାଇଁ ଟିକେଟ କିଏ ବୁକ୍ କରିଥିଲା? ଜାତୀୟ ଦଳର ପ୍ରାର୍ଥୀ ଏପରି କାଣ୍ଡ କରି ସାରିବା ପରେ ଭାଜପା କର୍ମକର୍ତ୍ତା ତଦନ୍ତରେ ସହଯୋଗ କରୁ ନ ଥିବା ବିଜେଡି ଅଭିଯୋଗ କରିଛି। ଏନେଇ ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ହାରିବା ଭୟରେ ଭାଜପା ଏପରି ହିଂସାକୁ ଆପଣାଇଥିବା ଓ ଫେରାର ଓମ୍ ପ୍ରକାଶ ମିଶ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି ବିଜେଡି। ଏନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ହାରିଯିବା ଭୟରେ ବିଜେଡି ନେତା ଓ କର୍ମୀମାନେ ଅନେକ ବୁଥ୍ ରିଗିଂ କରୁଛନ୍ତି। ଏପରିକି ବିଜେଡି ନିଜେ ହିଂସା ଘଟାଇ ଆମ କର୍ମୀ ଓ ନେତାଙ୍କୁ ମିଛ ମାମଲାରେ ଫସାଇ ଗିରଫ କରୁଛି। ପୋଲିସ ଶାସକ ଦଳର ହାତବାରିସ ସାଜିଛି। ତେଣୁ ପ୍ରକୃତ ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକ୍ରମେ ଗଡିଶାଗୋଦା ଥାନାରେ ଓମ୍ ପ୍ରକାଶ ଓ ଅନ୍ୟକେତେଜଣଙ୍କ ନାମରେ ଆଇପିସି ଦଫା ୧୪୭, ୧୪୮, ୪୫୨, ୪୨୭, ୩୪୧, ୩୨୩, ୩୩୩, ୩୦୭, ୧୮୬, ୧୪୯, ୨୫ ଅର୍ମସ ଆକ୍ଟରେ ମାମଲା (ନଂ. ୩୭/୧୯) ରୁଜୁ କରାଯାଇଛି।

# ଆଜି ଆସୁଛନ୍ତି ରାହୁଲ

**ବାଲେଶ୍ୱର ଅଫିସ, ୨୫।୪**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବାଲେଶ୍ୱର ଗସ୍ତରେ ଆସୁଛନ୍ତି। ସେ ରେମୁଣା ନିର୍ବାଚନମଣ୍ଡଳୀର ନରହରିପୁର ପଡ଼ିଆରେ ଅପରାହ୍ନ ୧ଟାରେ ପହଞ୍ଚି ନିର୍ବାଚନ ପ୍ରଚାର ସଭାରେ ଯୋଗଦେବେ। ଏ ସମ୍ପର୍କରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ସୂଚନା ଦେଇଛନ୍ତି। ରହୁଲ ଗସ୍ତ ଲାଗି ରେମୁଣା ନିର୍ବାଚନମଣ୍ଡଳୀରେ କଂଗ୍ରେସ ନେତା ଓ କର୍ମୀମାନେ ଚଳଚଞ୍ଚଳ ହୋଇପଡିଛନ୍ତି। ଜେଡ଼ ପ୍ଲସ ସୁରକ୍ଷା ବଳୟରେ ରହୁଥିବା ରାହୁଲଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପଡ଼ିଆରେ ବ୍ୟାରିକେଡ଼ ବ୍ୟବସ୍ଥା, ମଞ୍ଚ ଏବଂ ହେଲିପ୍ୟାଡ଼ ପ୍ରସ୍ତୁତ କରାଯାଇଛି।



ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ଘୁଞ୍ଚିଲା ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

- ଆନ୍ଦୋଳନ ପରେ ମାନିଲେ କର୍ତ୍ତୃପକ୍ଷ
- ମେ' ୪ ପରିବର୍ତ୍ତେ ଜୁନ୍ ୧୭ରୁ ହେବ ଥିଓରି ପରୀକ୍ଷା

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ସ୍ନାତକ କଲେଜରେ ହେବାକୁ ଥିବା ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆନ୍ଦୋଳନ ପରେ ଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ମାନିବା ସହ ପରୀକ୍ଷା ଘୁଞ୍ଚାଇବାକୁ ବାଧ୍ୟ ହୋଇଛନ୍ତି। ଥିଓରି ପରୀକ୍ଷା ମେ' ୪ ପରିବର୍ତ୍ତେ ଜୁନ୍ ୧୭ ତାରିଖରେ ହେବ। କିନ୍ତୁ ପ୍ରାକ୍ଟିକାଲ ପରୀକ୍ଷା ମେ' ୪ ତାରିଖରୁ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

ବିଭିନ୍ନ କାରଣରୁ ପାଠ୍ୟକ୍ରମ ଶେଷ ହୋଇ ନ ଥିବାବେଳେ ୪ର୍ଥ ସେମିଷ୍ଟର ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୪ରୁ ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖରେ ସରିବ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ହେଲେ ଅଧିକାଂଶ କଲେଜର ଅଧ୍ୟାପକ ଏବେ ବି ଯୁକ୍ତ୨ ପରୀକ୍ଷା ଖାତାଦେଖାରେ ବ୍ୟସ୍ତ ଥିବାବେଳେ ୩୫ରୁ ୪୦ ପ୍ରତିଶତ ପାଠ୍ୟକ୍ରମ ଶେଷହେବାକୁ ବାକିରହିଛି। ଏଭଳିସ୍ଥଳେ ୪ର୍ଥ ସେମିଷ୍ଟର ପାଇଁ ଛାତ୍ରୀଛାତ୍ରମାନେ ଆଦୌ ପ୍ରସ୍ତୁତ ନ ଥିବାରୁ ଏହାକୁ ବିରୋଧ କରାଯାଇଥିଲା। ରାଜ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନିଜ କ୍ୟାମ୍ପସ ସମେତ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଗତ ୨୨ ତାରିଖରେ ଏବିଭିପି ପକ୍ଷରୁ ଏକ ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟି ପରୀକ୍ଷା ସୂଚୀକୁ ନେଇ ଥିବା ସମସ୍ୟା ବାବଦରେ ଅବଗତ କରାଇଥିଲେ। ବହୁ କଲେଜରେ ମିଡ୍ ସେମିଷ୍ଟର ଆରମ୍ଭ ହୋଇ ନ ଥିବାବେଳେ ଚତୁର୍ଥ ସେମିଷ୍ଟର ପରୀକ୍ଷା ସୂଚୀ ଘୋଷଣା ଛାତ୍ରୀଛାତ୍ରଙ୍କୁ ବ୍ୟଥିତ କରିଥିବା ଏବିଭିପି ପକ୍ଷରୁ କୁହାଯାଇଥିଲା। ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଯାଇ ଥିଓରି ପରୀକ୍ଷା ତାରିଖରେ ପ୍ରାକ୍ଟିକାଲ ପରୀକ୍ଷା ଓ ପ୍ରାକ୍ଟିକାଲ ପରୀକ୍ଷା ତାରିଖରେ ଥିଓରି ଆରମ୍ଭ କରାଯିବାକୁ ଦାବି ହୋଇଥିଲା। ଏହାସହ ଆସନ୍ତାବର୍ଷଠାରୁ ପ୍ରବେଶ, ଶିକ୍ଷାଦାନ ଓ ପରୀକ୍ଷା ବ୍ୟବସ୍ଥାକୁ ନିୟମିତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଗୁରୁବାର ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଏବଂ ସି.ଡି.ସି. ନିର୍ଦ୍ଦେଶକଙ୍କୁ ଭେଟି ପରୀକ୍ଷା ତାରିଖ ବଦଳାଇବା ପାଇଁ ଦାବି ଜଣାଇଥିଲେ। କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ମିଳିବାପରେ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଥିଲା। ଏବିଭିପିର ରାଜ୍ୟ ସହସମ୍ପାଦକ ରତନ କୁମାର ଦିଗଲ୍, ମହାନଗର ସମ୍ପାଦକ ଦୀପକ ପ୍ରକାଶ ସ୍ୱାଇଁ, ମହାନଗର ସଂଯୋଜକ ସଞ୍ଜୟ ମଲ୍ଲିକଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମିଥୁନ



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ମିଥୁନ ଚକ୍ରବର୍ତ୍ତୀ ଓ ତାଙ୍କ ସମ୍ପର୍କୀୟ ଫେରୁଛନ୍ତି।

**ପୁରୀ ଅଫିସ,୨୫।୪**

ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ଗୁରୁବାର ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳେ ସେ ସମ୍ପର୍କୀୟଙ୍କ ସହିତ ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ଓ ବରିଷ୍ଠ ଦଇତାପତି ସେବାୟତ ରାମକୃଷ୍ଣ ଦାସମହାପାତ୍ର ପ୍ରମୁଖ ସ୍ୱାଗତ କରିଥିଲେ। ମିଥୁନ ଏବଂ ତାଙ୍କ ସମ୍ପର୍କୀୟ ଗାରଦ ଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇଥିଲେ। ସେହି ସମୟରେ ଅବକାଶ ପୂଜା ବସିଥିଲା। ସେମାନେ ଭିତରକାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରି ବେହେରଣ ଦ୍ୱାରରେ ବାହାରି ମୁକ୍ତିମଣ୍ଡପ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହାପରେ ମା' ବିମଳାଙ୍କୁ ମନ୍ଦିର ବାହାରୁ ମୁଣ୍ଡିଆ ମାରି ଲକ୍ଷ୍ମୀ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରି ଫେରିବା ପରେ କୀର୍ତ୍ତନ ଚକଡାରେ ଜଣେ ଚୂନରା ସେବକ ମିଥୁନଙ୍କ ବେକରେ ବାନା ବାନ୍ଧିଥିଲେ। ସେମାନେ ବେଢା ପରିସର ବୁଲି ସାରିବା ପରେ ବାହାରକୁ ଆସିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ମିଥୁନ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ସେ ବହୁତ ଖୁସି। ସେହିପରି ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ର କହିଥିଲେ ଯେ, ମିଥୁନଙ୍କ ମାନସିକ ଥିଲା। ମାନସିକ ପୂରଣ ପରେ ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ପାଣିରେ ବୁଡ଼ି ବାଳକ ମୃତ

**କୁଚିଣ୍ଡା,୨୫।୪(ଡି.ଏନ୍.ଏ.)-** କୁଚିଣ୍ଡା ଏନ୍ଏସି ୫ନଂ ୱାର୍ଡର ସଞ୍ଜୟ ବାଘଙ୍କ ପୁଅ ଆୟନ (୫)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଆୟନ ମାମୁଘର କୁଣ୍ଡାପୋଷୀ ଗ୍ରାମକୁ ଯାଇଥିଲେ। ଗୁରୁବାର ପରିବାର ଲୋକଙ୍କ ସହ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କୁଲଣ୍ଡା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି। କୁଚିଣ୍ଡା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସିମେଣ୍ଟ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ସମ୍ବଲପୁର,୨୫।୪(ବ୍ୟୁରୋ)-** ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଏକ ଚୋରା ସିମେଣ୍ଟ ବୋଝେଇ ଟ୍ରକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଗୋଛିପାଲ ଗ୍ରାମର ଅସାଧୁ ଜଗଦଲା ଓ କିସିଣ୍ଡା ଥାନା କଞ୍ଚନପୁର ଗ୍ରାମର ଜିତେନ୍ଦ୍ର ଭୋଇ। ଏ ନେଇ ଏକ ମାମଲା (ନଂ. ୧୧୪/୧୯) ରୁଜୁ କରାଯାଇଛି। ଓଆର୍୧୫-ଏଲ୍୧୭୨୭ନଂ ଟ୍ରକ୍‌ରେ ୩୨୦ ବସ୍ତା ସିମେଣ୍ଟ ଲୋଡ୍ ହୋଇଥିଲା। ଅଭିଯୁକ୍ତ ଦ୍ୱୟ ଟ୍ରକ୍ ସହ ସିମେଣ୍ଟ ନେଇ ପଳାଇ ଯାଇଥିଲେ।

### ଯୁବକଙ୍କୁ ଆକ୍ରମଣ, ୨ ଗିରଫ

**ସମ୍ବଲପୁର,୨୫।୪ (ବ୍ୟୁରୋ)-** ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପାଞ୍ଚଗୋଛିଆ ଉପରପଡ଼ାର ଦୁବରାଜ ମୁଣ୍ଡା (୨୫) ଓ ବିଟୁ ଦାସ। ଏ ନେଇ ଥାନରେ ଏକ ମାମଲା (ନଂ. ୧୪୬/୧୯) ରୁଜୁ ହୋଇଛି। ସେହି ପଡ଼ାର ମୋହନ ମୁଣ୍ଡାଙ୍କୁ ଏମାନେ ଆକ୍ରମଣ କରିଥିବା ଗତ ୨୨ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଦ୍ୱୟ ତାଙ୍କୁ କାଠଫାଳିଆରେ ଆକ୍ରମଣ କରିଥିବା ମୋହନ ଅଭିଯୋଗ କରିଥିଲେ।

### ଗାଳି କରି ଯୁବକ ଅଟକ

**ସମ୍ବଲପୁର,୨୫।୪ (ବ୍ୟୁରୋ)-** ସମ୍ବଲପୁର ନନ୍ଦପଡ଼ା ଛକରେ ଜଣେ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ବ୍ୟକ୍ତି ପ୍ରତିବାଦ କରିବାରୁ ଯୁବକ ତାଙ୍କୁ ମଧ୍ୟ ଗାଳି କରିଥିଲେ। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଏହି ଘଟଣାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ରମେଶ ଦୋରା କହିଛନ୍ତି।

୭ ଦିନ ହେଲା ଯଶବନ୍ତପୁରରେ ପଡ଼ିରହିଛି ମୃତଦେହ

# ପ୍ରଶାସନ ଶୁଣୁନି ଦାଦନ ପରିବାର ଦୁଃଖ

**ସମ୍ବଲପୁର,୨୫।୪ (ବ୍ୟୁରୋ)**

ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ସାମାଜିକ ସୁରକ୍ଷା ଯୋଜନାରେ ଶ୍ରମିକମାନଙ୍କୁ ସାମିଲ କରି ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ସବୁ ସୁରକ୍ଷା ସରଞ୍ଜାମ ଯୋଗାଇ ଦେଉଥିବା ଦାବି କରୁଛନ୍ତି। ଦାଦନ ଶ୍ରମିକ ଚାଲାଣ ବିରୋଧରେ କଡ଼ା ଆଇନ ପ୍ରଣୟନ କରାଯାଇଛି। ଏହାକୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଜଣେ ଦାଦନ ଶ୍ରମିକ କୌଣସି ସ୍ଥାନରେ ଫସି ରହିଲେ କିମ୍ବା କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଜିଲା ପ୍ରଶାସନ ଓ ଶ୍ରମ ବିଭାଗକୁ ସରକାରୀ ନିର୍ଦ୍ଦେଶ ରହିଛି। ଏଥିପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରିବାକୁ ନିୟମ ରହିଛି। ସେହିପର ଶ୍ରମ ବିଭାଗ ଦାଦନ ଶ୍ରମିକଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ସ୍ଥାନରେ ଏଜେନ୍ସିର ମଧ୍ୟ ସହଯୋଗ ନେଇଥାନ୍ତି। ସେହିପରି ବିଭିନ୍ନ ସାମାଜିକ ଅନୁଷ୍ଠାନ ଅନେକ ସମୟରେ ନିରୀହ ବ୍ୟକ୍ତିଙ୍କୁ ସହଯୋଗ କରିଥାନ୍ତି। ହେଲେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମେଘପାଲ ପଞ୍ଚାୟତ ବାଣୀଝରନ ଗ୍ରାମର ଲୁକାଶ ବୁଢ଼ (୫୦)ଙ୍କ ପରିବାର ପ୍ରତି କେହି ମଧ୍ୟ ସହଯୋଗର ହାତ ବଢ଼ାଇ ନାହାନ୍ତି। ଲୁକାଶଙ୍କ ମୃତଦେହ ଯଶବନ୍ତପୁର ଜିଆର୍‌ପି ପାଖରେ ପଡ଼ିରହିଛି। ଅର୍ଥାଭାବରୁ ପରିବାର ଲୋକେ ସେଠାରୁ ମୃତଦେହ ଆଣିପାରୁ ନ ଥିବା ଲୁକାଶଙ୍କ ନାବଳକ ପୁଅ ବିଜୟ କହିଛନ୍ତି। ପ୍ରଶାସନ କିମ୍ବା କୌଣସି ଅନୁଷ୍ଠାନର କର୍ମକର୍ତ୍ତା ଅଥବା ସମାଜିକ କର୍ମୀ ସହଯୋଗ କରି ବାପାଙ୍କ ମୃତଦେହ ଆଣିବା ବ୍ୟବସ୍ଥା କରନ୍ତୁ ବୋଲି ବିଜୟ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଲୁକାଶ ଗ୍ରାମର କେତେଜଣ ଯୁବକଙ୍କ ସହ ଦାଦନ ଖଟିବାକୁ ଦୁଇ ମାସ ତଳେ ବେଙ୍ଗାଲୁରୁ ଯାଇଥିଲେ। ଗତ ୧୮ ତାରିଖରେ ଯଶବନ୍ତପୁର ରେଳଷ୍ଟେଶନ ନିକଟ ରେଳଧାରଣାରୁ ସେଠିକାର ଜିଆର୍‌ପି ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଲୁକାଶଙ୍କ ପାଖରେ ଥିବା ଫୋନ ନମ୍ବରରୁ ଜିଆର୍‌ପି ତାଙ୍କ ପରିଚୟ ପାଇଥିଲା। ତାଙ୍କ ଫଟୋ ହ୍ୱାଟ୍ସଆପ୍ ମାଧ୍ୟମରେ ପରିବାର ଲୋକଙ୍କ ନିକଟକୁ ପଠାଇ ମୃତଦେହ ଚିହ୍ନଟ କରିଥିଲା। ଶୀଘ୍ର ଆସି ମୃତଦେହ ନେଇଯିବାକୁ ଜିଆର୍‌ପି କହିଥିଲା। ହେଲେ ଅର୍ଥାଭାବ ଯୋଗୁ ପରିବାର ଲୋକେ ମୃତଦେହ ଆଣିପାରି ନ ଥିଲେ। ପରଦିନ ସ୍ତ୍ରୀ ଏସକାଶୀ ଓ ପୁଅ ବିଜୟ ଏ ସମ୍ପର୍କରେ ଯୁଯୁମୁରା ଥାନା ପୋଲିସକୁ ଅବଗତ କରି ମୃତଦେହ ଫେରାଇ ଆଣିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ୨୦ ତାରିଖରେ ଏସ୍‌ପି ସଞ୍ଜୀବ ଆରୋରା ଓ ଶ୍ରମ ଅଧିକାରୀ ସୁମିତ୍ରା ମାଝିଙ୍କୁ ଭେଟି ମଧ୍ୟ ଅନୁରୋଧ କରିଥିଲେ। ଏ ଦିଗରେ ସମସ୍ତ ସହଯୋଗ କରାଯିବ ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜିଲା ଶ୍ରମ ଅଧିକାରୀ ମାଝି କହିଥିଲେ। ହେଲେ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ପରିବାର ଲୋକେ କହିଛନ୍ତି। ପୁଅ ବିଜୟଙ୍କ କହିବା ଅନୁଯାୟୀ, ଲୁକାଶ ବେଙ୍ଗାଲୁରର ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଫାର୍ମରେ କାମ କରୁଥିଲେ। ପ୍ରାୟ ୧୫ ଦିନ ତଳେ ଏକ ଅଜଣା ଫୋନ ନମ୍ବରରୁ ଫୋନ କରିଥିଲେ। ତାଙ୍କୁ ଅଲଗା ସ୍ଥାନରେ କଠିନ କାମରେ ନିୟୋଜିତ କରାଯାଉଛି। ଠିକ୍ ଭାବେ ଖାଇବାକୁ ଦିଆଯାଉ ନାହିଁ। ଦେହ ଖରାପ ହେଲେ ମଧ୍ୟ ଚିକିତ୍ସା କରାଯାଉ ନାହିଁ। ଶୀଘ୍ର ଏଠାରୁ ଚାଲିଯିବାକୁ ମନ ହେଉଛି ବୋଲି କହିଥିଲେ। ପରେ ୧୪ ତାରିଖରେ ପୁଣି ଫୋନ କରି କହିଥିଲେ ଯେ ଆସନ୍ତା ସୋମବାର ସମ୍ବଲପୁରକୁ ଟ୍ରେନ ଅଛି। ମୁଁ ଚାଲିଆସିବି ବୋଲି କହିଥିଲେ। କୁକୁଡ଼ା ଫାର୍ମ ମାଲିକ ମୋ ବିଷୟରେ ପଚାରିଲେ ତାଙ୍କୁ କିଛି କହିବ ନାହିଁ ବୋଲି ଲୁକାଶ ଫୋନ୍ ଯୋଗେ କହିଥିବା ବିଜୟ ପ୍ରକାଶ କରିଛନ୍ତି।



ଗୁରୁବାର ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ଆମ୍‌କୋ ସିମ୍‌କୋ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଆମ୍‌କୋ ସିମ୍‌କୋ ଦିବସ ପାଳିତ

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆମ୍‌କୋ ସିମ୍‌କୋ ଦିବସ ପାଳିତ ହୋଇଯାଇଛି। ପ୍ରଫେସର ଶଙ୍କର ପ୍ରସାଦ ପତି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ମିଶ୍ର, ଭାଗବତ ପ୍ରସାଦ ନନ୍ଦ ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ବୋଧରାମ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମଳଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ସଦର ଡାକ୍ତରଖାନାରେ ବିଶ୍ୱ ମ୍ୟାଲେରିଆ ଦିବସରେ ଆଶାକର୍ମୀମାନେ ସଙ୍କଳ୍ପ କରୁଛନ୍ତି।

## ଜିଲାକୁ ମ୍ୟାଲେରିଆମୁକ୍ତ ଲାଗି ସଙ୍କଳ୍ପ

**ସମ୍ବଲପୁର,୨୫।୪ (ଡି.ଏନ୍.ଏ.)**

ସମ୍ବଲପୁର ସଦର ଡାକ୍ତରଖାନା ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି। ମ୍ୟାଲେରିଆ ବିଭାଗ ମୁଖ୍ୟ ଯଶୋବନ୍ତ ହୋତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସିଡିଏମ୍‌ଓ ପଙ୍କଜିନୀ ପଣ୍ଡା, ସମ୍ମାନିତ ଅତିଥିଭାବେ ଡା. କୁବେର ମହନ୍ତ, ଡା. ଆର୍.ଏନ୍. ପଣ୍ଡା ଯୋଗଦେଇଥିଲେ। ସମ୍ବଲପୁର ଜିଲାରେ ବିଗତ ବର୍ଷ ଅପେକ୍ଷା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ଏ ନେଇ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ, ଶୋଭାଯାତ୍ରା କରି ଲୋକଙ୍କୁ ସଚେତନ କରାଯାଉଛି। ମ୍ୟାଲେରିଆରୁ ମୁକ୍ତି ପାଇବା ପାଇଁ ମଶାରି ଓ ଔଷଧ ବଣ୍ଟନ କରାଯାଉଛି। ଚଳିତବର୍ଷ ଜିଲାରେ ମାତ୍ର ୧୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଆଗାମୀ ବର୍ଷରେ ଜିଲାକୁ ମ୍ୟାଲେରିଆମୁକ୍ତ କରାଯିବ ବୋଲି ସଭାରେ ସଙ୍କଳ୍ପ ନିଆଯାଇଥିଲା। ଜିଲା ମ୍ୟାଲେରିଆ ବିଭାଗ କର୍ମଚାରୀ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ।

ହିରନ୍ ଗ୍ରାମରେ ଅସୁସ୍ଥ ମାଆ ହାତୀର ଚିକିତ୍ସା ଆରମ୍ଭ

## ୧୯ ଦିନ ପରେ ବନ ବିଭାଗର ତତ୍ପରତା

**ଦେବଗଡ଼,୨୫।୪ (ସ୍ୱ.ପ୍ର.)**

ଏପ୍ରିଲ ୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଦେବଗଡ଼ ରେଞ୍ଜ କଂସର ସେକ୍ସନ ଅଧୀନ ହିରନ୍ ଗ୍ରାମରେ ଏକ ଅସୁସ୍ଥ ମାଇ ହାତୀ ନିଜ ଶାବକକୁ ନେଇ ବୁଲୁଥିଲା। କିଛିଦିନ ହେଲା ହାତୀ ଓ ଶାବକ ନିକଟସ୍ଥ ନାଳରେ ଆଶ୍ରୟ ନେଇଛନ୍ତି। ହାତୀ ରେଢ଼ାଖୋଲ ବନଖଣ୍ଡ ଓ ଉଷାକୋଠି ଅଭୟାରଣ୍ୟ ଅଞ୍ଚଳରୁ ହିତମ୍ ଗ୍ରାମ ଦେଇ ଆସିଥିବା ବେଳେ ଅସୁସ୍ଥ ହୋଇପଡ଼ିଥିବାରୁ ଏଠାରେ ରହିଯାଇଥିଲା। ହାତୀର ଏଭଳି ଅବସ୍ଥା ଦେଖି ଅଞ୍ଚଳବାସୀ ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ହାତୀ ଶାବକ ମାଆଠାରୁ କ୍ଷୀର ଖାଇପାରୁ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀ ଓ ବନ ବିଭାଗ ତରଫରୁ ଉଭୟଙ୍କୁ ବିଭିନ୍ନ ଖାଦ୍ୟ ଖାଇବାକୁ ଦିଆଯାଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବନ ବିଭାଗ ଦୀର୍ଘ ୧୯ ଦିନ ପରେ ତତ୍ପରତା ଦେଖାଇଛି। ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ମୟୂରଭଞ୍ଜ ଶିମିଳିପାଳ ଅଭୟାରଣ୍ୟ ବାରିପଦା ସର୍କଲ ଭେଟେନାରି ସର୍ଜନ ଡା. ଖନିନ୍ ଚାଙ୍ଗମାଇ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ମାଆ ହାତୀର ଚିକିତ୍ସା ଆରମ୍ଭ କରିଛନ୍ତି। ସେ ଏଠାରେ ୩ ଦିନ ରହି ହାତୀର ଚିକିତ୍ସା ଉପରେ ନଜର ରଖିବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ମାଆ ହାତୀଟି ପ୍ରଚଣ୍ଡ ଖରାରେ ଏକ ଖଜୁରି ଗଛ ମୂଳେ ଆଶ୍ରୟ ନେଇଛି। ଉପଯୁକ୍ତ ଛାଇ ମିଳୁ ନ ଥିବାରୁ ଖରାରେ ତା'ର ଶରୀର ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। କର୍ମଚାରୀ ତଥା ଗ୍ରାମବାସୀ ନିକଟସ୍ଥ ନାଳରୁ ପାଣି ଆଣି ପ୍ରଥମେ ହାତୀକୁ ଗାଧୋଇଥିଲେ। କୃତ୍ରିମ ଉପାୟରେ ତା' ପାଇଁ ଛାଇ ବ୍ୟବସ୍ଥା କରାଯାଇଛି। ଦେବଗଡ଼ ରେଞ୍ଜ ଅଫିସର କୁଶ ଚରଣ ସିଂ, କଂସର ଫରେଷ୍ଟର ପ୍ରସନ୍ନ ମିଶ୍ର, ଭୀମସେନ ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ପାଖଆଖ ଅଞ୍ଚଳର ଛୋଟ ପିଲାଙ୍କ ହାତରୁ ଶାବକଟି ଖାଦ୍ୟ ନେଉଥିବା ବେଳେ ମାଆ ହାତୀ ସେମାନଙ୍କର କୌଣସି କ୍ଷତି କରୁନାହିଁ। ପିଲାମାନେ ହାତୀ ସହ ମୋବାଇଲରେ ସେଲ୍‌ଫି ମଧ୍ୟ ନେଉଛନ୍ତି। ସୂଚନାଯୋଗ୍ୟ, ବନ ବିଭାଗର ଉଦାସୀନତା ହେଉ କିମ୍ବା ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ସଚେତନତା ଅଭାବ, ଗତ ଦୁଇବର୍ଷରେ ୭ ହାତୀର ମୃତ୍ୟୁ ଘଟିଛି। ଏଠାରେ ମଧ୍ୟ ଏକ ହାତୀ ଶିକାରୀ ର୍ୟାକେଟ୍ ସକ୍ରିୟ ଥିବା ଚର୍ଚ୍ଚା ହେଉଛି। ତେବେ ସେ ଯାହା ହେଉ ନା କାହିଁକି ହାତୀ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ନିକଟସ୍ଥ ନାଳରୁ ପାଣି ଅଣାଯାଇ ଉଭୟ ହାତୀଙ୍କ ଉପରେ ସିଞ୍ଚନ କରାଯାଉଛି।

## ଫଟୋରେ ଖବର



ପ୍ରଥମ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍‌ରେ ଅତିଥିମାନେ କ୍ରିକେଟ ଟୁର୍ନାମେଣ୍ଟର ଜର୍ସି ଉନ୍ମୋଚନ କରୁଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁର ଜଗନ୍ନାଥ ମନ୍ଦିର କଲୋନୀ ନିବାସୀ ଗିରିଜାନନ୍ଦିନୀ ପତିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ଗିରିଜାନନ୍ଦିନୀ ଜଣେ ଧର୍ମ ପରାୟଣା, ମେଳାପି ଓ ମିଷ୍ଟଭାଷୀ ମହିଳା ଥିଲେ। ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ତାଙ୍କ ଦୁଇ ପୁଅ କମଳେଶ, ବିମଳେଶ, ୪ ଝିଅ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

## କାର୍-ବାଇକ୍ ଧକ୍କା, ୩ ଆହତ

**ରେଙ୍ଗାଲି,୨୫।୪(ଡି.ଏନ୍.ଏ.)**

ସମ୍ବଲପୁର ଜିଲା କତରବଗା ଥାନା ପୁରୁଣା ରାଞ୍ଚି ରାସ୍ତା ଜୁନାଡିହି ଛକରେ ଗୁରୁବାର କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣ ଆହତ ହୋଇଛନ୍ତି। କାତେରତୁଆ ଗ୍ରାମର ଲିଜିତ ଲୁହୁରା, ନେତ୍ର ଲୁହୁରା ଏବଂ ରୋହିତ ଲୁହୁରା ଓଡି୧୫-କେ୧୭୧୨ନଂ ବାଇକ୍‌ରେ ଯାଉଥିବା ବେଳେ ଓଡି୧୬-ସି୩୨୧୦ନଂ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଯାଇଛି। ଲିଜିତ ଲୁହୁରାଙ୍କ ଅବସ୍ଥା ଗୁରୁତର ରହିଛି। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପ ଦାବିରେ ସ୍ଥାନୀୟ ଲୋକେ ଦୁଇଘଣ୍ଟା ରାସ୍ତାରୋକୋ କରିଥିଲେ। ୭ ଦିନ ମଧ୍ୟରେ ହମ୍ପ ତିଆରି କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି।

## ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

**ଦେବଗଡ଼,୨୫।୪ (ସ୍ୱ.ପ୍ର.)**

ଦେବଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୁରୁବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜଗଦୀଶ ବାରିକ ଯୋଗଦେଇ ଜିଲାରେ ମ୍ୟାଲେରିଆ ରୋଗର ସମ୍ପୂର୍ଣ୍ଣ ବିନାଶ ପାଇଁ ଆହ୍ୱାନ ଦେଇଥିଲେ। ଜିଲା ମ୍ୟାଲେରିଆ ବିଭାଗ ଅଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ ଜିଲାରେ ମ୍ୟାଲେରିଆର ସ୍ଥିତି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। 'ଦମନ' ପରି କୀଟନାଶକ ଔଷଧ, ଘରେ ଡି.ଡି.ଟି. ସିଞ୍ଚନ ଏବଂ ଔଷଧୀୟ ମଶାରି ବ୍ୟବହାର କରିବା ଦ୍ୱାରା ମ୍ୟାଲେରିଆର ନିରାକରଣର ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ବିଗତ ଦିନରେ ରୋଗୀ ସଂଖ୍ୟା ବହୁମାତ୍ରାରେ ହ୍ରାସ ପାଇଛି। ଜିଲାକୁ ସମ୍ପୂର୍ଣ୍ଣ ମ୍ୟାଲେରିଆମୁକ୍ତ କରିବା ପାଇଁ ଡାକ୍ତର ଓ କର୍ମଚାରୀ ଶପଥପାଠ କରିଥିଲେ। ଏହି ଅବସରରେ ଏଏନ୍‌ଏମ୍ ଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍, ସ୍ଲୋଗାନ, ଗୀତ ଓ ପୋଷ୍ଟର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ଗଙ୍ଗାଧର ପ୍ରଧାନ, ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡିପିଏମ୍ ମନୋରଞ୍ଜନ ସାହୁ, ଡିଏଏମ୍ ପରମେଶ୍ୱର ନାୟକ, ଦିଲୀପ ବହିଦାର, ସତ୍ୟନାରାୟଣ ରାୟ, ଡିଇଓ ପରେଶ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଆବାସ ଯୋଜନାର ବିଲ୍ ଲାଗି ହିତାଧିକାରୀ ହଟହଟା

**ସମ୍ବଲପୁର,୨୫।୪ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମର ଭିନେ ଭିନେ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନେ ଘର ତିଆରି କରୁଛନ୍। ହେଲେ ପାଖାପାଖି ମାସେ ହେଲା ମହାନଗର ନିଗମ ତରଫୁ ବିଲ ଟଁକା ନାଇଁ ଦିଆଯାଉଥିବାର ଅଭିଯୋଗ ହେଉଛେ। କେତେ ଲୋକ୍ ଭାରତିଆ ତ ଆରକେତେ ଘର ଛାତ୍ ଲେବୁଲ ତକ୍ ତିଆର କରିଛନ୍। ହେଲେ ଆଏଜ୍‌ତକ୍ ଟଁକାଟେ ବି ବିଲ୍ ବାବ୍‌ଦେ ନାଇଁ ପାଇଥିବାର ହିତାଧିକାରୀମାନେ ଅଭିଯୋଗ କରିଛନ୍। ସରକାରୀ ନିୟମ ହିସାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ଟା କିସ୍ତିରେ ମୋଟ ୨ ଲାଖ୍ ଟଁକା ଦିଆଯାଏସି। ନେହି କୁଡ଼ି ପାଟବାର ଲାଗି ୪୦ ହଜାର ଟଁକା, ଭିତିମୂଳ କାମ୍ ସଏଲା ଉତାରୁ ୬୦ ହଜାର ଟଁକା, ଇଟା କାମ୍ ଛାତ ତକ୍ ଗଲା ଉତାରୁ ୬୦ ହଜାର ଟଁକା। ଶେଷେ ପାଇଖାନା ତିଆରି, କାଁଥି ଛପେଇ, ପିଇବା ପାଏନ୍, ବିଦ୍ୟୁତ୍‌କରନ ଲାଗି ୪୦ ହଜାର ଟଁକା ମିଲ୍‌ସି। ହେଲେ ଇଠାନେ ସବୁ ସରକାରୀ ନିୟମକେ ବେଖାତିର କରାଯାଉଥିବାର ଦେଖିବାକେ ମିଲୁଛେ। ବିଭାଗୀୟ ଅଧିକାରୀମାନେ ଘର କାମ୍ ତଦାରାଖ୍ କରିଛନ୍। ଏନ୍‌ତା କି ଜିଓ ଟେଗିଂ ଆର ଉନିଆ କାମ୍‌ମାନେ ସରିଛେ, ହେଲେ ଟଁକା ନାଇଁ ମିଲବାର। ବିଲ ବାବ୍‌ଦେ ଅଧିକାରୀମାନକୁ କହେଲେ ନିରବାଚନ ଲାଗି ବିଲମ୍ ହେଉଛେ ବଲି କହୁଥିବାର ମହାନଗର ନିଗମ ୪୦ ନମ୍ବର ୱାର୍ଡ ଚାନ୍ଦମୁଣ୍ଡା ଗାଁର ହିତାଧିକାରୀମାନେ ଅଭିଯୋଗ କରିଛନ୍। ଇଆଡ଼େ ହିତାଧିକାରୀମାନେ ଘର କାମ୍ ଲାଗି ସିମେଟ, ଇଟା, ବାଲି, ଛଡ଼ ଆନିଥିବାର ଦୁକାନିମାନେ ଟଁକାର ଲାଗି ହିତାଧିକାରୀମାନକୁ ହଟହଟା କରୁଛନ୍। ଯେନ୍‌ଥିରଲାଗି ପାଖାପାଖି ୨୦ରୁ ୨୫ ଦିନ୍ ହେଲା ଘର ତିଆରି କାମ୍ ବଁଦ୍ ରହିଛେ ବଲି ହିତାଧିକାରୀମାନେ କହିଛନ୍। ସେନ୍‌ତା ଠିକ୍ ସମିଆରେ ବିଲ ମିଲ୍‌ଲେ କାମ୍ ପୂରାକରି ହିତାଧିକାରୀମାନେ ପୋରଛାହନ୍ ଟଁକା ପାଇପାରତେ ବଲି କେତେ ହିତାଧିକାରୀ କହିଛନ୍। ଇ ବାବ୍‌ଦେ ମହାନଗର ନିଗମ ଡେପୁଟି କମିଶନର ଶୁଭଙ୍କର ମହାନ୍ତିଙ୍କୁ ପଚରାଲାରୁ ନିରବାଚନ କାମ ଲାଗି ସବୁ କରମଚାରୀ ଆର ଅଧିକାରୀ ବାଇ ଥିଲେ। ଆଏଜ୍ ଅନେକ ହିତାଧିକାରୀଙ୍କୁ ଟଁକା ଦିଆଯାଇଛେ। ବହୁତ ଜଲଦି କାମ ତଦାରଖ କରି ସବୁ ହିତାଧିକାରୀଙ୍କର ବିଲ ଟଁକା ଦିଆଯିବା ବଲି ସେ କହିଥିଲେ।



ଚାନ୍ଦମୁଣ୍ଡା ଗାଁରେ ତିଆର ହେଉଥିବାର ପ୍ରଧାନମନ୍ତ୍ରୀ ଆବାସ ଘର।



# ଭୋଟ ମହାପର୍ବ



# ନୂଆ ମୁହଁଙ୍କୁ ନେଇ ଆଶା, ଆଶଙ୍କା



ନିରଞ୍ଜନ ପଟ୍ଟନାୟକ



ଦିଗମ୍ବର ଦାସ



ନଳିନୀକାନ୍ତ ମହାନ୍ତି

**ଭଦ୍ରକ ଅଫିସ, ୨୫।୪**

ଭଦ୍ରକ ଜିଲାରେ କଂଗ୍ରେସ ୫ ନୂଆ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜେ ନିଜ ଜିଲା ଛାଡ଼ି ଭଣ୍ଡାରିପୋଖରୀ ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ୪ଜଣ ତାଙ୍କ ଅନୁଗାମୀ ବୋଲି ଚର୍ଚ୍ଚା ହେଉଛି । ଭଦ୍ରକ ବିଧାୟକ ପ୍ରାର୍ଥୀଭାବେ ନଳିନୀକାନ୍ତ ମହାନ୍ତି ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି । ସେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଥିବାରୁ ଦଳ ତାଙ୍କ ଉପରେ ଭରସା କରି ପ୍ରାର୍ଥୀ କରିଛି । ଭଦ୍ରକ ବିଧାନସଭା କ୍ଷେତ୍ରର କୋଣାନୁକୋଣରେ ତାଙ୍କ ଦଖଲ ଥିବା କାରଣରୁ ସେ ଭୋଟରଙ୍କ ସମର୍ଥନ ପାଇବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି । ଭଦ୍ରକର ବିଭିନ୍ନ ସମସ୍ୟା ଓ ଶାସକ ଦଳର ମନମୁଖି କାର୍ଯ୍ୟକୁ ସେ ବିଭିନ୍ନ ସମୟରେ ବିରୋଧ କରି ଆସିଛନ୍ତି । ବିଭିନ୍ନ ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାନ୍ତି ଭଦ୍ରକବାସୀଙ୍କ ଉପରେ ଆସ୍ଥା ରଖି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ସେହିଭଳି ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ଅଶୋକ ଦାସ ବିଧାୟକ ପ୍ରାର୍ଥୀ ହୋଇଛନ୍ତି । ସେ ଭଦ୍ରକ ଜିଲା ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି । ଅପରପକ୍ଷେ ସେ ବାସୁଦେବପୁର ପୌରପାଳିକାର ପୌରାଧ୍ୟକ୍ଷ ଥିଲେ । ବାସୁଦେବପୁରରୁ ପାରିବାରିକ ରାଜନୀତିକୁ ପ୍ରତିହତ କରିବା ପାଇଁ ଅଶୋକ ହେଉଛନ୍ତି ଏକ ମାତ୍ର ଅସ୍ତ୍ର ବୋଲି କଂଗ୍ରେସ ଚିନ୍ତା କରିଛି । ତେଣୁ ବିରୋଧୀ ଭୂମିକା ନିଭାଇ ଆସୁଥିବା ଅଶୋକ କେତେ ଜନ ସମର୍ଥନ ପାଇବେ ତାକୁ ରାଜନୈତିକ ସମୀକ୍ଷକମାନେ ଚାହିଁ ରହିଛନ୍ତି ।

ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଦିଗମ୍ବର ଦାସଙ୍କୁ ଦଳ ଟିକେଟ୍ ଦେଇଛି । ଯଦିଓ ସେ ମଧ୍ୟ ନୂଆ ପ୍ରାର୍ଥୀ କିନ୍ତୁ ଚାନ୍ଦବାଲି ବ୍ଲକ କଂଗ୍ରେସ କମିଟି ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ । ବାଁଶଡା ପଞ୍ଚାୟତରୁ ସେ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଛନ୍ତି । ଏବେ ସେ ନିଜର ପ୍ରଚାରକୁ ଜୋର୍‌ଦାର କରିଛନ୍ତି । କଂଗ୍ରେସର ପ୍ରତି ଗାଁରେ ଥିବା ପକେଟ୍ ଭୋଟ ଓ ସଙ୍ଗଠନ ତାଙ୍କୁ ସାହାର୍ଯ୍ୟ କରିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି । ତେବେ ୨୦୦୯, ୨୦୧୪ ସାଧାରଣ ନିର୍ବାଚନ ଏବଂ ୨୦୧୭ ଜିଲା ପରିଷଦ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଆଶାନୁରୂପ ସଫଳତା ମିଳିପାରିନାହିଁ । ଏହା କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ । ବିଜେଡିର ଗୋଷ୍ଠୀ କନ୍ଦଳ, ଭାଜପାର ରଣନୀତି ଓ କଂଗ୍ରେସର ଏକାଧିକ ଆଶାୟୀ ପ୍ରାର୍ଥୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଦିଗମ୍ବର କିଭଳି ଫାଇଦା ନେବେ ତାକୁ ନେଇ ସେ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ।

**ଭଦ୍ରକ ଜିଲାରେ କଂଗ୍ରେସ ରାଜନୀତି**

ଧାମନଗର ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଡ. ବିଦ୍ୟାଧର ଜେନାଙ୍କୁ ଦଳ ଟିକେଟ ପ୍ରଦାନ କରିଛି । ଏହି ଅଞ୍ଚଳରେ ବ୍ୟବସାୟୀ ଭାବେ ସେ ପରିଚିତ । ଅପରପକ୍ଷରେ ସେ ହୋମିଓପାଥିକ୍ ଡାକ୍ତର ହୋଇଥିବାରୁ ଅଞ୍ଚଳବାସୀ ତାଙ୍କୁ ଜଣେ ବିଧାୟକ ଭାବେ କେତେଦୂର ସମର୍ଥନ ଦେବେ ତାକୁ ଅପେକ୍ଷା ରହିଛି । ଧାମନଗର ବ୍ଲକ ତଥା ଏନ୍‌ଏସିରେ ଥିବା ଦଳୀୟ ଭୋଟ ଓ ନିଜ ବ୍ୟକ୍ତିତ୍ୱର ପରିଚୟକୁ ପାଥେୟ କରି ଏଥର ବିଜୟୀ ହେବ ବୋଲି ସେ ଆଶା ବାନ୍ଧିଛନ୍ତି ।

ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି । ନିଜେ ସାରା ଓଡିଶା ପାଇଁ ଦଳ ପକ୍ଷରୁ ନିର୍ବାଚନୀ ଷ୍ଟ୍ରାଟେଜି ସ୍ଥିର କରୁଥିବାରୁ ଏହି ନିର୍ବାଚନମଣ୍ଡଳୀ ତାଙ୍କ ପାଇଁ କିଛି ବଡ଼ କଥା ନୁହେଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ତଥାପି ସେ ଏହି ନିର୍ବାଚନୀମଣ୍ଡଳୀରେ କଡା ମୁକାବିଲାର ସାମ୍ନା କରିବେ । ଭଣ୍ଡାରିପୋଖରୀ ଅଞ୍ଚଳ ଲୋକମାନେ ନିଜ ଅଞ୍ଚଳର ଅନ୍ୟଦଳର ପ୍ରାର୍ଥୀକୁ ଗୁରୁତ୍ୱ ନ ଦେଇ କାହିଁକି ତାଙ୍କୁ ସମର୍ଥନ କରିବେ ବୋଲି ଏଠାରେ ଆଲୋଚନା ଜୋର ଧରିଛି । ତାଙ୍କ ପାଇଁ ନୂଆ ପ୍ରସଙ୍ଗ କ'ଣ ରହିବ ତାକୁ ନେଇ କଳ୍ପନା ଜଳ୍ପନା ଚାଲିଛି । କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଏଠି କେତେଦୂର ଭୋଟର ଗ୍ରହଣ କରୁଛନ୍ତି ତାକୁ ନେଇ ସମସ୍ତଙ୍କ ନଜର ରହିଛି ।

ଅନ୍ୟପକ୍ଷେ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଇଂ. ମଧୁମିତା ସେଠୀ ମଧ୍ୟ ନୂଆ ମୁହଁ । ସେ ବର୍ତ୍ତମାନର ପିସିସି ଉପସଭାପତି ତଥା ପୂର୍ବତନ ଏମ୍‌ପି ଅନନ୍ତ ସେଠୀଙ୍କ ଝିଅ । ତାଙ୍କ ପାଇଁ ମଧ୍ୟ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନୂଆ । ବିଜେଡିର ଭ୍ରଷ୍ଟାଚାର ଶାସନକୁ ଦୂରେଇବା ପାଇଁ ସେ ସଂକଳ୍ପବଦ୍ଧ । ଲୋକେ କିଭଳି ତାଙ୍କୁ ଗ୍ରହଣ କରିବେ ତାକୁ ସମସ୍ତଙ୍କ ଅପେକ୍ଷା ରହିଛି ।



ବିଦ୍ୟାଧର ଜେନା



ଇଂ. ମଧୁମିତା ସେଠୀ



ଅଶୋକ ଦାସ

■ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ

## ୪.୧୦ କୋଟି ଟଙ୍କାର ମଦ ଜବତ

**୫୫ ଲକ୍ଷ ପୋଷ୍ଟର ହଟିଲା**

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି । ରାଜ୍ୟରେ ଏପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ ହଜାର ୨୬୦ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି । ସିଆର୍‌ପିସିର ଧାରା ୧୦୭/୧୧୦ ଅନୁଯାୟୀ, ୬୪ ହଜାର ୫୬୧ ଜଣଙ୍କୁ ଅଟକ ରଖାଯାଇଛି । ଲାଇସେନ୍ସପ୍ରାପ୍ତ ୫ ହଜାର ୫୧୯ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ନିକଟରେ ଦାଖଲ କରାଯାଇଛି । ଲାଇସେନ୍ସ ନ ଥିବା ୨୫୦ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୬୫.୫୮୪ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି । ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୧,୫୭,୨୧୪.୪୩୨ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୧୦ ଲକ୍ଷ ୩୮ ହଜାର ୧୭୪ ଟଙ୍କା ହେବ । ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୫୫ ଲକ୍ଷ ୩୧ହଜାର ୬୫୨ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୪ଲକ୍ଷ ୧୫ହଜାର ୧୩୮ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ କାଢ଼ି ଦିଆଯାଇଛି । ରାଜ୍ୟରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୧୨୫୭ଟି କଲ୍ ଏବଂ ଭୋଟ ହେଲ୍‌ପ ଲାଇନ୍ ନମ୍ବର ୧୯୫୦କୁ ୧୭ ହଜାର ୧୧୪ କଲ୍ ମିଳିଥିବା ବେଳେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଏନ୍‌ଡିଏ ଜିତିବ ୩୫୦ରୁ ଅଧିକ ଲୋକ ସଭା ଆସନ

**ଅଠାୱାଲେଙ୍କ ମତ**

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ଚଳିତ ଲୋକ ସଭା ନିର୍ବାଚନରେ ୩୫୦ରୁ ଅଧିକ ଆସନରେ ଜିତିବ । ସବୁଠୁ ଅଧିକ ଆସନ ଥିବା ୟୁପିରେ ୬୦ରୁ ଉର୍ଦ୍ଧ୍ୱ ସିଟ୍ ହାତେଇବ । ଏପରି କି ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ଭାଜପା ୧୮ରୁ ୧୯ ସିଟ୍ ଦଖଲ କରିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଭବିଷ୍ୟବାଣୀ କରିଛନ୍ତି । ନିକଟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରମନ୍ତ୍ରୀ ଏପରି ମନ୍ତବ୍ୟ ଦେବା ସହ ଡବଲ ଇଞ୍ଜିନ୍ ଥିଓରିକୁ ମଧ୍ୟ ସମର୍ଥନ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ କିମ୍ବା ମେଣ୍ଟ ସରକାର ହେବା ଜରୁରୀ । ତେଣୁ ଓଡ଼ିଶାବାସୀ ଏହାକୁ ନଜରରେ ରଖି ଏନ୍‌ଡିଏକୁ ସମର୍ଥନ କରିବାକୁ ଅଠାୱାଲେ ଅନୁରୋଧ କରିଛନ୍ତି । ଅଠାୱାଲେଙ୍କ ଦଳ ଆରପିଆଇ(ଏ) ରାଜ୍ୟର କୌଣସି ସ୍ଥାନରେ ପ୍ରାର୍ଥୀ ନ ଦେଇ ଭାଜପାକୁ ସମର୍ଥନ କରୁଛି ।

## ଭାଜପାରେ ଯୋଗଦେଲେ ମୟୂରଭଞ୍ଜ ବିଜେଡି ନେତା ଇସାନ ମିଶ୍ର

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ମୟୂରଭଞ୍ଜ ଜିଲା ବିଜେଡି ଉପସଭାପତି ଇସାନ କୁମାର ମିଶ୍ର ଗୁରୁବାର ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଓ ବରିଷ୍ଠ ନେତା ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ଇସାନ ଭାଜପାରେ ସାମିଲ ହୋଇଛନ୍ତି । ଅରୁଣ ନବାଗତ ନେତା ଓ କର୍ମୀଙ୍କୁ ଟୋପି ଏବଂ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ପୂର୍ବତନ ସରପଞ୍ଚମାନେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ଗୋଟିଏ ପଟେ ବିଜେଡି ସଭାପତି ନବୀନ ପଟ୍ଟନାୟକ ମୟୂରଭଞ୍ଜ ଗସ୍ତରେ ଯାଇ ନିର୍ବାଚନ ପ୍ରଚାର କରୁଥିବାବେଳେ ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ବହୁ ନେତୃବୃନ୍ଦ ବିଜେଡି ପରିତ୍ୟାଗ କରି ଭାଜପାରେ ଯୋଗଦେବା ନେଇ ଅରୁଣ ସିଂ ଶାସକ ଦଳକୁ ସମାଲୋଚନା କରିଛନ୍ତି । ଶାସକ ବିଜେଡି ପ୍ରତି ସାଧାରଣ ଜନତା ବର୍ତ୍ତମାନ ଆସ୍ଥା ହରାଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି । ଭାଜପା ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ବହୁ ସଂଖ୍ୟାରେ ବୃଦ୍ଧି ପାଇଛି ଏବଂ ଆଗାମୀ ଦିନରେ ଦଳ ଉଭୟ ଲୋକ ସଭା ଏବଂ ବିଧାନସଭାରେ ବିପୁଳ ଜନସମର୍ଥନ ପାଇ ସରକାର ଗଠନ କରିବ ବୋଲି ଅରୁଣ କହିଛନ୍ତି ।



ରୋଡ୍‌ଶୋରେ ବଲିଉଡ ଅଭିନେତା ରାଜ୍ ବବର୍ ଓ ଦୁଇ ପ୍ରାର୍ଥୀ ।

## ଭଦ୍ରକରେ ରାଜ୍ ବବର୍‌ଙ୍କ ରୋଡ୍ ଶୋ'

**କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଜନସମର୍ଥନ ଲୋଡ଼ିଲେ**

**ଭଦ୍ରକ ଅଫିସ, ୨୫।୪**

କଂଗ୍ରେସର ଭଦ୍ରକ ବିଧାନସଭା ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ଓ ଲୋକ ସଭା ପ୍ରାର୍ଥୀ ମଧୁମିତା ସେଠୀଙ୍କ ପାଇଁ ଗୁରୁବାର ନିର୍ବାଚନ ପ୍ରଚାର କରିଛନ୍ତି ବଲିଉଡ୍ ଅଭିନେତା ରାଜ୍ ବବର୍ । ଏଥିପାଇଁ ଭଦ୍ରକ ସହରରେ ବିଶାଳ ରୋଡ୍‌ଶୋ କରାଯାଇଥିଲା । ରାଜ୍ ବବର୍ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନରେ ଭଦ୍ରକ ପୁରୁଣାବଜାର ମହବୀର ପଡ଼ିଆରେ ପହଞ୍ଚିଥିଲେ । ବବର୍‌ଙ୍କ ସହ ଓଡ଼ିଶା ପ୍ରଦେଶ ଦାୟିତ୍ୱରେ ଥିବା ସହପ୍ରଭାରୀ ରୁଦ୍ର ରାଜୁ, ଅନିଲ ଚୌଧୁରୀ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ପହଞ୍ଚିବା ପରେ ଲୋକ ସଭା ପ୍ରାର୍ଥୀ ମଧୁମିତା ଓ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱାଗତ କରିଥିଲେ । ପରେ ମହାବୀର ପଡ଼ିଆଠାରୁ ଏକ ବିଶାଳ ବାଇକ୍ ରାଲି ସହ ଖୋଲାଜିପ୍‌ରେ ଭଦ୍ରକ ସହରର ପୁରୁଣାବଜାର, ଗରଦପୁର, ପାଟଣାସାହି, ସନ୍ଥିଆ, କଚେରି ବଜାର ଓ ନୂଆବଜାର ଦେଇ ଗୋଶାଳା ଛକ, କୁଆଁସ, କଦମ୍ବେଡା ହୋଇ ପୁଣି ପୁରୁଣାବଜାରରେ ଶୋଭାଯାତ୍ରା ପହଞ୍ଚିଥିଲା । କଂଗ୍ରେସ ନେତୃମଣ୍ଡଳୀ ଭଦ୍ରକ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁମତ ଦେଇ ଜୟଯୁକ୍ତ କରାଇବା ସହ କେନ୍ଦ୍ରରେ କଂଗ୍ରେସକୁ କ୍ଷମତାସୀନ କରାଇବାକୁ ଅନୁରୋଧ କରିଥିଲେ ।

ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ତାଙ୍କ ବକ୍ତବ୍ୟରେ ଭଦ୍ରକର ସାମୂହିକ ବିକାଶ, ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ରକ୍ଷା କରିବା, ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ପୁରୁଣାବଜାରରେ ଏକ ଉର୍ଦ୍ଦୁ ସିଟି ସ୍କୁଲ ପ୍ରତିଷ୍ଠା, ଦମକଳ କେନ୍ଦ୍ର ସ୍ଥାପନ ଏବଂ ଭଦ୍ରକ ସହରର ରାସ୍ତା, ପାନୀୟ ଜଳ ସମସ୍ୟା ଦୂର କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ । ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପିସିସି ସମ୍ପାଦକ ସେକ୍ ଗୁଲାମ ମଇଉଦ୍ଦିନ, ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ଜିଲା ଉପସଭାପତି ଅତୁଲ୍ୟ ନାୟକ, କାଉନସିଲର ଦିଲୀପ ନାୟକ, ସେକ୍ ସମ୍‌ଦାନୀ, ଅସ୍‌ରଫ୍ ଅଲ୍ଲି ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ, ଜିଲା ସେବାଦଳ ମୁଖ୍ୟ ସେକ୍ ନଇମ, ସତ୍ୟ ପୁହାଣ, ଚନ୍ଦ୍ରକାନ୍ତ ମହାପାତ୍ର, ସେକ୍ ଜକିରୁଦ୍ଦିନ, ସେକ୍ ବୁଗ୍‌ଦାଦ ଓ ଅନନ୍ତ ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ ।

## ଭୋଟରଙ୍କ ଫୋକସରେ ମୌଳିକ ସୁବିଧା

**ହେମନ୍ତ ନାୟକ/ବିଚିତ୍ରାନନ୍ଦ ସାହୁ**

ପୁରୀ ଅଫିସ/ନିମାପଡ଼ା (ଡି.ଏନ.ଏ) ୨୫।୪

ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା, ବଳଙ୍ଗାରେ ଶୀତଳ ଭଣ୍ଡାର ନିର୍ମାଣ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଦି ଅନେକ ପ୍ରସଙ୍ଗକୁ ଏଥର ଗଣ୍ଠି କରିଛନ୍ତି ନିମାପଡ଼ା ଭୋଟର । ନିମାପଡ଼ା ନିର୍ବାଚନମଣ୍ଡଳୀର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ମିଳୁନାହିଁ । ପ୍ରାୟ ସବୁ ଜାଗାରେ ଡାକ୍ତର ପଦବୀ ଖାଲି ପଡ଼ିଛି । ତେଣୁ ମୌଳିକ ସୁବିଧା ଯୋଗାଇଦେବାକୁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି ନିମାପଡ଼ା ଏବଂ ଗୋପ ଅଞ୍ଚଳର ମତଦାତା । ବିଧାନସଭା ଏବଂ ପାର୍ଲାମେଣ୍ଟରେ ନିମାପଡ଼ାର ହକ୍ ମାଗିବାକୁ ଯୋଗ୍ୟ ବ୍ୟକ୍ତି ହିଁ ଏଥର ଜନମତ ପାଇବେ ତାହା ଭୋଟରଙ୍କ ମୁହଁରୁ ବାରି ହୋଇପଡୁଛି । କାହା କଥାରେ ପ୍ରଲୋଭିତ ହେବେ ନାହିଁ, ବରଂ ନିଜ ବୁଦ୍ଧି ଓ ବିବେକ ଖର୍ଚ୍ଚ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ସେମାନଙ୍କ ବହୁମୂଲ୍ୟ ଭୋଟ ଦେଇ ବାଛିବେ ବୋଲି ମତ ଦେଇଛନ୍ତି ମତଦାତା ।

ନିମାପଡ଼ା ବ୍ଲକର ୩୨ ଓ ଗୋପ ବ୍ଲକର ୧୪ଟି ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡକୁ ନେଇ ନିମାପଡ଼ା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ହୋଇଛି । ପୁରୀ ଜିଲାର ଏହି ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି । ଏଠାରେ ଚତୁର୍ଥ ପର୍ଯ୍ୟାୟରେ ଅର୍ଥାତ ଆସନ୍ତା ୨୯ ତାରିଖରେ ଭୋଟ ଗ୍ରହଣ ହେବ । ଏଥିପାଇଁ ପ୍ରଚାର ଜୋର୍‌ଦାର ଚାଲିଛି । ଏହି ନିର୍ବାଚନମଣ୍ଡଳୀରୁ ବିଜେଡିର ପ୍ରାର୍ଥୀ ହୋଇଛନ୍ତି ସମୀର ରଞ୍ଜନ ଦାଶ । ଦଳର ଜଣେ ଆଗଧାଡ଼ିର ନେତା ସମୀର ଗତ ଦୁଇଟି ନିର୍ବାଚନରେ ଜିତିଥିବାବେଳେ ତାଙ୍କୁ ତୃତୀୟଥର ଲାଗି ସୁଯୋଗ ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମୀର ମଧ୍ୟ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡିର ବିକାଶମୂଳକ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ସେ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି । ଗତ ଦୁଇଟି ନିର୍ବାଚନ ପରି ଏଥର ମଧ୍ୟ ନିମାପଡ଼ା ଓ ଗୋପ ଅଞ୍ଚଳବାସୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ସମୀର ଆଶା ବାନ୍ଧିଛନ୍ତି । ସେହିପରି ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା । ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିବା ପ୍ରଭାତୀ ଏଥର ନିମାପଡ଼ାରେ ପଦ୍ମ ଫୁଟାଇବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି । ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଧରି ମହିଳାଙ୍କୁ ଏକାଠି କରି ରାଜରାସ୍ତାକୁ ଓହ୍ଲାଇବାରେ ପାରଙ୍ଗମ ପ୍ରଭାତୀଙ୍କର ରାଜ୍ୟ ରାଜନୀତିରେ ମଧ୍ୟ ପତିଆରା ରହିଛି । ୨୦୧୪ରେ ବିଜେଡିର ସମୀର ରଞ୍ଜନ ୮୬,୯୫୮ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରଭାତୀଙ୍କୁ ମିଳିଥିଲା ୫୭,୩୨୧ ଭୋଟ । ଏଥର ପରିବର୍ତ୍ତନର ହାୱା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନା ଏବଂ ଭାଜପା ପ୍ରତି ଲୋକଙ୍କ ବିଶ୍ୱାସକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି ପ୍ରଭାତୀ । ଭାଜପା ସରକାରକୁ ଆସିଲେ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ବିଭିନ୍ନ ସଭା, ସମିତିରେ ସେ କହୁଛନ୍ତି । ଅନ୍ୟପକ୍ଷରେ କଂଗ୍ରେସରୁ ଜଣେ ନୂଆମୁହଁଙ୍କୁ ଏଠାରୁ ପ୍ରାର୍ଥୀ କରାଯାଇଛି । ନିମାପଡ଼ା-ଗୋପ ନବ ନିର୍ମାଣ ପରିଷଦର ଅଧ୍ୟକ୍ଷ ଦିଲୀପ ନାୟକଙ୍କୁ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ତାରିଖ ପୂର୍ବ ରାତିରେ ଟିକେଟ ଦେଇଥିଲା କଂଗ୍ରେସ । ଶେଷ ମୁହୂର୍ତ୍ତରେ ଟିକେଟ ପାଇଥିଲେ ବି ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେବାକୁ ସେ ଲାଗିପଡ଼ିଛନ୍ତି । ପରିଷଦ ବ୍ୟାନରରେ ପୂର୍ବରୁ ଅଞ୍ଚଳବାସୀଙ୍କ ସହ ରହିଥିବା ଦିଲୀପ ବିଭିନ୍ନ ସ୍ଥାନରେ ସଭା, ସମିତି କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦୋଷ ଦୁର୍ବଳତା ବଖାଣୁଛନ୍ତି । ବିକାଶ ବାଟବଣା ହୋଇଛି ବୋଲି କହି ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ ପାଇଁ ନିବେଦନ କରୁଛନ୍ତି । ତେବେ ସାମଗ୍ରିକ ଭାବେ ଦେଖିଲେ ଏଥର ନିମାପଡ଼ାରେ ତ୍ରିମୁଖୀ ଲଢେଇ ହେବା ସ୍ପଷ୍ଟ ଜଣାପଡୁଛି । କିନ୍ତୁ ପ୍ରାର୍ଥୀଙ୍କ ଲୋଭନୀୟ ପ୍ରତିଶ୍ରୁତି କିମ୍ବା କାହା କଥାରେ ଭଳିଯାଇ ଭୋଟର ନିଜ ଅଧିକାର ସାବ୍ୟସ୍ତ କରିବେ ନାହିଁ, ବରଂ ଅଞ୍ଚଳର ବିକାଶ ଓ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ବାଛିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏ ସମ୍ପର୍କରେ ଖେଲାରର ଭୋଟର ରାମଚନ୍ଦ୍ର ପ୍ରଧାନ କହିଛନ୍ତି, ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି । ନିର୍ବାଚନ ସମୟରେ ବିଭିନ୍ନ ଦଳର ପ୍ରାର୍ଥୀ ଏଥିଲାଗି ପ୍ରତିଶ୍ରୁତି ଦେଉଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ଭୁଲି ଯାଉଛନ୍ତି । ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଯିଏ ଲଢେଇ କରିବେ ଆମେ ତାଙ୍କୁ ନେତା ବୋଲି ମାନିବୁ ଏବଂ ଭୋଟ ଦେବୁ । ଏଥିପ୍ରତି ଭୋଟର ସଚେତନ ହୋଇ ମତଦାନ କରିବେ ବୋଲି ମୋର ଆଶା । ସେହିପରି ବଳଙ୍ଗାର ସନାତନ ସ୍ୱାଇଁ କହିଛନ୍ତି, ବଳଙ୍ଗା ଏକ କୃଷିବହୁଳ ଅଞ୍ଚଳ ଏବଂ ପନିପରିବା ଚାଷର ପେଣ୍ଠସ୍ଥଳୀ । ହେଲେ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ରଖିବା ଲାଗି ଏହି ଅଞ୍ଚଳରେ ଶୀତଳ ଭଣ୍ଡାର ନାହିଁ । ତେଣୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିବା ପ୍ରାର୍ଥୀଙ୍କୁ ଚାଷୀ ପରିବାର ଭୋଟ ଦେବା ଦରକାର । ନିମାପଡ଼ାର ମଙ୍ଗୁଳି ଭୋଇଙ୍କ ମତରେ ଆମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁନାହିଁ । ନିମାପଡ଼ା, ଚାରିଛକ, ବଳଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ଫଳରେ ରୋଗୀ ଉତ୍ତମ ସେବାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏଥର ସ୍ୱାସ୍ଥ୍ୟସେବା ପ୍ରମୁଖ ପ୍ରସଙ୍ଗ ରହିବ । ଏହାକୁ ନଜରରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ଦରକାର । ଚାରିଛକ ଅଞ୍ଚଳର ଭୋଟର ମହେନ୍ଦ୍ର ନାୟକ କହିଛନ୍ତି, ସାମଗ୍ରୀକ ଭାବେ ନିର୍ବାଚନମଣ୍ଡଳୀର ବିକାଶ, ଦ୍ରୁତ ପ୍ରଗତି ଏବଂ ନିମାପଡ଼ା ମାଟିର ସ୍ୱାଭିମାନ ପାଇଁ ଯିଏ ଭୁବନେଶ୍ୱର ଓ ଦିଲ୍ଲୀରେ ଲଢେଇ କରିବେ, ଅଞ୍ଚଳବାସୀଙ୍କ ସୁଖଦୁଃଖରେ ସାମିଲ ହେବେ ସେହିଭଳି ପ୍ରାର୍ଥୀଙ୍କୁ ଭୋଟ ଦେବୁ । କାହା କଥାରେ କିମ୍ବା ଅର୍ଥ ଲାଳସାରେ ନିଜ ଅଧିକାର ସାବ୍ୟସ୍ତ ନ କରିବାକୁ ସେ ମତ ରଖିଛନ୍ତି ।

**ନିମାପଡ଼ା ନିର୍ବାଚନମଣ୍ଡଳୀ**



ସମୀର ରଞ୍ଜନ ଦାଶ



ପ୍ରଭାତୀ ପରିଡ଼ା



ଦିଲୀପ ନାୟକ

**ନିମାପଡ଼ା ନିର୍ବାଚନମଣ୍ଡଳୀ**

| ପ୍ରାର୍ଥୀଙ୍କ ନାମ | କେଉଁ ଦଳ |
|---|---|
| ସମୀର ରଞ୍ଜନ ଦାଶ | ବିଜେଡି |
| ପ୍ରଭାତୀ ପରିଡ଼ା | ଭାଜପା |
| ଦିଲୀପ ନାୟକ | କଂଗ୍ରେସ |
| ଶଙ୍କର ପ୍ରସାଦ ଭୋଇ | ବିଏସ୍‌ପି |
| ଦେବାଶିଷ ମିଶ୍ର | ଓଡ଼ିଶା ପ୍ରଗତି ଦଳ |
| ମିହିର ପ୍ରସାଦ ଭୋଇ | ଅଖିଳ ଭାରତ ହିନ୍ଦୁ ମହାସଭା |
| ମିଟୁ ମହାପାତ୍ର | ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ |



"ଭାଜପାକୁ ଶତ୍ରୁ ବିବେଚନା କରୁଥିବା ବିରୋଧୀ ଦଳଗୁଡ଼ିକ ଲୋକ ସଭା ନିର୍ବାଚନ ପରେ ମିଳିତ ଭାବେ ସରକାର ଗଢ଼ିବା ଏକପ୍ରକାର ନିଶ୍ଚିତ।
-ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ଏଏପି ନିର୍ବାଚନୀ ଇସ୍ତାହାର
### ଶିକ୍ଷା, ନିଯୁକ୍ତିରେ ୮୫% ସଂରକ୍ଷଣ ପ୍ରତିଶ୍ରୁତି



**ନୂଆଦିଲ୍ଲୀ,୨୫ା୪(ପି.ଟି.):** ଲୋକ ସଭା ନିର୍ବାଚନ ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁରୁବାର ତାର ଇସ୍ତାହାର ପ୍ରକାଶ କରିଛି। ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏଥିରେ ମୁଖ୍ୟ ପ୍ରସଙ୍ଗ ଥିବାବେଳେ ଦିଲ୍ଲୀବାସୀଙ୍କ ଲାଗି କଲେଜ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୮୫ ପ୍ରତିଶତ ସଂରକ୍ଷଣ ପ୍ରତିଶ୍ରୁତି ଦିଆଯାଇଛି। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଉକ୍ତ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗରେ ପୂର୍ଣ୍ଣ ରାଜ୍ୟ ପାହ୍ୟା ବିନା ଏଏପି କରିଥିବା କାର୍ଯ୍ୟ ଏବଂ ଅନ୍ୟ ଭାଗରେ ଏହି ପାହ୍ୟା ମିଳିଲେ ସେମାନେ କରିବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଇସ୍ତାହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳାଙ୍କ ସୁରକ୍ଷା, ପୋଲିସ ବ୍ୟବସ୍ଥାରେ ସଂସ୍କାର, ଦୁର୍ନୀତିମୁକ୍ତ ଶାସନ, ନିଯୁକ୍ତି, ଜମି, ସ୍ୱଚ୍ଛ ପରିବେଶ, ପ୍ରଦୂଷଣ ନିରାକରଣ, ପରିବହନ ଏବଂ ଯମୁନା କାୟାକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ଇସ୍ତାହାର ଉନ୍ମୋଚନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ବରିଷ୍ଠ ନେତା ଗୋପାଳ ରାୟ, ସଞ୍ଜୟ ସିଂ ଏବଂ ଦିଲ୍ଲୀର ୭ଟି ଲୋକ ସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଉପସ୍ଥିତ ଥିଲେ।

### ୨ ହିଜବୁଲ ଆତଙ୍କବାଦୀ ନିହତ

**ଶ୍ରୀନଗର୨୫ା୪:** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ୨ ଜଣ ହିଜବୁଲ ମୁଜାହିଦିନ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ବିଜ୍‌ବେହାର ଅଞ୍ଚଳର ବାଗେନ୍ଦର ମୋହଲ୍ଲାଠାରେ ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପରେ ସେନା ପକ୍ଷରୁ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେଶନ କରାଯାଇଥିଲା। ନିହତ ଦୁଇ ଆତଙ୍କବାଦୀ ହେଲେ ସଫଦର ଅମିନ ଭଟ(୨୫) ଓ ବୁର୍ହାନ ଅହମଦ ଗନି ଓରଫ ସୈଫୁଲ୍ଲା(୨୫)। ସେମାନଙ୍କଠାରୁ ଗୋଟିଏ ଏକେ ରାଇଫଲ ଓ ଗୋଟିଏ ଏସଏଲଆର ସମେତ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଇତିହାସର ଆଇନାରେ
### ଏପ୍ରିଲ ୨୬ର ପ୍ରମୁଖ ଘଟଣା

୧୯୯୪ ଏପ୍ରିଲ ୨୬ରେ ଚାଇନା ଏୟାରଲାଇନ୍ସ ଫ୍ଲାଇଟ୍ ଜାପାନର ନାଗୋୟା ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୭୧ ଯାତ୍ରୀଙ୍କ ମଧ୍ୟରୁ ୨୬୪ ଜଣଙ୍କ ମୃତ୍ୟୁ ଘଟିଥିଲା। 'ଏୟାରବସ୍ ଏ୩୦୦ବି୪-୬୨୨ଆର' ନାମକ ଏହି ବିମାନ ନାଗୋୟା ବିମାନବନ୍ଦରରେ ଅବତରଣ କରିବାର ମାତ୍ର କେତେ ସେକେଣ୍ଡ ପୂର୍ବରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

୧୯୬୬ ଏପ୍ରିଲ ୨୬ରେ ରିପବ୍ଲିକ୍ ଅଫ୍ କଙ୍ଗୋରେ ଆମ୍ବ୍ରୋଇଜ୍ ନୌମାଜାଲାଇଙ୍କ ନେତୃତ୍ୱରେ ନୂତନ ସରକାର ଗଠିତ ହୋଇଥିଲା। ରିପବ୍ଲିକ୍ ଅଫ୍ କଙ୍ଗୋକୁ କଙ୍ଗୋ ରିପବ୍ଲିକ୍ ମଧ କୁହାଯାଏ। ଏହି ଦେଶ କେନ୍ଦ୍ରୀୟ ଆଫ୍ରିକାର ପଶ୍ଚିମ ଉପକୂଳରେ ଅବସ୍ଥିତ।

## ବାରାଣସୀ ଲଢ଼େଇ: ଆଜି ନାମାଙ୍କନପତ୍ର ଦାଖଲ କରିବେ ମୋଦି
# ରୋଡ୍ ଶୋ ବେଳେ ଶକ୍ତି ପ୍ରଦର୍ଶନ

ବାରାଣସୀ,୨୫ା୪(ପି.ଟି.)



ଭାରତର ୫୪୩ ଲୋକ ସଭା ଆସନରେ ନିର୍ବାଚନ ହେଉଥିବାବେଳେ ଦେଶବାସୀଙ୍କ ସର୍ବାଧିକ ନଜର କେନ୍ଦ୍ରୀଭୂତ ହୋଇ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀ ଉପରେ। ମେ ୧୯ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶର ୧୩ ଆସନ ମଧ୍ୟରୁ ବାରାଣସୀ ଅନ୍ୟତମ। ପ୍ରଧାନମନ୍ତ୍ରୀ ନାମାଙ୍କନପତ୍ର ଦାଖଲର ଦିନକ ପୂର୍ବରୁ ଗୁରୁବାର ବାରାଣସୀ ସହରରେ ମେଗା ରୋଡ୍ ଶୋ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଏହାକୁ ଅଧିକ ଆକର୍ଷଣୀୟ କରିଛି। ରୋଡ୍ ଶୋ'କୁ ଏନ୍‌ଡିଏର ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ବିହାରର ଦରଭଙ୍ଗା ଓ ଉତ୍ତରପ୍ରଦେଶର ବଣ୍ଡାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ପରେ ଅପରାହ୍ନ ୫ଟାରେ ମନ୍ଦିରନଗରୀ ବାରାଣସୀରେ ପହଞ୍ଚିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଗେଟ୍‌ରେ ପହଞ୍ଚି ଶିକ୍ଷାବିତ୍ ମହାମନା ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରୋଡ୍ ଶୋ'ରେ ବାହାରି ଦଶାଶ୍ୱମେଧ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ନିଜ ଲୋକ ସଭା ପ୍ରତିନିଧିଙ୍କୁ ରାସ୍ତାରେ ହଜାର ହଜାର ସମର୍ଥକ ଅପେକ୍ଷା କରିଥିଲେ। ମୋଦି ଏକ ଏସ୍‌ୟୁଭିରେ ଯାଉଥିବାବେଳେ ମନ୍ତ୍ର ଉଚ୍ଚାରଣ ଓ ପୁଷ୍ପବୃଷ୍ଟି କରି ସେମାନେ ସ୍ୱାଗତ କରିଥିଲେ। ସେପଟେ ଭାଜପା ମୁଖ୍ୟ ଅମିତ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଦଳୀୟ ନେତାମାନେ ପୂର୍ବରୁ ଦଶାଶ୍ୱମେଧ ଘାଟରେ ପହଞ୍ଚିଥିଲେ। ମୋଦି ଲଙ୍କା ଓ ଅସି ଅଞ୍ଚଳ ଦେଇ ୭ କି.ମି. ଅତିକ୍ରମ କରି ସେଠାରେ ପହଞ୍ଚିବା ପରେ ଗଙ୍ଗା ଆରତି କରାଯାଇଥିଲା। ୨୦୧୪ ନିର୍ବାଚନ ବେଳେ ମଧ ମୋଦି ଏଠାରେ ଗଙ୍ଗା ଆରତି କରିଥିଲେ। ମୋଦି ଶୁକ୍ରବାର ୧୧ଟା ୩୦ରେ ଜିଲାପାଳଙ୍କ ଅଫିସ୍‌ରେ ନାମାଙ୍କନପତ୍ର ଦାଖଲ ପୂର୍ବରୁ ପ୍ରସିଦ୍ଧ କାଳଭୈରବ ମନ୍ଦିର ଦର୍ଶନ ସାରି ଭାଜପା କର୍ମୀଙ୍କୁ ସମ୍ବୋଧିତ କରିବେ। ତାଙ୍କ ସହ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର, ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଓ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ନେତା ପ୍ରକାଶ ସିଂ ବାଦଲଙ୍କ ସମେତ ଏନ୍‌ଡିଏ ନେତାମାନେ ଯୋଗଦେବେ।

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ପାଇଁ ସୁଯୋଗ ଦେଇଛନ୍ତି। ଏହି ନିର୍ବାଚନରେ ନମୋ ନମୋ ଉଚ୍ଚାରଣ କରୁଥିବା ଲୋକଙ୍କ ପରାଜୟ ସୁନିଶ୍ଚିତ।
-ମାୟାବତୀ, ବିଏସ୍‌ପି ସୁପ୍ରିମୋ





"ଉତ୍ତରପ୍ରଦେଶର ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ବିରୋଧୀ ମେଣ୍ଟ ଦେଶକୁ ନୂଆ ପ୍ରଧାନମନ୍ତ୍ରୀ ଦେବ।
-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ

"ଗଙ୍ଗା ସଫା ହୋଇନାହିଁ କି କାଶୀ କ୍ୟୋଟୋରେ ପରିଣତ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀ ଲୋକଙ୍କୁ ଧୋକା ଦେଇଛନ୍ତି। ସେ ନିଜ ବିଫଳତା ଲୁଚାଇବା ପାଇଁ ରୋଡ୍ ଶୋ କରୁଥିବାରୁ କ୍ଷମା ମାଗନ୍ତୁ।
-ରାଗିଣୀ ନାୟକ, କଂଗ୍ରେସ ମୁଖପାତ୍ର



# ନିର୍ବାଚନ ଲଢ଼ିବେନି ପ୍ରିୟଙ୍କା

ନୂଆଦିଲ୍ଲୀ,୨୫ା୪(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଲେ ବାରାଣସୀ ଲୋକ ସଭା ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବେ ବୋଲି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଆସୁଥିଲେ। ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଥିଲା। ହେଲେ ଶେଷରେ କଂଗ୍ରେସ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କଲାନାହିଁ। ବାରାଣସୀ ଆସନରୁ ଅଜୟ ରାୟଙ୍କୁ ଗୁରୁବାର ପୁଣିଥରେ ଟିକେଟ ଦେଇଛି ଦଳ। ଫଳରେ ପ୍ରିୟଙ୍କାଙ୍କ ନିର୍ବାଚନ ଲଢ଼ିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି।

ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ ସବୁଠୁ ଚର୍ଚ୍ଚିତ ଆସନ ହେଉଛି ବାରାଣସୀ। କାରଣ ଏହି ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ମୋଦି ୫,୮୧,୦୨୨ ଭୋଟ ପାଇ ବିଜୟୀ ହୋଇଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ୨,୦୯,୨୩୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବାବେଳେ କଂଗ୍ରେସର ଅଜୟ ରାୟ ମାତ୍ର ୭୫,୬୧୪ ଭୋଟ ହାସଲ କରି ଶୋଚନୀୟ ପରାଜୟ ସ୍ୱୀକାର କରିଥିଲେ। ଚଳିତ ନିର୍ବାଚନରେ ରାହୁଲଙ୍କ ଭଉଣୀ ପ୍ରିୟଙ୍କାଙ୍କୁ ଏଠାରେ କଂଗ୍ରେସ ପ୍ରାର୍ଥୀ କରି ମୋଦିଙ୍କ ବିରୋଧରେ 'ବ୍ରହ୍ମାସ୍ତ୍ର' ପ୍ରୟୋଗ କରିବ ବୋଲି କୁହାଯାଉଥିଲା। କାରଣ ପ୍ରିୟଙ୍କାଙ୍କୁ ଯେଉଁ ପୂର୍ବ ଉତ୍ତରପ୍ରଦେଶର ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି, ତା' ମଧ୍ୟରେ ବାରାଣସୀ ଆସୁଛି। ସେ ଏଠାରେ ଛିଡ଼ା ହେଲେ ଅନ୍ୟ ଆସନଗୁଡ଼ିକରେ ମଧ ଏହାର ପ୍ରଭାବ ପଡ଼ିବ ବୋଲି ମନେକରାଯାଉଥିଲା। ହେଲେ ଶେଷରେ ଦଳ ଅଜୟଙ୍କୁ ପୁଣିଥରେ ଟିକେଟ ଦେଇ ମଇଦାନକୁ ଓହ୍ଲାଇଛି। ଅଜୟ ଏହା ପୂର୍ବରୁ ୫ ଥର ବିଧାୟକ ହୋଇସାରିଛନ୍ତି। କିନ୍ତୁ ଲୋକ ସଭା ନିର୍ବାଚନରେ ତାଙ୍କୁ ସଫଳତା ମିଳିନାହିଁ। କଂଗ୍ରେସରେ ଯୋଗଦେବା ପୂର୍ବରୁ ସେ ଭାଜପାରେ ଥିଲେ। ୨୦୦୯ରେ ଭାଜପା ମୁରଲୀ ମନୋହର ଜୋଷୀଙ୍କୁ ବାରାଣସୀ ଆସନରୁ ଟିକେଟ ଦେବା ପରେ ଅସନ୍ତୁଷ୍ଟ ଅଜୟ ଦଳ ଛାଡ଼ିଥିଲେ। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ଯୋଗଦେଇଥିବା ଶାଳିନୀ ଯାଦବଙ୍କୁ ବିରୋଧୀ ମହାମେଣ୍ଟ ଏହି ଆସନରୁ ପ୍ରାର୍ଥୀ କରିଛି। ସେହିପରି ଏହି ହଟ୍ ସିଟ୍‌ରୁ ଶତାଧିକ କୃଷକଙ୍କ ସମେତ ବିଏସ୍‌ଏଫ୍‌ର ପୂର୍ବତନ ଯବାନ ତେଜ୍‌ବାହାଦୁର ଯାଦବ ଓ କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସି.ଏସ୍. କର୍ଣ୍ଣନ୍ ପ୍ରାର୍ଥୀ ହୋଇଛନ୍ତି।



ବାରାଣସୀରେ ଅଜୟ ରାୟ ପୁଣି କଂଗ୍ରେସ ପ୍ରାର୍ଥୀ

# ନିର୍ବାଚନୀ ଖର୍ଚ୍ଚରେ ଆପରାଧିକ ରେକର୍ଡର ବିଜ୍ଞାପନ ଦେବେ ପ୍ରାର୍ଥୀ

ନୂଆଦିଲ୍ଲୀ,୨୫ା୪

## ସ୍ପଷ୍ଟ କଲେ ଇସି

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚରେ ଆପରାଧିକ ରେକର୍ଡ ବିଜ୍ଞାପିତ କରିବେ ବୋଲି ଗୁରୁବାର ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। ଟିଭି ଓ ଖବର କାଗଜରେ ପ୍ରାର୍ଥୀ ସେମାନଙ୍କର ବିଜ୍ଞାପନ ଖର୍ଚ୍ଚ ଭରଣ କରୁଥିବାବେଳେ ଏହା ନିର୍ବାଚନୀ ଖର୍ଚ୍ଚରେ ରହିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମସ୍ତ ପ୍ରାର୍ଥୀଙ୍କ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ବୋଲି ନିର୍ବାଚନ ପ୍ୟାନେଲ ପକ୍ଷରୁ କୁହାଯାଇଛି।

ଅକ୍ଟୋବର ୧୦ରେ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଲାଗୁ କରାଯାଇ ଥିଲାବେଳେ ଚଳିତ ଲୋକ ସଭା ନିର୍ବାଚନରେ ଏହା ପ୍ରଥମଥର ପାଇଁ କାର୍ଯ୍ୟକାରୀ କରାଯାଉଛି। ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରାର୍ଥୀଙ୍କ ବିଜ୍ଞାପନ ଖର୍ଚ୍ଚ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବାକୁ ସୂଚନା ଦିଆଯାଇଛି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ବିଜ୍ଞାପନ ଖର୍ଚ୍ଚ ପ୍ରାର୍ଥୀଙ୍କ ଖର୍ଚ୍ଚ ବଦଳରେ ଦଳୀୟ ଖର୍ଚ୍ଚରେ ସାମିଲ କରିବା ଲାଗି କେତେକ ରାଜନୈତିକ ଦଳ ଅନୁରୋଧ କରିଥିଲେ। ତେବେ ଦଳ ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କ ଆପରାଧିକ ରେକର୍ଡ ବିଜ୍ଞାପିତ କରାଯାଇପାରି ନ ଥିଲା। ପ୍ରଚାର ସମୟରେ ବିଭିନ୍ନ ଟିଭି ଚ୍ୟାନେଲ ଓ ଖବର କାଗଜରେ ଦଳ ଓ ପ୍ରାର୍ଥୀ ସେମାନଙ୍କର ଆପରାଧିକ ତଥ୍ୟ ଅତି କମରେ ୩ ଥର ଭିନ୍ନ ଭିନ୍ନ ତାରିଖରେ ପ୍ରକାଶ କରିବା ଜରୁରୀ। ଦଳଗୁଡ଼ିକ ସେମାନଙ୍କ ପ୍ରାର୍ଥୀଙ୍କ ସମ୍ପର୍କରେ ୱେବ୍‌ସାଇଟରେ ସୂଚନା ଦେଇପାରିବେ ବୋଲି ଇସି ଦର୍ଶାଇଛନ୍ତି। ଲୋକ ସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀ ସର୍ବାଧିକ ୭୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ସ୍ଥିର କରାଯାଇଛି। ନିର୍ବାଚନ ଶେଷ ହେବାର ୯୦ ଦିନ ମଧ୍ୟରେ ସମସ୍ତ ପଞ୍ଜୀକୃତ ରାଜନୈତିକ ଦଳ ସେମାନଙ୍କ ଖର୍ଚ୍ଚ ବାବଦ ତଥ୍ୟ ଇସିଙ୍କୁ ଦେବାର ବ୍ୟବସ୍ଥା ରହିଛି। ସେହିଭଳି ନିର୍ବାଚନ ଅଧିକାରୀଙ୍କ ନିକଟରେ ସମସ୍ତ ପ୍ରାର୍ଥୀ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ଭୋଟ ଶେଷ ହେବାର ୩୦ ଦିନ ମଧ୍ୟରେ ଦେବା ବିଧେୟ।

# ଚିଟ୍‌ଫଣ୍ଡ ଠକେଇ ଶିକାର ପରିବାରଙ୍କୁ ମିଳିବ ସହାୟତା: କଂଗ୍ରେସ

ନୂଆଦିଲ୍ଲୀ,୨୫ା୪(ପି.ଟି.)

ପର୍ଲ୍ସ ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ୫.୮୫ କୋଟି ପରିବାରକୁ ସହାୟତା ଯୋଗାଇ ଦେବା ଲାଗି କଂଗ୍ରେସ ଗୁରୁବାର ପ୍ରତିଶ୍ରୁତି ଦେଇଛି। କଂଗ୍ରେସ କ୍ଷମତାକୁ ଆସିଲେ କ୍ଷତିଗ୍ରସ୍ତ ପରିବାରଙ୍କୁ ୬ ମାସ ମଧ୍ୟରେ ସୁଧ ସହ ସେମାନଙ୍କ ଜମା ଅର୍ଥ ଫେରସ୍ତର ବ୍ୟବସ୍ଥା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଶିବରାଜଙ୍କ ହେଲିକପ୍ଟରକୁ ମିଳିଲାନି ଅବତରଣ ଅନୁମତି

ଭୋପାଳ,୨୫ା୪(ପି.ଟି.)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନିଜ ଜିଲା ଛିନ୍ଦ୍‌ୱାଡାରେ ଭାଜପା ଉପସଭାପତି ଶିବରାଜ ସିଂ ଚୌହାନଙ୍କ ହେଲିକପ୍ଟର ଅବତରଣ କରିବାକୁ ଜିଲାପାଳ ଅନୁମତି ନ ଦେବାରୁ ସେ ଖୁବ୍ ରାଗିଯାଇଥିଲେ। ଜିଲାପାଳଙ୍କ ବଦଳି ଲାଗି ସେ ନିର୍ବାଚନ କମିଶନଙ୍କ ପାଖରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସେ ଜିଲାପାଳଙ୍କୁ ଧମକ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ବୁଧବାର ରାତିରେ ଶିବରାଜଙ୍କର ଉମ୍ରେଥଠାରେ ଏକ ନିର୍ବାଚନୀ ସଭା ଥିଲା। ଅପରାହ୍ନ ୫ଟା ପରେ ତାଙ୍କ ହେଲିକପ୍ଟର ଅବତରଣ ଚାହୁଁଥିବାବେଳେ ଏଥିପାଇଁ ଜିଲାପାଳ ଅନୁମତି ଦେଇ ନ ଥିଲେ।

## ନାତି ଗିରଫ ହେବାରୁ ଜେଜେଙ୍କ ମୃତ୍ୟୁ

ମୁମ୍ବାଇ,୨୫ା୪(ପି.ଟି.)

ମହାରାଷ୍ଟ୍ରର ଓସ୍‌ମାନାବାଦ ଜିଲାରେ ଜଣେ ନାବାଳକଙ୍କୁ ପୋଲିସ ଢେଲାଫିଙ୍ଗା ଅଭିଯୋଗରେ ଗିରଫ କରିନେବାରୁ ଏଥିରେ ମ୍ରିୟମାଣ ୭୦ ବର୍ଷୀୟ ଜେଜେଙ୍କର ମୃତ୍ୟୁ ଘଟିଛି। ଏକ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡିକୁ ଢେଲାମାଡ଼ କରିଥିଲେ। ସେମାନଙ୍କ ମଧ୍ୟରେ ଦାଉ ଗଣପତି ମୋରେଙ୍କ ନାତି ଥିଲେ। ବୁଧବାର ରାତିରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏଥିରେ ବିଚଳିତ ଦାଉଙ୍କର ସଙ୍ଗେ ସଙ୍ଗେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା।



ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ରୁଷିଆର ଭ୍ଲାଡିଭୋଷ୍ଟକ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ତେଲେଙ୍ଗାନା: ଯୁକ୍ତଦୁଇ ପରୀକ୍ଷାରେ ଫେଲ
# ସପ୍ତାହରେ ୧୯ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ୨୫ା୪(ଆଇଏଏନଏସ)

ତେଲେଙ୍ଗାନାରେ ଗତ ଏକ ସପ୍ତାହ ମଧ୍ୟରେ ଯୁକ୍ତଦୁଇ ପରୀକ୍ଷାରେ ବିଫଳ ହୋଇଥିବା ୧୯ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଏହି ପିଲା ଅକୃତକାର୍ଯ୍ୟ ହୋଇ ଆତ୍ମହତ୍ୟା କରିବା ଗତ କିଛି ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ବୁଧବାର ୩ ଜଣ ଆତ୍ମହତ୍ୟା କରିଥିଲେ। ମେଡାକ ଜିଲାର ଚକଲି ରାଜୁ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ଖରାପ ନମ୍ବର ରଖିବା ଯୋଗୁଁ ଆତ୍ମହତ୍ୟା ନିଷ୍ପତ୍ତି ନେଇଥିଲେ। ଅନୁରୂପଭାବେ ୟଦାଦ୍ରି ବୋଙ୍ଗିର ଜିଲାର ଆକରାମ ମିଠି ଦ୍ୱିତୀୟ ବର୍ଷ ପରୀକ୍ଷାରେ ଖରାପ ନମ୍ବର ରଖିବାରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ନିଜାମାବାଦ ଜିଲାର ଶୈଳଜା ଆଶା ମୁତାବକ ନମ୍ବର ନରଖି ପାରିବାରୁ ଆତ୍ମହତ୍ୟା କରିଛନ୍ତି। ତେଲେଙ୍ଗାନା ବୋର୍ଡ ଅଫ ଇଣ୍ଟରମିଡିଏଟ ଏଜୁକେଶନ ପକ୍ଷରୁ ଗତ ୧୮ରେ ପରୀକ୍ଷାଫଳ ପ୍ରକାଶ କରାଯାଇଥିବାବେଳେ ଭଲ ମାର୍କ ରଖିନଥିବା ଛାତ୍ରୀଛାତ୍ରମାନେ ବିଶାଦଗ୍ରସ୍ତ ହୋଇ ଏଭଳି ରାସ୍ତା ବାଛି ନେଉଛନ୍ତି। ସରକାରଙ୍କ ପକ୍ଷରୁ ତିନି ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଛାତ୍ର ଗୋଷ୍ଠୀ ଓ ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ବିଫଳ ଛାତ୍ରୀଛାତ୍ରଙ୍କ ପରୀକ୍ଷାଖାତା ବିନାମୂଲ୍ୟରେ ପୁନଃ ଯାଞ୍ଚ କରାଯିବ ବୋଲି ଘୋଷଣା କରିଛନ୍ତି।

# 'ଅଂଗ୍ରେଜୀ ମିଡିୟମ'ରେ ଅଭିନୟ କରିବେ

**ମୁମ୍ବାଇ:** ଅଭିନେତ୍ରୀ କରିନା କପୁର ଖାନ୍ 'ଅଂଗ୍ରେଜୀ ମିଡିୟମ'ରେ ଜଣେ ପୋଲିସ ଭୂମିକାରେ ଅଭିନୟ କରିବେ। ତାଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଇର୍‌ଫାନ୍ ଖାନ୍। ଅଭିନେତ୍ରୀ କରିନା ଏଥିପାଇଁ ରାଜି ହୋଇଥିବା ପ୍ରଯୋଜକ ଦିନେଶ ବିଜନ୍ ସ୍ପଷ୍ଟ ସୂଚନା ଦେଇଛନ୍ତି। 'ଅଂଗ୍ରେଜୀ ମିଡିୟମ' ସ୍ୱତନ୍ତ୍ର କାହାଣୀ ଭିତ୍ତିକ ଏକ ଫିଲ୍ମ। କରିନା ଏଥିରେ ଭାଗନେବାକୁ ଯାଉଥିବାରୁ ଖୁବ୍ ଉତ୍ସାହିତ ଲାଗୁଛି। ଆମେ ଏପରି ଜଣେ କଳାକାର ଚାହୁଁଥିଲୁ ଯିଏ କାହାଣୀକୁ ଆଗକୁ ବଢ଼ାଇନେବ। ଏଥିପାଇଁ କରିନା ହିଁ ଉପଯୁକ୍ତ ମନେହୋଇଥିବା ବିଜନ୍ ପ୍ରକାଶ କରିଛନ୍ତି। କରିନା ଏଥିରେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ। ପୂର୍ବରୁ ସେ ଏଭଳି ଚରିତ୍ରରେ କେବେ ଅଭିନୟ କରିନାହାନ୍ତି। ଆସନ୍ତା ଜୁନ୍‌ରେ ଲଣ୍ଡନରେ ଏଥିପାଇଁ ଶୁଟିଂ ଆରମ୍ଭ ହେବ। ହୋମି ଆଦାଜାନିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଉକ୍ତ ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅଭିନେତ୍ରୀ ରାଧିକା ମଦନ ଏବଂ ଦୀପକ ଡୋବ୍ରିୟାଲ।



କରିନା କପୁର ଖାନ୍

# ଗୁମ୍‌ନାମୀ ବାବା ହିଁ ନେତାଜୀ

ନୂଆଦିଲ୍ଲୀ,୨୫ା୪

## ଆମେରିକା ହସ୍ତାକ୍ଷର ଯାଞ୍ଚକାରୀଙ୍କ ରିପୋର୍ଟ



ଅଯୋଧ୍ୟାରେ ୧୯୬୨ରୁ ୧୯୮୫ ପର୍ଯ୍ୟନ୍ତ ଶେଷଜୀବନ ବିତାଇଥିବା ଗୁମ୍‌ନାମୀ ବାବା ହିଁ ନେତାଜୀ ସୁଭାଷ ବୋଷ ଥିଲେ। ଚନ୍ଦ୍ରଚୂଡ ଘୋଷ ଏବଂ ଅନୁଜ ଧରଙ୍କ ଦ୍ୱାରା ଲିଖିତ 'ସୁଭାଷ ବୋଷସ୍ ଲାଇଫ୍ ଆଫ୍ଟର ଡେଥ୍' ନାମକ ପୁସ୍ତକରେ ଏହି ବିଷୟ ପ୍ରକାଶ ପାଇଛି। ଲୋକେ ପୂର୍ବରୁ ଗୁମ୍‌ନାମୀ ବାବାଙ୍କୁ ଭଗବାନ୍‌ଜୀ କହୁଥିଲେ। ସେ ଫୈଜାବାଦ୍ ଜିଲାର ରାମଭବନରେ ରହୁଥିଲେ। ତାଙ୍କ ସହିତ ନେତାଜୀଙ୍କର ଅନେକ ସାମଞ୍ଜସ୍ୟ ରହିଥିଲା। ସେ ନେତାଜୀଙ୍କ ଭଳି ଚଷମା ବ୍ୟବହାର କରିବା ସହିତ ପକେଟରେ ରୋଲେକ୍ସ ଘଡ଼ି ରଖୁଥିଲେ। ୧୯୮୫ ସେପ୍ଟେମ୍ବର ୧୬ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କର ସମସ୍ତ ଆସବାବପତ୍ର ଯାଞ୍ଚ କରାଯାଇଥିଲା। ସେଥିରୁ ରୋଲେକ୍ସ ଘଡି, ନେତାଜୀଙ୍କ ମାତାପିତାଙ୍କ ଫଟୋ, ବଙ୍ଗଳା ଓ ଇଂଲିଶ୍‌ରେ ଲେଖାଥିବା କେତେକ ଚିଠି ଏବଂ ପୁସ୍ତକ ସେଠାରୁ ମିଳିଥିଲା। ଗୁମ୍‌ନାମୀ ବାବା ୧୯୬୨ରୁ ୧୯୮୫ ପର୍ଯ୍ୟନ୍ତ ଲେଖିଥିବା ୧୩୦ଟି ଚିଠି ଯାଞ୍ଚ କରାଯାଇଥିଲା। ଏସବୁ ଇଣ୍ଡିଆନ୍ ନ୍ୟାଶନାଲ୍ ଆର୍ମିର ସଦସ୍ୟ ତଥା ନେତାଜୀଙ୍କ ନିକଟତମ ସହଯୋଗୀ ପବିତ୍ର ମୋହନ ରାୟଙ୍କୁ ଲେଖା ଯାଇଥିଲା। ଏହି ପୁସ୍ତକରେ ଆମେରିକା ହସ୍ତାକ୍ଷର ଯାଞ୍ଚକାରୀ କାର୍ଲ ବଗେଟ୍‌ଙ୍କ ରିପୋର୍ଟ ପ୍ରକାଶ ପାଇଛି। ନେତାଜୀଙ୍କ ହସ୍ତାକ୍ଷର ସହିତ ଗୁମ୍‌ନାମୀ ବାବାଙ୍କ ହସ୍ତାକ୍ଷର ମେଳ ଖାଉଥିବା ଏଥିରେ ଦର୍ଶାଯାଇଛି।

# ସୁନ୍ଦର ଆରମ୍ଭର ଉଜ୍ଜ୍ୱଳ ଭବିଷ୍ୟତ

**୧୧ ବର୍ଷ ତଳେ ରାଜ୍ୟରେ ମାତ୍ର ୬୦ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଓ ୨ ଅନ୍ତର୍ଜାତୀୟ ମାଷ୍ଟର ଥିବାବେଳେ ଅଲ୍ ଓଡ଼ିଶା ଚେସ୍ ସଂଘର ଟିମ୍ ୱର୍କ ଯୋଗୁ ବର୍ତ୍ତମାନ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବା ସହ ୧ ଗ୍ରାଣ୍ଡମାଷ୍ଟର, ୮ ଅନ୍ତର୍ଜାତୀୟ ମାଷ୍ଟର, ୧ ମହିଳା ଗ୍ରାଣ୍ଡ ମାଷ୍ଟର, ୨ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର ଓ ୨ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟର ସୃଷ୍ଟି ହୋଇ ପାରିଛନ୍ତି...**

## ଓଡ଼ିଶା ଚେସ୍ (ଶେଷ ଭାଗ)

ମହତ୍ ଉଦ୍ଦେଶ୍ୟ ଏବଂ ଉତ୍ସର୍ଗୀକୃତ ମନୋଭାବ କେବେ ବ୍ୟର୍ଥ ହୁଏନାହିଁ। ତାହା ହିଁ ଘଟିଛି ଓଡ଼ିଶା ରାଜ୍ୟ ଚେସ୍ ସଂଘରେ । ୧୧ ବର୍ଷ ତଳେ ରାଜ୍ୟରେ କେବଳ ୬ଟି ସ୍ୱୀକୃତିପ୍ରାପ୍ତ ଜିଲା, ମାତ୍ର ୬୦ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଓ ୨ ଜଣ ଅନ୍ତର୍ଜାତୀୟ ମାଷ୍ଟର ଥିବାବେଳେ ଅଲ୍ ଓଡ଼ିଶା ଚେସ୍ ସଂଘ(୨୦୧୦ରେ ପ୍ରତିଷ୍ଠିତ) ର ଟିମ୍ ୱର୍କ ଯୋଗୁ ବର୍ତ୍ତମାନ ଏହା ସଫଳତାର ପାରଦ ବଢ଼ି ୧ ଗ୍ରାଣ୍ଡମାଷ୍ଟର, ୮ ଅନ୍ତର୍ଜାତୀୟ ମାଷ୍ଟର, ୧ ମହିଳା ଗ୍ରାଣ୍ଡ ମାଷ୍ଟର, ୨ ଫିଡେ ମାଷ୍ଟର, ୩ ମହିଳା 'ଫିଡେ ମାଷ୍ଟର' ଓ ୨ 'ମହିଳା କ୍ୟାଣ୍ଡିଡେଟ୍' ମାଷ୍ଟର ସହ, ୨ ବିଶ୍ୱ ଚାମ୍ପିୟନ(ଏଜ୍ ଗ୍ରୁପ), ୮ ଏସୀୟ ଚାମ୍ପିୟନ, ୧୨ ରାଜ୍ୟଗୋଷ୍ଠୀ ଚେସ୍ ବିଭିନ୍ନ ବୟସବର୍ଗ ଚାମ୍ପିୟନରେ ପହଞ୍ଚିଛି। ଏହା ଛଡ଼ା ସିନିୟର ଫିଡେ ଟ୍ରେନର(ଏଫଏସଟି) ଶେଖର ସାହୁ, ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସ୍ୱୟମ୍ଭ ମିଶ୍ର ଫିଡେ ଟ୍ରେନର (ଏଫଟି) , ୬ ଜଣ ଫିଡେ ଇନ୍ଷ୍ଟ୍ରକ୍ଟର(ଏଫଆଇ) ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜନ ମହାନ୍ତି, ଗୌରହରି ମହାପାତ୍ର, ଦେବାଶିଷ ଚକ୍ରବର୍ତ୍ତୀ, ଅପରାଜିତା ଗୋଚ୍ଛିକାର, ସୁବାଷ ଚନ୍ଦ୍ର ସାହୁ, ଓ ଜଣେ ନ୍ୟାଶନାଲ ଇନ୍ଷ୍ଟ୍ରକ୍ଟର(ଏନ୍ଆଇ) ସ୍ମାରକୀ ମହାନ୍ତି, ୩ ଅନ୍ତର୍ଜାତୀୟ ଆର୍ବିଟର୍(ନିହାର ରଞ୍ଜନ ସାସମଲ, ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି) ୮ ଫିଡେ ଆର୍ବିଟର(ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର, ଅପରାଜିତା ଗୋଚ୍ଛିକାର, ରଞ୍ଜନ ମହାନ୍ତି, ଜ୍ୟୋତି ପ୍ରକାଶ ନନ୍ଦ, ଗଜେନ୍ଦ୍ର ବେହେରା, ଅର୍ଘ୍ୟଅର୍ପଣ ପରିଡ଼ା, ବିଶ୍ୱଜିତା ମହାନ୍ତି(ପ୍ରଥମ ମହିଳା) ଓ ୭ ଜାତୀୟ ଚେସ୍ ଆର୍ବିଟର (ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ, କେଶର ରଞ୍ଜନ ପ୍ରଧାନ, ଜି.ସି. ମହାପାତ୍ର, ସଞ୍ଜୟ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଓମ୍ ପ୍ରକାଶ ରଥ, ଦେବାଶିଷ ମିଶ୍ର) ଏବଂ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବୟସ ବର୍ଗର ଜାତୀୟ ଚାମ୍ପିୟନ ସୃଷ୍ଟି କରି ଓଡ଼ିଶା ଦେଶର ଅନ୍ୟତମ ଚେସ୍ ପାୱାରହାଉସ ହୋଇପାରିଛି।

ସେହିପରି ୬୦ ଅନ୍ତର୍ଜାତୀୟ ଏଲୋ ରେଟେଡ଼ ଖେଳାଳି ତାଲିକା ଏବେ ପ୍ରାୟ ୧୦୦୦ ଅତିକ୍ରମ କରିଛି। ୧୯ଟି ସ୍ୱୀକୃତିପ୍ରାପ୍ତ ଜିଲା, ୪୦୦୦ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଖେଳାଳି ରାଜ୍ୟ ଚେସ୍ ସଂଘ ନିକଟରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନୁଷ୍ଠିତ ସମସ୍ତ ରାଜ୍ୟ, ଜାତୀୟ ଓ ମେଗା ଇଭେଣ୍ଟକୁ ସଫଳତାର ସହ ପରିଚାଳନା କରିବାର କ୍ଷମତା ଓଡ଼ିଶା ଚେସ୍ ସଂଘ ରଖିଛି। ଦୀର୍ଘ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ପ୍ରତିଯୋଗିତା ଆୟୋଜନ, ୧୨ଟି ଜାତୀୟ ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତା, ଅତି ମର୍ଯ୍ୟାଦାଜନକ ବିଶ୍ୱ ଜୁନିୟର ଚେସ୍ (୨୦୧୬), ଇଣ୍ଡୋ ଚାଇନା ଦଳଗତ ଚେସ୍ (୨୦୧୮), ନ୍ୟାଶନାଲ ସିଟିଜ, ଏସିଆ ସିଟିଜ(ଦଳଗତ ଚେସ୍) ନ୍ୟାଶନାଲ ମହିଳା 'ଏ', ନ୍ୟାଶନାଲ ଦୃଷ୍ଟିହୀନ ଚେସ୍ ଏବଂ ବର୍ଷକୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ଓ ୩୦ରୁ ଅଧିକ ଟୁର୍ନାମେଣ୍ଟ ଆୟୋଜନ କରି ୫ଟି ମହାଦେଶର ୫୦ରୁ ଊର୍ଦ୍ଧ୍ୱ ଦେଶର ନାମୀ ଗ୍ରାଣ୍ଡମାଷ୍ଟରଙ୍କୁ ଓଡ଼ିଶାକୁ ଆକର୍ଷିତ କରିବା ଓଡ଼ିଶା ଚେସ୍‌ରେ ଏକ ପରିବର୍ତ୍ତନର ଆଭାଷକୁ ସୂଚାଉଛି।

### ଟାଇଟଲଧାରୀ

| | |
|---|---|
| ଫିଡେ ସିନିୟର ଟ୍ରେନର | : ୧ |
| ସିନିୟର ଟ୍ରେନର | : ୨ |
| ଫିଡେ ଇନ୍ଷ୍ଟ୍ରକ୍ଟର | : ୬ |
| ନ୍ୟାଶନାଲ ଇନ୍ଷ୍ଟ୍ରକ୍ଟର | : ୧ |
| ଗ୍ରାଣ୍ଡମାଷ୍ଟର | : ୧ |
| ଅନ୍ତର୍ଜାତୀୟ ମାଷ୍ଟର | : ୮ |
| ମହିଳା ଗ୍ରାଣ୍ଡମାଷ୍ଟର | : ୧ |
| ଫିଡେ ମାଷ୍ଟର | : ୨ |
| ମହିଳା ଫିଡେ ମାଷ୍ଟର | : ୩ |
| କ୍ୟାଣ୍ଡିଡେଟ ମାଷ୍ଟର | : ୨ |

### କେ.ଡି. ପିଲାଇ



ଓଡ଼ିଶା ଚେସ୍ ସାମ୍ରାଜ୍ୟର ଭୀଷ୍ମ ପିତାମହ ତଥା ଗ୍ରାଣ୍ଡ ଓଲ୍ମ୍ପିୟାନ କେ.ଡି. ପିଲାଇ ଅତୀତରେ ୧୧ ଥର ରାଜ୍ୟ ସିନିୟର ଚାମ୍ପିୟନ ହେବା ସହ ଜାତୀୟ ଚେସ୍‌ରେ ଓଡ଼ିଶାର ଏକକ ପ୍ରତିନିଧିତ୍ୱ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ୧୯୫୯ରେ କ୍ଷିତିଶ ଚନ୍ଦ୍ର ମିତ୍ରଙ୍କ ଉଦ୍ୟମରେ ଗଠିତ ଓଡ଼ିଶା ରାଜ୍ୟ ଚେସ୍ ସଂଘକୁ ଜଣେ ନୀରବ ସଂଗଠକ ଭାବେ ପାଣି ଛିଞ୍ଚି ବଞ୍ଚେଇବାରେ ତାଙ୍କର ଅବିରାମ ଅବଦାନ ରହିଥିଲା । ୧୯୩୫ରେ ଜନ୍ମିତ କେ.ଡି. ବର୍ତ୍ତମାନ ସେ ଆମ ଗହଣରେ ନାହାନ୍ତି ସତ, ମାତ୍ର ଓଡ଼ିଶା ଚେସ୍ ପାଇଁ ତାଙ୍କ ଅବଦାନ ପ୍ରଣିଧାନଯୋଗ୍ୟ। ୨୦୨୭ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା। ପି.ଏମ୍. ମହାନ୍ତିଙ୍କ ପରେ ଦ୍ୱିତୀୟ ସର୍ବାଧିକ ୧୧ ଥର ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ହୋଇଥିବା ପିଲାଇ ୧୯୬୮ରେ ପାଇଥିଲେ ସବୁଠାରୁ ବଡ ସଫଳତା ଏସ୍.କେ. ବୈଦ୍ୟ ସ୍ମାରକୀ ପ୍ରତିଯୋଗିତାରେ ୯ ରାଉଣ୍ଡରୁ ୮ ପଏଣ୍ଟ ହାସଲକରି ସେ ଜାତୀୟ ସ୍ତରରେ ପ୍ରଥମ ଚାମ୍ପିୟନ୍ ହୋଇ ୪୦୦ ଟଙ୍କା ପୁରସ୍କାର ପାଇଥିଲେ ।

### ପବିତ୍ର ମୋହନ ମହାନ୍ତି



ଜଣେ ଭିନ୍ନ ଧରଣର କୁଶଳୀ ଖେଳାଳି ଭାବରେ ଜାତୀୟ ସ୍ତରରେ ବେଶ୍ ସୁପରିଚିତ ପବିତ୍ର ମୋହନ ମହାନ୍ତି ୧୯୭୯(ହାଇଦ୍ରାବାଦ) ଓ ୧୯୮୧(କାନପୁର)ରେ ଜାତୀୟ 'ବି' ଚାମ୍ପିୟନ ହେବା ସହ ଜାତୀୟ 'ଏ'(୧୯୮୩)ରେ ରନର୍ସ ଅପ୍ ହୋଇ ରାଜ୍ୟ ପାଇଁ ସଫଳତାର ଏକ ନୂଆ ଯୁଗର ସୂତ୍ରପାତ କରିଥିଲେ। ୧୯୫୨ ନଭେମ୍ବର ୧୩ରେ ଜନ୍ମିତ ପବିତ୍ର ମୋହନ ବିରଳ ରେକର୍ଡ ୧୬ ଥର (୧୯୭୭ରୁ ୨୦୦୨)ଓଡ଼ିଶା ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ଏବଂ ଦେଶର ଜଣେ ପ୍ରତିଷ୍ଠିତ ଏଣ୍ଡ ଗେମ୍ ଚେସ୍ ବିଶାରଦ ଭାବେ ବେଶ୍ ସୁପରିଚିତ । ସେ ମର୍ଯ୍ୟାଦା ଜନକ ଜାତୀୟ 'ଏ' ଚେସ୍‌କୁ ୮ ଥର ମନୋନୀତ ହୋଇଥିଲେ। ରାଉରକେଲାରେ ଅନେକ ପ୍ରତିଷ୍ଠିତ ଚେସ୍ ଖେଳାଳିଙ୍କ ଶିକ୍ଷା ତାଙ୍କ ଘରୁ ଆରମ୍ଭ ହୋଇଥିଲା। ଚେସ୍ ଖେଳ ପାଇଁ ୧୯୭୧ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ନିଜର ଜୀବିକା ଜୀବନ ଆରମ୍ଭ କରିଥିବା ପି.ଏମ୍. ମହାନ୍ତି ୨୦୧୭ ମେ ୫ରେ ମୃତ୍ୟୁବରଣ କରିଥିଲେ ମଧ ଅନ୍ତର୍ଜାତୀୟ ମାଷ୍ଟର ଉତ୍କଳ ରଞ୍ଜନ ସାହୁ ଓ ରାଉରକେଲାର ଅନେକ ଦକ୍ଷ ଖେଳାଳିଙ୍କ କୋଚ୍ ଭାବେ ଅମ୍ଳାନ ତାରକା ଭଳି ଝଟକୁଛନ୍ତି ଓ ପିଲା ତାଙ୍କୁ ଝୁରୁଛନ୍ତି ।

### କ୍ୱାଲିଟି ଖେଳାଳି

### ମାନସ ରଞ୍ଜନ ପରିଡ଼ା

ରାଜ୍ୟ ଚେସ୍‌ରେ ଜଣେ କ୍ୱାଲିଟି ଖେଳାଳିଭାବେ ପରିଚିତ ମାନସ ରଞ୍ଜନ ପରିଡ଼ା ୧୯୯୧ରେ ରାଜ୍ୟ ସିନିୟର ଚାମ୍ପିୟନ ଓ ୧୯୯୨ରେ ରାଜ୍ୟ ୨୫ ବର୍ଷରୁ କମ୍ ଚାମ୍ପିୟନ ହୋଇଥିଲେ। ୧୯୮୭ରୁ ୧୯୮୯ ଉତ୍କଳ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଥିଲେ। ୪ ଥର ସେ ଓଡ଼ିଶାରୁ ଜାତୀୟ 'ବି' ଚେସ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ସେ ୧୯୮୪ରୁ ୮୬ ମଧ୍ୟରେ ୨ ଥର ଜାତୀୟ ଜୁନିୟର ଚେସ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୮୨ ଓ ୧୯୮୩ରେ ସେ ଜାତୀୟ ସବ୍‌ଜୁନିୟର ମଧ ଖେଳିଛନ୍ତି।



ମାନସ ରଞ୍ଜନ ପରିଡ଼ା

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ(ଓସ୍କା) ଆନୁକୂଲ୍ୟରେ ଆୟୋଜିତ ମାଖନଲାଲ ହାଲଦାର ଚେସ୍, ଭୁବନେଶ୍ୱର ଓପନ ଏବଂ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଚେସ୍‌ରେ ସେ ଅନେକଥର ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ସରକାରଙ୍କ ୱାଟର ରିସର୍ଚ୍ଚ ଡିପାର୍ଟମେଣ୍ଟରେ ଜଣେ ସିଭିଲ ଇଞ୍ଜିନିୟରଭାବେ କାର୍ଯ୍ୟରତ ମାନସ ଏବେ ଖେଳାଳିମାନଙ୍କୁ କୋଚିଂ ଦେବା ଜାରି ରଖିଛନ୍ତି। ୧୯୮୦ରୁ ୯୦ ଦଶକରେ ସେ ବହୁ ଚର୍ଚ୍ଚିତ ଖେଳାଳି ଥିଲେ। ତାଙ୍କ ସମୟରେ ବ୍ରହ୍ମପୁରର ପି.କେ. ସାବତ ଓ ପୁରୀର ସୁବାସ ଚନ୍ଦ୍ର ସାହୁ ମଧ ବେଶ୍ ଚର୍ଚ୍ଚାରେ ରହିଥିଲେ।

### ଗାର୍ଗି ମହାପାତ୍ର

୧୯୮୨ରେ ଓଡ଼ିଶାର ସର୍ବପ୍ରଥମ ଜାତୀୟ 'ବି' ମହିଳା ଚାମ୍ପିୟନ ହୋଇ ଓଡ଼ିଶାର ଗୌରବ ବଢ଼ାଇଥିବା ଗାର୍ଗି ମହାପାତ୍ର ଚେସ୍‌ରେ ଜଣେ ବିସ୍ମୟ ବାଳିକା ଥିଲେ। ୧୯୭୯,୮୦,୮୧ରେ କ୍ରମାଗତ ୩ ଥର ପାଇଁ ରାଜ୍ୟ ମହିଳା ଚାମ୍ପିୟନ ମୁକୁଟ ପିନ୍ଧିଥିଲେ।

### ସାଇ ମୀରା ରବି

ଓଡ଼ିଆ ଝିଅ ସାଇମୀରା ବିବାହ କରିଛନ୍ତି ତାମିଲନାଡୁରେ । ସାଇ ମୀରା ଚେସ୍‌ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବଲ୍ୟୁଆଇଏମ) ଟାଇଟଲ ଧାରୀ। ତାଙ୍କ ସ୍ୱାମୀ ଟି.ଏସ. ରବି ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍)। ତାଙ୍କ ଝିଅ ରକ୍ଷିତା ରବି ମଧ ମହିଳା ଅନ୍ତର୍ଜାତୀୟ ମାଷ୍ଟର। ସେ ନ୍ୟାଶନାଲ ଚାମ୍ପିୟନ ଏବଂ ୱାର୍ଲ୍ଡ ୟୁଥ୍ ମେଡାଲିଷ୍ଟ। କୌଣସି ପରିବାରରେ ମା, ବାପା ଓ ସନ୍ତାନ ଆଇଏମ୍ ହେବା ଭାରତରେ ଏହା ପ୍ରଥମ ଦୃଷ୍ଟାନ୍ତ। ଚେସ୍ ପାଇଁ ଇଣ୍ଡିଆନ ଅଏଲରେ ଚାକିରି ପାଇଥିବା ସାଇ ମୀରା ନ୍ୟାଶନାଲ ସିନିୟର ମହିଳା ଚାମ୍ପିୟନ ଏବଂ ଜୁନିୟର ଚାମ୍ପିୟନ। ଏବେ ଚାକିରି ଛାଡ଼ି ଝିଅର ଚେସ୍ ଭବିଷ୍ୟତ ଗଢ଼ିବା ଉପରେ ସେ ମନୋନିବେଶ କରିଛନ୍ତି।



ସାଇ ମୀରା ରବି

### ଚେସ୍‌ରୁ ଡାକ୍ତର



ସୌମ୍ୟଦର୍ଶନ ନାୟକ ୧୯୯୮ରେ ରାଜ୍ୟ ଜୁନିୟର ଚେସ୍ ପ୍ରତିଯୋଗିତାରେ ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ପଛକୁ ରହି ରନର୍ସଅପ୍ ହୋଇଥିଲେ। ସେ ଜାତୀୟ ଚେସ୍‌ରେ ଅନେକଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ଜଣେ ଉତ୍ତମ ଖେଳାଳି ସହ ମେଧାବୀ ଛାତ୍ରଭାବେ ମଧ ପରିଚିତ ଥିଲେ। ଏକା ସାଙ୍ଗରେ ସେ ମେଡିକାଲ ଓ ଇଞ୍ଜିନିୟରିଂ ପାଇଥିଲେ। ଡାକ୍ତରୀକୁ ଜୀବିକାଭାବେ ଆପଣେଇ ନେଇଥିବା ସୌମ୍ୟଦର୍ଶନ ଏବେ ଏସସିବି ମେଡିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସରଭାବେ କାର୍ଯ୍ୟରତ। ଅଷ୍ଟ୍ରେଲିଆ ଓ ଜର୍ମାନୀରେ ସେ ଅନେକଥର କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି। ସେ ଅଷ୍ଟ୍ରେଲିଆରେ ନ୍ୟୁରୋରେ ଫିଲୋସଫି କରିଛନ୍ତି।

–ସତ୍ୟରଞ୍ଜନ ପଟ୍ଟନାୟକ

---

## ସମାନ୍ତ

ମିଡ୍–ଅନ୍‌କୁ ଶହେ ଏଗାର ମିଟର
ଛକା ମାରି ଧୋନୀ ଟୋକା
ଆଇପିଏଲରେ ଉମେଶ ଯାଦବ
ବୋଲର ବିଚରା ବୋକା
ଓମାନ ଓ ଆମେରିକା
ଅନ୍ତର୍ଜାତୀୟ ୱାନ୍‌ଡେ ଖେଳିବାକୁ
ମାନ୍ୟତା ମିଳିଲା ପକ୍କା।
ଫୁଟବଲ ଦକ୍ଷତା କ୍ରିକେଟ ବିକାଶ
ଶିବିର ଖରାରେ ଜଟି
ଖରା କାଟିବାରୁ ରାଜ୍ୟ ସରକାର
କରିଦେଲେ ସ୍କୁଲ ଛୁଟି
ରାଜନୀତି ପାଇଁ ବେଟୀ
ପିଲା ଭବିଷ୍ୟତ ଅନ୍ଧକାରମୟ
ଶିକ୍ଷା ମାନ ଏଠି ମାଟି।
ବିଦେଶେ ଓଡ଼ିଆ ଝିଅଙ୍କ କମାଲ
ଚାନ୍ଦ ଆମ ଦୂତୀ, ଝିଲ୍ଲୀ



ଦୌଡ଼ ସହ ଭାରୋତ୍ତୋଳନରେ ଜିତିକି
ବ୍ରୋଞ୍ଜ, ରୁପା ପାଇ ନାଲି
ଆଜି କାମ ଏବେ ମିଲି
ଯେ କରେ ସେ ଜିତେ, ହାରେ ଅଳସୁଆ
ଭାବି ଭାବି ହେବ କାଲି।

–ସୁବାସ ଚନ୍ଦ୍ର ପ୍ରଧାନ

## ସମର କ୍ରିକେଟ

**• ଆମ ରାଜ୍ୟରେ କ୍ରିକେଟର ବିକାଶରେ କ୍ଲବଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ୩ଟି ଫର୍ମାଟରେ ମ୍ୟାଚ ଆୟୋଜନ କରିବା ସହ ସମର କ୍ୟାମ୍ପ ମାଧ୍ୟମରେ କ୍ରିକେଟ ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ବିଶେଷ ସହାୟକ ହେଉଛନ୍ତି...**

ବିଶ୍ୱରେ କ୍ରିକେଟର ଲୋକପ୍ରିୟତା କ୍ରମେ ବଢ଼ିବାରେ ଲାଗିଛି। ପୂର୍ବରୁ କ୍ରିକେଟ୍ ଖେଳୁ ନ ଥିବା ଦେଶଗୁଡ଼ିକ ମଧ ଏବେ ଏଥିପ୍ରତି କ୍ରମେ ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହୋଇଛି। ଫଳରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି)ର କଳେବର ବୃଦ୍ଧିପାଇଛି। ଏହା ଗେମ୍ ପାଇଁ ବେଶ୍ ଶୁଭସୂଚକ। ଏବେ ବିଶ୍ୱରେ ଅନ୍ୟ ଲୋକପ୍ରିୟ ଖେଳ ତୁଳନାରେ କ୍ରିକେଟ ଅଧିକ ଦିନଧରି ଖେଳାଯାଉଛି ଏବଂ ଏବେ ଏହାର ଫର୍ମାଟ ମଧ ବଢ଼ିବାରେ ଲାଗିଛି। ଆମ ଦେଶ ଏବଂ ରାଜ୍ୟରେ ଏହି ଖେଳ ଯୁବପିଢ଼ିକୁ ବେଶ ଆକୃଷ୍ଟ କରିଛି। ସ୍କୁଲ, କଲେଜଠାରୁ ଆରମ୍ଭ କରି ଗାଁରୁ ସହର ପର୍ଯ୍ୟନ୍ତ ଏହା ବେଶ୍ ଲୋକପ୍ରିୟ ହୋଇପାରିଛି। ପୂର୍ବରୁ କ୍ରିକେଟ ମୁଖ୍ୟତଃ ଶୀତଋତୁରେ ଖେଳାଯାଉଥିଲା। ମାତ୍ର ଏବେ ବର୍ଷର ସବୁ ଋତୁରେ ଖେଳାଯିବା ଏହାର ଲୋକପ୍ରିୟତାକୁ ଦର୍ଶାଉଛି।

ଆମ ରାଜ୍ୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ହେଉଛି ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ)। ବିସିସିଆଇ ତତ୍ତ୍ୱାବଧାନରେ ପ୍ରତିବର୍ଷ ଅନୁଦାନ ମାଧ୍ୟମରେ ତୃଣମୂଳ ସ୍ତରରୁ କ୍ରିକେଟ୍‌ର ବିକାଶ କରିବା ସହିତ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରି ଏହା ଯୁବଖେଳାଳି ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓସିଏ ବ୍ୟତୀତ ଆମ ରାଜ୍ୟର ଜିଲା ଗୁଡ଼ିକରେ ଥିବା କ୍ଲବ ଗୁଡ଼ିକ ମଧ ନିଜସ୍ୱ ଉଦ୍ୟମରେ ବର୍ଷର ବିଭିନ୍ନ ସମୟରେ ଟୁର୍ନାମେଣ୍ଟମାନ ଆୟୋଜନ କରି ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଥାନ୍ତି। କ୍ରିକେଟ୍‌ର ୩ଟି ଫର୍ମାଟରେ ମ୍ୟାଚ ଆୟୋଜନ କରିବା ସହ ସମର କ୍ୟାମ୍ପ ମାଧ୍ୟମରେ କ୍ରିକେଟ ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ବିଶେଷ ସହାୟକ ହେଉଛନ୍ତି। ଲୋଧା କମିଟିର କଟକଣା ଯୋଗୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ରାଜ୍ୟ କ୍ରିକେଟ୍ ମଧ ଅନେକ ସମସ୍ୟା ଦେଇ ଗତି କରୁଛି। ଉପଯୁକ୍ତ ଅଭ୍ୟାସ ନ ପାଇବା ଯୋଗୁ ଏବଂ ଓସିଏ ଦ୍ୱାରା ପରିଚାଳିତ ସମସ୍ତ ବର୍ଗର ଟୁର୍ନାମେଣ୍ଟ ବାଧାପ୍ରାପ୍ତ ହେବା ଯୋଗୁ ବିସିସିଆଇ ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଓଡ଼ିଶାର ପ୍ରଦର୍ଶନ ଆଖିଦୃଶିଆ ହୋଇ ପାରୁନାହିଁ। ଯାହାକି ରାଜ୍ୟ କ୍ରିକେଟ୍ ପାଇଁ ବେଶ ଚିନ୍ତାର କାରଣ ହୋଇଛି।

ଗତ କିଛିବର୍ଷହେବ କ୍ରିକେଟରେ ଆମ ରାଜ୍ୟ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ରାଜ୍ୟ କ୍ରିକେଟ୍‌ର ଭାଗ୍ୟ ବର୍ତ୍ତମାନ ପ୍ରତିଷ୍ଠିତ କ୍ଲବ ଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେଉଛି କହିଲେ ଚଳେ। କ୍ଲବ ଗୁଡ଼ିକ ବିଭିନ୍ନ ସମୟରେ ଟୁର୍ନାମେଣ୍ଟମାନ ଆୟୋଜନ କରୁଛନ୍ତି। କ୍ଲବ ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମ୍ବଲପୁର, ବାଲେଶ୍ୱର, କେନ୍ଦୁଝର, ଭୁବନେଶ୍ୱର, ପୁରୀ, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଭଦ୍ରକ, ରାଉରକେଲା, ବ୍ରହ୍ମପୁର, ବୌଦ୍ଧ, ଝାରସୁଗୁଡା, ନୂଆପଡା, ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି, ତଥାପି ସେମାନଙ୍କର ଅନେକ ସମସ୍ୟା ରହିଛି। କଟକ, ଭୁବନେଶ୍ୱରକୁ ଛାଡିଦେଲେ ରାଜ୍ୟର ଅନ୍ୟ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ଟର୍ଫ ଉଇକେଟ୍ ନ ଥିବାରୁ ଏହା କ୍ୱାଲିଟି ଟୁର୍ନାମେଣ୍ଟ ଆୟୋଜନରେ ସମସ୍ୟା ସୃଷ୍ଟି କରୁଛି। କ୍ଲବଗୁଡିକ ସମର କ୍ରିକେଟ୍ ପ୍ରତି ଆଗ୍ରହ ପ୍ରକାଶ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ କ୍ରିକେଟ୍‌କୁ ଭବିଷ୍ୟତ କରିବା ପାଇଁ ସ୍ୱପ୍ନ ଦେଖୁଥିବା ଯୁବଖେଳାଳିମାନେ କଟକ, ଭୁବନେଶ୍ୱର ପରି ନାମୀ କ୍ଲବଗୁଡିକରେ ଯୋଗଦେଇ ଭାଗ୍ୟ ପରୀକ୍ଷା କରୁଥିବା ଦେଖାଯାଉଛି। ଚଳିତ ବର୍ଷ ରାଜ୍ୟର ଅନ୍ୟତମ ଅଗ୍ରଣୀ ଏବଂ ପୁରାତନ କ୍ଲବ ପାରାମାଉଣ୍ଟ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ଟୁର୍ନାମେଣ୍ଟ, ଓସ୍କାର କ୍ଲବ ଦ୍ୱାରା ଆୟୋଜିତ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଏବଂ ସହିଦ ସ୍ପୋର୍ଟିଂ ବିଭିନ୍ନ କ୍ଲବମାନଙ୍କୁ ନେଇ ଜୁନିୟର ଟୁର୍ନାମେଣ୍ଟ ଆୟୋଜନ କରିବା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। କଟକର ୟୁନିୟନ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୧୬ ବର୍ଷରୁ କମ୍ ଟୁର୍ନାମେଣ୍ଟ ବେଶ୍ ଲୋକପ୍ରିୟତା ହାସଲ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପକ୍ଷରୁ ମୂଳା ପଡ଼ିଆରେ ଚାଲିଥିବା କ୍ରିକେଟ ଦକ୍ଷତା ବିକାଶ ଶିବିର ମଧ ବେଶ୍ ଉପାଦେୟ ହୋଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) କୋଚ୍ ମୀର ସୟଦଉଦ୍ଦିନ ଓ ସନ୍ଦୀପ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ବୟସ ବର୍ଗରେ ଏହି ଶିବିର ପିଲାମାନଙ୍କୁ ଖେଳର ମୌଳିକତା ଜ୍ଞାନ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିଛି।

ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ଟି୨୦ ଟୁର୍ନାମେଣ୍ଟ ବେଶ୍ ଲୋକପ୍ରିୟତା ହାସଲ କରିଛି। ସମର କ୍ରିକେଟର ମଧ ଚାହିଦା ବଢ଼ିଛି। କ୍ରିକେଟ୍‌ର ସଂକ୍ଷିପ୍ତ ଫର୍ମାଟ ଟୁର୍ନାମେଣ୍ଟ ରାତ୍ରି ସମୟରେ ଧଳାବଲ୍‌ରେ ଖେଳାଯାଉଥିବାରୁ ଯୁବ ଖେଳାଳିଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନରେ ସହାୟକ ହୋଇଛି। ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା କ୍ରିକେଟ୍‌କୁ ଆଗେଇ ନେବାପାଇଁ କ୍ଲବ ଗୁଡ଼ିକର ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ। ବିସିସିଆଇ ଏବଂ ଲୋଧା କମିଟିର କଟକଣା ଯୋଗୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଶୀଘ୍ର ଦୂରହେଲେ ରାଜ୍ୟ କ୍ରିକେଟ୍‌ର ବିଶେଷ ଅଗ୍ରଗତି ହୋଇପାରିବ। ରାଜ୍ୟର ଶକ୍ତିଶାଳୀ କ୍ଲବ ଗୁଡ଼ିକର ପୁନର୍ଗଠନ ହେବା ଏବଂ ଯୁବ ଖେଳାଳିମାନଙ୍କୁ ଉପଯୁକ୍ତ ସୁଯୋଗ ଦେବା, ରାଜ୍ୟ କ୍ରିକେଟ୍ ଆସୋସିଏଶନ୍ ଦ୍ୱାରା ଗଢ଼ି ଉଠିଥିବା କ୍ରିକେଟ୍ ଏକାଡେମୀ ଯୁବ ଖେଳାଳିମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ତାଲିମ ମାଧ୍ୟମରେ ଜାତୀୟ ଦଳରେ ସ୍ଥାନ ଦେବା ପାଇଁ ସୁଯୋଗ ସୃଷ୍ଟି କରିବାର ସମୟ ଉପନୀତ ହୋଇଛି। ଅନ୍ତର୍ଜାତୀୟ ଖେଳାଳି ବାହାର କରିବାରେ ଆମେ ଏବେ ବହୁ ପଛରେ ପଡ଼ିଯାଇଛୁ। ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଖେଳାଳି ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ଆବଶ୍ୟକ। ଯଦିଓ ଚଳିତ ସିଜନ୍‌ରେ ଅନେକ ଯୁବଖେଳାଳୀ ବିଭିନ୍ନ ବର୍ଗରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିଲେ ତଥାପି ସେମାନଙ୍କର ପ୍ରଦର୍ଶନରେ ସ୍ଥିରତା ନ ରହିବା ରାଜ୍ୟ ଆସୋସିଏଶନ୍ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟ କ୍ରିକେଟ୍ ବର୍ତ୍ତମାନ ଯେଉଁ ସମସ୍ୟା ମଧ୍ୟରେ ଗତି କରୁଛି ତାର ଶୀଘ୍ର ସମାଧାନ ନ ହେଲେ ଏବଂ କ୍ଲବଗୁଡିକ ସହିତ ଉପଯୁକ୍ତ ସମନ୍ୱୟ ନ ରହିଲେ ଆମେ ଅନ୍ୟ ରାଜ୍ୟ ତୁଳନାରେ ସେମିତି ପଛରେ ପଡ଼ିବା ଆଶଙ୍କା ରହିଛି। ସମର କ୍ରିକେଟ୍ ଦ୍ୱାରା ଅଫ୍ ସିଜନରେ ମଧ ବ୍ୟାପକ ଅଭ୍ୟାସ ସୁଯୋଗ ସୃଷ୍ଟି ହେଉଛି। ପରୀକ୍ଷା ଜନିତ ଚାପର କୌଣସି ଭୟ ନାହିଁ, ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଭିନ୍ନ କ୍ଲବମାନଙ୍କ ଦ୍ୱାରା ଆୟୋଜିତ କ୍ୟାମ୍ପ ଏବଂ ଟୁର୍ନାମେଣ୍ଟଗୁଡିକରେ ଭାଗ ନେବାକୁ ଉତ୍ସାହିତ କରିବା ସହିତ ସେମାନଙ୍କର ଖେଳକୁ ଉପଭୋଗ କରିବାର ସୁଯୋଗ ପାଉଛନ୍ତି।

–ନିର୍ମଳ କୁମାର ମିଶ୍ର



ଟାଉନ୍ କ୍ଲବ ପଡିଆରେ କ୍ରିକେଟ ଦକ୍ଷତା ବିକାଶ ଶିବିର।

ଫିନଟେକ୍ କମ୍ପାନୀଙ୍କ ଆର୍ଥିକ ବଜାରରେ ଉପସ୍ଥିତି ବୃଦ୍ଧି ଯୋଗୁ ରିଜର୍ଭ ବ୍ୟାଙ୍କ ଏହାର ନଜର ରଖିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛି।

**–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର**



ବାୟୋଲଜିକ୍ସ ଏବଂ ରିସର୍ଚ୍ଚ ସର୍ଭିସ ବିଜନେସରେ ବାୟୋକନ ଭଲ ଅଭିବୃଦ୍ଧି ହାସଲ କରିଛି। ଫଳରେ କମ୍ପାନୀର ଲାଭ ବୃଦ୍ଧି ପାଇଛି।

**– କିରଣ ମଜୁମଦାର ସ', ଅଧ୍ୟକ୍ଷ ତଥା ଏମ୍‌ଡି, ବାୟୋକନ**



## ସଂକ୍ଷେପରେ

### ଭିଡିଓ ଲିଙ୍କ୍ ଜରିଆରେ ହାଜର ହେବେ ନୀରବ ମୋଦି



**ଲଣ୍ଡନ,୨୫-୪:** ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଭିଡିଓ ଲିଙ୍କ ଜରିଆରେ ଜେଲ୍‌ରୁ ପ୍ରତ୍ୟର୍ପଣ ମାମଲାରେ ହାଜର ହେବେ। ଶୁକ୍ରବାର ୱେଷ୍ଟମିନିଷ୍ଟର କୋର୍ଟରେ ଏହି ମାମଲାର ଶୁଣାଣି ହେବାକୁ ଯାଉଛି। ଗତ ମାସରେ ଗିରଫ ହେବା ପରେ ତାଙ୍କୁ ଦକ୍ଷିଣ ପଶ୍ଚିମ ଲଣ୍ଡନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଜାଲିଆତି ମାମଲାରେ ନୀରବଙ୍କୁ ଗିରଫ କରାଯାଇଥିଲା। ବ୍ରିଟେନର ନିୟମାନୁଯାୟୀ ଏଭଳି ମାମଲାରେ ବିଚାର ବିଭାଗୀୟ ହାଜତବାସ ୨୮ ଦିନ ପାଇଁ ହୋଇଥାଏ। ନୀରବଙ୍କ ପକ୍ଷରୁ ଆଗତ ଜାମିନ ଆବେଦନକୁ ଖାରଜ କରି ଚିଫ ମାଜିଷ୍ଟ୍ରେଟ ଇମା ଆର୍ବୁଥନଟ୍ କହିଥିଲେ ଯେ, ହୀରା ବ୍ୟବସାୟୀ ଆତ୍ମସମର୍ପଣ କରିବା ନେଇ ଯଥେଷ୍ଟ ସନ୍ଦେହ ରହିଛି। ପ୍ରାୟ ୧ରୁ ୨ ବିଲିୟନ ଡଲାର ଜାଲିଆତି ହୋଇଥିବାରୁ ଭାରତର ଚିନ୍ତାକୁ ଦେଖି ନୀରବଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ବିଚାରପତି କହିଥିଲେ। ଭାରତ ପକ୍ଷରୁ ମାମଲା ଲଢୁଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ କହିଛି ଯେ, ୱେଷ୍ଟମିନିଷ୍ଟର କୋର୍ଟରେ ଜାମିନ ଖାରଜ ହେବା ପରେ ନୀରବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଆଗ୍ରହୀ। ତେବେ ଏ ସଂକ୍ରାନ୍ତରେ ଅଦ୍ୟାବଧି କୌଣସି ଆବେଦନ ହାଇକୋର୍ଟରେ ହୋଇନାହିଁ।

### ଋଣ ସମାଧାନ ଲାଗି ଆର୍‌ବିଆଇ ଦେଇପାରେ ଅତିରିକ୍ତ ସମୟ

**ମୁମ୍ବାଇ,୨୫-୪:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅସୁଲ ହେଉ ନ ଥିବା ଋଣ(ଏନ୍‌ପିଏ) ମାମଲାର ସମାଧାନ ଲାଗି ନିୟମରେ ସଂଶୋଧନ କରିବାକୁ ପ୍ରସ୍ତୁତ ହେଉଛି। ସଂଶୋଧିତ ନିୟମରେ ବକେୟା ଋଣ ଫେରସ୍ତ ଦେବାକୁ ଆର୍‌ବିଆଇ ଅତିରିକ୍ତ ୬୦ ଦିନ ସମୟ ଦେଇପାରେ। ଏହାଦ୍ୱାରା ସଚ୍ଚୋଟ ଋଣଗ୍ରହୀତାଙ୍କ କଷ୍ଟ ଅନେକାଂଶରେ ଲାଘବ ହୋଇଯିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସୁପ୍ରିମକୋର୍ଟ ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେବା ପରେ କେନ୍ଦ୍ରୀୟ ବ୍ୟାଙ୍କ ସଂଶୋଧିତ ସର୍କୁଲାର ଜାରି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏନ୍‌ପିଏର ନୂଆ ରୂପରେଖ ଅଧୀନରେ ବିଭିନ୍ନ ବିକଳ୍ପ ଉପରେ ବିଚାର କରାଯାଉଛି। ବର୍ତ୍ତମାନ ଏନ୍‌ପିଏ ସମାଧାନ ଲାଗି ଆର୍‌ବିଆଇ ୯୦ ଦିନର ସମୟ ଦେଉଛି।

### ମାରୁତି ଆସନ୍ତାବର୍ଷ ଏପ୍ରିଲରୁ ବିକିବନି ଡିଜେଲ କାର୍



**ନୂଆଦିଲ୍ଲୀ,୨୫-୪:** ଦେଶର ସର୍ବବୃହତ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଆସନ୍ତାବର୍ଷ ଏପ୍ରିଲ ପହିଲାରୁ ଡିଜେଲ ଇଞ୍ଜିନ କାର୍ ଉତ୍ପାଦନ ବନ୍ଦ କରିଦେବ। ବର୍ତ୍ତମାନ କମ୍ପାନୀ ୨୩% ଡିଜେଲ ଇଞ୍ଜିନ କାର ବିକୁଛି। ଉଲ୍ଲେଖଥାଉ କି, ୨୦୨୦ ଏପ୍ରିଲରୁ ବିଏସ୍ ୬ ନିୟମ ଲାଗୁ ହେବାକୁ ଯାଉଛି। ବାୟୁ ପ୍ରଦୂଷଣକୁ ହ୍ରାସ କରିବା ନେଇ ଏହି ମାନଦଣ୍ଡ ଧାର୍ଯ୍ୟ ହୋଇଛି। କମ୍ପାନୀ ଅଧକ୍ଷ ଆର୍.ସି.ଭାର୍ଗବ କହିଛନ୍ତି ଯେ, ଅଧିକ ଚାହିଦା ହେଲେ କମ୍ପାନୀ ୧୫୦୦ସିସିର ଡିଜେଲ ଇଞ୍ଜିନଯୁକ୍ତ କାର୍ ତିଆରି କରିବ। ତେବେ ଏସମ୍ପର୍କରେ ସେତେବେଳେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଯେ, ମାରୁତିର ନୂଆ କାର୍ ବିଏସ୍ ୬ ଇଞ୍ଜିନ ସହିତ ବଜାରକୁ ଆସୁଛି। ନିକଟରେ ଏହା ବିଏସ୍ ୬ ଇଞ୍ଜିନଯୁକ୍ତ ବଲେନୋ ଲଞ୍ଚ କରିଛି। ଆଗାମୀ ଦିନରେ ବିଏସ୍ ୬ର ଅଲ୍‌ଟୋ ବଜାରକୁ ଆସିଯିବ। ଏହି ମାନଦଣ୍ଡ ସହିତ ତାଳ ଦେଇ ଡିଜେଲ ଇଞ୍ଜିନକୁ ନବୀକରଣ କରିବା ମହଙ୍ଗା ହେଉଥିବାରୁ କମ୍ପାନୀ ଏହାର ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଯୁକ୍ତି ଦର୍ଶାଯାଉଛି। ବିଏସ୍ ୬ ଇଞ୍ଜିନର ପେଟ୍ରୋଲ ଓ ସିଏନ୍‌ଜି କାର୍ ଉପଲବ୍ଧ ହେବ ବୋଲି ଭାର୍ଗବ କହିଛନ୍ତି।

■ ଚିପ୍ସରେ ବ୍ୟବହୃତ ଆଳୁ କିସମ ଚାଷ

# ଚାଷୀଙ୍କୁ ଅଦାଲତକୁ ଟାଣିଲା ପେପ୍ସିକୋ

**ନୂଆଦିଲ୍ଲୀ,୨୫-୪**

ଆଳୁ ଚାଷ କରି ଏବେ ଗୁଜରାଟର ୯ ଜଣ ଚାଷୀ ଅଡୁଆରେ ପଡିଯାଇଛନ୍ତି। ସେମାନଙ୍କୁ ଏବେ ଅଦାଲତଙ୍କ ଚକ୍କର କାଟିବାକୁ ପଡୁଛି। ସେମାନେ ସ୍ୱତନ୍ତ୍ର କିସମର ଆଳୁ ଏଫ୍‌ଏଲ୍-୨୦୨୭ ଚାଷ କରିବା କାରଣରୁ ଅଦାଲତ ଦୌଡିବାକୁ ବାଧ୍ୟ ହେଉଛନ୍ତି। ପେପ୍ସି ଏବଂ ଲେଜ୍ ଚିପ୍ସ ତିଆରି କରୁଥିବା କମ୍ପାନୀ ପେପ୍ସିକୋ ଇଣ୍ଡିଆ ଗୁଜରାଟର ସେହି ୯ ଜଣ ଚାଷୀଙ୍କ ବିରୋଧରେ ଉକ୍ତ ଆଳୁ କିସମ ବ୍ୟବହାର କରିବା ଏବଂ ଆଳୁ ବିକ୍ରି କରିବା ଅଭିଯୋଗ ଆଣି ମାମଲା ଦାଏର କରିବା ସହ ପ୍ରତ୍ୟେକ ୧.୦୫ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଦାବି କରିଛି। ଏହା ଜଣାପଡିବା ପରେ ଚାଷୀ ସଂଗଠନଗୁଡ଼ିକ କମ୍ପାନୀ ବିରୋଧରେ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି।

ଗୁଜରାଟର ସେହି ୯ ଜଣ ଚାଷୀ ଯେଉଁ ଆଳୁ ଉତ୍ପାଦନ କରୁଛନ୍ତି, ତା'ର ଏକମାତ୍ର ଅଧିକାର କେବଳ କମ୍ପାନୀ ନିକଟରେ ରହିଛି ବୋଲି ପେପ୍ସିକୋ ଯୁକ୍ତି ଦର୍ଶାଇଛି। ଏହି ସ୍ୱତନ୍ତ୍ର ଧରଣର ଆଳୁକୁ କମ୍ପାନୀ ଲେଜ୍ ବ୍ରାଣ୍ଡର ଚିପ୍ସ ତିଆରିରେ ବ୍ୟବହାର କରୁଛି ବୋଲି ଦର୍ଶାଇଛି। ଏହି ଘଟଣା ଜଣାପଡିବା ପରେ ଏବେ ସାରା ଦେଶରେ ଚାଷୀଙ୍କ ମଧ୍ୟରେ ପେପ୍ସିକୋ ବିରୋଧରେ ବିରୋଧର ସ୍ୱର ଉଠିଛି। ଚାଷୀଙ୍କ ଅଧିକାର ପାଇଁ କାମ କରୁଥିବା ଏନ୍‌ଜିଓ ଓ ଗୋଷ୍ଠୀ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ଏହି ପତ୍ରରେ ୧୯୨ ଜଣ ସ୍ୱାକ୍ଷର କରିଥିବାରୁ ଏହାର ଗୁରୁତ୍ୱ କେତେ ତାହା ସହଜେ ଅନୁମେୟ। ଏହି ୧୯୨ ଲୋକଙ୍କ ସ୍ୱାକ୍ଷରରେ ଏକ ପତ୍ର ପ୍ରୋଟେକ୍ସନ ଅଫ୍ ପ୍ଲାଣ୍ଟ ଭେରାଇଟିଜ ଆଣ୍ଡ ଫାର୍ମର୍ସ ରାଇଟ୍ସ (ପିପିଭିଆଣ୍ଡଏଫ୍‌ଆର୍)ର ଅଧ୍ୟକ୍ଷ ଏବଂ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯାଇଛି। କେନ୍ଦ୍ର କୃଷି ଏବଂ ଚାଷୀ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏହି ପିପିଭିଆଣ୍ଡଏଫ୍‌ଆର୍ କାର୍ଯ୍ୟ କରିଥାଏ। କୌଣସି ଘରୋଇ କମ୍ପାନୀ ଚାଷୀ ଏବଂ ଜିଲା କୃଷି କାର୍ଯ୍ୟାଳୟ ବିନାନୁମତିରେ ଖେତରେ ପ୍ରବେଶ କରିପାରିବେ ନାହିଁ ଜଣାଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିବାକୁ ପତ୍ରରେ ଦାବି କରାଯାଇଛି। ପତ୍ରରେ ଦର୍ଶାଯାଇଛି ଯେ, ଏହି ମାମଲା ଦେଶର ଚାଷୀମାନଙ୍କ ବିରୋଧରେ ଏକ ଉଦାହରଣ ହେବାକୁ ଯାଉଛି। ଏହାଦ୍ୱାରା ଚାଷ ଉପରେ ଅଙ୍କୁଶ ଲାଗିଯିବ। ମଲ୍ଟି ନ୍ୟାଶନାଲ କମ୍ପାନୀଗୁଡ଼ିକ ଚାଷକୁ ନିଜ ନିୟନ୍ତ୍ରଣକୁ ନେଇଯିବେ,ଯାହା ଆଦୌ ଗ୍ରହଣୀୟ ନୁହେଁ। ନିୟମ ଦୃଷ୍ଟିରୁ ପଞ୍ଜୀକୃତ ବ୍ୟତୀତ ଚାଷୀ ଯେକୌଣସି ବିହନ ଓ ମଞ୍ଜିକୁ ବ୍ୟବହାର କରିପାରିବେ। ପିପିଭିଆଣ୍ଡଏଫ୍‌ଆର ସମ୍ପୃକ୍ତ ଚାଷୀଙ୍କ ସପକ୍ଷରେ ଅଦାଲତରେ ମାମଲା ଲଢ଼ିବାକୁ ପତ୍ରରେ ଅନୁରୋଧ କରାଯାଇଛି। ନ୍ୟାଶନାଲ ଜିନ୍ ପାଣ୍ଠିରୁ ଉକ୍ତ ଚାଷୀଙ୍କ ଅଦାଲତ ଖର୍ଚ୍ଚ ବହନ କରିବାକୁ କୁହାଯାଇଛି। ରେଜିଷ୍ଟ୍ରାର ଟି.କେ.ନାଗରାଥନା କହିଛନ୍ତି ଯେ, ଚାଷୀଙ୍କ ମାମଲା ବିରୋଧରେ ସେ ଅବଗତ ଅଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ପେପ୍ସିକୋ ଇଣ୍ଡିଆର ଆବେଦନର ବିଚାର କରି ଅହମ୍ମଦାବାଦ ସିଟି ସିଭିଲ କୋର୍ଟ ଚଳିତ ମାସ ଆରମ୍ଭରେ ସାବରକାଣ୍ଠାର ୪ ଜଣ ଚାଷୀ ବିପିନ ପଟେଲ, ଛବିଲ ପଟେଲ, ବିନୋଦ ପଟେଲ ଏବଂ ହରିଭାଇ ପଟେଲ ୨୬ ଏପ୍ରିଲ ଯାଏ ଉକ୍ତ କିସମର ଆଳୁ ଚାଷ ଓ ବିକ୍ରି କରିପାରିବେ ନାହିଁ ବୋଲି କଟକଣା ଜାରି କରାଯାଇଛି। ମାମଲାର ଯାଞ୍ଚ ସହ ରିପୋର୍ଟ ଉପସ୍ଥାପନ କରିବା ଲାଗି ଜଣେ ଓକିଲଙ୍କୁ କମିଶନର ଭାବେ ନିଯୁକ୍ତ କରାଯାଇଛି। ଶୁକ୍ରବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିପୂର୍ବରୁ କମ୍ପାନୀ ୨୦୧୮ରେ ଆରାବଳୀ ଜିଲାର ୫ ଜଣ ଚାଷୀ ପ୍ରଭୁଦାସ ପଟେଲ, ଭାରତ ପଟେଲ, ଜିତୁ ପଟେଲ, ବିନୋଦ ପଟେଲ ଏବଂ ଜିଗରକୁମାର ପଟେଲଙ୍କ ବିରୋଧରେ ମାମଲା ଦାଏର କରିଛି। ଏହାର ଶୁଣାଣି ଆରାବଳୀ ଜିଲା ଅଦାଲତରେ ଚାଲିଛି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଅହମ୍ମଦାବାଦ୍‌ରେ ଏକ ଏନ୍‌ଜିଓ କାର୍ଯ୍ୟରତ ବିନୟ ମହାଜନ ଏହାକୁ ଚାଷୀଙ୍କ ବ୍ୟକ୍ତିଗତ କଅଧିକାର ଉପରେ ହସ୍ତକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ କମ୍ପାନୀ ଚାଷୀଙ୍କ ଖେତର ଗୋଇନ୍ଦାଗିରି କରିଛି ଏବଂ ସେମାନଙ୍କ ଆଳୁର ନମୁନା ସଂଗ୍ରହ କରିଛି। ଏହା ପୂର୍ଣ୍ଣ ମାତ୍ରାରେ ଚାଷୀଙ୍କ ଗୋପନୀୟତା ଭଙ୍ଗ ବୋଲି ସେ ଦର୍ଶାଇଛନ୍ତି।



- ■ ଗୁଜରାଟର ୯ ଚାଷୀଙ୍କ ବିରୋଧରେ କମ୍ପାନୀର ମାମଲା
- ■ ପେପ୍ସିକୋର ଜୁଲମ ବିରୋଧରେ ଏକାଠି ହେଲେ ଚାଷୀ ସଂଗଠନ
- ■ ସରକାରଙ୍କ ହସ୍ତକ୍ଷେପ ଲୋଡି ଲେଖାଗଲା ପତ୍ର
- ■ ଆଜି ପରବର୍ତ୍ତୀ ଶୁଣାଣି

**ଅର୍ଥ ଅଭାବ**

## ଛିଡା ହେଲା ଏୟାର ଇଣ୍ଡିଆର ୧୯ ବିମାନ

**ନୂଆଦିଲ୍ଲୀ,୨୫-୪**

ଜେଟ୍ ଏୟାରୱେଜ ଭଳି ଏୟାର ଇଣ୍ଡିଆରେ ଆର୍ଥିକ ସଙ୍କଟ ଦେଖାଦେଇଛି। ଅର୍ଥର ଅଭାବ କାରଣରୁ କମ୍ପାନୀର ୧୯ ବିମାନ ଏବେ ବିମାନ ବନ୍ଦରରେ ଛିଡା ହୋଇଛି। ଏଥିରେ ବୋଇଂ ୭୭୭, ବୋଇଂ ୭୮୭ ଏବଂ ଏୟାରବସ୍ ଏ୩୨୦ ଭଳି ବିମାନ ରହିଛି। ଏଗୁଡ଼ିକ ଗତ କିଛି ମାସ ହେଲା କାର୍ଯ୍ୟକ୍ଷମ ନାହାନ୍ତି। ଇତିମଧ୍ୟରେ ଜେଟ୍ ଏୟାରୱେଜର ବୋଇଂ ୭୭୭ ବିମାନ ଲିଜ୍‌ରେ ନେବାକୁ ଏୟାର ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛି। ଏଥିପାଇଁ କମ୍ପାନୀ ଷ୍ଟେଟ ବ୍ୟାଙ୍କକୁ ଅନୁରୋଧ କରିଛି। ତେବେ ଏୟାର ଇଣ୍ଡିଆକୁ ଏବେ ଅନ୍ତତଃପକ୍ଷେ ଏବେ ୫୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଅର୍ଥରେ ପଡି ରହିଥିବା ବିମାନଗୁଡ଼ିକୁ ସଜାଡି କମ୍ପାନୀ ଉଡ଼ାଇବାକୁ ଚାହୁଁଛି। ଏୟାର ଇଣ୍ଡିଆର ଅବସ୍ଥା ଏପରି ସାଂଘାତିକ ଯେ, କମ୍ପାନୀ ନୂଆ ବିମାନରୁ ପାର୍ଟ୍ସ ବାହାର କରି ପୁରୁଣା ବିମାନରେ ଲଗାଇବାକୁ ବାଧ୍ୟ ହେଉଛି। ନୂଆ ପାର୍ଟ୍ସ କିଣିବାକୁ ଏହା ନିକଟରେ ଅର୍ଥ ନାହିଁ। ସୂଚନାଥାଉ କି, ଏୟାର ଇଣ୍ଡିଆ ନିକଟରେ ୧୮ ବୋଇଂ ୭୭୭,୨୭ ବୋଇଂ ୭୮୭, ୪ ବୋଇଂ ୭୪୭ ବିମାନ ରହିଛି। ଏଗୁଡ଼ିକୁ ଅନ୍ତର୍ଜାତୀୟ ରୁଟ୍‌ରେ ଉଡ଼ାଯାଇଥାଏ। ହଜ୍ ଯାତ୍ରା, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ବୋଇଂ ୭୪୭ରେ ଯାତ୍ରା କରିଥାନ୍ତି।

# ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୫-୪**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଏହାର କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ୧୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସିଏଚ୍ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଟେକ୍ନୋଲୋଜି ଦ୍ୱାରା ଗ୍ରାହକ କେନ୍ଦ୍ରିକ ସେବା ଯୋଗାଣ ଉପରେ ଏହି ଅବସରରେ ରାଓ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଞ୍ଚଳିକ ମୁଖ୍ୟ କେ.ମୁରଲୀ କ୍ରିଷ୍ଣା, ଆର୍‌ବିଆଇ କ୍ଷେତ୍ରୀୟ ପ୍ରବନ୍ଧକ ଏମ୍.କେ. ମଲ୍ଲ, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଏ.ଚନ୍ଦ୍ରଶେଖର, ପ୍ରଶାନ୍ତ ପଣ୍ଡା, ଗୁପ୍ତା ପାୱାରର ଏମ୍‌ଡି ଏମ୍.ପି. ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ଭି-ଗାର୍ଡର ନୂଆ ରାଇସ୍ କୁକର

**ଭୁବନେଶ୍ୱର,୨୫-୪**

ଭିଗାର୍ଡ ପକ୍ଷରୁ ନୂଆ ରାଇସ୍ କୁକର ବଜାର ପ୍ରବେଶ କରାଯାଇଛି। କମ୍ପାନୀ ଏହାର ୩ଟି ମଡେଲ ଆଣିଛି। ଏଗୁଡିକ ୧ଲିଟର, ୨.୨ ଲିଟର ଏବଂ ୨.୮ ଲିଟର ବିଶିଷ୍ଟ। ଗ୍ରାହକଙ୍କ ପକ୍ଷରୁ ଏହି ପ୍ରଡକ୍ଟକୁ ଭଲ ରେସପନ୍ସ ମିଳିବ ବୋଲି କମ୍ପାନୀର ଶାଖା ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ପ୍ରଡକ୍ଟଗୁଡିକର ଆରମ୍ଭ ମୂଲ୍ୟ ୨୨୯୦ ଟଙ୍କା ରହିଛି। ଏହା ଉପରେ ୫ ବର୍ଷର ୱାରେଣ୍ଟି ରହିଥିବା ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟ ଅଧିକାରୀ ଏବଂ ଚ୍ୟାନେଲ ପାର୍ଟନର ମାନେ ଉପସ୍ଥିତ ଥିଲେ।



**ଇଣ୍ଟରନେଟ ୟୁଜରଙ୍କ ସଂଖ୍ୟା**

# ୨୦୨୩ ସୁଦ୍ଧା ୪୦% ବଢ଼ିବ

**ନୂଆଦିଲ୍ଲୀ,୨୫-୪**

ଦେଶରେ କ୍ରମାଗତ ଡାଟା ଶସ୍ତା ହେଉଥିବାରୁ ୨୦୨୩ ସୁଦ୍ଧା ଇଣ୍ଟରନେଟ ୟୁଜରଙ୍କ ସଂଖ୍ୟା ପ୍ରାୟ ୪୦% ବୃଦ୍ଧି ପାଇବ। ସେହିପରି ଏହି ଅବଧି ମଧ୍ୟରେ ସ୍ମାର୍ଟଫୋନଧାରୀଙ୍କ ସଂଖ୍ୟା ମଧ୍ୟ ଦୁଇଗୁଣା ହୋଇଯିବ ବୋଲି ମ୍ୟାକିନ୍ସେ ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୧୩ରୁ ଅଦ୍ୟାବଧି ଡାଟା ଖର୍ଚ୍ଚ ୯୫% ହ୍ରାସ ପାଇଛି। ମୁଖ୍ୟ ଡିଜିଟାଲ କ୍ଷେତ୍ର ୨୦୨୫ ସୁଦ୍ଧା ଦୁଇଗୁଣା ବୃଦ୍ଧି ପାଇ ୩୫୫ରୁ ୪୩୫ ବିଲିୟନ ଡଲାରରେ ପହଞ୍ଚିଯିବ। ମ୍ୟାକିନ୍ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ 'ଡିଜିଟାଲ ଇଣ୍ଡିଆ-ଟେକ୍ନୋଲୋଜି ଟୁ ଟ୍ରାନ୍ସଫର୍ମ ଏ କନେକ୍ସନ ନେଶନ'ରେ କୁହାଯାଇଛି ଯେ, ଭାରତ ଡିଜିଟାଲ ଉପଭୋକ୍ତାଙ୍କ ଲାଗି ଦ୍ରୁତଗତିରେ ବୃଦ୍ଧି ପାଉଥିବା ବଜାର ମଧ୍ୟରୁ ଅନ୍ୟତମ। ଦେଶରେ ୨୦୧୮ ସୁଦ୍ଧା ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ମାତ୍ର ୫୬ କୋଟି ଯାହାକି ଚାଇନାଠାରୁ କମ୍। ରିପୋର୍ଟ ଅନୁସାରେ ଦେଶରେ ମୋବାଇଲ ଡାଟା ବ୍ୟବହାରକାରୀ ହାରାହାରି ପ୍ରତି ମାସରେ ୮.୩୦ ଜିବି ଡାଟା ବ୍ୟବହାର କରିଥାଆନ୍ତି। ଚାଇନାରେ ଏହା ୫.୫ଜିବି ହୋଇଥିବା ବେଳେ ଦକ୍ଷିଣ କୋରିଆ ଭଳି ଉନ୍ନତ ଡିଜିଟାଲ ବଜାରରେ ୮ରୁ ୮.୫ ଜିବି ରହିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ପରିପକ୍ୱ ଏବଂ ବିକାଶଶୀଳ ବଜାରକୁ ନେଇ ବିଶ୍ଳେଷଣ କରାଯିବାରୁ ଜଣାପଡିଛି ଯେ, ଭାରତ ଅନ୍ୟ କେତେକ ଦେଶ ତୁଳନାରେ ଅଧିକ ଦ୍ରୁତଗତିରେ ଡିଜିଟାଲ ହେଉଛି। ସରକାରଙ୍କ ସହାୟତାରେ ଅର୍ଥନୀତିକୁ ଡିଜିଟାଲ କରାଯାଉଛି। ରିଲାଏନ୍ସ ଜିଓ ଭଳି ଘରୋଇ କମ୍ପାନୀଙ୍କ କାରଣରୁ ଦେଶରେ ୨୦୧୩ରୁ ଡାଟା ଖର୍ଚ୍ଚ ୯୫% ପର୍ଯ୍ୟନ୍ତ କମିଛି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।



## ଅନ୍ତର୍ଜାତୀୟ ଭଡ଼ା ଉପରେ ଏୟାର ଏସିଆର ରିହାତି

**ଭୁବନେଶ୍ୱର,୨୫-୪**

ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ଉପରେ ରିହାତି ଘୋଷଣା କରାଯାଇଛି। ଭାରତରୁ କୁଆଲାଲମ୍ପୁର ଏବଂ ବ୍ୟାଙ୍କକ ଭଳି ସ୍ଥାନକୁ କମ୍ପାନୀ ୭୦% ରିହାତିରେ ଯାତ୍ରା ସୁବିଧା ପ୍ରଦାନ କରୁଛି। ଯାତ୍ରୀମାନେ ବାଙ୍ଗାଲୋର, ଭୁବନେଶ୍ୱର, କୋଲ୍‌କାତା, କୋଚି, ଚେନ୍ନାଇ, ତ୍ରିଚି, ବିଶାଖାପାଟଣା, ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ଅମୃତସର ଏବଂ ହାଇଦ୍ରାବାଦ ଭଳି ସ୍ଥାନରୁ ନିର୍ଦ୍ଧାରିତ ଅନ୍ତର୍ଜାତୀୟ ଡେଷ୍ଟିନେଶନକୁ ଯାତ୍ରା କରିପାରିବେ। ଅନ୍ତର୍ଜାତୀୟ ଉଡାଣ ଚାହିଦା ବୃଦ୍ଧି ଘଟୁଥିବାରୁ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯାତ୍ରା ସୁବିଧା ପ୍ରଦାନ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଏୟାର ଏସିଆ ପକ୍ଷରୁ ସୂଚନା ରହିଛି। ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଫରର ଲାଭ ଗ୍ରାହକମାନେ ଚଳିତ ମାସ ୨୮ ଯାଏ ନେଇ ପାରିବେ। ଅଫର ଏୟାର ଏସିଆ ଗ୍ରୁପର ସବୁ ନେଟ୍‌ୱର୍କରେ ଉପଲବ୍ଧ।

# ଜିଓ ଦ୍ୱିତୀୟ ସର୍ବବୃହତ୍ ଟେଲିକମ୍ କମ୍ପାନୀ

**ନୂଆଦିଲ୍ଲୀ,୨୫-୪:** ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓ ଆରମ୍ଭ ହେବାର ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ଆଉ ଏକ ସଫଳତା ହାସଲ କରିଛି। ଗ୍ରାହକ ସଂଖ୍ୟା ଆଧାରରେ ଏହା ଭାରତୀ ଏୟାରଟେଲକୁ ପଛରେ ପକାଇ ଦେଶର ଦ୍ୱିତୀୟ ସର୍ବବୃହତ ଟେଲିକମ୍ କମ୍ପାନୀ ହୋଇଛି। ନଂ ୧ କମ୍ପାନୀ ହେବାଠାରୁ ଏହା ପାଦେ ଦୂରରେ ରହିଛି। ୩୦.୬ କୋଟି ଗ୍ରାହକ ସହ ଜିଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭୋଡ଼ାଫୋନ-ଆଇଡିଆ ପ୍ରଥମ ସ୍ଥାନରେ ରହିଛି। ଏୟାରଟେଲ ନିକଟରେ ୨୮.୪ କୋଟି ଗ୍ରାହକ ରହିଥିବା ବେଳେ ଭୋଡ଼ାଫୋନ-ଆଇଡିଆ ନିକଟରେ ଡିସେମ୍ବର ୨୦୧୮ ସୁଦ୍ଧା ୩୮.୭ କୋଟି ଗ୍ରାହକ ରହିଛି। ଏୟାରଟେଲ ଗ୍ରାହକ ସଂଖ୍ୟା ସ୍ୱୀକାର କରିଛି। ଜଣେ ଟେଲିକମ୍ ବିଶେଷଜ୍ଞ କହିଛନ୍ତି ଯେ, ଜିଓ ଖୁବଶୀଘ୍ର ଭୋଡ଼ାଫୋନ-ଆଇଡିଆକୁ ପଛରେ ପକାଇ ଦେବ। ଏଥିପାଇଁ କମ୍ପାନୀକୁ ୩ରୁ ୪ ତ୍ରୈମାସ ସମୟ ଲାଗିବ। ସୂଚନାଥାଉ କି, ଭାରତୀୟ ଟେଲିକମ୍ ସେକ୍ଟରରେ ଦୁଇ ଦଶନ୍ଧି ଧରି ଏୟାରଟେଲ ସର୍ବବୃହତ କମ୍ପାନୀ ସ୍ଥାନ ଦଖଲରେ ରଖିଥିଲା। ତେବେ ଭୋଡ଼ାଫୋନ-ଆଇଡିଆ ମିଶ୍ରଣ ପରେ ଏହା ଦ୍ୱିତୀୟ ସ୍ଥାନକୁ ଖସିଆସିଥିଲା। ଏବେ ଜିଓ ଦ୍ୱିତୀୟ ସ୍ଥାନକୁ ଉଠିଆସିଛି। ଅତ୍ୟନ୍ତ ଶସ୍ତା ଟାରିଫ ପ୍ଲାନ ଯୋଗୁ ଜିଓ ଉକ୍ତ ଉପଲବ୍ଧି ହାସଲ କରିପାରିଛି।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack-753014**
**O.A. No. 375 of 2018**
**State Bank of India, SARB, Bhadrak,** Master Babu Complex, Chapulia, By Pass Road, PO/Dist.: Bhadrak-756100 .....Applicant
AND
**Duryodhan Mohapatra** .....Defendant
To,
1. **Duryodhan Mohapatra,** S/o- Sankarsan Mohapatra, Vill: Maniabeda, PO: Kamalang, Via: Meramandali, Dist.: Dhenkanal.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted a suit in **O.A. No. 375 of 2018** in the Court of Debts Recovery Tribunal at Cuttack for a recovery of **Rs.25,98,736.20** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **1st day of June, 2019** at **10.30 A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **15th day of April, 2019.**
Sd/- Registrar (I/C),
Debts Recovery Tribunal

**PARADIP PORT TRUST**
**CORRIGENDUM-II**
**To E-Tender Call Notice No. EM/MM/PE/04/2018/1902TDR41 Dt. 28.02.2019 for Supply of Electrical Items.** The due date of submission of Tender & opening of EMD Bid is hereby further extended as bellow. 1. Last Date of submission of tender **up to 5.00 P.M. of Dt.08.05.2019**. 2. Opening of EMD Bid at **3.30 P.M. of Dt.10.05.2019**. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
Sd/- Sr. Dy. Material Manager
PPT/PR/21/19-20 Dt. 25.04.2019

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufactureres for Supply of **Aqueous Film Forming Foam (AFFF).** The last date and time of submission of the tender is **17.15 Hours on Dt.15/05/2019.** For details, log on to website : https://eprocure.gov.in/eprocure/app
Sr. Dy. Materials Manager
PPT/PR/23/19-20 Dt-25.04.19

**idco | ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
**IDCO/HO/FD/Cash/7693/17-18 (Part-III)/ 7689** **Dated: 22.04.2019**
**EXPRESSION OF INTEREST**
*Sealed bids are invited for rate of interest in the following prescribed format for fixed deposit amounting to Rs.225.00 Crore* ***(interest compounded quarterly)*** *from Bhubaneswar based eligible Govt. approved Banks only as per Finance Department Order No-32648/F, dated. 10.10.2018 Govt. of Odisha (Except BOI, HDFC Bank, Odisha Gramya Bank and Utkal Grameen Bank.)*

| Sl No | Period | % Rate of Interest Per Annum (Only-Callable) | |
|---|---|---|---|
| | | Rs. 1.00 Crore to Rs.10.00 Crore | Above Rs. 10.00 Crore to Rs. 225.00 Crore |
| 1 | One Year | | |

*The Bid should be super scribed in red – **"Rate of Interest"** & must reach the undersigned in sealed cover by Speed Post / Special Messenger on or before 1.00 P.M. on 07.05.2019 and the same will be opened at 3.30 P.M. on the same day in the office chamber of CGM (Finance) IDCO, Bhubaneswar in the presence of the representatives of the participating Banks. Interest offer of bank shall remain valid from 08.05.2019 to 10.05.2019. The interest rate quoted by Bank is final & in no circumstances change of rate can be entertained. The decision of the Management will be final.*
Sd/-
Chief General Manager (Finance)



“ଆଇପିଏଲ୍‌ରେ ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ମୁଁ ଯେଉଁ ଶିକ୍ଷା ପାଇଛି ତାହା ବିଶ୍ୱକପ୍‌ରେ ବ୍ୟବହାର କରିବି ।

–ଶିଖର ଧାୱନ, ଭାରତୀୟ କ୍ରିକେଟ ଦଳର ଓପନର



“ଆଇପିଏଲ୍‌ରେ କ୍ରମାଗତ ୬ଟି ପରାଜୟ ଆମ ଦଳକୁ ଖୁବ୍ ବାଧିଥିଲା। ବର୍ତ୍ତମାନ କୌଣସି ଚାପରେ ନ ରହି ଖେଳକୁ ଉପଭୋଗ କରିବୁ ।

–ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ

**ସଂକ୍ଷେପରେ**

## ୱେଷ୍ଟଇଣ୍ଡିଜ ଦଳରେ ଗେଲ୍, ରସେଲ

ସେଣ୍ଟ ଜନ୍ସ, ୨୫।୪(ପି.ଟି.): ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ଆଇସିସି ବିଶ୍ୱକପ ପାଇଁ ବୁଧବାର ୱେଷ୍ଟଇଣ୍ଡିଜ ଦଳ ଘୋଷିତ ହୋଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ବିସ୍ଫୋରକ ବ୍ୟାଟିଂ ପାଇଁ ଆନ୍ଦ୍ରେ ରସେଲଙ୍କୁ ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ମିଳିଛି। ୪୦ ବର୍ଷୀୟ କ୍ରିସ୍ ଗେଲ୍‌ଙ୍କୁ ମଧ ଦଳରେ ନିଆଯାଇଛି। ଏହା ତାଙ୍କର ଶେଷ ବିଶ୍ୱକପ ହେବ। ଚଳିତ ଆଇପିଏଲରେ ରସେଲ ନିଜ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସକୁ ୪ଟି ମ୍ୟାଚରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତେବେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା କେରନ ପୋଲାର୍ଡ ଓ ନାଇଟ ରାଇଡର୍ସର ସୁନୀଲ ନାରିନ୍‌ଙ୍କୁ ଦଳରେ ନିଆ ଯାଇନାହିଁ। ବିଶ୍ୱକପରେ ଗେଲଙ୍କ ଓପନିଂ ପାର୍ଟନର ହେବେ ଇଭିନ୍ ଲିଓ୍ୱିସ। ଯୁବ ଖେଳାଳି ସାଇ ହୋପ୍ ଏବଂ ସିମରନ ହେଟ୍‌ମେରଙ୍କ ଉପରେ ଚୟନକର୍ତ୍ତା ଆସ୍ଥା ସ୍ଥାପନ କରିଛନ୍ତି। ଆହତ ଆଲଜାରି ଜୋସେଫଙ୍କୁ ନିଆଯାଇ ନ ଥିବାବେଳେ ଭେଟେରାନ କେମର ରୋଚ୍ ୱେଷ୍ଟଇଣ୍ଡିଜ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ।

ୱେଷ୍ଟଇଣ୍ଡିଜ ଦଳ: ଜାସନ ହୋଲ୍ଡର(ଅଧିନାୟକ), ଆନ୍ଦ୍ରେ ରସେଲ, ଆଶଲେ ନର୍ସ, କାର୍ଲୋସ ବ୍ରାଥୱେଟ, କ୍ରିସ୍ ଗେଲ, ଡାରେନ ବ୍ରାଭୋ, ଇଭିନ ଲିଓ୍ୱିସ, ଫାବିଆନ ଆଲେନ, କେମର ରୋଚ୍, ନିକୋଲାସ ପୁରନ(ଉଇକେଟ କିପର), ଓଶାନେ ଥୋମାସ, ଶାଇ ହୋପ୍, ଶାନନ ଗାବ୍ରିଏଲ, ଶେଲଡନ କୋଟ୍ରେଲ, ସିମରନ ହେଟମେର।

# ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ରୁଷିଆ

ଭୁବନେଶ୍ୱର, ୨୫।୪(କ୍ରୀଡ଼ା ପ୍ରତିନିଧି)

ଅଲିମ୍ପିକ୍ କ୍ୱାଲିଫାୟର ଇଭେଣ୍ଟ ଭାବେ ବିବେଚିତ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଗୁରୁବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏଥିରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ରୁଷିଆ। ଭାରତ ଏବେ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ତେଣୁ ଭାରତପାଇଁ ସହଜ ବିଜୟ ସହ ଅଭିଯାନ ଆରମ୍ଭର ସୁଯୋଗ ରହିଛି। ପ୍ରଥମ ଦିବସରେ ଭାରତ–ରୁଷିଆ ମ୍ୟାଚ ବ୍ୟତୀତ ଦକ୍ଷିଣ ଆଫ୍ରିକା–ଆମେରିକା ଓ ପୋଲାଣ୍ଡ–ଉଜ୍‌ବେକିସ୍ତାନ ମ୍ୟାଚ ମଧ ଅନୁଷ୍ଠିତ ହେବ।

ଭାରତ ପୁଲ୍ ‘ଏ’ରେ ପୋଲାଣ୍ଡ (ର୍‍ୟାଙ୍କ୍ ୨୧), ରୁଷିଆ ଓ ଉଜବେକିସ୍ତାନ(ର୍‍ୟାଙ୍କ୍ ୪୩) ସହିତ ସ୍ଥାନ ପାଇଛି। ପୁଲ୍ ‘ବି’ରେ ରହିଛନ୍ତି ଦକ୍ଷିଣ ଆଫ୍ରିକା(୧୬), ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନ(୧୮), ଆମେରିକା(୨୫) ଓ ମେକ୍ସିକୋ(୩୯)। ତେଣୁ ଭାରତକୁ ଟୁର୍ନାମେଣ୍ଟ ଫେଭରାଇଟ କୁହାଯାଉଛି। ୬ ତାରିଖରେ ରୁଷିଆ ପରେ ଭାରତ ୭ ରେ ପୋଲାଣ୍ଡ ଓ ୧୦ରେ ଉଜବେକିସ୍ତାନକୁ ଭେଟିବ। ପ୍ରତିଯୋଗିତାର ଫାଇନାଲ ୧୫ ତାରିଖରେ ଅନୁଷ୍ଠିତ ହେବ। ନୂଆ କୋଚ୍ ଗ୍ରାହାମ୍ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତର ଏହା ପ୍ରଥମ ଟୁର୍ନାମେଣ୍ଟ ହେବ।

ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ଏଫଆଇ ସିରିଜ ଫାଇନାଲ୍ସ ୨୦୧୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ନୁହେଁ। ଏହି ପ୍ରତିଯୋଗିତାର ଟପ୍–୨( ଚାମ୍ପିୟନ ଓ ରନର୍ସଅପ୍) ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଆସନ୍ତା ଅକ୍ଟୋବର–ନଭେମ୍ବରରେ ଅନୁଷ୍ଠିତ ହେବ। ଏହାର ଭେନ୍ୟୁ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ।

ଏଫଆଇଏଚ୍ ସିରିଜ ଫାଇନାଲ୍ସ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାରଠାରୁ କୁଆଲାଲମ୍ପୁରଠାରେ ଆରମ୍ଭ ହେବ। ଏଥିରେ ଅଷ୍ଟ୍ରେଲିଆ, ବେଲାରୁଷ, କାନାଡ଼ା, ୱେଲ୍ସ, ବ୍ରାଜିଲ, ଚାଇନା, ଇଟାଲୀ ଓ ଆୟୋଜକ ମାଲେସିଆ ଭାଗନେବ। ଦ୍ୱିତୀୟ ପର୍ଯ୍ୟାୟ ଭୁବନେଶ୍ୱରରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଫ୍ରାନ୍ସ ଲି ଟୌକ୍ୱେଟଠାରେ ଜୁନ ୧୫ରୁ ଆରମ୍ଭ ହେବ। ଏଥିରେ ଇଜିପ୍ଟ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ସିଙ୍ଗାପୁର, ଚିଲି, ଫ୍ରାନ୍ସ, ଦକ୍ଷିଣ କୋରିଆ ଓ ୟୁକ୍ରେନ ଅଂଶଗ୍ରହଣ କରିବ।

ସୂଚନା ଅନୁସାରେ ଯଦି ଜାପାନ, ସ୍କଟଲାଣ୍ଡ ଓ ୱେଲ୍ସ ନିଜ ନିଜ ପ୍ରତିଯୋଗିତାରେ ଟପ୍–୨ ଫିନିଶ୍ କରନ୍ତି ତେବେ ତାକୁ ଅଲିମ୍ପିକ୍ ଗେମ୍ସ କ୍ୱାଲିଫାୟର୍ସ ଭାବେ ବିବେଚିତ ହେବେ ନାହିଁ। ଆୟୋଜକ ଏବଂ ଏସିଆନ ଗେମ୍ସ ବିଜେତା ଭାବେ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ଯୋଗ୍ୟତା ପର୍ଯ୍ୟାୟ ପାଇଁ ଇଂଲଣ୍ଡ ଗ୍ରେଟ୍ ବ୍ରିଟେନର ମନୋନୀତ ଦଳ ହୋଇଥିବାରୁ ସ୍କଟଲାଣ୍ଡ ଓ ୱେଲ୍ସ କଥା ମଧ ବିଚାରକୁ ନିଆଯିବ ନାହିଁ। ତେଣୁ ଏହି ତିନୋଟି (ଜାପାନ, ସ୍କଟଲାଣ୍ଡ ଓ ୱେଲ୍ସ) ଦଳରୁ କେହି ଟପ୍–୨ ଫିନିଶ୍ କଲେ ସେହି ପ୍ରତିଯୋଗିତାର ୩ୟ ସ୍ଥାନୀୟ ଦଳ ଆପେଆପେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ ନାହିଁ। ଏ କ୍ଷେତ୍ରରେ ୨୦୧୯ ସେପ୍ଟେମ୍ବର ୮ ମହାଦେଶୀୟ ଚାମ୍ପିୟନଶିପ୍‌ଗୁଡ଼ିକ ସରିବା ପରେ ଏଫଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ଅଗ୍ରାଧିକାର ଦିଆଯିବ।



FIH SERIES FINALS

### ଉରୁଗୁଏ ବିପକ୍ଷରୁ ମହିଳା ଦଳର ଅଭିଯାନ

ଜାପାନର ହିରୋସିମାରେ ଏଫଆଇଏଚ୍ ମହିଳା ହକି ସିରିଜ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ ପୁଲ୍ ‘ଏ’ରେ ପୋଲାଣ୍ଡ, ଉରୁଗୁଏ ଓ ଫିଜି ସହିତ ସ୍ଥାନ ପାଇଥିବାବେଳେ ପୁଲ୍‘ବି’ରେ ରହିଛନ୍ତି ଜାପାନ, ଚିଲି, ରୁଷିଆ ଓ ମେକ୍ସିକୋ। ପ୍ରଥମ ଦିବସରେ ଉରୁଗୁଏ ସହିତ ମ୍ୟାଚ ଖେଳି ଭାରତୀୟ ମହିଳା ଦଳ ଅଭିଯାନ ଆରମ୍ଭ କରିବ। ଜୁନ ୧୬ରେ ପୋଲାଣ୍ଡ ଓ ୧୮ରେ ଫିଜି ସହିତ ଖେଳିବ। ୨୩ ତାରିଖରେ ଫାଇନାଲ ଖେଳାଯିବ।

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜୁନ ୬ | ଦକ୍ଷିଣ ଆଫ୍ରିକା ବନାମ ଆମେରିକା | ସକାଳ ୮ଟା ୪୫ |
| | ପୋଲାଣ୍ଡ ବନାମ ଉଜ୍‌ବେକିସ୍ତାନ | ଅପରାହ୍ଣ ୫ଟା |
| | **ଭାରତ ବନାମ ରୁଷିଆ** | **ରାତି ୭ଟା** |
| ଜୁନ ୭ | ଜାପାନ ବନାମ ମେକ୍ସିକୋ | ସକାଳ ୮ଟା ୪୫ |
| | ରୁଷିଆ ବନାମ ଉଜ୍‌ବେକିସ୍ତାନ | ଅପରାହ୍ଣ ୫ଟା |
| | **ଭାରତ ବନାମ ପୋଲାଣ୍ଡ** | **ରାତି ୭ଟା** |
| ଜୁନ ୮ | ଆମେରିକା ବନାମ ମେକ୍ସିକୋ | ଅପରାହ୍ଣ ୫ଟା |
| | ଜାପାନ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ଜୁନ ୯ | ରୁଷିଆ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୧୦ | ଆମେରିକା ବନାମ ଜାପାନ | ସକାଳ ୮ଟା ୪୫ |
| | ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ | ଅପରାହ୍ଣ ୫ଟା |
| | **ଭାରତ ବନାମ ଉଜ୍‌ବେକିସ୍ତାନ** | **ରାତି ୭ଟା** |
| ଜୁନ ୧୧ | ବିଶ୍ରାମ ଦିବସ | |
| ଜୁନ ୧୨ | ୭–୮ ପ୍ଲେସିଂ ମ୍ୟାଚ | ସକାଳ ୮ଟା୪୫ |
| | କ୍ରସ୍ ଓଭର–୧ | ଅପରାହ୍ଣ ୫ଟା |
| | କ୍ରସ୍ ଓଭର–୨ | ରାତି ୭ଟା୧୫ |
| ଜୁନ ୧୩ | ବିଶ୍ରାମ ଦିବସ | |
| ଜୁନ ୧୪ | ୫–୬ ପ୍ଲେସିଂ ମ୍ୟାଚ | ସକାଳ ୮ଟା ୪୫ |
| | ସେମିଫାଇନାଲ–୧ | ଅପରାହ୍ଣ ୫ଟା |
| | ସେମିଫାଇନାଲ–୨ | ରାତି ୭ଟା୧୫ |
| ଜୁନ ୧୫ | ତୃତୀୟ ସ୍ଥାନ ପ୍ଲେ–ଅଫ୍ | ଅପରାହ୍ଣ ୫ଟା |
| | **ଫାଇନାଲ** | **ରାତି ୭ଟା ୧୫** |

# ୧୯୭୯: ଗ୍ରୀନିଜ, ହେଣ୍ଡ୍ରିକ୍ସ ସଫଳ




ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ଇଂଲଣ୍ଡରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ମେଗା ଇଭେଣ୍ଟରେ ଭାରତୀୟ ଦଳ ସାଂଘାତିକ ଭାବେ ବିଫଳ ହୋଇଥିଲା। କୌଣସି ଭାରତୀୟ ବୋଲର ଓ ବ୍ୟାଟ୍ସମ୍ୟାନ ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତେବେ କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ଓପନର ଗର୍ଡନ ଗ୍ରୀନିଜ୍ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିବା ବେଳେ ଇଂଲଣ୍ଡ ପେସ୍‌ର ମାଇକ୍ ହେଣ୍ଡ୍ରିକ୍ସ ସଫଳତମ ବୋଲର ଭାବେ ବିବେଚିତ ହୋଇଥିଲେ।

ସର୍ବାଧିକ ଦଳୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚାମ୍ପିୟନ ୱେଷ୍ଟଇଣ୍ଡିଜ ତାଲିକା ଶୀର୍ଷରେ ରହିବ। ଲଣ୍ଡନର ଓଭାଲଠାରେ ୱେଷ୍ଟଇଣ୍ଡିଜ୍ ପାକିସ୍ତାନ ବିପକ୍ଷରେ ସର୍ବାଧିକ ୨୯୩/୬ ରନ୍ ସ୍କୋର କରିଥିଲା। ସେହିପରି ପାକିସ୍ତାନ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ରେଣ୍ଟବ୍ରିଜ୍‌ରେ ୨୮୬/୭ ସ୍କୋର କରି ଦ୍ୱିତୀୟ ଓ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ୍ ପୁଣିଥରେ ଇଂଲଣ୍ଡ ବିପକ୍ଷରେ ୨୮୬/୯ ରନ୍‌ର ସ୍କୋର କରି ତୃତୀୟ ସ୍ଥାନରେ ରହିଥିଲା। ଏହି ତାଲିକାରେ ୧୦ଟି ଦଳ ସ୍ଥାନ ପାଇଥିବା ବେଳେ ଭାରତର ସ୍ଥାନ ନ ଥିଲା।

ବ୍ୟାଟିଂରେ ଦେଖିବାକୁ ଗଲେ ଗ୍ରୀନିଜ୍ ଟୁର୍ନାମେଣ୍ଟରେ ସର୍ବାଧିକ ୨୫୩ ରନ୍ ସଂଗ୍ରହ କରିଥିଲେ। ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସ୍‌ରୁ ୮୪.୩୩ ରନ୍‌ହାରରେ ୬୨.୩୧ ଷ୍ଟ୍ରାଇକ୍ ରେଟ୍‌ରେ ସେ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ସହ ୧୭ ଚୌକା ଓ ୩ଟି ଛକା ମାରିଥିଲେ। ଗ୍ରୀନିଜ୍‌ଙ୍କ ସର୍ବାଧିକ ସ୍କୋର ଥିଲା ଅପରାଜିତ ୧୦୬। ଏହି କ୍ରମରେ ଦେଖିବାକୁ ଗଲେ ବ୍ୟାଟିଂ ତାଲିକାରେ ୱେଷ୍ଟଇଣ୍ଡିଜ୍‌ର ଭିଭିଆନ ରିଚାର୍ଡ୍ସ ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସ୍‌ରୁ ୨୧୭ ରନ୍ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୦୮.୫୦ ଆଭରେଜ୍‌ରେ ୭୪.୦୬ ଷ୍ଟ୍ରାଇକ୍ ରେଟ୍‌ରେ ସେ ଗୋଟିଏ ଶତକ ହାସଲ କରିଥିଲେ ଓ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ଅପରାଜିତ ୧୩୮। ତାଲିକାର ତୃତୀୟ ସ୍ଥାନରେ ରହିଥିଲେ ଇଂଲଣ୍ଡର ଗ୍ରାହମ ଗୁଚ୍। ଗୁଚ୍ ୫ଟି ମ୍ୟାଚ୍ ଖେଳି ୫ଟି ଇନିଂସ୍ ସହ ୨୧୦ ରନ୍ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୭୧। ୫୨.୫୦ ହାରରେ ଓ ୬୩.୮୨ ରନ୍‌ହାରରେ ସେ ରନ୍ ସଂଗ୍ରହ କରିବା ସହ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏହି କ୍ରମରେ ଦେଖିବାକୁ ଗଲେ ଗ୍ଲେନ୍ ଟର୍ନର ୧୭୬ ଓ ଜନ୍ ରାଇଟ୍ ୧୬୬ ରନ୍ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଭିଭିଆନ ରିଚାର୍ଡ୍ସ ୧୫୭ଟି ବଲ୍‌ର ସମ୍ମୁଖୀନ ହୋଇ ଅପରାଜିତ ୧୩୮ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସ୍‌ରେ ସେ ୧୧ଟି ଚୌକା ଓ ୩ଟି ଛକା ମାରିଥିଲା। ଗ୍ରୀନିଜ୍ ଅପରାଜିତ ୧୦୬, ପାକିସ୍ତାନର ଜାହିର ଆବାସ ୯୩, ୱେଷ୍ଟଇଣ୍ଡିଜର କଲିସ୍ କିଙ୍ଗ୍ ୮୬ ଓ ନ୍ୟୁଜିଲାଣ୍ଡର ବ୍ରୁସ୍ ଏଡ୍‌ଗାର ଅପରାଜିତ ୮୪ ରନ୍ କରି ଏହି ତାଲିକାରେ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ ପାର୍ଟନରଶିପ୍ ତାଲିକାରେ ୱେଷ୍ଟଇଣ୍ଡିଜର ଗ୍ରୀନିଜ୍ ଓ ଡେସ୍‌ମଣ୍ଡ ହେନ୍ସ ଭାରତ ବିପକ୍ଷରେ ପ୍ରଥମ ଉଇକେଟରେ ସର୍ବାଧିକ ୧୩୮ ରନ୍ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ଉଇକେଟରେ ପାକିସ୍ତାନର ମାଜିଦ ଖାଁ ଓ ଜାହିର ଆବାସ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ୧୬୬ ରନ ସଂଗ୍ରହ କରିଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ଇଂଲଣ୍ଡର ମାଇକ ବିୟରଲି ଓ ଗ୍ରାହମ ଗୁଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ୧୦୮ ରନ୍ ସଂଗ୍ରହ କରିଥିଲେ। ତେବେ ରନ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାକିସ୍ତାନର ମାଜିଦ ଖାଁ ଓ ଜାହିର ଆବାସ ଦ୍ୱିତୀୟ ଉଇକେଟରେ ସର୍ବାଧିକ ୧୬୬ ରନ୍ କରି ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଭିଭିଆନ ରିଚାର୍ଡ୍ସ ଓ କଲିସ କିଙ୍ଗ୍ ପଞ୍ଚମ ଉଇକେଟ ଯୋଡିରେ ଇଂଲଣ୍ଡ ବିପକ୍ଷରେ ୧୩୯ ରନ୍ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ଗର୍ଡନ ଗ୍ରୀନିଜ୍ ଓ ଡେସ୍‌ମଣ୍ଡ ହେନ୍ସ ଭାରତ ବିପକ୍ଷରେ ପ୍ରଥମ ଉଇକେଟରେ ୧୩୮ ରନ୍ କରି ତୃତୀୟ ସ୍ଥାନ ପାଇଥିଲେ।

ବୋଲିଂରେ ଇଂଲଣ୍ଡର ହେଣ୍ଡ୍ରିକ୍ସ ୫ଟି ମ୍ୟାଚ୍ ଖେଳି ୧୪.୯୦ ରନ୍‌ହାରରେ ସର୍ବାଧିକ ୧୦ ଉଇକେଟ ହାସଲ କରିଥିଲେ। ୪/୧୫ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେହିପରି ନ୍ୟୁଜିଲାଣ୍ଡର ବ୍ରାଏନ ମ୍ୟାକେଞ୍ଜି ୪ଟି ମ୍ୟାଚ୍ ଖେଳି ୧୫.୬୬ ରନ୍‌ହାରରେ ୯ ଉଇକେଟ ଅକ୍ତିଆର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାକିସ୍ତାନର ଆସିଫ ଇକ୍‌ବାଲ ୪ଟି ମ୍ୟାଚ୍ ଖେଳି ୧୭.୪୪ ରନ୍ ହାରରେ ୯ ଉଇକେଟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର କ୍ରିସ୍ ଓଲ୍ଡ ୫ଟି ମ୍ୟାଚ୍ ଖେଳି ୯ ଓ ୱେଷ୍ଟଇଣ୍ଡିଜର ମାଇକେଲ ହୋଲ୍ଡିଂ ୪ଟି ମ୍ୟାଚ୍ ଖେଳି ୮ ଉଇକେଟ ନେବା ସହ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ବୋଲିଂ ଫିଗରରେ ଅଷ୍ଟ୍ରେଲିଆର ଆଲାନ ହର୍ଷ୍ଟ କାନାଡ଼ା ବିପକ୍ଷରେ ୧୦ ଓଭରରେ ୨୧ ରନ୍ ବ୍ୟୟକରି ୫ ଉଇକେଟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଗାର୍ନର ଇଂଲଣ୍ଡ ବିପକ୍ଷରେ ୧୧ ଓଭର ବୋଲିଂ କରି ୫/୩୮ ସହ ଦ୍ୱିତୀୟ, ଇଂଲଣ୍ଡର କ୍ରିସ୍ ଓଲ୍ଡ କାନାଡ଼ା ବିପକ୍ଷରେ ୧୦ ଓଭରରେ ୪/ ୮ ସହ ତୃତୀୟ, ଇଂଲଣ୍ଡର ବବ୍ ୱିଲ୍ସ କାନାଡ଼ା ବିପକ୍ଷରେ ୧୦.୩ ଓଭର ବୋଲିଂ କରି ୪/୧୧ ସହ ଚତୁର୍ଥ ଓ ଇଂଲଣ୍ଡର ମାଇକ୍ ହେଣ୍ଡ୍ରିକ୍ସ ପାକିସ୍ତାନ ବିପକ୍ଷରେ ୧୨ ଓଭର ବୋଲିଂ କରି ୪/୧୫ ସହ ପଞ୍ଚମ ସ୍ଥାନରେ ରହିଥିଲେ।

କିପିଂରେ ୱେଷ୍ଟଇଣ୍ଡିଜର ଡେରିକ ମୁରେ ୪ ମ୍ୟାଚ୍‌ରୁ ୭ଟି କ୍ୟାଚ୍ ନେଇ ସଫଳତମ ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ପାକିସ୍ତାନର ୱାସିମ ବାରି ୪ଟି ମ୍ୟାଚ୍‌ରୁ ୬ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ କରି ତାଲିକାର ଦ୍ୱିତୀୟ, ନ୍ୟୁଜିଲାଣ୍ଡର ୱାରେନ ଲିସ୍ ୪ଟି ମ୍ୟାଚ୍‌ରୁ ୬ଟି କ୍ୟାଚ୍ ନେଇ ତୃତୀୟ, ଅଷ୍ଟ୍ରେଲିଆର କେଭିନ୍ ରାଇଟ୍ ୩ଟି ମ୍ୟାଚ୍ ଖେଳି ୫ଟି କ୍ୟାଚ୍ ନେଇ ଚତୁର୍ଥ ଓ ଇଂଲଣ୍ଡର ବବ୍ ଟେଲର ୫ଟି ମ୍ୟାଚ୍ ଖେଳି ୪ଟି କ୍ୟାଚ୍ ନେବା ସହ ପଞ୍ଚମ ସ୍ଥାନରେ ରହିଛନ୍ତି।

ଆଉଟ୍‌ଫିଲ୍ଡିଂରେ ପାକିସ୍ତାନର ୱାସିମ ବାରି ୪ ମ୍ୟାଚ୍‌ରୁ ସର୍ବାଧିକ ୪ କ୍ୟାଚ୍ ନେଇ ପ୍ରଥମ, ୱେଷ୍ଟଇଣ୍ଡିଜର ଅଲଭିନ୍ କାଲିଚରନ ୪ ମ୍ୟାଚରୁ ୪ କ୍ୟାଚ୍ ନେଇ ଦ୍ୱିତୀୟ, ଇଂଲଣ୍ଡର ମାଇକ ବ୍ରେୟରଲି ୫ଟି ମ୍ୟାଚ୍‌ରୁ ୪ଟି କ୍ୟାଚ୍ ନେଇ ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଏହି କ୍ରମରେ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡର ଜେରେମି କୋନି ୩ କ୍ୟାଚ୍ ନେଇ ଚତୁର୍ଥ, ୱେଷ୍ଟଇଣ୍ଡିଜର କ୍ଲାଇଭ ଲୟଡ ୩ କ୍ୟାଚ୍ ନେଇ ପଞ୍ଚମ, ଭିଭି ରିଚାର୍ଡ୍ସ ୩ କ୍ୟାଚ୍ ନେଇ ଷଷ୍ଠ, ପାକିସ୍ତାନର ସାଦିକ ମହମ୍ମଦ ୩ କ୍ୟାଚ୍ ନେଇ ସପ୍ତମ ଓ ଇଂଲଣ୍ଡର ମାଇକ୍ ହେଣ୍ଡ୍ରିକ୍ସ ଟୁର୍ନାମେଣ୍ଟରେ ୩ କ୍ୟାଚ୍ ନେଇ ଅଷ୍ଟମ ସ୍ଥାନରେ ରହିଥିଲେ। କୌଣସି ଭାରତୀୟ କ୍ରିକେଟର ଏହି ତାଲିକାଗୁଡ଼ିକରେ ସ୍ଥାନ ହାସଲ କରିପାରି ନ ଥିଲେ। ବୋଲିଂ, ବ୍ୟାଟିଂ, ଫିଲ୍ଡିଂ ଓ ଉଇକେଟ କିପିଂରେ ଭାରତୀୟ ଖେଳାଳିମାନେ ମାମୁଲି ପ୍ରଦର୍ଶନ କରିଥିଲେ ଏବଂ ବିଶ୍ୱକପ୍ ଇତିହାସରେ ଭାରତ ଏହି ସଂସ୍କରଣରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିଲା।



ମାଇକ ହେଣ୍ଡ୍ରିକ୍ସ

## ଜାତୀୟ ମହିଳା ହକି କ୍ୟାମ୍ପ: ଫେରିଲେ ରାନୀ

ନୂଆଦିଲ୍ଲୀ, ୨୫।୪(ପି.ଟି.)

ବେଙ୍ଗାଲୁରୁଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଜାତୀୟ ମହିଳା ହକି କ୍ୟାମ୍ପ ଲାଗି ହକି ଇଣ୍ଡିଆ ପକ୍ଷରୁ ୬୦ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଷ୍ଟାର୍ ଖେଳାଳି ତଥା ଅଧିନାୟିକା ରାନୀ ରାମପାଲ ସ୍ଥାନ ପାଇଛନ୍ତି। ଆଘାତଜନିତ ସମସ୍ୟା ଲାଗି ରାନୀ ନିକଟରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍ ଖେଳିପାରି ନ ଥିଲେ। ଦୁଇ ସପ୍ତାହ ଧରି ହେବାକୁ ଥିବା ଏହି କ୍ୟାମ୍ପ୍‌କୁ କିନ୍ତୁ ରାନୀ ଫିଟ୍ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ୪ରେ ଏହି ୬୦ ଜଣିଆ ଖେଳାଳି ତାଲିକାରୁ ୩୩ ଜଣିଆ କୋର୍ ଗ୍ରୁପ୍ ଚୟନ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ‘ଏହି କ୍ୟାମ୍ପ୍‌କୁ କିଛି ନୂତନ ପ୍ରତିଭାଧାରୀ ଖେଳାଳି ଆସିଛନ୍ତି, ଯାହାଙ୍କ ଦକ୍ଷତାକୁ ଏଠାରେ ପରଖାଯିବ। ଖେଳାଳିମାନେ ସେମାନଙ୍କ ସାମର୍ଥ୍ୟ ଅନୁସାରେ ପ୍ରଦର୍ଶନ କରିବେ’ ବୋଲି ଜାତୀୟ ମହିଳା ହକି ଦଳର କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ଏହି ୬୦ ଜଣିଆ କ୍ୟାମ୍ପ୍‌ରେ ଦୀପ୍‌ଗ୍ରେସ ଏକ୍କା, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ନମିତା ଟପ୍ପୋଙ୍କ ପରି ଓଡ଼ିଶାର କିଛି ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି।

## ଏସିଆ ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ସାଇନା, ସିନ୍ଧୁ

ଉହାନ (ଚାଇନା), ୨୫।୪(ପି.ଟି.)

ଭାରତର ଦୁଇ ଷ୍ଟାର୍ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ମହିଳା ସିଙ୍ଗଲ୍ସ ରାଉଣ୍ଡ–୧୬’ର ଏକ ମ୍ୟାଚ୍‌ରେ କୋରିଆର କିମ୍ ଗା ଏଉନ୍‌ଙ୍କୁ ୨୧–୧୩, ୨୧–୧୩ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସାଇନାଙ୍କ ମୁକାବିଲା ୩ୟ ସିଡ୍ ଜାପାନର ଅକେନା ୟାମାଗୁଚିଙ୍କ ସହ ହେବ। ସେହିଭଳି ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ସିନ୍ଧୁ ୩୩ ମିନିଟ୍‌ରେ ଇଣ୍ଡୋନେସିଆର ଚୋଇରୁନିସାଙ୍କୁ ହରାଇଛନ୍ତି। ତୃତୀୟ ସିଡ୍ ସିନ୍ଧୁ ଏହି ମ୍ୟାଚ୍‌କୁ ୨୧–୧୫, ୨୧–୧୯ ସିଧାସଳଖ ଗେମ୍‌ରେ ଜିତିନେଇଥିଲେ। ରାଉଣ୍ଡ–୮ରେ ସେ ଚାଇନାର କାଇ ୟାନୟାନଙ୍କୁ ଭେଟିବେ। ପୁରୁଷ ବର୍ଗରେ ସମୀର ବର୍ମା ମଧ ପ୍ରଭାବୀ ପ୍ରଦର୍ଶନ ଜାରି ରଖି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି–କ୍ୱାର୍ଟରରେ ସମୀର ୨୧–୧୨, ୨୧–୧୯ରେ ହଂକଂର ଏନ୍. କା ଲଙ୍ଗ୍ ଅନଗୁସ୍‌ଙ୍କୁ ମାତ୍ ଦେଇଛନ୍ତି। ଅନ୍ତିମ–୮ରେ ସମୀର ଚାଇନାର ସହି ୟୁକିଙ୍କ ସହ ମୁକାବିଲା କରିବେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ମଧରେ ମିକ୍ସଡ ଡବଲ୍ସରେ ଉତ୍କର୍ଷ ଆରୋରା ଓ କରିଷ୍ମା ୱାଡେକର ଯୋଡ଼ିଙ୍କୁ ନିରାଶ ହେବାକୁ ପଡ଼ିଛି।



ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ପି.ଭି. ସିନ୍ଧୁ।

CLASSIFIED DISPLAY

**ନାମଲେଖା ବିଜ୍ଞାପନ**

୨୦୧୯–୨୦ ଶିକ୍ଷାବର୍ଷ ନିମନ୍ତେ ଆମ ବିଦ୍ୟାଳୟ ନାମଲେଖା ପ୍ରକ୍ରିୟା ତା.୦୨।୦୪।୨୦୧୯ଠାରୁ ଆରମ୍ଭ ହୋଇଅଛି। ଆଗ୍ରହୀ ଅଭିଭାବକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ କାର୍ଯ୍ୟାଳୟରୁ କାର୍ଯ୍ୟଦିବସମାନଙ୍କରେ ଦିବା ୮ଘଟିକାରୁ ଅପରାହ୍ଣ ୧ଟା ମଧ୍ୟରେ ନାମଲେଖା ଫର୍ମ ସଂଗ୍ରହ କରିପାରିବେ। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ ନାହିଁ। ନାମଲେଖା ସମୟରେ ଜନ୍ମ ପ୍ରମାଣପତ୍ର/ଅଙ୍ଗନୱାଡ଼ି କେନ୍ଦ୍ର ପ୍ରମାଣପତ୍ର/ଆଧାର କାର୍ଡ ସହ ଅଭିଭାବକଙ୍କ ସ୍ୱ–ଘୋଷଣା ପତ୍ର ଗ୍ରହଣୀୟ ହେବ। ଭାରତ ସରକାରଙ୍କ RTE ACT–2009 ଅନୁସାରେ ପ୍ରବେଶ ଶ୍ରେଣୀରେ (Entry Class) ସୁବିଧାରୁ ବଞ୍ଚିତ/ଆର୍ଥିକ ଦୁର୍ବଳ ଶ୍ରେଣୀ ନିମନ୍ତେ ମୋଟ ପ୍ରବେଶ କ୍ଷମତାର ୨୫% ସ୍ଥାନ ନିଃଶୁଳ୍କ ଶିକ୍ଷାଦାନ ପାଇଁ ସଂରକ୍ଷିତ ଅଛି।

ସ୍ୱା./- ପ୍ରଧାନ ଆଚାର୍ଯ୍ୟ
ସାନ୍ଦୀପନି ବିଦ୍ୟା ନିକେତନ, ନୂଆପଡ଼ା, ଗଞ୍ଜାମ




**Life Care Emporium** Upto 50% OFF

AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ Sambalpur, Friday, April 26/ 2019




## ଆଇପିଏଲ-୧୨ରୁ ଷ୍ଟେଇନ ଆଉଟ୍

**ବେଙ୍ଗାଲୁରୁ,୨୫।୪(ପିଟି)**

ଚଳିତ ଆଇପିଏଲରେ ହ୍ୟାଟ୍ରିକ ବିଜୟ ହାସଲ କରିବା ପରେ ପ୍ଲେ-ଅଫ୍‌କୁ ପ୍ରବେଶ କରିବା ଆଶା ରଖିଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଗୁରୁବାର ଶକ୍ତ ଧକ୍କା ଲାଗିଛି। ବଦଳ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ଡେଲ ଷ୍ଟେଇନ ଅବଶିଷ୍ଟ ମ୍ୟାଚ୍ ଖେଳିପାରିବେ ନାହିଁ। ଗତ ୨୧ ତାରିଖରେ ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ଫିଟ୍ ହେବାରେ ସମୟ ଲାଗିବାକୁ ଥିବାରୁ ଷ୍ଟେଇନ ସ୍ୱଦେଶ ଫେରିବେ। ସେଠାରେ ସେ କାନ୍ଧ ସମସ୍ୟାର ସ୍ପେଶାଲିଷ୍ଟଙ୍କ ସହ ପରାମର୍ଶ କରିବେ। ଏ ସମ୍ପର୍କରେ ବାଙ୍ଗାଲୋର ଫ୍ରାଞ୍ଚାଇଜ ଗୁରୁବାର ସୂଚନା ଦେଇଛି। ଦକ୍ଷିଣ ଆଫ୍ରିକୀୟ ପେସରଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଏଣୁ ସେ ଚଳିତ ଆଇପିଏଲରେ ଖେଳି ପାରିବ ନାହିଁ। ତାଙ୍କ ଉପସ୍ଥିତିରେ ଦଳକୁ ଭଲ ପ୍ରଦର୍ଶନ କରିବାରେ ସହାୟକ ହୋଇଥିଲା। ଆରସିବି ତାଙ୍କ ଅନୁସ୍ଥିତି ଅନୁଭବ କରିବ ବୋଲି ଫ୍ରାଞ୍ଚାଇଜ ଅଧକ୍ଷ ସଞ୍ଜୀବ ଚୁରିୱାଲା କହିଛନ୍ତି। ଷ୍ଟେଇନ ଉପଲବ୍ଧ ନ ଥିବାରୁ ନ୍ୟୁଜିଲାଣ୍ଡ ପେସର ଟିମ ସୌଦି ଏବେ ଠାରୁ ଆରସିବି ବୋଲିଂ ବିଭାଗର ନେତୃତ୍ୱ ନେବେ।

# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ସାଇଫନରେ ଘାଇ

**କଲମପୁର,୨୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ନିକଟରେ ବୁଧବାର ବିଳମ୍ବିତ ରାତିରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଆରଡି ୨୭.୬୮୦ ସାଇଫନର ଦକ୍ଷିଣ ପାର୍ଶ୍ୱରେ ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ନିକଟସ୍ଥ ପଣ୍ଡିଗାଁର ବସ୍ତିପଡା ଜଳମଗ୍ନ ହୋଇଛି । ଏହା ଜାଣି ଗ୍ରାମବାସୀ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଖବର ପାଇ ପ୍ରଥମେ ମଙ୍ଗଳପୁର ବ୍ୟାରେଜ ଏବଂ ବନ୍ଧକନା ଫାଟକକୁ ବନ୍ଦ କରି ଦକ୍ଷିଣ ମୁଖ୍ୟ କେନାଲର ପାଣିକୁ କମାଇବା ପାଇଁ ବିଭାଗୀୟ ଅଧିକାରୀମାନେ ଚେଷ୍ଟା କରିଥିଲେ ।

ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଡିଭିଜନର କଲମପୁର ସହକାରୀ ନିର୍ବାହୀ ଯନ୍ତ୍ରୀ -୨ ନେଲସନ ତାଣ୍ଡି, ମୁଖିଗୁଡା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଣୟ ପ୍ରଧାନ, ଚିଲିଗୁଡା ସହକାରୀ ନିର୍ବାହୀଯନ୍ତ୍ରୀ ଅକ୍ଷୟ କୁମାର ଭୋଇ, ଜୁନାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକ, ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରହଲ୍ଲାଦ ହେମ୍ବ୍ରମ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସୃଷ୍ଟି ହୋଇଥିବା ଘାଇକୁ




ଚାଷ ଜମିରେ କେନାଲ ପାଣି ପ୍ରବାହିତ ହେଉଛି (ବାମ) । କେନାଲ ପାଣି ପଣ୍ଡିଗାଁ ଭିତରେ ପ୍ରବାହିତ ହେଉଛି।

### ପଣ୍ଡିଗାଁ ଜଳମଗ୍ନ, ଧାନଚାଷ ପ୍ରଭାବିତ

ବନ୍ଦ କରିବା ପାଇଁ ସମସ୍ତେ ଲାଗି ପଡିଥିଲେ । ପାଳବିଡା ଏବଂ ବାଲିବସ୍ତା ପକାଯାଇ ଅସ୍ଥାୟୀ ଭାବେ ଘାଇ ବନ୍ଦ କରିବା ପାଇଁ ଉଦ୍ୟମ କରାଯାଇଥିଲା ।

ମିଳିଥିବା ସୂଚନା ଅନୁଯାୟୀ, କେନାଲ ପାଣି ସାଇଫନ ଦେଇ ପଣ୍ଡିଗାଁ ବସ୍ତିପଡାକୁ ପଶିଥିଲା । ଗ୍ରାମର ଗୌର ଚନ୍ଦ୍ର ମାଝି, ସୁଦର୍ଶନ ମାଝି, ଚନ୍ଦ୍ର ମାଝି, ହେମନ୍ତ ମାଝି, ଶିବରାମ ମାଝି, ପ୍ରଭାସ ମାଝି, ଅନନ୍ତ ମାଝି, ନିର୍ମଳ ମାଝି, ପରମେଶ୍ୱର ସରାଫଙ୍କ ଘର ନିକଟ ଦେଇ ପାଣି ପ୍ରବାହିତ ହୋଇଥିଲା । ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡିଥିଲେ । ମୁଖ୍ୟ କେନାଲକୁ ମରାମତି କରା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି । ପ୍ରାୟ ୧୫୦ ପରିବାର ଏଥିପାଇଁ ଆତଙ୍କିତ ଅବସ୍ଥାରେ ରହୁଥିବାରୁ ସେମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଦାବି ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ବସ୍ତିବାସିନ୍ଦା ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । କେନାଲ ତଳେ ଥିବା ଭବାନୀ ଶଙ୍କର ବେହେରାଙ୍କ ଚାଷଜମି ଦେଇ କେନାଲ ଜଳ ପ୍ରବାହିତ ହେଉଥିବାରୁ କେଣ୍ଡା ବାହାରି ଥିବା ଧାନଚାଷ ପ୍ରଭାବିତ ହୋଇଛି । ସେହିପରି ବାଟି ମାଝି, ସୁରେନ୍ଦ୍ର ମାଝି, ମଙ୍ଗନିଆଁ ମାଝି, ସିଦ୍ଧେଶ୍ୱର ମାଝିଙ୍କ ଧାନ ଚାଷ ପ୍ରଭାବିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । କଲମପୁର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ପୁରୋହିତ ପଣ୍ଡଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି । କେନାଲ ମରାମତି ସମ୍ପର୍କରେ କଲମପୁର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ବର୍ତ୍ତମାନ ବାଲି ବସ୍ତା ଦେଇ ଅସ୍ଥାୟୀ ଭାବେ ମରାମତି କରୁଛୁ । ରବିଚାଷ ଚାଲିଥିବାରୁ ସ୍ଥାୟୀ ମରାମତି ସମ୍ଭବ ହେଉନାହିଁ । ଆଉ କିଛି ଦିନ ପରେ ରବି ଚାଷ ସରିବା ପରେ ସ୍ଥାୟୀ ମରାମତି କରାଯିବ ବୋଲି କହିଛନ୍ତି ।




## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍

**ଉଲୁଣ୍ଡା,୨୫।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଗୁରୁବାର ଅପରାହ୍ନରେ ଏହି ଘଟଣା ଘଟିଛି । ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ ନାରାୟଣ ଭୂୟାଁ ଏକ ବିଭାଗୀୟ କାମରେ ନିୟୋଜିତ ଶ୍ରମିକଙ୍କୁ ଟଙ୍କା ପ୍ରଦାନ ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇ ଡିକିରେ ରଖିଥିଲେ। ବାଇକ୍ ବାହାରେ ରଖି ଇଂ ଭୂୟାଁ ଅଫିସ ଭିତରକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି । ଏ ସମ୍ପର୍କରେ ଇଂ. ଭୂୟାଁ ଅଭିଯୋଗ କରିବା ପରେ ଉଲୁଣ୍ଡା ଥାନାରେ ଏକ ମାମଲା(ନଂ.୪୦/୧୯)ରୁଜୁ ହୋଇଛି । ଥାନା ଅଧିକାରୀ ବିଧୁଭୂଷଣ ପୁଟା ସିସିଟିଭି ଫୁଟେଜ୍ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଛନ୍ତି ।




## ଫାୟାରମ୍ୟାନ ହତ୍ୟା ଘଟଣା : ଅଭିଯୁକ୍ତ କୋର୍ଟଚାଲାଣ

**ବିନିକା,୨୫।୪(ଡି.ଏନ୍.ଏ)**

ବିନିକା ସହର ନୂଆଁବଜାରସ୍ଥିତ ବିୟର ପାର୍ଲର ସମ୍ମୁଖରେ ବୁଧବାର ପୂର୍ବାହ୍ନରେ ଏକ ହତ୍ୟାକାଣ୍ଡ ଘଟିଥିଲା। ହତ୍ୟାକାଣ୍ଡର ଶିକାର ହୋଇଥିଲେ ବିନିକା ଅଗ୍ନିଶମ ବିଭାଗର ଫାୟରମ୍ୟାନ୍ ଦୁଷ୍ମନ୍ତ କିଷାନ୍(୨୭)। ବିନିକା ଗାନ୍ଧୀନଗର ପଡାର ଟିଙ୍କୁ ଅଜଗର(୩୨) ତାଙ୍କୁ ଗଳାକାଟି ହତ୍ୟା କରିବା ପରେ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଥିଲେ। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ସୋଲାରକୁ ହରାଇଲା ବିଶ୍ୱଭାରତୀ

କଟକ ଅଫିସ,୨୫।୪- ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ବିଶ୍ୱଭାରତୀ କ୍ଲବ ୧୭ରନରେ ସୋଲାର କ୍ଲବକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ସମସ୍ତ ଉଇକେଟ ହରାଇ ୧୭୧ରନ କରିଥିଲା । ରଶ୍ମିରଞ୍ଜନ ଷଡ଼ଙ୍ଗୀ ୩୬ ଓ ମହମ୍ମଦ ଜିସାନ ୩୩ରନ କରିଥିଲେ । ସୋଲାର ପକ୍ଷରୁ ସ୍ନେହାଶିଷ ମହାନ୍ତି୩ଟି, ପ୍ରତୀକ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ । ସୋଲାର ୧୫୪ରନରେ ଅଲଆଉଟ ହୋଇଥିଲା । ଦଳ ପକ୍ଷରୁ ଅରବିନ୍ଦ ଜେନା ସର୍ବାଧିକ ୩୯ରନ କରିଥିବା ବେଳେ ବିଶ୍ୱଭାରତୀ କ୍ଲବର ପ୍ରୀତମ କୁମାର ଦାସ ୩ଟି, ଅଂଶୁମାନ ପାତ୍ର ଓ ମହେଶ ମହନ୍ତ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ପ୍ରୀତମ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ରଣଜୀ ଖେଳାଳି ସୁବିତ ବିଶ୍ୱାଳ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ
ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସିଆଲି ରାମଲୀଳା ଉଦ୍‌ଯାପିତ

**ବିନିକା, ୨୫।୪(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଲି ରଘୁନାଥ ନାଟ୍ୟ କଳା ସଂସଦ ଆନୁକୂଲ୍ୟରେ ରାମ ନବମୀଠାରୁ ଚାଲିଥିବା ରାମଲୀଲା ରାବଣ ବଧ ସହ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ରାମଲୀଲାର ବିଭିନ୍ନ ଦିନରେ ରାମଜନ୍ମ, ଧନୁଭଙ୍ଗ, ସୀତା ବିଭାହ, ସୀତା ଚୋରୀ, ବାଲୀବଧ, ସେତୁ ବନ୍ଧ ପ୍ରତିଷ୍ଠା, ସୀତା ଠାବ, ଲଙ୍କା ଦହନ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ମହିରାବଣ, ରାବଣ ବଧ ସହ ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇବା ଏବଂ ରାମଚନ୍ଦ୍ରଙ୍କ ଅଭିଷେକ ଆଦି ପୌରାଣିକ ଥାବସ୍ତୁ ଉପରେ ଆଧାରିତ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ବାଦ୍ୟ ଯନ୍ତ୍ରରେ ଭୂଷଣ ଷାଣ୍ଡ, ଡିଜଲ ନିଆଲି, ସୀତାରାମ ସେଠୀ, ସୁଦାମ ସାହୁ, କପିଳେଶ୍ୱର ବିଶ୍ୱାଳ ସହଯୋଗ କରିଥିଲେ । ନାଟକକୁ ଡୋଲାମଣୀ ପଧାନ ପରିଚାଳନା କରିଥିଲେ ।

# ସାମୂହିକ ଉଦ୍ୟମ ଦ୍ୱାରା ମ୍ୟାଲେରିଆ ମୂଳୋତ୍ପାଟନ ସମ୍ଭବ

**ସୋନପୁର,୨୫।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମୂହିକ ଉଦ୍ୟମ ଦ୍ୱାରା ମ୍ୟାଲେରିଆର ମୂଳୋତ୍ପାଟନ ସମ୍ଭବ ବୋଲି କହିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ତଥା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡାକ୍ତର ନବ କିଶୋର ବେହେରା ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଜିଲାର ସ୍ଥିତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିରୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ସନ୍ତୋଷ ସାହୁଙ୍କ ଲିଖିତ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରିଥିଲେ। ସଭା ଶେଷରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ଭିବିଡି କନସଲଟାଣ୍ଟ ଚନ୍ଦ୍ରଶେଖର ମିଶ୍ର, ପ୍ରମୋଦ ସାହୁ, ତାରିଣୀ ପାତ୍ର ଓ ଅଜୟ ଜେନା ପ୍ରମୁଖ କାଯର୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏନଏଚଏମ ଡିପିଏମ ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଯେ, ଉଲୁଣ୍ଡା, ବୀରମହାରାଜପୁର ଓ ଡୁଙ୍ଗୁରିପାଲି ବ୍ଲକର ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସଚେତନତା, ମଶାରି ପ୍ରଦାନ ଯୋଗୁଁ ସ୍ଥିତିର ଯଥେଷ୍ଟ ଉନ୍ନତି ଆସିଛି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଆଶାକର୍ମୀଙ୍କ ଉଦ୍ୟମ ଯୋଗୁଁ ବିଗତ ପାଞ୍ଚ ବର୍ଷରେ ଜିଲାରେ ମ୍ୟାଲେରିଆ ଜନିତ ମୃତ୍ୟୁ ଶୂନ୍ୟ ରହିଛି । ଜିଲାରେ ଏହା ଲକ୍ଷ୍ଲେଖନୀୟ ସଫଳତା ।



ଅତିଥିଙ୍କ ଗହଣରେ ସଚେତନତାଧର୍ମୀ ନାଟକ ପରିବେଷଣ କରିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ ।



ମ୍ୟାଲେରିଆ ନିୟନ୍ତ୍ରଣ ଓ ନିରାକରଣ ପାଇଁ କାର୍ଯ୍ୟ କରିଥିବା ଆଶା ଆହ୍ଲାଦିନୀ ବହିଦାରଙ୍କୁ ପୁରସ୍କୃତ କରାଯାଉଛି।

# ମ୍ୟାଲେରିଆ ନିୟନ୍ତ୍ରଣରେ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଡୁଙ୍ଗୁରିପାଲି, ୨୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତିଙ୍କ ପରିଚାଳନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ.ଆଶିଷ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ଡ. ସଞ୍ଜୟ ପଧାନ, ଡ.ଶଶାଙ୍କ ସାହୁ, ଡ.ଆଲୋକ ପଣ୍ଡା, ଡ.ସରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବିଶ୍ୱାଳ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଓ ନିରାକରଣ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରଶଂସା କରିଥିଲେ। ଡ. ପଧାନ ମ୍ୟାଲେରିଆ ରୋଗର ଚିକିତ୍ସା ଓ ନିରାକରଣ ତଥା ଶୂନ୍ୟ ମ୍ୟାଲେରିଆ ପାଇଁ ଆଶା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଡାକ୍ତର ସାହୁ ମ୍ୟାଲେରିଆ ରୋଗର ଶୀଘ୍ର ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ବିଷୟରେ ପ୍ରକାଶ କରିଥିଲେ । ବାହକଜନିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରିଦର୍ଶକ ଅଜିତ କୁମାର ହୋତା ଗତ ତିନିବର୍ଷରେ ଡୁଙ୍ଗୁରିପାଲି ବ୍ଲକରେ ମ୍ୟାଲେରିଆ ରୋଗର ସ୍ଥିତି, ଏହାର ନିୟନ୍ତ୍ରଣ ଓ ଏଥିପାଇଁ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଓ ନିରାକରଣ କ୍ଷେତ୍ରରେ ଆଶ ଆହ୍ଲାଦିନୀ ବହିଦାରଙ୍କୁ ପୁରସ୍କୃତ କରାଯାଇଥିଲା।ସମନ୍ୱିତଶିଶୁବିକାଶପ୍ରକଳ୍ପର ପରିଦର୍ଶିକା ବୃନ୍ଦ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୁମୁଦବଲ୍ଲଭ ନାୟକ, ଲୋକନାଥ ଭୋଇ, ହରିଶ୍ଚନ୍ଦ୍ର ସୁନା, ଦୁଃଖିଶ୍ୟାମ ମହାଲିଙ୍ଗ, ଭାରତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯକ୍ଷ୍ମାରୁଗୀ ଘଇସାନ ପାଏଲେ ସରକାରୀ ସାହାଯ୍

**ବିନିକା,୨୫।୪ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାରଙ୍ଗପାଲି ଗାଁର ଘଇସାନ ସୁନା(୬୯)। ସେ ଗଲା ୬ ମାସ ହେଲା ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଥିଲେ। ହେଲେ ତାହାକୁ କେହେନ୍‌ସି ପରକାର ସରକାରୀ ଚିକିତ୍ସା ସାହାଯ୍ ନାଇଁ ମିଲୁଥିବାର ପରିବାର ଲୋକ୍ ଅଭିଯୋଗ କରିଥିଲେ। ଇ ବାବ୍‌ଦେ ଗଲା ୨୪.୩.୨୦୧୯ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଦାଉ ସାଧୁଛେ ଯକ୍ଷ୍ମାରୋଗ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ବିନିକା ସ୍ୱାସ୍ଥ୍ୟ ବିଭାଗ୍ ଇ ଦିଗେ ଦୁରୁଷ୍ଟି ଦେଇଥିଲା। ବିନିକା ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରଭାସ ଚନ୍ଦ୍ର ପଧାନ, ଆୟୁଷ ଡାକ୍ତର ଦିଲ୍ଲୀପ ପାଣ୍ଡିଆ, ବାଙ୍କିଗିର୍ଡ଼ି ଏଏନ୍‌ଏମ୍ ମମତା ମିଶ୍ର ଆର ଥାନୀୟ ଗାଁର ଆଶାକରମୀ ମମତା ରିଙ୍ଗରା ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଘଇସାନକୁଁ ତାକର ଘରେ ଯାଇ ଭେଟିଥିଲେ। ଯକ୍ଷ୍ମାରୁଗୀକୁ ସରକାରକଁର ତରଫୁ ଉଷୋକଷା ବାବ୍‌ଦେ ଦିଆଯାଉଥିବାର ୫ଶହ ଟଁକା ଅନୁଦାନ ଫିମାସ ନିଜର ବ୍ୟାଙ୍କ ଜମାଖାତାରୁ ଉଠାବାକେ ପରାମଶ ଦେଇଥିଲେ।



ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଘଇସାନ।

**ଧରିତ୍ରୀ ପ୍ରଭାବ**

ସେନ୍‌ତା ବାଙ୍କିଘିର୍ଡ଼ି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥି ଘଇସାନ କେନ୍‌ଥେଇ ଜଲଦି ବୁଢ଼ାବୁଢ଼ି ଭତା ପାଏବେ ସେ ଦିଗେ ପଦକ୍ଷେପ ନିଆଯିବା ବଲି କହିଛନ୍।

### ସୁଶାନ୍ତ ମୃତ୍ୟୁ ଘଟଣାକୁ ୪୫ଦିନ ବିତିଲା

# ତ୍ୱରିତ ତଦନ୍ତ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପରିବାରବର୍ଗ

**ସୋନପୁର,୨୫।୪(ନି.ପ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବ୍ରାହ୍ମଣୀପାଲି ଗାଁର ସୁଶାନ୍ତ ନାଏକ(୩୦)ଙ୍କ ମୃତ୍ୟୁ ଘଟଣାକୁ ୪୫ ଦିନ ବିତିଲାଣି। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ନିରାଶ ହୋଇ ସୁଶାନ୍ତଙ୍କ ପରିବାରବର୍ଗ ଗୁରୁବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ସୋନପୁର ଥାନା ପିପିଲିପାଲି ଗାଁର ଏକ ପରିତ୍ୟକ୍ତ କୂଅରୁ ନିଖୋଜ ସୁଶାନ୍ତଙ୍କ ମୃତଦେହ ମାର୍ଚ୍ଚ ୧୨ ତାରିଖରେ ଉଦ୍ଧାର କରାଯାଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ବର୍ଗଙ୍କ ପକ୍ଷରୁ ସେତେବେଳେ ଅଭିଯୋଗ ହୋଇଥିଲା । ସୁଶାନ୍ତ ଗତ ମାର୍ଚ୍ଚ ୧୦ ତାରିଖରେ ସୋନପୁର ଥାନା ପିପିଲିପାଲି ଗାଁକୁ ଏକ ବରଯାତ୍ରୀ ଦଳରେ ଆସି ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନଥିଲା। ପରେ ପିପିଲିପାଲି ଗାଁର ହୀରାଧନ ଖମାରୀଙ୍କ ବାଡି ପଟେ ଥିବା କୂଅରୁ ତାଙ୍କ ଗଳିତ ମୃତଦେହ ମିଳିଥିଲା। ହୀରାଧନ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ବାହାଘର ଭୋଜି ସ୍ଥାନଠାରୁ ମାତ୍ର ୨୫ ମିଟର ଦୂରରେ ଥିବା ପରିତ୍ୟକ୍ତ କୂଅରୁ ଗ୍ରାମବାସୀ ପୋଲିସ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଥିଲେ। ସୁଶାନ୍ତଙ୍କ ବାମପଟ ଆଖି ପତା ପାଖରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ସୁଶାନ୍ତ ବିବାହିତ। ସେ ଶାଢୀ ବୁଣାବୁଣି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ୫ ବର୍ଷର ଓ ଗୋଟିଏ ୨ ବର୍ଷର ସନ୍ତାନ ଅଛନ୍ତି। ତାଙ୍କ ମୃତ୍ୟୁରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ଗରୁବାର ପରିବାରବର୍ଗଙ୍କ ପକ୍ଷରୁ ରମା ନାଏକ, ରଶ୍ମିତା ନାଏକ, ସୁରେଶ ନାଏକ, ଇଶ୍ୱର ନାଏକ ଓ ରାଜକୁମାର ମହଲା ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।



ମୃତ ସୁଶାନ୍ତଙ୍କ ପରିବାର ବର୍ଗ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

- ବରଯାତ୍ରୀ ଦଳରେ ଆସି ଘରକୁ ଫେରି ନଥିଲେ
- କୂଅରୁ ଉଦ୍ଧାର ହୋଇଥିଲା ମୃତଦେହ

# ସାମାଜିକ, ଆଧ୍ୟାତ୍ମିକ ସଚେତନତା ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୫।୪**

ହରିହରାନନ୍ଦ ମଥୁରା ଆଶ୍ରମ, ପୁରୀ ପକ୍ଷରୁ ବରଗଡ଼ ସହରସ୍ଥିତ ଟ୍ରଷ୍ଟଫଣ୍ଡ କଲେଜରେ ଚାଲିଥିବା ୫ଦିନିଆ ସାମାଜିକ, ଆଧ୍ୟାତ୍ମିକ ସଚେତନତା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ଉକ୍ତ ଆଶ୍ରମର କର୍ମକର୍ତ୍ତା, ପ୍ରଶିକ୍ଷକମାନେ ଯୋଗଦେଇ ଛାତ୍ରୀମାନଙ୍କୁ ସେମାନଙ୍କ ମାନସିକ, ଶାରୀରିକ ବିକାଶ ତଥା ସାମାଜିକ ଓ ଅଧ୍ୟାତ୍ମିକ ଦିଗ ଉପରେ ପ୍ରଶିକ୍ଷଣ ତଥା ବିଭିନ୍ନ ପରାମର୍ଶ ଦେଇଥିଲେ । ସୁଷମା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉଦ୍‌ଯାପନୀ ସମାରୋହରେ ଡଃ ସରୋଜ ଦେବତା ମୁଖ୍ୟଅତିଥି ଏବଂ ଅଶୋକ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କଲେଜର ଅନ୍ୟ କର୍ମଚାରୀ ଏବଂ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday

ଧରିତ୍ରୀ
DHARITRI



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



ସମ୍ବଲପୁର, ଶୁକ୍ରବାର, ୨୬ ଏପ୍ରିଲ, ୨୦୧୯

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା
### ଅଭିଯୁକ୍ତ କୋର୍ଟଚାଲାଣ

**ବୌଦ୍ଧ,୨୫।୪(ସ୍ୱ.ପ୍ର):** ବୌଦ୍ଧ ଥାନା ବଡବାଗବର ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଅନ୍ତର୍ଯାମୀ ସେଠୀ(୨୭) । ସୂଚନାଯୋଗ୍ୟ, ଗତ ୨୧ତାରିଖରେ ବଡବାଗବର ଗ୍ରାମର ରାଜେଶ ଜେନା (୨୭) ନିକଟସ୍ଥ ଦେବଗଡ ଗ୍ରାମକୁ ରାମଲୀଳା ଦେଖିବାକୁ ଯାଇଥିଲେ । ସେଠାରେ ରାୟପୁର ଗ୍ରାମର ଅନ୍ତର୍ଯାମୀ ସେଠୀ ଓ ଲାଣ୍ଡବନ୍ଧ ଗ୍ରାମର ବିଜୟ ନାୟକଙ୍କ ସହ ରାଜେଶଙ୍କ ଭେଟ ହୋଇଥିଲା । ସେଠାରୁ ଯାତ୍ରା ଦେଖି ସାରି ତିନିଜଣ ମିଶି ଗୋଟିଏ ମଟର ସାଇକେଲରେ ଭୋର ସମୟରେ ଘରକୁ ଫେରୁଥିଲେ । ଫେରିବା ବାଟରେ ରାୟପୁର ଗ୍ରାମ ନାଗାବାଡା ଛକ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ଅନ୍ତର୍ଯାମୀ ଓ ତାଙ୍କ ସହଯୋଗୀ ରାଜେଶଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ । ଏ ନେଇ ଅଭିଯୋଗ ହେବା ପରେ ବୌଦ୍ଧ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ହତ୍ୟା ଘଟଣାରେ ଅନ୍ତର୍ଯାମୀଙ୍କ ସମ୍ପୃକ୍ତି ଥିବା ତଦନ୍ତ ବେଳେ ଜଣାପଡିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା ।

### ଭୋଟ ଦେବାକୁ ଆସି ମହିଳା ଅସୁସ୍ଥ

**ବରଗଡ଼ ଅଫିସ,୨୫।୪:** ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବୁଥ୍ ନଂ-୬୮ ଶକ୍ତିନଗର ପ୍ରାଥମିକ ସ୍କୁଲରେ ଗୁରୁବାର ସକାଳ ୭ଟାରୁ ସାନି ମତଦାନ ହୋଇଥିଲା । ମତଦାନ ପାଇଁ ଭୋଟରଙ୍କ ଲମ୍ବାଧାଡି ଲାଗିଥିବାବେଳେ ଭୋଟ ଦେବାକୁ ଆସି ଧାଡିରେ ଛିଡା ହୋଇଥିବା ଜଣେ ମହିଳା ଭୋଟର ହଠାତ ଅସୁସ୍ଥ ହୋଇପଡିଥିଲେ। ଟାଣ ଖରା ଯୋଗୁ ସେ ଅସୁସ୍ଥ ହୋଇପଡିଥିବା ଅନୁମାନ କରାଯାଉଛି। ପରେ ଅନ୍ୟ ମହିଳାମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଛାଇ ଥିବା ଜାଗାକୁ ନେଇଥିଲେ ଏବଂ ମୁଣ୍ଡରେ ପାଣି ସିଞ୍ଚନ କରିଥିଲେ । ଏହାପରେ ମହିଳା ଜଣକ ସୁସ୍ଥ ହେବା ସହିତ ମତଦାନ କରି ଘରକୁ ଫେରିଥିଲେ ।





ବରଗଡ଼ ଶକ୍ତିନଗର ଭୋଟ୍‌ଗ୍ରହଣ କେନ୍ଦ୍ରରେ ଭୋଟରମାନେ ସାନି ମତଦାନ କରିବା ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି (ବାମ) । ଅତାବିରା ନିର୍ବାଚନମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲରେ ମତଦାନ ପାଇଁ ଭୋଟରମାନଙ୍କ ଲମ୍ବା ଧାଡି ।

# ସରିଲା ସାନି ମତଦାନ, ଗଣତିକୁ ଅପେକ୍ଷା

- ଅତାବିରାରେ ସର୍ବାଧିକ, ବରଗଡ଼ରେ ସର୍ବନିମ୍ନ
- ୨ବୁଥ୍‌ରେ ପୁରୁଷ ତୁଳନାରେ ମହିଳା ଆଗରେ
- ସୁରକ୍ଷା କଡ଼ାକଡ଼ି, ଖବରଦାତାଙ୍କୁ ବୁଥ୍ ମନା

**ବରଗଡ଼ ଅଫିସ୍,୨୫।୪**

ବରଗଡ଼ ଜିଲାର ୩ଟି ଭୋଟଗ୍ରହଣ କେନ୍ଦ୍ର (ବୁଥ୍)ରେ ଗୁରୁବାର ସାନି ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ମତଦାନ ସରିବା ପରେ ଏବେ ଜନସାଧାରଣଙ୍କଠାରୁ ଆରମ୍ଭ କରି ଦଳୀୟ ପ୍ରାର୍ଥୀ, ନେତାମାନେ ଭୋଟ ଗଣତିକୁ ଅପେକ୍ଷା କରିଛନ୍ତି । ଆସନ୍ତା ମେ ୨୩ତାରିଖରେ ଭୋଟ ଗଣତି ହେବାକୁ ଥିବାରୁ ଏହି ଦିବସକୁ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି ।

ଜିଲାର ମାଓବାଦୀ ଅଧ୍ୟୁଷିତ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିବାବେଳେ ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ-୨୩୫) ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ(ବୁଥ୍ ନଂ-୬୮)ରେ ଏହା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ରରେ (ବୁଥ୍ ନଂ-୨୩୫) ସର୍ବାଧିକ ୮୩.୯୧ ପ୍ରତିଶତ ମତଦାନ ହୋଇଥିବା ବେଳେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୬୮)ରେ ଏହା ସର୍ବନିମ୍ନ ୬୨.୭୧ ପ୍ରତିଶତ ରହିଥିଲା । ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ୭୮.୯୪ ପ୍ରତିଶତ ମତଦାନ ହୋଇଥିଲା ।

ଅରେଇଗୁଡ଼ି ମତଦାନ କେନ୍ଦ୍ରରେ ୧୧୩୧ରୁ ୯୪୯, ଶକ୍ତିନଗର ମତଦାନ କେନ୍ଦ୍ରରେ ୧୩୫୭ରୁ ୮୫୧ ଏବଂ ଡଭା ମତଦାନ କେନ୍ଦ୍ରରେ ୧୧୪୫ରୁ ୮୮୧ ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ । ତେବେ ଡଭା ଓ ଶକ୍ତିନଗର ମତଦାନ କେନ୍ଦ୍ରରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ମତଦାନ କରିଥିଲେ। ଡଭାରେ ୪୩୫ ପୁରୁଷ ମତଦାନ କରିଥିବା ବେଳେ ୪୪୬ଜଣ ମହିଳା ମତାଧିକାର ସାବ୍ୟସ୍ତ କରିଥିଲେ। ସେହିପରି ଶକ୍ତିନଗରରେ ୪୦୯ ପୁରୁଷ ମତଦାନ କରିଥିବାବେଳେ ୪୪୬ଜଣ ମହିଳା ଭୋଟ୍ ଦେଇଥିଲେ। ଅନ୍ୟପଟେ ଅରେଇଗୁଡ଼ିରେ ୪୮୧ ପୁରୁଷ ଏବଂ ୪୪୧ଜଣ ମହିଳା ଭୋଟର ମତଦାନ କରିଥିଲେ। ସେହିପରି ବରଗଡ଼ ଲୋକସଭା ଅଧୀନ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଚାରମାଳ ମତଦାନ କେନ୍ଦ୍ର (ବୁଥ୍ ନଂ-୨୫୪)ରେ ମତଦାନ ହାର ୭୭.୯୪ ପ୍ରତିଶତ ରହିଥିଲା । ଏଠାରେ ୧୧୮୩ ଭୋଟରଙ୍କ ମଧ୍ୟରୁ ୯୨୨ଜଣ ଭୋଟ ଦେଇଥିଲେ। ସେମାନଙ୍କ ମଧ୍ୟରେ ୪୮୧ଜଣ ପୁରୁଷ ଏବଂ ୪୪୧ଜଣ ମହିଳା ରହିଥିଲେ। ମୋଟାମୋଟି ଭାବେ ସାନି ମତଦାନରେ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ଉପରୋକ୍ତ ୪ଟି ବୁଥ୍‌ରେ ମତଦାନ ହାର ୭୪.୮୧ ପ୍ରତିଶତ ରହିଥିବାବେଳେ ଜିଲାରେ ଏହି ହାର ୭୪.୫୨ ପ୍ରତିଶତ ରହିଛି।

ପ୍ରକାଶଥାଉକି, ଗତ ୧୮ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ବରଗଡ଼ ଜିଲାରେ ୭୭.୪୩ ପ୍ରତିଶତ ଭୋଟ୍ ହୋଇଥିଲା । ଜିଲାର ଭଟଲି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୮୦.୯୭ ପ୍ରତିଶତ ମତଦାନ ହୋଇଥିବାବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ସର୍ବନିମ୍ନ ୭୨.୦୬ ପ୍ରତିଶତ ରହିଛି। ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀରେ ୭୬.୭୩, ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୭୮.୪୮ ଏବଂ ବିଜେପୁର ନିର୍ବାଚନ ମଣ୍ଡଳୀରେ ୭୮.୯୨ ପ୍ରତିଶତ ମତଦାନ ହାର ରହିଥିଲା। ସେତେବେଳେ ଉପରୋକ୍ତ ବୁଥ୍ ଗୁଡ଼ିକରେ ଇଭିଏମ ଭିଭିପିଏଟି ପରିଚାଳନାରେ ତ୍ରୁଟି ଯୋଗୁ ସେଠାକାର ମତଦାନ ବାତିଲ କରାଯାଇଥିଲା। ଏହାସହିତ ସମ୍ପୃକ୍ତ ବୁଥ୍‌ର ସେକ୍ଟର ଅଫିସର ଏବଂ ପ୍ରିଜାଇଡ଼ିଂ ଅଫିସରଙ୍କୁ କାଯର୍ୟରୁ ନିଲମ୍ବିତ କରାଯାଇଥିଲା ଏବଂ ସାନି ମତଦାନ ଘୋଷଣା ହୋଇଥିଲା। ସାନି ମତଦାନ ପାଇଁ ଉପରୋକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ଏପରିକି ବୁଥ୍ ମଧ୍ୟରେ ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନ ସକାଶେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମଧ୍ୟ କଟକଣା ହୋଇଥିଲା। ଗତ ୧୮ତାରିଖରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୁଥ୍ ଭିତରକୁ ପଶି ମତଦାନ ସମୟର ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନ କରିବାକୁ ସୁଯୋଗ ଦିଆଯାଇଥିଲା। ମାତ୍ର ସାନି ମତଦାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେଥିରୁ ବାଦ୍ ଦିଆଯାଇଥିଲା । ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ବୁଥ୍ ବାହାରେ ଫଟୋ, ଭିଡ଼ିଓ ନେଇଥିଲେ। ଏ ନେଇ ବରଗଡ଼ ଶକ୍ତିନଗର ପ୍ରାଥମିକ ସ୍କୁଲ ବୁଥ୍‌ରେ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଫଳରେ ତାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା ।

## ଜିଲାପାଳ ଅଫିସରେ ଆତ୍ମହତ୍ୟା ଉଦ୍ୟମ

**ବରଗଡ଼ ଅଫିସ,୨୫।୪**

ବରଗଡ଼ ଜିଲାପାଳଙ୍କ ଅଫିସ ପରିସରରେ ଥିବା ଏକ ଗଛରେ ଚଢି ଜଣେ ଯୁବକ ଗୁରୁବାର ସକାଳ ପ୍ରାୟ ୧୦ ଟାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯୁବକ ଜଣକ ସ୍ଥାନୀୟ କେନାଲପଡା ନିବାସୀ ମାନସ ରଞ୍ଜନ ପ୍ରଧାନ ବୋଲି ସୂଚନା ମିଳିଛି। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡିନାହିଁ। ଏ ନେଇ ବରଗଡ଼ ଟାଉନ ଥାନା ଆଇଆଇସି ଉକ୍ତ ଯୁବକଙ୍କୁ ପଚାରିବାରୁ ତାଙ୍କ ଜୀବନରେ ସେଭଳି ଏକ ଘଟଣା ଘଟିଥିବା କହିଥିଲେ । ପରେ ପୋଲିସ ଯୁବକ ଜଣଙ୍କୁ ସିଆରପିସି ୪୧ରେ ନୋଟିସ କରି ଛାଡି ଦେଇଥିଲା। ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ଜଣକ ଏକ ବାଇକ ଯୋଗେ ଜିଲାପାଳ ଅଫିସକୁ ଆସିଥିଲେ। ସେ ବାଇକରୁ ଓହ୍ଲାଇ ଚପଲ ଖୋଲିବା ପରେ ଏକ ଗାମୁଛା ଧରି ଜିଲାପାଳ ଅଫିସ ପରିସରରେ ଥିବା ଦେବଦାରୁ ଗଛ ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ଓ ଅଫିସ କର୍ମଚାରୀ ତାହା ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ପୋଲିସ ସେଠାକୁ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗଛରୁ ଓହ୍ଲାଇ ଆଣି ଥାନାକୁ ନେଇଥିଲା ।

## ମାରୱାଡ଼ି ଯୁବାମଞ୍ଚର ପାନୀୟଜଳ ବ୍ୟବସ୍ଥା




ଭଟଲିରେ ମାରୱାଡ଼ି ଯୁବାମଞ୍ଚର ପାନୀୟଜଳ ବ୍ୟବସ୍ଥା ।

**ଭଟଲି,୨୫।୪(ଡି.ଏନ.ଏ)**

ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ପାନୀୟଜଳ ସଙ୍କଟ ମଧ୍ୟ ଦେଖାଦେଲାଣି । ଏହାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ଭଟଲି ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଭଟଲି ଓ କୁଶନପୁରୀ ଆଦି ଗ୍ରାମର ଜନଗହଳି ସ୍ଥାନ ଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ମାଠିଆରେ ପିଇବା ପାଣି ଭର୍ତ୍ତି କରି ଛକ ସ୍ଥାନଗୁଡ଼ିକରେ ରଖାଯାଇଛି । ଏପର୍ଯ୍ୟନ୍ତ ୧୦ଟି ସ୍ଥାନରେ ଏଭଳି ବ୍ୟବସ୍ଥା ହୋଇଛି ଏବଂ ଆଗକୁ ଅନ୍ୟ ସ୍ଥାନ ଗୁଡ଼ିକରେ ମଧ୍ୟ ଅନୁରୂପ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି ମାରୱାଡ଼ି ଯୁବାମଞ୍ଚ ସଭାପତି ରୋଶନ ଅଗ୍ରୱାଲ ଏବଂ ସମ୍ପାଦକ ସଞ୍ଜୟ ଅଗ୍ରୱାଲ ସୂଚନା ଦେଇଛନ୍ତି ।

## କେନାଲରେ ଭାସିଗଲେ ମହିଳା

**ବରଗଡ଼ ଅଫିସ୍,୨୫।୪**

ବରଗଡ଼ ମୁଖ୍ୟ କେନାଲରେ ଭଟଲି ଥାନା ଜଡ଼ା ଗ୍ରାମର ଜଣେ ମହିଳା ଗୁରୁବାର ସନ୍ଧ୍ୟାରେ ଭାସି ଯାଇଛନ୍ତି। ଭାସି ଯାଇଥିବା ମହିଳା ଜଣକ ଏହି ଗ୍ରାମର ଅରୁନ୍ଧତୀ ଭୁଏ(୪୦) ବୋଲି ସୂଚନା ମିଳିଛି । ବରଗଡ଼ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରୁଛନ୍ତି । ମାତ୍ର ଖବର ଲେଖାହେବା ସୁଦ୍ଧା(ରାତ୍ରି ୯ଟା) ମହିଳାଙ୍କ ସନ୍ଧାନ ମିଳିପାରିନାହିଁ । ଅରୁନ୍ଧତୀ ଅନ୍ୟ ୪ ଜଣ ମହିଳାଙ୍କ ସହିତ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାବେଳେ କେନାଲକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ସମୟରେ ସେ କେନାଲ ପାଣିରେ ଭାସି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି । ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ଖୋଜାଖୋଜି କରୁଛନ୍ତି ।

## ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ବିଦ୍ୟାଳୟ ପ୍ରକୃଷ୍ଟ ସ୍ଥାନ

**ପଦ୍ମପୁର,୨୫।୪ (ଡି.ଏନ.ଏ)**

ପଦ୍ମପୁର ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ବିଦ୍ୟାଳୟ ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ମତବ୍ୟକ୍ତ କରିଥିଲେ। ବରଗଡ ଶିକ୍ଷା ଜିଲା ଅଧିକାରୀ ପ୍ରକାଶ କୁମାର ଯୋଶୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ବିକାଶଧାରାରେ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ସଫଳ ମଣିଷ ଗଢ଼ି ତୋଳିବାରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି ମତ ଦେଇଥିଲେ । ପଦ୍ମଶ୍ରୀ ହଳଧର ନାଗ, ରାଜବୋଡାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ଓ ବିଦ୍ୟାଳୟ ଏସଏମସି ଅଧ୍ୟକ୍ଷା ସରସ୍ୱତୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପୂର୍ବରୁ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀସ୍ତମ୍ଭ ଅତିଥିଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶଙ୍କ ନାଟକ 'କିଏ ପୋଛିଦେବ ମୋ ଆଖି ଲୁହକୁ' ଉନ୍ମୋଚନ କରାଯାଇଥିଲା ଏବଂ ଏହା ଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ସେହିପରି ବିଦ୍ୟାଳୟର ମାସିକ ପତ୍ରିକା ପ୍ରୟାସ ଓ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନଙ୍କ ରଚିତ ପୁରାଣ ମହାକୋଶଳ ଉନ୍ମୋଚିତ ହୋଇଥିଲା। ଶେଷରେ ଶିକ୍ଷକ ପ୍ରେମାନନ୍ଦ ବେହେରା ଓ ଜୀବନାନନ୍ଦ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୁରସ୍କାର ବିତରଣରେ ଜ୍ୟୋତ୍ସ୍ନାରାଣୀ ସାହୁ, ମିନତି ଦାଶ, ଇତିଶ୍ରୀ ସାହୁ, ବାଦଲ କୁମାର ସେଠୀ, ସୁରେଶ ଚୌହାନ, ଚିନ୍ତାମଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ହିନ୍ଦୀ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲିସ ବସ୍‌ରୁ ବାହାରିଲା ନିଆଁ

**ବରଗଡ଼ ଅଫିସ୍,୨୫।୪**

ନିର୍ବାଚନ କାର୍ଯ୍ୟ ପାଇଁ ପୋଲିସ କର୍ମଚାରୀଙ୍କୁ ଧରି ଗୁରୁବାର ସନ୍ଧ୍ୟାରେ ବରଗଡ଼ ଟାଉନ ଥାନାରୁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିବା ଏକ ବସ୍ (ନଂ. ଓଆର୦୫ବି ୬୫୫୫)ର ଆଗପଟ ତଳୁ ଆକସ୍ମିକ ଭାବେ ନିଆଁ ଓ ଧୂଆଁ ବାହାରିଥିଲା । ତେବେ ବସ୍ ଡ୍ରାଇଭରଙ୍କ ସମେତ ପୋଲିସ କର୍ମଚାରୀମାନେ ଗାଡିରୁ ଓହ୍ଲାଇ ନିଆଁ ବାହାରୁଥିବା ସ୍ଥାନକୁ ପାଣି ସିଞ୍ଚିବା ପରେ ତାହା ବନ୍ଦ ହୋଇଥିଲା। ସୌଭାଗ୍ୟବଶତଃ ବସଟି ଟାଉନ ଥାନା ପରିସରରୁ ରାସ୍ତାକୁ ବାହାରି ନ ଥିଲା । ସ୍ଥାନୀୟ ରିଜର୍ଭ ପୋଲିସରୁ କର୍ମଚାରୀଙ୍କୁ ଧରି ବସ୍‌ଟି ଟାଉନ ଥାନାକୁ ଆସିଥିଲା। ସେଠାରେ ଅନ୍ୟ କେତେକ ପୋଲିସ କର୍ମଚାରୀ ସେହି ବସ୍‌କୁ ଚଢ଼ିଥିଲେ। ଏହାପରେ ବସ୍ ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିଥିଲେ । ଗାଡ଼ି ଷ୍ଟାର୍ଟ ହେବା ମାତ୍ରେ ବସ୍‌ର ଆଗପାର୍ଶ୍ୱ ତଳ ପଟୁ ନିଆଁ ଓ ଧୂଆଁ ବାହାରିଥିଲା। ଏହା ଜାଣିବା ପରେ ଡ୍ରାଇଭର ଓ ପୋଲିସ କର୍ମଚାରୀମାନେ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ ।




ବସ୍ ତଳୁ ବାହାରୁଥିବା ନିଆଁକୁ ଲିଭାଉଛନ୍ତି ।

## ମତଦାନ କେନ୍ଦ୍ର ବୁଲିଲେ ଜିଲାପାଳ

**ବରଗଡ଼ ଅଫିସ୍,୨୫।୪**

ବରଗଡ଼ ଜିଲାର ୩ଟି ଭୋଟ ଗ୍ରହଣ କେନ୍ଦ୍ର ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ(ବୁଥ୍ ନଂ-୬୮), ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ-୨୩୫) ଏବଂ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ଗୁରୁବାର ସାନି ମତଦାନ ହୋଇଛି । ସକାଳ ପ୍ରାୟ ସାଢ଼େ ୭ଟାରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଶକ୍ତିନଗର ପ୍ରାଥମିକ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ରକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରିଜାଇଡ଼ିଂ ଅଫିସର ରମଣୀ ରଞ୍ଜନ ରାଉତ ତଥା ଅନ୍ୟ ନିର୍ବାଚନ କର୍ମଚାରୀଙ୍କୁ ଭେଟି ନିର୍ବାଚନ ପରିଚାଳନା ଉପରେ ପଚାରି ବୁଝିଥିଲେ ଏବଂ ମତଦାନ ଠିକ୍ ଭାବେ ଚାଲିଥିବା ଜାଣିବାକୁ ପାଇଥିଲେ। ଏହାପରେ ଜିଲାପାଳ ସେଠାରୁ ଯାଇଥିଲେ ।



ଜିଲାପାଳ ବରଗଡ଼ ଶକ୍ତିନଗର ପ୍ରାଥମିକ ସ୍କୁଲ ମତଦାନ କେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

- ବୌଦ୍ଧରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

## କମିଛି ମ୍ୟାଲେରିଆ ଆକ୍ରାନ୍ତ, ମୃତ୍ୟୁସଂଖ୍ୟା

**ବୌଦ୍ଧ,୨୫।୪(ସ୍ୱ.ପ୍ର)**

ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ଜିଲା ପ୍ରଶିକ୍ଷଣ କକ୍ଷରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି । ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜନ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଜନସ୍ୱାସ୍ଥ ଅଧିକାରୀ ବିମଳାପ୍ରଭା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପରାମର୍ଶଦାତା ଉପସ୍ଥିତ ରହି ମତ ରଖିଥିଲେ । ଡାକ୍ତର ମଦନମୋହନ ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମ୍ୟାଲେରିଆ ସମ୍ବନ୍ଧରେ ଅବଗତ କରାଇଥିଲେ ଏବଂ ବୌଦ୍ଧ ଜିଲାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ବୌଦ୍ଧ ଜିଲାରେ ୨୦୦୫ରେ ୩୫୭୨ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା । ୨୦୧୬ରେ ଜିଲାରେ ୩୮୯୩ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୨୦୧୭ରେ ୨୨୬୦ ଏବଂ ୨୦୧୮ ମାତ୍ର ୨୫୨ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ । ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମାତ୍ର ୭ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ଗତ ତିନି ବର୍ଷ ମଧ୍ୟରେ ଜିଲାରେ ମ୍ୟାଲେରିଆ ଜନିତ କୌଣସି ମୃତ୍ୟୁ ହୋଇନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମ୍ୟାଲେରିଆ ନିରାକରଣ ପାଇଁ ଆଶାମାନଙ୍କ ମାଧ୍ୟମରେ ଆରଡିଟି ଓ ଏସିଟିର ବ୍ୟବହାର, କୀଟନାଶକ ଉପଚାରିତ ମଶାରୀ, ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ଏବଂ କୀଟନାଶକ ସିଞ୍ଚନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଫଳରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ମ୍ୟାଲେରିଆ ଜନିତ ମୃତ୍ୟୁ ଯଥେଷ୍ଟ ମାତ୍ରାରେ କମିଛି ବୋଲି ସୂଚନା ଦିଆଯାଇଥିଲା। ୨୦୧୭ ମସିହାରେ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) ଏବଂ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯୋଗୁ ୨୦୧ରେ ମ୍ୟାଲେରିଆ ୮୯ ଶତକଡା ହ୍ରାସ ପାଇଛି। ଏହି ବୈଠକରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ



### ବେଆଇନ ମହୁଲ ବୋଝେଇ ପିକ୍‌ଅପ୍ ଜବତ

**ଜୁନାଗଡ,୨୫।୪(ଡି.ଏନ.ଏ.)-** ଜୁନାଗଡ ଥାନା ବନମାଲୀପୁର ଛକ ରାଇସ୍‌ମିଲ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବେଆଇନ ମହୁଲ ବୋଝେଇ ପିକ୍‌ଅପ୍‌କୁ ଜୁନାଗଡ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଡି ଚାଳକ ଓ ୨ଜଣ ଶ୍ରମିକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଏହି ପିକ୍‌ଅପ୍ ଗାଡିରେ ପ୍ରାୟ ୨୫ରୁ ୩୦ବସ୍ତା ମହୁଲ ଥିବା ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ହେବ ବୋଲି ଜଣାପଡିଛି। ବେଆଇନ ମହୁଲ ବୋଝେଇ ପିକ୍‌ଅପ୍ ଗାଡିହୋଇଥିବା ବେଳେ ଏହା ଗୋଲାମୁଣ୍ଡା ବ୍ଲକ କେଗାଁ ଅଞ୍ଚଳର ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଜୁନାଗଡ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏହି ବେଆଇନ ମହୁଲ ବୋଝେଇ ପିକ୍‌ଅପ୍ ଗାଡିଟିକୁ ଜବତ କରିଥିଲା। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଭାତ କୁମାର ସେଠି ପ୍ରକାଶ କରିଛନ୍ତି।

■ ଚାରମରା ପେପର ମିଲ ଶ୍ରମିକଙ୍କ ବକେୟା ପାଉଣା ପ୍ରସଙ୍ଗ

# ଥାନାରେ ହେଲା ଆଲୋଚନା

**ଟିଟିଲାଗଡ, ୨୫।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଚୋରମରା ପେପର ମିଲ ମାଲିକ ୨୮୨ ଜଣ ଶ୍ରମିକଙ୍କ ମଜୁରି, ଏଲଆଇସି, ଇପିଏଫ ଆଦି ୨୧ ଲକ୍ଷ ୬୯ ହଜାର ୬ ଶହ ଟଙ୍କା ବକେୟା ପାଉଣା ମାଲିକ ଦୀର୍ଘ ୮ ବର୍ଷ ହେଲା ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ କାରଖାନା ମାଲିକ ଟିଟିଲାଗଡ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି।

ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ୨୦୧୦-୧୧ରେ ଏହି କାରଖାନାକୁ ମାଲିକ ବନ୍ଦ କରିଦେଇଛନ୍ତି। ହେଲେ ସେମାନଙ୍କ ବକେୟା ମଜୁରି ପ୍ରଦାନ କରିନାହାନ୍ତି। ଏଥି ସହିତ ଇପିଏଫ, ଏଲଆଇସି ପ୍ରିମିୟମ ବାବଦକୁ କଟା ଯାଇଥିବା ଅର୍ଥରାଶି ବ୍ୟାଙ୍କରେ ଜମା କରାଯାଇ ନାହିଁ। ଏହା ଫଳରେ ନିଯୁକ୍ତି ହରାଇଥିବା ଶ୍ରମିକ ପରିବାର ଭାଙ୍ଗି ପଡି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏଯାବତ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରାୟ ୮ ବର୍ଷ ଧରି ବନ୍ଦ ରହିବା ପରେ କାରଖାନାକୁ ପୁଣି ଖୋଲିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରମିକ ଏନେଇ ସେମାନଙ୍କ ବକେୟା ପାଉଣା ସହ ପୁନଃନିଯୁକ୍ତି ଦାବି କରୁଛନ୍ତି। ସୋମବାର ଶ୍ରମିକମାନେ ଟିଟିଲାଗଡ ଉପଜିଲାପାଳଙ୍କଠାରେ ଫେରାଦ ହୋଇଥିବା ବେଳେ ମଙ୍ଗଳବାର କାରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ନେଇ କାରଖାନା କର୍ତ୍ତୃପକ୍ଷ ଶ୍ରମିକଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ ଦାଖଲ କରିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବୁଧବାର ଟିଟିଲାଗଡ ପୋଲିସର ଡାକରା ପାଇ ଗୁରୁବାର ଶତାଧିକ ଶ୍ରମିକ ଥାନାରେ ପହଞ୍ଚିଥିଲେ। ଶ୍ରମିକଙ୍କ ପ୍ରାପ୍ୟ ନେଇ ପୂର୍ବରୁ ଗତ ତା୧୯।୧।୨୦୧୧ରିଖରେ ଟିଟିଲାଗଡ ଉପଜିଲାପାଳ, ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀ, କମ୍ପାନୀର ଏମଡି, ନିର୍ଦ୍ଦେଶକ, କମର୍ସିଆଲ ମ୍ୟାନେଜର ତଥା ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଏକ ରାଜିନାମା ସାକ୍ଷରିତ ହୋଇଥିଲା। ସାକ୍ଷରିତ ରାଜିନାମା ମୁତାବକ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କୁ ୪୫ ଦିନ ମଧ୍ୟରେ ସେମାନଙ୍କ ପାଉଣା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କମ୍ପାନୀ ଅଦ୍ୟାବଧି ଶ୍ରମିକଙ୍କ ପାଉଣା ପ୍ରଦାନ ନେଇ ଦିନ ଗଡାଇ ଚାଲିଥିବା ଶ୍ରମିକମାନେ ଅଭିଯାଗ କରିଛନ୍ତି। ଅପରପକ୍ଷରେ ଥାନାରେ ପୋଲିସ ଉପସ୍ଥିତିରେ କାରଖାନା ପ୍ରତିନିଧି ଏବଂ ଶ୍ରମିକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶୁକ୍ରବାର ଥାନାରେ ପୁଣି ଆଲୋଚନା ହେବ ବୋଲି ପୋଲିସ କହିଥିବାରୁ ଶ୍ରମିକମାନେ ଫେରିଯାଇଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀଙ୍କୁ ପଚାରିବାରୁ କାରଖାନା ମାଲିକଙ୍କ ପ୍ରତିନିଧି ତଥା ଶ୍ରମିକଙ୍କ ସହ ବକେୟା ପାଉଣା ତଥା ନିଯୁକ୍ତି ନେଇ ଆଲୋଚନା ହୋଇଛି। ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।



ଥାନାରେ ଟିଟିଲାଗଡ ବ୍ଲକ ଚୋରମରା ପେପର ମିଲର ଶ୍ରମିକମାନେ।

### ଯକ୍ଷ୍ମାରୁଗୀ ଘଇସାନ ପାଏଲେ ସରକାରୀ ସାହାଯ୍

**ବିନିକା,୨୫।୪ (ଡି.ଏନ୍.ଏ)**

ବିନିକା ବ୍ଲକ ସାରଙ୍ଗପାଲି ଗାଁର ଘଇସାନ ସୁନା(୬୯)। ସେ ଗଲା ୬ ମାସ ହେଲା ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଥିଲେ। ହେଲେ ତାହାକୁ କେହେନ୍‌ସି ପରକାର ସରକାରୀ ଚିକିତ୍ସା ସାହାଯ୍ ନାଇଁ ମିଳୁଥିବାର ପରିବାର ଲୋକ୍ ଅଭିଯୋଗ କରିଥିଲେ। ଇ ବାବ୍‌ଦେ ଗଲା ୨୪.୩.୨୦୧୯ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଦାଉ ସାଧୁଛେ ଯକ୍ଷ୍ମାରୋଗ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ବିନିକା ସ୍ୱାସ୍ଥ୍ୟ ବିଭାଗ୍ ଇ ଦିଗେ ଦୃଷ୍ଟି ଦେଇଥିଲା। ବିନିକା ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରଭାସ ଚନ୍ଦ୍ର ପଧାନ, ଆୟୁଷ ଡାକ୍ତର ଦିଲ୍ଲୀପ ପାଣ୍ଡିଆ, ବାର୍କିଗୁଡ଼ି ଏଏନ୍ଏମ୍ ମମତା ମିଶ୍ର ଆର ଥାନୀୟ ଗାଁର ଆଶାକରମୀ ମମତା ରିଙ୍ଗରା ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଘଇସାନଙ୍କୁଁ ତାକର ଘରେ ଯାଇ ଭେଟିଥିଲେ। ଯକ୍ଷ୍ମାରୁଗୀକୁ ସରକାରଙ୍କର ତରଫୁ ଉଷୋକଷା ବାବ୍‌ଦେ ଦିଆଯାଉଥିବାର ୫ଶହ ଟଁକା ଅନୁଦାନ ପିମାସ ନିଜର ବ୍ୟାଙ୍କ ଜମାଖାତାରୁ ଉଠାବାକେ ପରାମଶ ଦେଇଥିଲେ। ସେନ୍ତା ବାର୍କିଗୁଡ଼ି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥି ଘଇସାନ କେନ୍‌ଥେଇ ଜଲଦି ବୁଢ଼ାବୁଢ଼ି ଭତା ପାଏବେ ସେ ଦିଗେ ପଦକ୍ଷେପ ନିଆଯିବା ବଲି କହିଛନ୍।


ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କରୁଆଁମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗାଁର ଲୋକେ କେନ୍ଦୁପତ୍ର ତୋଳି ଆଣିବା ପରେ ଶୁଖାଉଛନ୍ତି।

# ଅସହ୍ୟ ଗରମରେ ଜନଜୀବନ ଅସ୍ତବ୍ୟସ୍ତ

**ବଲାଙ୍ଗୀର ଅଫିସ, ୨୫।୪**



■ ଟିଟିଲାଗଡରେ ୪୩.୫, ବଲାଙ୍ଗୀରରେ ୪୨.୫ ଡିଗ୍ରୀ ତାପମାତ୍ର
■ ଦିନ ୧୧ଟା ପରେ ଘରୁ ବାହାରି ହେଉନି
■ ଘାରିଛି ଅଂଶୁଘାତ ଭୟ

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ବଲାଙ୍ଗୀର ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଟିଟିଲାଗଡରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ର ୪୩.୫ ଡିଗ୍ରୀ ଗୁରୁବାର ରେକର୍ଡ କରାଯାଇଛି । ଗତ ଦୁଇଦିନ ଧରି ଟିଟିଲାଗଡରେ ତାପମାତ୍ର ସମାନ ରହିଛି । ବଲାଙ୍ଗୀରରେ ଗୁରୁବାର ୪୨.୫ ଡିଗ୍ରୀ ସେଲସିୟସ୍ ତାପମାତ୍ର ରେକର୍ଡ କରାଯାଇଛି । ବୁଧବାର ବଲାଙ୍ଗୀର ସହରର ତାପମାତ୍ର ୪୦.୫ ଡିଗ୍ରୀ ରହିଥିବାବେଳେ ଗୁରୁବାର ଏହା ୪୨.୫ ଡିଗ୍ରୀ ରେକର୍ଡ କରାଯାଇଛି । ଗୋଟି ଦିନରେ ୨ ଡିଗ୍ରୀ ତାପମାତ୍ର ବୃଦ୍ଧି ପାଇବା ଫଳରେ ସିଧାସଳଖ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗୁରୁବାର ପ୍ରଚଣ୍ଡ ଗରମ ଯୋଗୁଁ ସହରରେ ଭିଡ କମିଥିବା ଲକ୍ଷ୍ୟ କରାଯାଇଛି । ଗାଁଗହଳରୁ ଆସୁଥିବା ବ୍ୟବସାୟୀ ଓ ଅନ୍ୟମାନେ ସକାଳୁ ନିଜ କାମ ସାରି ଫେରିଥିବା ଦେଖାଯାଉଛି। ପୂର୍ବାହ୍ନ ୧୧ଟା ବେଳେ ସହରର ରାସ୍ତାଘାଟ ଶୁନଶାନ୍ ହୋଇପଡୁଛି । ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି । ଡେଲିମାର୍କେଟରେ ମଧ ବ୍ୟବସାୟୀଙ୍କ ସଂଖ୍ୟା ବେଶ୍ କମିଯାଇଛି । ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସପିଟାଲରେ ସକାଳୁ ରୋଗୀଙ୍କ ଭିଡ ପରିଲକ୍ଷିତ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଦେଖାଯାଉଛି । ପିଇବା ପାଣି ବ୍ୟବସ୍ଥା ନଥିବାରୁ ଲୋକେ ଅନେକ ସମୟରେ ହଇରାଣ ହରକତ ହେଉଥିବା କହିଛନ୍ତି । ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହସ୍‌ପିଟାଲ ଆଉଟ୍‌ଡୋରରେ ଭିଡ ଜମାଉଛନ୍ତି। ପ୍ରଚଣ୍ଡ ଗରମରେ ଲମ୍ୱାଲାଇନ୍‌ରେ ଠିଆ ହୋଇ ଡାକ୍ତରଙ୍କୁ ଅପେକ୍ଷା କରିବା କଷ୍ଟକର ହୋଇପଡୁଛି ବୋଲି ରୋଗୀମାନେ କହିଛନ୍ତି । ବିଶେଷକରି ମେଡିସିନ୍ ଓପିଡ ଓ ଶିଶୁ ଓ ପ୍ରସୂତୀ ବିଭାଗରେ ଭିଡ ପରିଲକ୍ଷିତ ହେଉଛି । ଡାକ୍ତରଖାନା ପରିସରରେ ରୋଗୀ ପରିଜନମାନଙ୍କ ଆଶ୍ରୟସ୍ଥଳ ନଥିବାରୁ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନରେ ଆଶ୍ରୟସ୍ଥଳ ଓ ପିଇବା ପାଣିର ସୁବ୍ୟବସ୍ଥା ନଥିବାରୁ ଅନେକ ଲୋକ ବିଭିନ୍ନ ଦୋକାନ ନିକଟରେ ଠିଆ ହେଉଥିବା ଦେଖିବାକୁମିଳୁଛି।

ଟିଟିଲାଗଡ ସହରରେ ଗତ କିଛିଦିନ ହେଲା ପ୍ରଚଣ୍ଡ ଗରମ ଅନୁଭୂତ ହେଉଛି । ତତଲାଗଡ ଭାବେ ପରିଚିତ ଟିଟିଲାଗଡ ସହର ମଧ ପୂର୍ବାହ୍ନ ୧୧ଟାରୁ ଖାଁ ଖାଁ ଲାଗୁଛି। ଗତ ଦୁଇଦିନ ହେଲା ଏହି ସହରରେ ତାପମାତ୍ର ୪୩.୫ ଡିଗ୍ରୀରେ ରହିଛି । ପ୍ରଚଣ୍ଡ ଗରମ ସହ ଝାଞ୍ଜିପବନ ବୋହୁଥିବାରୁ ଅଂଶୁଘାତ ଭୟ ଦେଖାଦେଇଛି। ପ୍ରଚଣ୍ଡ ଗରମ ଯୋଗୁଁ ଟିଟିଲାଗଡର ପ୍ରସିଦ୍ଧ ପର୍ଯ୍ୟଟନ ପୀଠ କୁମୁଡା ପାହାଡ ପର୍ଯ୍ୟଟକ ଶୂନ୍ୟ ହୋଇପଡିଛି। ପ୍ରବଳ ଖରା ଯୋଗୁଁ କୁମୁଡା ପାହାଡକୁ ଏବେ ପର୍ଯ୍ୟଟକଙ୍କ ଯିବା ସଂଖ୍ୟା ହ୍ରାସ ପାଇଛି। ଜିଲାର ଅନ୍ୟ ପ୍ରମୁଖ ସ୍ଥାନମାନଙ୍କରେ ବି ସମାନ ଅବସ୍ଥା। ତେବେ ଦିନ ୧୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିଥିଲେ ମଧ ଏହି ସମୟରେ ଘରୋଇ ଓ ସରକାରୀ ଯାତ୍ରୀବାହୀ ବସ ଚଳାଚଳ କରୁଥିବାରୁ ଯାତ୍ରୀମାନଙ୍କୁ ଅଂଶୁଘାତ ଭୟ ଦେଖାଦେଇଛି । ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସାମାଜିକ, ଆଧ୍ୟାତ୍ମିକ ସଚେତନତା ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୫।୪**

ହରିହରାନନ୍ଦ ମଥୁରା ଆଶ୍ରମ, ପୁରୀ ପକ୍ଷରୁ ବରଗଡ଼ ସହରସ୍ଥିତ ଟ୍ରଷ୍ଟଫଣ୍ଡ କଲେଜରେ ଚାଲିଥିବା ୫ଦିନିଆ ସାମାଜିକ, ଆଧ୍ୟାତ୍ମିକ ସଚେତନତା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ଉକ୍ତ ଆଶ୍ରମର କର୍ମକର୍ତ୍ତା, ପ୍ରଶିକ୍ଷକମାନେ ଯୋଗଦେଇ ଛାତ୍ରୀମାନଙ୍କୁ ସେମାନଙ୍କ ମାନସିକ, ଶାରୀରିକ ବିକାଶ ତଥା ସାମାଜିକ ଓ ଅଧ୍ୟାତ୍ମିକ ଦିଗ ଉପରେ ପ୍ରଶିକ୍ଷଣ ତଥା ବିଭିନ୍ନ ପରାମର୍ଶ ଦେଇଥିଲେ । ସୁଷମା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉଦଯାପନୀ ସମାରୋହରେ ଡଃ ସରୋଜ ଦେବତା ମୁଖ୍ୟଅତିଥି ଏବଂ ଅଶୋକ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କଲେଜର ଅନ୍ୟ କର୍ମଚାରୀ ଏବଂ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



> ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
>
> - ହିଟ୍ଲର

## ସଂକ୍ଷେପରେ

### ଅଙ୍କକଷାରେ ବ୍ୟସ୍ତ ନେତା, କର୍ମୀ

**ଖଡିଆଳ,୨୫।୪ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ନିର୍ବାଚନମଣ୍ଡଳୀରେ ଗତ ଏପ୍ରିଲ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ଶେଷ ହୋଇଛି । ଏବେ କିଏ ଜିତିବ କିଏ ହାରିବ ସେ ନେଇ ଚାଲିଛି ଅଙ୍କକଷା। କିଏ ଚା ଦୋକାନରେ ତୋ ଆଉ କିଏ ପାନ ଦୋକାନ ତ ଆଉ କିଏ ହୋଟେଲ ତ ଆଉ କିଏ ବିଭିନ୍ନ ଛକରେ ହାରଜିତ ନେଇ ଚାଲିଛି ଅଙ୍କକଷା । କେବଳ ଗୋଟିଏ ଚର୍ଚ୍ଚା କିଏ ଜିତିବ । କେବଳ ସାଧାରଣ ଭୋଟର ମଧରେ ଅଙ୍କକଷା ଚାଲିଛି, ତାହା ନୁହେଁ କେଉଁ ବୁଥରୁ କେତେ ଭୋଟ ମିଳିବ ତାହାକୁ ନେଇ ମଧ ବିଜେଡି, ଭାଜପା ଓ କଂଗ୍ରେସ ତରଫରୁ ନେତା ଓ କର୍ମୀଙ୍କ ମଧରେ ହିସାବ ନିକାସ ଚାଲିଛି । ଚଳିତ ନିର୍ବାଚନରେ ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୨ଲକ୍ଷ ୩୫ ହଜାର ୩୧ ଭୋଟରଙ୍କ ମଧରୁ ଶତକଡା ୭୩.୩ ପ୍ରତିଶତ ମତଦାନ ହୋଇଛି । ତେବେ ଆସନ୍ତା ମେ ୨୩ରେ ଭୋଟ ଗଣତି ପରେ କାହାର ବାଜିମାତ୍ ହେବ ତାହା ଜଣାପଡ଼ିବ ।



### ପୋଲିସ ବସ୍‌ରୁ ବାହାରିଲା ନିଆଁ

**ବରଗଡ଼ ଅଫିସ୍,୨୫।୪-** ନିର୍ବାଚନ କାଯର୍ୟ ପାଇଁ ପୋଲିସ କର୍ମଚାରୀଙ୍କୁ ଧରି ଗୁରୁବାର ସନ୍ଧ୍ୟାରେ ବରଗଡ଼ ଟାଉନ ଥାନାରୁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିବା ଏକ ବସ୍(ନଂ. ଓଆର୦୫ବି ୬୫୫୫)ର ଆଗପଟ ତଳୁ ଆକସ୍ମିକ ଭାବେ ନିଆଁ ଓ ଧୂଆଁ ବାହାରିଥିଲା। ତେବେ ବସ୍ ଡ୍ରାଇଭରଙ୍କ ସମେତ ପୋଲିସ କର୍ମଚାରୀମାନେ ଗାଡିରୁ ଓହ୍ଲାଇ ନିଆଁ ବାହାରୁଥିବା ସ୍ଥାନକୁ ପାଣି ସିଞ୍ଚିବା ପରେ ତାହା ବନ୍ଦ ହୋଇଥିଲା । ସୌଭାଗ୍ୟବଶତଃ ବସଟି ଟାଉନ ଥାନା ପରିସରରୁ ରାସ୍ତାକୁ ବାହାରି ନ ଥିଲା । ସ୍ଥାନୀୟ ରିଜର୍ଭ ପୋଲିସରୁ କର୍ମଚାରୀଙ୍କୁ ଧରି ବସ୍‌ଟି ଟାଉନ ଥାନାକୁ ଆସିଥିଲା । ସେଠାରେ ଅନ୍ୟ କେତେକ ପୋଲିସ କର୍ମଚାରୀ ସେହି ବସ୍‌କୁ ଚଢ଼ିଥିଲେ । ଏହାପରେ ବସ୍ ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିଥିଲେ । ଗାଡ଼ି ଷ୍ଟାର୍ଟ ହେବା ମାତ୍ରେ ବସ୍‌ର ଆଗପାର୍ଶ୍ୱ ତଳ ପଟୁ ନିଆଁ ଓ ଧୂଆଁ ବାହାରିଥିଲା । ଏହା ଜାଣିବା ପରେ ଡ୍ରାଇଭର ଓ ପୋଲିସ କର୍ମଚାରୀମାନେ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ ।

### ଜିଲାସ୍ତରୀୟ ଧାନ କିଣା ବୈଠକରେ ନିଷ୍ପତ୍ତି

# ମେ ୨୦ରୁ ରବି ଧାନ କିଣା ଆରମ୍ଭ




ଜିଲାସ୍ତରୀୟ ଧାନକିଣା ବୈଠକରେ ମଞ୍ଚସୀନ ଅତିଥି ।



ଧାନକିଣା ବୈଠକରେ ଯୋଗଦେଇଥିବା ମିଲର୍ସ, ଚାଷୀମାନେ।

**ନୂଆପଡା ଅଫିସ,୨୫।୪**

- ସମସ୍ତ ଧାନ କିଣାଯିବାକୁ ଲକ୍ଷ୍ୟ
- ଚାଷୀଙ୍କୁ ଠିକ ମୂଲ୍ୟ ଦିଆଯିବ

ଆଗକୁ ରବି ଋତୁର ଫସଲ ଅମଳ ସମୟ ଆସୁଛି । ଚାଷୀ କିପରି ତାଙ୍କ କଷ୍ଟୋପାର୍ଜିତ ଧାନକୁ ବିକ୍ରି କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବ ସେଥିପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଆସନ୍ତା ମେ ୨୦ ତାରିଖଠାରୁ ରବି ଧାନ ସଂଗ୍ରହ କରାଯିବ ବୋଲି ଜିଲାପାଳ ଡା. ପୋମା ଟୁଡୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନକିଣା ବୈଠକରେ ଏହି ନିଷ୍ପତି ନିଆଯାଇଛି। ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଟୁଡୁ ସଭାପତିତ୍ୱ କରିଥିବାବେଳେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସ, ଏଏସପି ସୁନୀଲ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲାପାଳ ଧାନକିଣାକୁ କିପରି ସୁରୁଖୁରୁରେ କରାଯିବ, କିପରି ଚାଷୀମାନେ ଲାଭବାନ ହୋଇ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ଜିଲା ଯୋଗାଣ ଅଧିକାରୀ ବୈଠକରେ ସମସ୍ତ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ, ଜିଲାରେ ଗତ ଖରିଫ ଋତୁରେ ସମସ୍ତଙ୍କ ସହଯୋଗକ୍ରମେ ପୂର୍ବବର୍ଷର ରେକର୍ଡକୁ ଭଙ୍ଗ କରି ଜିଲାରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣା ଯାଇଥିଲା। ଏଥିରେ ୪ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଚାଷୀ ପଞ୍ଜୀକୃତ ହୋଇଥିଲେ। ଏଥର କୃଷି ବିଭାଗ ଓ ଜଳ ସେଚନ ବିଭାଗର ରିପୋର୍ଟ ଅନୁସାରେ ଏଥର ରବି ଋତୁରେ ନୂଆପଡା ବ୍ଲକରେ ୨୬୮୭ ହେକ୍ଟର ଜମିରେ ଚାଷ ହୋଇଥିବାବେଳେ କୋମନା ବ୍ଲକରେ ୪୯୨ ହେକ୍ଟର, ଖଡିଆଳ ବ୍ଲକରେ ୨୦୩, ବୋଡେନ ବ୍ଲକରେ ୪୨୫ ଏବଂ ସିନାପାଲି ବ୍ଲକରେ ୧୯୫ ହେକ୍ଟର ଜମିରେ ଚାଷ କରାଯାଇଛି। ତେବେ ବର୍ତ୍ତମାନ ଧାନ ସବୁ ପାଚିବା ଆରମ୍ଭ ହୋଇଥିଲେ ହେଁ ନୂଆପଡା ବ୍ଲକରେ ପତୋରା ଡ୍ୟାମରୁ ପାଣି ବିଳମ୍ବରେ ଛଡାଯାଇଥିବାରୁ ଚାଷଟିକିଏ ବିଳମ୍ବ ହୋଇଛି। ତେବେ ମେ ପ୍ରଥମ ସପ୍ତାହରେ ଚାଷ ଅମଳ ହେବା ସମ୍ଭାବନାକୁ ଦେଖିବା ସହ ଚାଷୀ ଏବଂ ମିଲର୍ସଙ୍କ ମତାମତକୁ ଭିତ୍ତିକରି ମେ ପ୍ରଥମରୁ ହିଁ ସମସ୍ତ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ କରିଥିଲେ। ମେ ୨୦ରୁ ମଣ୍ଡିଗୁଡିକରେ ଧାନ କିଣାକୁ ଆରମ୍ଭ କରିବାକୁ ଚୂଡାନ୍ତ କରିଥିଲେ। ଗତ ଦିନରେ ଚାଷୀମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିବା ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ କିପରି ଚାଷୀଙ୍କ କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ଧାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ ୨୬ଟି ପ୍ୟାକ୍ସ ଥିବାବେଳେ ସମ୍ପୃକ୍ତ ଅଞ୍ଚଳର ପ୍ୟାକ୍ସଗୁଡିକରେ ସବୁପ୍ରକାର ପ୍ରସ୍ତୁତି କରାଯାଇଛି। ଠିକ ସମୟରେ ଧାନକିଣା ଆରମ୍ଭ କରାଯିବ ବୋଲି ସହକାରୀ ପ୍ରବନ୍ଧକ ସେବା ସମବାୟ ସମିତି ଲିଙ୍ଗରାଜ ନାଏକ କହଥିଲେ। ଏଥର ଉତ୍ପାଦନ ଠିକ ହେବ ବୋଲି ଆକଳନ କରାଯାଉଛି। ହେକ୍ଟର ପିଛା ୫୦/୫୫ କୁଇଣ୍ଟାଲ ଧାନ ଅମଳ ହେବାର ସମ୍ଭାବନା ରହିଥିବା ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ କହିଥିଲେ ।



କୋକସରା ଗ୍ରାମରେ ଥିବା ପଦ୍ମପୋଖରୀ ।

# ପୋଖରୀ ଉନ୍ନତୀକରଣ, ପଙ୍କୋଦ୍ଧାର କାର୍ଯ୍ୟ ହେଉନି

**କୋକସରା,୨୫।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗ୍ରାମର ପଦ୍ମ ପୋଖରୀର ଉନ୍ନତୀକରଣ ହେବ ଏବଂ ଲୋକେ ସୁବିଧାରେ ପାଣି ପାଇବେ ବୋଲି ଗ୍ରାମବାସୀ ଆଶା କରିଥିଲେ। ହେଲେ ପୋଖରୀର ଉନ୍ନତୀକରଣ ଓ ପଙ୍କଉଦ୍ଧାର କାର୍ଯ୍ୟ ଅବଧି ଶେଷ ପରେ ବି ଟେଣ୍ଡର ଚୁଡାନ୍ତ ହୋଇପାରୁନି। ଫଳରେ ପୋଖରୀ ଉଦ୍ଧାର କାର୍ଯ୍ୟ ବିଳମ୍ବ ଯୋଗୁ ଗ୍ରାମବାସୀଙ୍କ ଆଶା ମୌଳିବାରେ ଲାଗିଛି। କେବେ କାର୍ଯ୍ୟ ଆରମ୍ଭ ହେବ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଅନୁସରେ କୋକସରା ପଦ୍ମପୋଖରୀର ଉନ୍ନତିକରଣ ଓ ପଙ୍କଉଦ୍ଧାର କାର୍ଯ୍ୟ ପାଇଁ ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ କଳାହାଣ୍ଡି ଦ୍ୱାରା ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ ଏଗ୍ରିମେଣ୍ଟ ନଂ.୩୦୯/୧୮-୧୯ରେ ଏଗ୍ରିମେଣ୍ଟ ୪୦ ଲକ୍ଷ ୯୦ ହଜାର ୬୮୨ ଟଙ୍କା ମୂଲ୍ୟରେ ପୋଖରୀ ଉନ୍ନତିକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟାଦେଶରେ ୧୫ ଜାନୁୟାରୀ ୨୦୧୯ରେ ଆରମ୍ଭ ହୋଇ ୧୪ ଏପ୍ରିଲ ୨୦୧୯ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଏଗ୍ରିମେଣ୍ଟ କପିରେ ଉଲ୍ଲେଖ ରହିଥିଲା । ଇତିମଧ୍ୟରେ ଅବଧି ଶେଷ ପରେ ମଧ୍ୟ ଆଜିଯାଏଁ ପୋଖରୀ ଉନ୍ନତୀକରଣ କାମ ଆରମ୍ଭ ହୋଇନାହିଁ । ଅନ୍ୟପକ୍ଷେ ପୂର୍ବରୁ କ୍ଷୁଦ୍ର ଜଳ ସେଚନ ବିଭାଗ ପୋଖରୀରେ ଥିବା ପାଣିକୁ ନିଷ୍କାସିତ କରିବା ଯୋଗୁ ଏହି ପୋଖରୀ ଉପରେ ନିର୍ଭର କରୁଥିବା ଲୋକଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ ମଧ୍ୟ ଖରାଦିନରେ ପାଣି ପାଇଁ ଡ଼ହଳବିକଳ ହେଉଥିବା ଦେଖିବାକୁ ମିଳୁଛି । କୋକସରା ଗ୍ରାମର ଜନସଂଖ୍ୟା ପାଖାପାଖି ୪ ହଜାର ଥିବାବେଳେ ଅଧିକାଂଶ ଲୋକ ଏହି ପୋଖରୀ ଉପରେ ନିତ୍ୟ ବ୍ୟବହାର ପାଇଁ ନିର୍ଭର କରନ୍ତି। ଠିକା ସଂସ୍ଥା କାହିଁକି କାର୍ଯ୍ୟାଦେଶ ପାଇ ମଧ୍ୟ କାମ ଆରମ୍ଭ କରିନାହିଁ ଓ ସେଥିପାଇଁ କିଏ ଦାୟି ସେ ନେଇ କୋକସରା କ୍ଷୁଦ୍ର ଜଳ ସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଅନିଲ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକା ପାଇଥିବା ଠିକାଦାର ଜଣକ କାମ କରିବାରେ ଅବହେଳା ଯୋଗୁ ଏଭଳି ହୋଇଛି ବୋଲି କହିଥିଲେ। ତେବେ କେଉଁ କାରଣରୁ ସମ୍ପୃକ୍ତ ଠିକା ସଂସ୍ଥା କାର୍ଯ୍ୟ କରିବାରେ ଅବହେଳା କରିଛି, ତାହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

**ଟେଣ୍ଡର ଅବଧି ଶେଷ ହେଲା**

## ଫଟୋରେ ଖବର







ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବାରକୋଟ ଗାଁରେ ଫ୍ଲୋରାଇଡ୍ ପ୍ରଭାବିତ ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଉଥିବା ଗଭୀର କୂଅ (ବାମ)। କୋମନା ବ୍ଲକ ଦାନୋଝଲା ଗାଁର ସ୍ୱାବଲମ୍ବୀ ମହିଳାମାନେ ବିଭିନ୍ନ ସୌଖୀନ ସାମଗ୍ରୀ ତିଆରି କରିଛନ୍ତି (ମଝି)। କୋମନା ବ୍ଲକ ସୁକୁଲିମୁଣ୍ଡି ଋତୁକାଳୀନ ଆବାସରେ ଶିଶୁମାନେ ବସି ପାଠ ପଢୁଛନ୍ତି।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

**ବେଲପଡା, ୨୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସଲଣି ଗ୍ରାମରେ ବୁଧବାର ରାତିରେ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣା ପଡିନାହିଁ। ୨୦ ବର୍ଷିୟା ଏହି ଯୁବତୀ ସ୍ଥାନୀୟ ଅଞ୍ଚଳର ଏକ କଲେଜରେ ଯୁକ୍ତତିନିରେ ଅଧ୍ୟୟନ କରୁଥିଲେ। ବେଲପଡା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ବେଲପଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯)ରୁଜୁ ହୋଇଛି।

### କଲେଜ ପିଅନ ହତ୍ୟା ଘଟଣା : ଅଭିଯୁକ୍ତ ଗିରଫ



**ସଇଁତଲା, ୨୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝରବାହାଲିରେ ବୁଧବାର ରାତିରେ ଟିକ୍ରାପଡ଼ା କଲେଜରେ ପିଅନ କାମ କରୁଥିବା ଜଗଦୀଶ ମନହୀରା (୪୨)ଙ୍କୁ ତାଙ୍କ ପୁରୁଣା କୁକୁଡ଼ା ଫାର୍ମରେ ହତ୍ୟା କରାଯାଇଥିଲା। ସକାଳୁ ଘର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଗଦୀଶ ପଡିଥିବା ଦେଖି ପୋଲିସରେ ଖବର ଦେଇଥିଲେ। ପୋଲିସ ତନାଘନା ଚଳାଇ ଗ୍ରାମରେ ଥିବା ଏକ ସିସିଟିଭି ଫୁଟେଜରେ ଗଣେଶ ବଗର୍ତ୍ତା ନାମକ ଜଣେ ବ୍ୟକ୍ତି ରାତ୍ର ପ୍ରାୟ ୨.୦୬ରେ ଏକ ଠେଙ୍ଗା ଧରି ବୁଲୁଥିବା ଜାଣି ପାରିଥିଲା। ତଦନ୍ତରୁ ଆହୁରି ଜଣା ପଡିଥିଲା ଯେ, ଜଗଦୀଶଙ୍କ ସହିତ ଗଣେଶଙ୍କର ପୂର୍ବରୁ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏହି ଘଟଣାରେ ପୋଲିସ ଗଣେଶଙ୍କୁ ସନ୍ଦେହରେ ପଚରାଉଚୁରା କରିଥିଲା। ଏଥିରେ ଗଣେଶ ଜଗଦୀଶଙ୍କୁ ହତ୍ୟାକରିଥିବା ସ୍ୱୀକାର କରିଥିଲା। ପୋଲିସ ଉକ୍ତ ଘଟଣାରେ ଆହୁରି କିଛି ଲୋକଙ୍କ ହାତ ଥିବା ସନ୍ଦେହ କରି ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ପୋଲିସ ଜବତ କରିଛି। ଏ ନେଇ ସଇଁତଲା ଥାନାରେ ଏକ ମାମଲା(ନଂ.୮୭/୧୯)ରୁଜୁ କରି ଗଣେଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଟିଟିଲାଗଡ଼ ଜେଲ ପଠାଯାଇଥିବା ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ ସୂଚନା ଦେଇଛନ୍ତି।

### ସିଆଲି ରାମଲୀଳା ଉଦ୍‌ଯାପିତ

**ବିନିକା, ୨୫।୪(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଲି ରଘୁନାଥ ନାଟ୍ୟ କଳା ସଂସଦ ଆନୁକୂଲ୍ୟରେ ରାମ ନବମୀଠାରୁ ଚାଲିଥିବା ରାମଲୀଲା ରାବଣ ବଧ ସହ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି।

# ସତା ହରଉଛେ ତିରଶୁଲ ବଁଧ୍

**ବେଲପଡା, ୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ସଦର ଗାଁ ବେଲପଡ଼ାରେ ରହିଛେ ପୁରାତନ ତିରଶୁଲ ବଁଧ୍। ୪୨ ନମ୍ବର ରାଜ୍ୟ ରାଜପଥ ତରାରେ ୬ ଏକର ଜାଗାରେ ଥିବାର ଇ ବଁଧ୍ ଏହେଦେ ଦେଖ୍‌ଭାଲ ଅଭାବୁ ତାର ସତା ହରାବାକେ ବସିଛେ। ଉନ୍‌ନତୀକରନ୍, ପଁକ୍ ଉଧାର ନାଇଁ ହେବାର ଲାଗି ବଁଧ୍ ଦିନୁ ଦିନ୍‌କେ ତୁପି ହେଇଯିବାର ସଂଗେ ଆଘର ଲେଖେଁ ପାଏନ୍ ବି ନାଇଁ ରହିବାର। ଦିନ୍‌ଥିଲା ବଁଧେ ବଛରକୁତା ପାଏନ୍ ଭରି ରହୁଥିଲା, ହେଲେ ଏହେଦେ ସେଟା ବଛର କେତେଟା ହେଲା ଶୁଖିଲା ଅବସ୍ତାକେ ପଲେଇ ଆସୁଛେ। ଇଆଡ଼େ ଦେଖ୍‌ଭାଲ ଅଭାବୁ ବଁଧ୍‌ଟା ଅନାବନା ଗଛ୍‌ଲତାରେ ପୁରୀ ଅସ୍‌କୁରା ହେଇ ପଡ଼ିଛେ।

ଆଏଜ୍‌କେ ୭୦ ବଛର ତଲେ ବେଲପଡ଼ା ଗାଁବାସୀକର ଦରକାରକେ ନଜରରେ ରଖି କୀର୍ତ୍ତନ୍ୟ ମେହେର ନାଁରେ ଝନେ ସହୃରୁଦ ଲୋକ୍ ତିରଶୁଲ ବଁଧ୍ କୁଡ଼େଇ ଥିଲେ। ତାକର ନାଁରେ ଥିବାର ୧୧ ଏକର ଜମିର ଗୁଟେ ବଡ଼ଭାଗରେ ଇ ବଁଧ୍‌ଟା ସେ କୁଡ଼େଇଥିଲେ। ଇ ବଁଧର ପାଏନ୍ ଫଟିକ୍ ଆର କାଚ୍ ଲେଖେଁ ନିରମଲ ଦିଶୁଥିଲା। ଗଧାବୁଡ଼ା ବାହାରେ ଲୋକ୍ ଇ ବଁଧର ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଥିଲେ। ଇତାର ବାହାରେ ବଁଧର ଚାରହିକୁତି ଥିବାର ଚାଷ୍ ଜମିରେ ପାଏନ୍ ଅଭାବ ହେଲେ ବଁଧର ପାଏନ୍‌କେ ଚାଷୀ କାମେ ଲଗଉଥିଲେ। ହେଲେ ଆଏଜ୍ ଇ ସବୁ କଥାନୀ ହେଇଗଲାନ। ଗଧାବୁଡ଼ା ତ ଦୂରର କଥା ଲୋକ୍ ଏହେଦେ ଇ ବଁଧର ପାଏନ୍‌ରେ ପାହା ପକାବାକେ ନାଇଁ ଚାହେଁବାର। ଗାଁବାସୀ ନାନା ମଏଲା ଜଗଡ଼ା ଆନି ଇ ବଁଧେ ପକଉଛନ୍। ଇ ସବୁ ପଚି ଅଂଚଲଟା ଗାଁଧେ ଫାଟି ପଡୁଛେ। ବଁଧ୍‌ଟା ଏନ୍‌ତା ଅବସ୍‌ତାରେ ଥିଲାବେଲେ ଲୋକ୍ ବଁଧର କେତେ ଜାଗା ଚାପି ଦେଲେନ। ଇ ଦିଗେ ପଁଚେତ୍ କତ୍ତୁରପକ୍ଷ ଆର ରାଜସ୍ୱ ବିଭାଗ ପଦକ୍ଷେପ ନେବାର ଜାଗାରେ ତୁମ୍‌ପଡ଼ି ଦେଖୁଛନ୍। ଥାନୀୟ ଲୁକ୍‌କର କହେବାର ହିସାବେ ଆଏଜ୍‌କେ ୩ ବଛର ତଲେ ପଁଚେତ୍ ତରଫୁ ବଁଧର ପଁକ୍ କାଢ଼ବାର ଲାଗି କାମ୍ ଆରମ୍ ହେଇଥିଲା। ହେଲେ ସେଟା କେହେନ୍‌ସି କାରନ୍‌ରୁ ବଁନ୍ଦ୍ ହେଇଗଲା। ତା'ପରେ ଆର କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ। ଗାଁର ଭରତ ବୁଡ଼େକ କହିଛନ୍ ଯେ, ବହୁତ ବଛର ହେଲା ତିରଶୁଲ ବଁଧ୍‌ର ଉନ୍‌ନତୀକରନ୍ ନାଇଁ ହେଇ। ଉନ୍‌ନତୀକରନ୍ କରାଗଲେ ଗାଁବାସୀ ଉପ୍‌କାର ପାଏତେ ବଲି ସେ କହିଛନ୍। ଇ ବାବ୍‌ଦେ ବେଲପଡ଼ା ପୂରବର ସରପଁଚ୍ କ୍ଷୀର ମେହେରକୁଁ ପଚରାଲାରୁ ମୋର ସରପଁଚ୍ ସମିଆରେ ବଁଧର ମାଏଟ୍ କାମ୍ ଲାଗି ୪ ଲାଖ୍ ଟଁକା ଖରଚ୍ ଅଟକଲ କରାଯାଇଥିଲା। ଇଥିରଲାଗି ବଁଧର ପାଏନ୍ ଶୁଖା ଯାଇଥିଲା। ହେଲେ ପଛେ ଭିନେ ଭିନେ କାରନ୍‌ରୁ କାମ୍ ବଁନ୍ଦ୍ ହେଇଗଲା। ସେନ୍‌ତା ଏହେଦ୍‌କାର ସରପଁଚ୍ ମହାଦେବ ମେହେରକୁଁ ପଚରାଲାରୁ ଚଲତି ବଛର ୩ ବଛର ଲାଗି ମାଛ୍ ଚାଷ୍ ଲାଗି ନିଲାମ କରାଯାଇଛେ। ବଁଧର ପୁନରଉଧାର ଲାଗି ପାଖାପାଖି ୫୦ ଲାଖ୍ ଟଁକାର ଦରକାର ରହିଛେ। ଇଥିରଲାଗି ପଁଚେତ୍ ସମିତି ମିଟିଂରେ ପରସ୍‌ତାବ ଦେଇଛେଁ। ତିରଶୁଲ ବଁଧର ଉପରେ ଥିବାର କଟାରେ ଚଲତି ବଛର ୧୦ ଲାଖ୍ ଟଁକାର ମାଏଟ୍ କାମ୍ ହେବାର ଥିର ହେଇଛେ ବଲି ସେ କହିଥିଲେ।



ମଏଲା ଜଗଡ଼ାରେ ତୁପି ହେଇଯାଇଥିବାର ତିରଶୁଲ ବଁଧ୍।

**ବେଲପଡ଼ା ବ୍ଲକ**

- ଅନାବନା ଗଛ୍‌ଲଟାରେ ପୂରି ଯାଇଛେ
- ବଁଧ୍ ପାଲଟିଛେ ଲୁକ୍‌କର ଜଗଡ଼ା ଗଦା
- କେତେ ଜାଗା ଜବରଦଖଲରେ ରହିଛେ
- ପଁକ୍ ଉଧାର ଲାଗି ଆଁତରିକତାର ଅଭାବ ରହିଛେ



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

### ଜେଲରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟଇଲାଗଡ ଉପକାରାଗାରରେ ତାଲୁକ ଲିଗାଲ ସର୍ଭିସ କମିଟି ଟିଟିଲାଗଡ ପକ୍ଷରୁ ଗୁରୁବାର ଅନ୍ତେବାସୀଙ୍କ ଅଧିକାର ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀଙ୍କ ବିଭିନ୍ନ ମୌଳିକ ଅଧିକାର ସମ୍ବନ୍ଧରେ ଶିବିରରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ରାଜେଶ କୁମାର ନାୟାର, ସବଜଜ୍ ବିଷ୍ଣୁଦେବ ଜେନା, ଏସ୍‌ଡିଜେଏମ ଏସ.ପରମଗୁହା, ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଉତ୍ତମ ନାୟକ, ଜେଲ ଅଧୀକ୍ଷକ ଆଲୋକ କର, ଫ୍ରଣ୍ଟ ଅଫିସର ରିଟେନର ଆଇନଜୀବୀ କେ.ଏସ. ସାହୁ, ପ୍ୟାନେଲ ସଦସ୍ୟ ଆଇନଜୀବୀ ଆର.ପୁଟେଲ ମଞ୍ଚାସୀନ ଥିଲେ। ଜୀବର୍ଦ୍ଧନ ଛତ୍ରିଆ, କିଶୋର ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

■ ସ୍କୁଲ ପାଚେରି ନିର୍ମାଣ ପ୍ରସଙ୍ଗ

## ବିଲ୍ ଉଠିଛି, ରଙ୍ଗ ଦିଆଯାଇନି

**ଲୋଇସିଂହା, ୨୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ବିଭିନ୍ନ ଶିକ୍ଷାନୁଷ୍ଠାନର ସୁରକ୍ଷା ପାଇଁ ପାଚେରି ନିର୍ମାଣ ହୋଇଛି। ହେଲେ ନିର୍ମାଣ ସରିବାର ବର୍ଷେ ବିତି ଯାଇଥିଲେ ସୁଦ୍ଧା ରଙ୍ଗ ଲାଗି ପାରିଲାନି। ଏଥଇଯୋଗୁ ଶିକ୍ଷାନୁଷ୍ଠାନର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅନୁଦାନ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ୮ ୱାର୍ଡ ବିଶିଷ୍ଟ ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମ ପଞ୍ଚାୟତର ସଦର ଗାଁ ବୁର୍ଡାର ଜନସଂଖ୍ୟା ପ୍ରାୟ ୧୦ହଜାର। ଗାଁରେ ୫ଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ରହିଛି। ଗ୍ରାମର ବନ୍ଧବାଟ ଅଙ୍ଗନୱାଡି କେନ୍ଦ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲର ସୌନ୍ଦର୍ଯ୍ୟ ବୃଦ୍ଧି ଓ ସୁରକ୍ଷା ପାଇଁ ପଞ୍ଚାୟତ ପକ୍ଷରୁ ବିଭିନ୍ନ ଯୋଜନାରେ ପର୍ଯ୍ୟାୟକ୍ରମେ ପାଚେରି ନିର୍ମାଣ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ୩ ଲକ୍ଷ ବ୍ୟୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଚେରି ନିର୍ମାଣ ହୋଇଛି। ସେହିପରି ବନ୍ଧବାଟ ଅଙ୍ଗନୱାଡି କେନ୍ଦ୍ର ପାଚେରି ନିର୍ମାଣ ହୋଇଛି। ଏହାପୂର୍ବରୁ ପଞ୍ଚାୟତ ହାଇସ୍କୁଲର ପାଚେରି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ନିର୍ମାଣ ବାବଦକୁ ଅନୁଦାନ ଟଙ୍କା ଉଠି ସାରିଥିଲେ ସୁଦ୍ଧା ରଙ୍ଗ ଦିଆ ଯାଇ ନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ କାମ କରାଯାଇଛି। ବିଲ ପୈଠ ସରିଛି। ରଙ୍ଗ ଦିଆଯିବା କଥା ବୋଲି ସେ କହିଛନ୍ତି।



ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ପାଚେରି ନିର୍ମାଣ କାମ ସରିଥିଲେ ମଧ୍ୟ ରଙ୍ଗ ଦିଆ ଯାଇନାହିଁ।

## ମ୍ୟାଲେରିଆ ନିୟନ୍ତ୍ରଣରେ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଡୁଙ୍ଗୁରିପାଲି, ୨୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତିଙ୍କ ପରିଚାଳନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ.ଆଶିଷ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ଡ. ସଞ୍ଜୟ ପଧାନ, ଡ.ଶଶାଙ୍କ ସାହୁ, ଡ.ଆଲୋକ ପଣ୍ଡା, ଡ.ସରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବିଶ୍ୱାଳ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଓ ନିରାକରଣ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରଶଂସା କରିଥିଲେ। ଡ. ପଧାନ ମ୍ୟାଲେରିଆ ରୋଗର ଚିକିତ୍ସା ଓ ନିରାକରଣ ତଥା ଶୂନ୍ୟ ମ୍ୟାଲେରିଆ ପାଇଁ ଆଶା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଡାକ୍ତର ସାହୁ ମ୍ୟାଲେରିଆ ରୋଗର ଶୀଘ୍ର ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ବିଷୟରେ ପ୍ରକାଶ କରିଥିଲେ। ବାହକଜନିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରିଦର୍ଶକ ଅଜିତ କୁମାର ହୋତା ଗତ ତିନିବର୍ଷରେ ଡୁଙ୍ଗୁରିପାଲି ବ୍ଲକରେ ମ୍ୟାଲେରିଆ ରୋଗର ସ୍ଥିତି, ଏହାର ନିୟନ୍ତ୍ରଣ ଓ ଏଥିପାଇଁ ଯୋଜନା କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ।

■ ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି

## ମେଳାକୁ ଅଧିକ ଆକର୍ଷଣୀୟ କରାଯିବ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଓ ସବ୍ କମିଟି ସଦସ୍ୟ।

**ଖପ୍ରାଖୋଲ, ୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ମେ ୧୬ରୁ ୧୮ତାରିଖ ଯାଏଁ ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶକ୍ତ୍ୟକ୍ରିଷ୍ଣନ୍ କେ.ପି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ପାଟଣାଗଡ ତହସିଲଦାର ଡ.ପୁଷ୍ପାଞ୍ଜଳି ପଣ୍ଡା, ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ଏସଡିପିଓ ସୁରେଶ ନାଏକ, ସବ୍‌କମିଟି ସଭାପତି ବିପ୍ର ବିଶି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଗତବର୍ଷର ଆୟବ୍ୟୟ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଥିଲା। ବ୍ୟୟ ଅଟକଳ ୯ ଲକ୍ଷ ୫୫ ହଜାର ଟଙ୍କା ଥିବାବେଳେ ଖର୍ଚ୍ଚ ୯ ଲକ୍ଷ ୧୯ ହଜାର ଟଙ୍କା ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଆଗାମୀ ବୈଶାଖ ମେଳା କିଭଳି ଆକର୍ଷଣୀୟ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଷ୍ଟେଜ୍ ଲାଇଟ, ଷ୍ଟଲ ଓ ଟେଣ୍ଟ, ପ୍ରଚାର ପ୍ରସାର, ବିଦ୍ୟୁତ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ମନୋରଞ୍ଜନ କାର୍ଯ୍ୟକ୍ରମ, ହୋମଯଜ୍ଞ ସହ ଭିଡ ନିୟନ୍ତ୍ରଣ ନେଇ ଆଲୋଚନା ହୋଇଥିଲା। ବିଦ୍ୟୁତ୍ ଖୁଣ୍ଟ ମରାମତି, ଉଠା ଶୌଚାଳୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଫିସର ଡା. ଉତ୍କଳମଣି ମେହେର, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ମେହେର, ନାଜିର ଯଶୋବନ୍ତ କୁମ୍ଭାର, ମନ୍ଦିର ପରିଚାଳକ ବେଣୁଧର ସାହୁ, ବ୍ଲକ ଅଗ୍ନିଶମ ଅଧିକାରୀ ବୀରବର ମଲ୍ଲିକ, ଆରଡବ୍ଲ୍ୟୁଏସଏସ ଜେ.ଇ ଚିନ୍ମୟ ପଧାନ, ଶଶି ପୂଝାରୀ, ସୁଶିଲ କୁମାର ଗୁରୁ, ଗୁପ୍ତେଶ୍ୱର କୁଅଁର, ଅଭୟ ତ୍ରିପାଠୀ, ଇନ୍ଦ୍ରମଣି ସାହୁ, ଧରମ ସିଂ ଧରୁଆ, ପ୍ରକାଶ ମେହେର, ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜଏପୁରିୟା, ଜିପିଇଓ ସୁଶାନ୍ତ ପାଣି, ଏଡିପିଆରଓ ରୀତାକାନ୍ତି ବଲିୟାର ସିଂ, ଲଳିତ ମାଝୀ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରଓାଲ, ତପ ସାହୁଙ୍କ ସମେତ ସବ କମିଟି ସଦସ୍ୟ, ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ବିଡିଓ ତରଣି ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପତ୍ର ଫେରାଇ ଦେଲେ ଫଡି କର୍ମଚାରୀ

**ଲୋଇସିଂହା,୨୪।୪(ଡି.ଏନ.ଏ)**

**ତୋଳାଳିଙ୍କ ମଧ୍ୟରେ ଅସନ୍ତୋଷ**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର କେନ୍ଦୁପତ୍ର ରେଞ୍ଜ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହ ବୁଧବାର ଆରମ୍ଭ ହୋଇଛି। ହେଲେ ଆଗଲପୁର ବ୍ଲକ ସାନଟିକା ଗ୍ରାମର କେତେକ ମହିଳା ପତ୍ର ତୋଳାଳିଙ୍କ କେନ୍ଦୁପତ୍ରକୁ ଫଡି କର୍ମଚାରୀ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସନ୍ଧ୍ୟାରେ ଗ୍ରାମରେ କେନ୍ଦୁପତ୍ର ସଂଗ୍ରହ କରିଥିବା ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାମତେ, ବୁଧବାର ଚଳିତ କେନ୍ଦୁପତ୍ର ସଂଗ୍ରହର ପ୍ରଥମ ଦିବସ ଥିଲା। ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ସାନଟିକା ଗ୍ରାମର ମହିଳା କେନ୍ଦୁପତ୍ର ତୋଳାଳି ସଂଗ୍ରହ କରି ଫଡି ଘରେ ଦେଇଥିଲେ। କେତେକ ମହିଳାଙ୍କ ସଂଗ୍ରହ ପତ୍ର ଫଟା ଓ ମାତା ଥିବା ଅଭିଯୋଗ କରି ଫଡି କର୍ମଚାରୀ ଫେରାଇ ଦେଇଥିଲେ। ଭୋରରୁ ପୂର୍ବାହ୍ନ ପର୍ଯ୍ୟନ୍ତ ସଂଗ୍ରହ କରିଥିବା ପତ୍ରକୁ ଗ୍ରହଣ କରା ନ ଯିବାରୁ ମହିଳାମାନେ ହତାଶ ହୋଇ ପଡିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଫଡିର ଚେକର ଓ ମୁନସୀ ତାଙ୍କ ସମ୍ପର୍କୀୟଙ୍କ ପତ୍ରକୁ ଗ୍ରହଣ କରିଥିବାବେଳେ ସେମାନଙ୍କ ପତ୍ରକୁ ନେବାକୁ ମନା କରିଥିଲେ। ଏ ସମ୍ପର୍କରେ ଫଡି କର୍ମଚାରୀ ନବୀନ ସେଠ କହିଛନ୍ତି ଯେ, କେବଳ ଫଟା ଓ ମାତା ପତ୍ରକୁ ଫେରାଇ ଦିଆଯାଇଛି।



ଫଡି କର୍ତ୍ତୃପକ୍ଷ କେନ୍ଦୁପତ୍ର ଗ୍ରହଣ ନ କରିବାର ପ୍ରତିବାଦ କରୁଛନ୍ତି ତୋଳାଳିମାନେ।

■ ଲାଠୋରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବନା

# ପକାଘର ପାଏବାରୁ ବଁଚିତ ଗରିବ ପରିବାର

**ଲାଠୋର, ୨୫।୪ (ଡି.ଏନ.ଏ)**

ସରକାରୀ ନିୟମ ଅନ୍‌ସାରେ ଏସ୍‌ଇସିସି ତାଲିକାରେ ଯେନ୍‌ମାନକର ନାଁ ଥିବା ଆର ଘରଦୁଆର ନାଇଁଥିବା ସେମାନକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକା ଘର ଯୁଗେଇ ଦେବାର ବେବସ୍‌ତା ରହିଛେ। ଭାରତ ସରକାରକଁର ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ତରଫୁ ଗଲା ୨୦୧୧ ସାଲେ ଜନଗଣନା କରାଯାଇଥିଲା। ସେ ତାଲିକା ହିସାବେ ଗାଁଗଁଲିର ଗରିବ୍ ପରିବାରମାନକୁ ପକା ଘର ଯୁଗେଇ ଦିଆଯାଉଛେ। ହେଲେ ସେତେବେଲେ ଇ ଜନଗଣନାରେ ଯେନ୍‌ମାନେ ନିୟାଜିତ ଥିଲେ ସେମାନକର ଭୁଲଭଟକା ଲାଗି ଅନେକ ଗରିବ ପରିବାର ଏସ୍‌ଇସିସି ତାଲିକାରୁ ବାଦ୍ ପଡ଼ିଛନ୍। ଇ ଗରିବ୍ ପରିବାରମାନେ ସରକାରୀ କରମଚାରୀକର ଭୁଲ ଲାଗି ଆଏଜ୍ ବି ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗାଁରେ। ଲାଠୋର ଗାଁର କାର୍ତ୍ତିଆପଡ଼ା, ହସପିଟାଲ ପଡ଼ା, ଖଇରାପଡ଼ା, କଲୋନିପଡ଼ା ଆର ଉନିଆ ପଡ଼ାମାନକେ ଶହ ଶହ ଗରିବ ପରିବାର ଘର ଅଭାବୁ ଝାଁଟିମାଟି କୁରିଆମାନକେ ବଡ଼ା ଗୁଲଗୁଲା ହେଇ ରହୁଛନ୍। ଯେନ୍‌ମାନକର ଏସ୍‌ଇସିସି ତାଲିକାରେ ନାଁ ନାଇଁ ସେମାନକୁ ତାଲିକାରେ ସାମିଲ କରବାର ଲାଗି ଗଲା ୨୦୧୭ରେ ଆବେଦନ କରବାର ଲାଗି କୁହାଯାଇଥିଲା। ପାଖାପାଖି ୯ଶହ ଗରିବ୍ ହିତାଧିକାରୀ ପକାଘର ପାଏବାର ଆଶ୍‌ରେ ପଁଚେତ୍‌ରେ ଆବେଦନ କରିଥିବାର କଥା ସରପଁଚ୍ କହିଛନ୍। ସେନ୍‌ତା ଇ ଗରିବ୍ ହିତାଧିକାରୀମାନକର ନାଁ ସୁପାରିଶ କରାଯାଇଛେ ବଲି ସରପଁଚ୍ ସୂଚନା ଦେଇଛନ୍। ହେଲେ ଦୁଖର କଥା ହିତାଧିକାରୀମାନେ ଆବେଦନ କରବାର ଆଏଜ୍‌କେ ୨ ବଛର ବିତିଯାଇଥିଲେ ବି ପକାଘର ଖଁଡ଼େ ଲେଖାଁ ପାଏବାରୁ ବଁଚିତ ହେଇ ରହିଛନ୍। ଗାଁରେ ୨୦୧୧ ଏସ୍‌ଇସିସି ତାଲିକା ଅନ୍‌ସାରେ କି ୨୦୧୭ରେ ଆବେଦନ କରିଥିବାର ହିତାଧିକାରୀମାନକୁ ଘର ଯୁଗେଇ ଦିଆଯାଉଛେ ସେଟା ବି ଲୋକ୍ ଜାନି ନାଇଁପାରୁଥିବାର ଅଭିଯୋଗ ହେଉଛେ। ଏନ୍‌ତା ବି ଅଭିଯୋଗ ହେଉଛେ ଯେ କେତେ ପରିବାରକେ ଏକାଧିକ୍ ଘର ଯୁଗେଇ ଦିଆଯାଇଥିଲାବେଲେ ନିହାତି ଦରକାର ଥିବାର ଗରିବ୍ ପରିବାରମାନେ ଯୋଜନାରୁ ବାଦ୍ ପଡୁଛନ୍। ଇ ବାବ୍‌ଦେ ତଦଁତ୍ ହେବାର କଥା ବଲି କେତେ ହିତାଧିକାରୀ କହିଛନ୍। ଇ ବାବ୍‌ଦେ ଲାଠୋର ସରପଁଚ୍ ପ୍ରବିଣ କୁମାର ଅଗ୍ରୱାଲକୁଁ ପଚରାଲାରୁ ୨୦୧୭ରେ ଯେନ୍‌ମାନେ ଘର ଲାଗି ଆବେଦନ କରିଥିଲେ ସେଟା ସୁପାରିଶ ଲାଗି ପଠାଯାଇଛେ। ସେଠାନୁ କେହେନ୍‌ସି ପରକାର ନିରଦେଶ ନୁହେଁଆସେ। ଯେନ୍‌ଥିରଲାଗି ଏନ୍‌ତା ପରିସ୍ଥିତି ଦେଖା ଦେଇଛେ ବଲି ସେ କହିଥିଲେ। ହେଲେ ଯେତେ ଜଲଦି ହେବା ଜିଲା ଆର ଥାନୀୟ ପରଶାସନ ଇ ଦିଗେ ଦୃଷ୍ଟି ଦେଇ ଘଟନାର ତଦଁତ୍ କରବାର ସଂଗେ ଗରିବ୍ ଦୁଖିକୁ ଆବାସ ଯୋଜନାରେ ସାମିଲ କରବାକେ ଜନ ସାଧାରନରେ ଦାବି ହେଉଛେ।



ଲାଠୋର ହସପିଟାଲ ପଡ଼ାର ଝନେ ହିତାଧିକାରୀକଁର ଘରର ଅବସ୍‌ତା।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ




### ବେଆଇନ ମହୁଲ ବୋଝେଇ ପିକ୍ଅପ୍ ଜବତ

ଜୁନାଗଡ,୨୫।୪(ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ଥାନା ବନମାଳୀପୁର ଛକ ରାଇସ୍‌ମିଲ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବେଆଇନ ମହୁଲ ବୋଝେଇ ପିକ୍ଅପ୍‌କୁ ଜୁନାଗଡ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଡି ଚାଳକ ଓ ୨ଜଣ ଶ୍ରମିକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଏହି ପିକ୍ଅପ୍ ଗାଡିରେ ପ୍ରାୟ ୨୫ରୁ ୩୦ବସ୍ତା ମହୁଲ ଥିବା ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ହେବ ବୋଲି ଜଣାପଡିଛି। ବେଆଇନ ମହୁଲ ବୋଝେଇ ପିକ୍ଅପ୍ ଗାଡି (ନଂ. ଓଡି୦୮ଏ-୩୫୨୪)ହୋଇଥିବା ବେଳେ ଏହା ଗୋଲାମୁଣ୍ଡା ବ୍ଲକ କେଗାଁ ଅଞ୍ଚଳର ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଜୁନାଗଡ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏହି ବେଆଇନ ମହୁଲ ବୋଝେଇ ପିକ୍ଅପ୍ ଗାଡିଟିକୁ ଜବତ କରିଥିଲା। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଭାତ କୁମାର ସେଠି ପ୍ରକାଶ କରିଛନ୍ତି।

### ବାଳିକାବାଳକ କ୍ରିକେଟ ପ୍ରଶିକ୍ଷଣ ଶିବିର ମେ ୩ରୁ

ଭବାନୀପାଟଣା,୨୫।୪ (ଡି.ଏନ.ଏ.)- ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ପ୍ରତିବର୍ଷବ ପରି ଚଳିତବର୍ଷ ମଧ ଆସନ୍ତା ମେ ୩ରୁ ୧୨ ତାରିଖ ଯାଏଁ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ୧୦ରୁ ୧୫ ବର୍ଷ ବାଳିକାବାଳକମାନଙ୍କ କ୍ରିକେଟ ପ୍ରଶିକ୍ଷଣ ଶିବିର ଆୟୋଜନ ହେବ । ଏ ନେଇ ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଯେଉଁ ବାଳିକାବାଳକମାନେ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ଲାଗି ଇଚ୍ଛୁକ ଅଛନ୍ତି ସେମାନେ ଜିଲା କ୍ରୀଡା ସଂସ୍ଥା ଅଫିସରୁ ସନ୍ଧ୍ୟା ୭ଟାରୁ ୮ଟା ମଧ୍ୟରେ ନିର୍ଦ୍ଧାରିତ ଫର୍ମ ସଂଗ୍ରହ କରି ଆବେଦନ କରିପାରିବେ । ଯେଉଁ ଯୁବକ ଯୁବତୀମାନେ ପ୍ରଶିକ୍ଷଣ ସକାଶେ ମନୋନୀତ ହେବେ ସେମାନେ ମେ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ସକାଳ ୫ ଟାରୁ ଘ.୭.୩୦ମି. ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ପ୍ରଶିକ୍ଷଣ ସକାଶେ ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷକମାନଙ୍କୁ ଚୟନ କରାଯାଇ ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷଣ ସମୟରେ ଜିଲା କ୍ରୀଡା ସଂସ୍ଥା ସମ୍ପାଦକ ପଟ୍ଟନାୟକଙ୍କ ସମେତ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା ଏବଂ କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂହ ଉପସ୍ଥିତ ରହି କ୍ରୀଡା ପରିଚାଳନାରେ ସହଯୋଗ କରିବେ ବୋଲି କ୍ରୀଡା ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସୁଖ୍ ଶିଆଁଡି ଛଡ଼େଇ ନେଲା ଇନ୍ଦ୍ରାବତୀ ପ୍ରକଳ୍ପ

# ମଉଲିକ୍ ସୁବିଧାରୁ ବଁଚିତ୍ ଘୁଟ୍‌ଖାଲବାସୀ

ଭବାନୀପାଟଣା, ୨୫।୪ (ଡି.ଏନ.ଏ.)



ଘୁଟ୍‌ଖାଲ ଗାଁର ଦୁରୁଶ୍।

ଇନ୍ଦ୍ରାବତୀ ପ୍ରକଳ୍ପ ତିଆର ହେବା, ଆସର ପାସର ଗାଁଗଁଡ଼ାର ଲୋକ୍ ସବୁ ପରକାର ମଉଲିକ ସୁବିଧା ସୁଯୋଗ ପାଏବେ। ପିଲାମାନେ ପାଠ୍ ପଢ଼ବାର ସୁବିଧା ପାଏବାର ସଂଗେ ଭେଁଡ଼ିଆମାନେ ରୁଜଗାର ପାଏବେ। ଅଂଚଲର ବିକାଶ ହେବା। ଏନ୍ତା ସବୁ ରଂଗୀନ ସପନ୍ ଦେଖେଇ ଅଶୀ ଦଶକରେ ଥାନୀୟ ଆଦିମ ଅଧିବାସୀକୁ ସରକାର କିଛି କ୍ଷତିପୂରନ ଦେଇ ତାକର ଜମିବାଡ଼ି ନେଇଗଲେ। ଇଥିରେ କେତେ ଟଁକା ନେଇ ଜମିବାଡ଼ି ଛାଡ଼ିଦେଲେ, ଅନେକ ପରତିବାଦ୍ କଲେ। ଯେନ୍‌ମାନେ ପରତିବାଦ କଲେ ସେମାନେ ଆଇନ୍‌ର ଆଶ୍‌ରେ ନେଲେ। ଏହେଦେ ବି ସେ ଆଇନ୍‌ର ଲଢ଼େଇ ଚାଲିଛେ। ହେଲେ ତାକର ଭବିଷତ, ଆଗାମୀ ପିଢ଼ୀର ଭବିଷତ ଦିନୁଦିନ୍‌କେ ଅଁଧାର ଭିତିରକେ ଠେଲି ହେଇଯାଉଛେ। ସେମାନେ ସବୁପରକାର ମଉଲିକ ସୁବିଧାରୁ ବଁଚିତ ହେଇ ଜଲବଁଦି ଜୀବନ୍ ବିତଉଛନ୍। ଜଲଭଣ୍ଡାର କାଯ୍‌କାରୀ ହେଲାଦିନୁ ସତେ ଯେନ୍ତା ଇମାନକର ଜୀବନ୍ ନରକ୍ ପାଲଟିଯାଇଛେ। ସମିଆ ଅସମିଆରେ ଜଂଗ୍‌ଲି ଦରବ୍ ସାହାଭରସା। ନିହାତି ଦରକାର ବେଲେ ଆମ୍‌ଟାଁକୁଆ, ଜଂଗଲି କଁଦା ଖାଇ ଜୀବନ୍ ବିତଉଥିବାର କହିଛନ୍ ଘୁଟ୍‌ଖାଲ ଗାଁର ଧବଲୁ ଝଡ଼ିଆ। ଧବଲୁଙ୍କର ପରିବାରର ୨୦.୯୬ ଏକର ଚାଷ୍ ଜମିଥିଲା। ଜଲଭଣ୍ଡାର ତିଆର ବେଲେ ତାହାକୁ ଜମି ବାବ୍‌ଦେ ସରକାର ଯେତେ ଟଁକା ଧାଯ୍ କରିଥିଲେ ସେଟା ବହୁତ୍ କମ୍‌ଥିଲା। ସେଥିରଲାଗି ଟଁକା ନେବାକେ ମନା କରିଦେଲେ। ଏନ୍ତା ବହୁତ୍‌ଟେ ପରିବାର ଟଁକା ନେବାକେ ମନାକରି ସେଠାନେ ରହିଗଲେ। ହେଲେ ଜଲଭଣ୍ଡାର କାଯ୍‌କାରୀ ହେଲା ଉତାରୁ ପାସର ଗୁଟେ ପାହାଡ଼ି ଇଲାକାକେ ଗାଁବାସୀ ଉଠିଯାଇ ସେଠାନେ ବସବାସ କଲେ। ସେ ଗାଁର ନାଁ ବି ଘୁଟ୍‌ଖାଲ ଦେଇଛନ୍। ଇ ଗାଁରେ ଝୋଡିଆ ପରଜା ସମାଜର ୩୫ଟା ପରିବାରର ୧୨୪ ଲୋକ୍ ବାସ କରୁଥିଲାବେଲେ ଗଡଡ ସମାଜର ୧୨ ଟା ପରିବାରର ୪୬ ଲୁକ୍‌କୁ ନେଇ ଘୁଟ୍‌ଖାଲ ଗାଁ ରହିଛେ। ଇନ୍ଦ୍ରାବତୀ ପ୍ରକଳ୍ପରେ ନିଜର ଜମିବାଡ଼ି ହରେଇଥିବାର ଇ ପରିବାରମାନେ ଏହେଦେ ଗଡ଼ମାଡ଼ି ପାହାଡ଼କେ କାଟି ସଫାକରି ସେଠାନେ ମକା, ମାଣ୍ଡିଆ, କାଁଦୁଲ, ବାଜରା, କାଂଗୁ, କେଶଲା ଚାଷ୍ କରି ନିଜର ଜୀବନ୍ ଜୀବିକା ଚଲଉଛନ୍। ସେନ୍ତା ଆରକେତେ ମତ୍ସ୍ୟ ବିଭାଗର ସାହାଯ୍‌ରେ ଜଲଭଣ୍ଡାର ଭିତରେ ମାଛ୍ ଚାଷ୍ କରି ନିଜର କୁଟୁମ ପୁଷୁଛନ୍। ଇ ଇଲାକାରେ ସୁଆସ୍‌ତିଅ ସେବା ଅପହଁଚ୍ ହେଇ ରହିଛେ। ହେଲେ ନିହାତି ଦରକାରବେଲେ ରୁଗୀକେ ଗାଁବାସୀ ମାଛ୍‌ମରା ଡଂଗାରେ ନବରଙ୍ଗପୁର ଜିଲା ଖାତିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ନେଉଛନ୍। ହେଲେ ରାସ୍‌ତାଘାଟ ଅଭାବୁ ଅନେକ ସମିଆରେ ବାଟେ ରୁଗୀର ଜୀବନ ପଲେଇଯାଉଛେ। ସ୍କୁଲ ଅଭାବୁ ଗାଁର ୯୯ ପରତିଶତ ଛୁଆ ଅପାଠୁଆ। ଗାଁରେ ଗୁଟେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛେ ସତ୍, ହେଲେ ସହାୟିକା ସବୁଦିନେ ଡଂଗାରେ ଯିବାର ଆଏବାର ସମ୍ଭବ ନାଇଁ ହେବାର। ଇ କେନ୍ଦ୍ରର ଲାଗି ତିଆରି ଚାଲିଥିବାର କୁଠା ବି ବହୁତ୍ ଦିନ୍ ହେଲା ଦରଖଁଡ଼ିଆ ହେଇ ପଡ଼ିରହିଛେ। ପାଖାପାଖି ୨ ଶହ ଲୋକ୍ ବାସ କରୁଥିବାର ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ୨ଟା ନଲ୍‌ଟୁଆଁ ରହିଛେ। ବାକି ସବୁ କାମ୍ ଲାଗି ଗାଁବାସୀ ଜଲଭଣ୍ଡାର ଉପରେ ନିରଭର କରୁଛନ୍। ରାସ୍‌ତାଘାଟ ଅଭାବୁ ଗାଁବାସୀ ପୋଡ଼ାପଦରରେ ଥିବାର ପଁଚେତ୍ ଆର ଥୁ.ରାମପୁରରେ ଥିବାର ବ୍ଲକ ଅଫିସକେ ଲୋକ୍ ଦେଶୀ ଡଂଗାରେ ଯାଆସ କରୁଛନ୍। ଅଂଚଲର ଲୋକ୍ ଗଲା ଆଏଲା ବେଲେ ଅନେକ ସମିଆରେ ଡଂଗାବୁଡ଼ିରେ ଜୀବନ୍ ହରଉଛନ୍। ଇ ଅଂଚଲର ୧୬ ଖଁଡ଼ ଗାଁର ପାଖାପାଖି ୩ ହଜାର ଲୁକ୍‌କର ସୁରକ୍ଷା, ସୁବିଧା ଲାଗି ତଲନାଗୀ–ଘୁଟ୍‌ଖାଲ ମଝିରେ ଥିବାର ଲିଙ୍କ୍ କେନାଲ ସଂଗେ ଜଲଭଣ୍ଡାର ଭିତରେ ଗୁଟେ ପୁଲିଆ ତିଆର କଲେ ଅଂଚଲବାସୀ ବହୁତ୍ ସୁବିଧା ପାଏତେ। ଇ ପୁଲିଆ ତିଆର ହେଲେ ଅଂଚଲବାସୀକର ନବରଙ୍ଗପୁର, କଳାହାଣ୍ଡି ଆର ରାୟଗଡ଼ା ଜିଲା ସଂଗେ ଯୋଗାଯୋଗ ସମ୍ଭବ ହେଇପାରତା। ସମସିଆର ସମାଧାନ ଲାଗି ରାଏଜ୍ ସରକାର ଆର ଥାନୀୟ ପରଶାସନ ଦୁରୁଷ୍ଟି ଦେବାକେ ଅଂଚଲବାସୀ ଦାବି କରିଛନ୍।

### ପାଣି ପାଉଚରେ ଉତ୍ପାଦନ ତାରିଖ ନାହିଁ

ଭବାନୀପାଟଣା,୨୫।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ତାତି ବଢିବା ପରେ ଜିଲା ମଧ୍ୟରେ ବିଭିନ୍ନ କମ୍ପାନୀର ପାଣି ପାଉଚ ଚଜାରରେ ବିକ୍ରି ହେଉଛି । ଏହି ପାଣି ପାଉଚଗୁଡିକ ଉତ୍ପାଦନର ଏକ ମାସ ମଧ୍ୟରେ ବ୍ୟବହାର କରାଯାଇଥାଏ । ପାଣି ପାଉଚ ଉପରେ କମ୍ପାନୀ ପକ୍ଷରୁ ଏହାର ଉତ୍ପାଦନ ତାରିଖ ଓ ବ୍ୟାଚ୍ ନମ୍ବର ରହିବାର ନିୟମ ରହିଥିଲେ ମଧ୍ୟ ଏବେ କେତେକ କମ୍ପାନୀମାନେ ନିଜର ଲାଭଖୋର ମନୋବୃତ୍ତି ଯୋଗୁ ପାଣି ପାଉଚରେ ଉତ୍ପାଦନ ତାରିଖ ଉଲ୍ଲେଖ କରୁନାହାନ୍ତି । ଫଳରେ ଏହା କେବେ ଉତ୍ପାଦନ ହେଉଛି ଓ କେଉଁଠି ହେଉଛି ଜଣାପଡୁନାହିଁ । ସେହିପରି ପାଣି ପାଉଚ ବେଶି ଦିନ ଧରି ବ୍ୟବହାର ନ କରି ପଡି ରହିଲେ, ସେଥିରୁ ଦୁର୍ଗନ୍ଧ ବାହାରିବା ସହ ପାଣି ଅପରିଷ୍କାର ଦେଖାଯାଉଛି । ତଥାପି କମ୍ପାନୀମାନେ ନିଜର ଫାଇଦା ପାଇଁ ଖାଉଟିମାନଙ୍କୁ ନିମ୍ନମାନର ପାଣି ପାଉଚ ଯୋଗାଉଛନ୍ତି । ଦୋକାନୀମାନେ ଏହାକୁ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଖୁଲମଖୁଲା ଏଭଳି ଭବାନୀପାଟଣା ସହର ସମେତ ଜିଲା ମଧ୍ୟରେ ବେଆଇନ ଭାବେ ପାଣି ପାଉଚ ବିକ୍ରି ହେଉଥିଲେ ବି ସମ୍ପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏଥିପ୍ରତି ପ୍ରଶଶସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଭବାନୀପାଟଣା ସମର ଶିକ୍ଷାର୍ଥୀ ବାହିନୀର ୪ ଓଡ଼ିଶା ନାଭାଲ ୟୁନିଟ୍

# କାର୍ଯ୍ୟାଳୟ ପାଲଟିଛି କର୍ମଚାରୀଙ୍କ ବାସଗୃହ

ଭବାନୀପାଟଣା,୨୫।୪ (ଡି.ଏନ.ଏ.)



ଅଫିସରେ ଏବେ ଖଟ ଏବଂ ଅନ୍ୟ ସାଗ୍ରମୀ ରହିଛି ।

କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୪ ଓଡିଶା ନାଭାଲ ୟୁନିଟ କଳାହାଣ୍ଡି ଭବାନୀପାଟଣାଠାରେ ୨୦୧୪ଠାରୁ ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲ ବିଦ୍ୟାଳୟ ପରିସରରେ କାର୍ଯ୍ୟକାରି ଆସୁଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏହି ୪ ନାଭାଲ ୟୁନିଟ୍ କଳାହାଣ୍ଡିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୯ ଜଣ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୨ ଜଣ ଅଧିକାରୀ ଓ କର୍ମଚାରୀ କାମ କରୁଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପତ୍ର ସଂଖ୍ୟା ନଂ ୨୯୦୭୮ (୨) ତା. ୨୫।୧୧।୨୦୧୩ ଦ୍ୱାରା ଭବାନୀପାଟଣା ବ୍ରଜ ମୋହନ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ତତ୍‌କାଳୀନ ସ୍ପୋର୍ଟସ୍ ହଷ୍ଟେଲ ସଂଲଗ୍ନ ଗୃହକୁ ଅଫିସ୍ ଗୃହ କରିବା ପାଇଁ ଦିଆଯାଇଥିଲା । ରାଜ୍ୟ ସରକାର ଏଥି ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଘରଗୁଡିକ ମରାମତି କରି ୪ ଓଡିଆ ନାଭାଲ ୟୁନିଟ କାର୍ଯ୍ୟାଳୟ ପାଇଁ ପ୍ରଦାନ କରିଥିଲେ। ୨୦୧୪ଠାରୁ ରାଜ୍ୟ ସରକାରଙ୍କ ଅଧୀନରେ ଏହା କାମ କରି ଆସୁଥିବା ବେଳେ ଏଠାରେ ଥିବା କମାଣ୍ଡିଂ ଅଫିସରଙ୍କ ବଦଳି ପରେ ଗତ ୯ ମାସ ହେବ ଏହି ପଦବି ଖାଲି ପଡିଛି। ଏବେ ବଲାଙ୍ଗୀର ଜିଲାର ଜଣେ ଅଧିକାରୀ ଏହି ପଦବୀ ଦାୟିତ୍ୱରେ ଅଛନ୍ତି। ମାସକୁ ୨ ରୁ ୪ ଥର ଆସି ସେ ମଧ କାର୍ଯ୍ୟ କରୁଛନ୍ତି। ଫଳରେ ଠିକ ଭାବେ ପ୍ରଶିକ୍ଷଣ ଦିଆଯାଇପାରୁ ନାହିଁ କି ଠିକ୍ ଭାବରେ ଅଫିସ ପରିଚାଳନା ହୋଇ ପାରୁନାହିଁ। ସବୁଠାରୁ ବିଡମ୍ବନାର ବିଷୟ ଯେ, ଏହି ସରକାରୀ କାର୍ଯ୍ୟାଳୟ ଏବେ କିଛି କର୍ମଚାରୀଙ୍କ ବାସଗୃହ ପାଲଟିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶିକ୍ଷଣ ଦେବାକୁ ଆସି ଏଠାରେ ଥିବା କିଛି କର୍ମଚାରୀ ଅଫିସରେ ଏବେ ଖଟପଲଙ୍କ ପକାଇ ଦିନରାତି ରହୁଛନ୍ତି। ଫଳରେ ଅଫିସ କାର୍ଯ୍ୟ ଓ ବିଭାଗୀୟ ଗୋପନୀୟତା ରକ୍ଷା କରିବାରେ ବାଧା ସୃଷ୍ଟି ହେଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ପ୍ରକାଶଯୋଗ୍ୟ ଯେ, କାର୍ଯ୍ୟାଳୟରେ ବସାବାନ୍ଧୀ ରହିଥିବା କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ କେନ୍ଦ୍ର ସରକାରଙ୍କ ନୀୟମ ଅନୁଯାୟୀ ଘରଭଡା ମଧ ଅସୁଲ କରୁଛନ୍ତି। କେବଳ ସେତିକି ନୁହେଁ ଏହି କର୍ମଚାରୀମାନେ ବ୍ୟବହାର କରୁଥିବା ଏଆର କଣ୍ଡିସନ୍ ମେଶିନ୍ ଓ ଘର ବିଦ୍ୟୁତ୍ ଖର୍ଚ୍ଚ ମଧ ଅଫିସରୁ ଦିଆଯାଉଛି। ଏଥିପତ୍ରି ଦୃଷ୍ଟି ଦେବାକୁ ଓ ଏହାର ଉପଯୁକ୍ତ ତଦନ୍ତ କରିବାକୁ ଜନସାଧାରଣ ପକ୍ଷରୁ ଦୃଢ ଦାବି ହେଉଛି।

### ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଅଟକ

ଭବାନୀପାଟଣା,୨୫।୪ (ଡି.ଏନ.ଏ.)

ସଦର ଥାନା ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ସରଲାଞ୍ଜି ଗ୍ରାମର ମହେଶ ସାହୁ ଗତ ବୁଧବାର ଭୋରରୁ ଅପହରଣ କରି ନେଇଛନ୍ତି । ଏ ନେଇ ସଦର ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାୟୀ ସଦର ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରି ପୀଡିତାଙ୍କୁ ଉଦ୍ଧାର କରିବା ସହ ଅପହୃତ ମହେଶଙ୍କୁ ଥାନାରେ ଅଟକ ରଖିଛି । ପୀଡିତା ନାବାଳିକାଙ୍କୁ ପୋଲିସ ସ୍ଥାନୀୟ ମୁକ୍ତ ଆଶ୍ରୟସ୍ଥଳରେ ରଖିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଶୁକ୍ରବାର ପୀଡିତାଙ୍କୁ ମାଜିଷ୍ଟ୍ରେଟ୍ ସମ୍ମୁଖରେ ଧାରା ୧୬୪ରେ ବୟାନ ରେକର୍ଡ କରାଯିବ ଏବଂ ବୟାନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି ।

# ବିଶ୍ୱ ମ୍ୟାଲେରିଆ ଦିବସ

କର୍ଲାମୁଣ୍ଡା,୨୫।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ସମସ୍ତ ଆଶାକର୍ମୀମାନଙ୍କ ଦ୍ୱାରା ସଚେତନ ରାଲି କରାଯିବା ପରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ବିପିଏମ ଅଜିତ ସିଂ କୁମାର, ସ୍ୱାସ୍ଥ୍ୟକର୍ମୀ ବିମଳ ସାହୁ ପ୍ରମୁଖ ଯୋଗଦେଇ କର୍ଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମ୍ୟାଲେରିଆ ମୁକ୍ତ କରିବାକୁ ଆଲୋଚନା କରିଥିଲେ।




ଆଶାକର୍ମୀମାନେ ରାଲିରେ ବାହାରିଛନ୍ତି।

# ଅମୃତଧାରା ପ୍ରକଳ୍ପରୁ ବାହାରୁନି ଥଣ୍ଡାପାଣି

ଭବାନୀପାଟଣା,୨୫।୪(ଡି.ଏନ.ଏ.)

ଗତ କିଛି ଦିନ ହେଲା ଭବାନୀପାଟଣା ସହର ସମେତ କଳାହାଣ୍ଡି ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ପୂର୍ବାହ୍ନ ୧୦ଟା ପରେ ସହରର ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ସହରର ବିଭିନ୍ନ ସ୍ଥାନରେ ଅମୃତଧାରା ଯୋଜନାରେ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଅମୃତଧାରା ପ୍ରକଳ୍ପ ଅକାମୀ ହୋଇ ପଡିରହିଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଏହି ପ୍ରକଳ୍ପରୁ ଆଦୌ ଥଣ୍ଡା ପାଣି ବାହାରୁ ନାହିଁ। ପ୍ରକାଶ ଯେ, ପୌର ପରିଷଦ ଭଙ୍ଗ ହେବା ପରେ ଜିଲାପାଳ ଭବାନୀପାଟଣା ପୌର ପରିଷଦର ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ସହରର କୌଣସି ସ୍ଥାନରେ ଅମୃତଧାରା ଜଳଯୋଗାଣ କେନ୍ଦ୍ରରୁ ଥଣ୍ଡା ପାଣି ବାହାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜିଲାପାଳ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ତୁରନ୍ତ ଅମୃତ ଧାରା ପ୍ରକଳ୍ପରୁ ଥଣ୍ଡାପାଣି ବ୍ୟବସ୍ଥା କରିବା ନିମନ୍ତେ ସାଧାରଣରେ ଦାବି ହେଉଛି। ବିଭିନ୍ନ ସ୍ଥାନରେ ପୌର ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ଅବକାଶ ଓ ବିଶ୍ରାମ ସ୍ଥାନ ତିଆରି ନିମନ୍ତେ ଦାବି ହେଉଛି ।

## ଇନ୍ଦ୍ରାବତୀ କେନାଲ ପାଣି ପାଇଁ ଚାହିଁ ବସିଛନ୍ତି ଚାଷୀ

# ୨୦୦ ଏକରରୁ ଊର୍ଦ୍ଧ୍ୱ ଧାନଚାଷ ନଷ୍ଟ

ଧର୍ମଗଡ଼,୨୫।୪ (ଡି.ଏନ.ଏ.)



ପାଣି ଅଭାବରୁ ଧାନଚାଷ ମରିବାକୁ ବସିଲାଣି ।

**ଧର୍ମଗଡ଼ କେନ୍ଦୁମୁଣ୍ଡିପଡ଼ା ତଳିଆ ଅଞ୍ଚଳ**
- ତଳ ମୁଣ୍ଡକୁ ମାଡୁନି ପାଣି

ଇନ୍ଦ୍ରାବତୀ କେନାଲ ପାଣିକୁ ଭରସା କରି ନିଜ ଜମିରେ ରବି ଚାଷ କାର୍ଯ୍ୟକୁ ଆଗେଇ ନେଇଥିବା ବେଳେ ବର୍ତ୍ତମାନ କେନାଲ ପାଣି ଅଭାବ ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । କଳାହାଣ୍ଡି ଜିଲା ଧର୍ମଗଡ କେନ୍ଦୁମୁଣ୍ଡିପଡା ତଳିଆ ଅଞ୍ଚଳରେ ଏବେ ଏଭଳି ସମସ୍ୟା ଦେଖାଦେଇଛି । କେନାଲ ପାଣି ଅଭାବରୁ ଧାନଗଛ ସବୁ ମରିବାକୁ ବସିଲାଣି । ଏପରି କ୍ଷେତ୍ରରେ ଚାଷୀ କ'ଣ କରିବେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଇନ୍ଦ୍ରାବତୀ କର୍ତ୍ତୃପକ୍ଷ କେନାଲ ପାଣି ଛାଡିବା ଘୋଷଣା ଅନୁଯାୟୀ ଏହି ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକ ଅନୁଯାୟୀ ପାଣି ପାଇ ଚାଷ କାର୍ଯ୍ୟ କରି ଚାଷୀ ବେଶ ଖୁସି ଥିଲେ । ବର୍ତ୍ତମାନ ହଠାତ ଏହି କେନାଲରେ ପାଣି ନ ଆସିବା ନେଇ ଚାଷୀ ହରଡଗଣାରେ ପଡ଼ିଛନ୍ତି । ଏହି ଅଞ୍ଚଳର ପ୍ରାୟ ୨୦୦ ଏକରରୁ ଅଧିକା ଚାଷ ଜମି ବର୍ତ୍ତମାନ ପାଣି ଅଭାବରୁ ଧାନଚାଷ ନଷ୍ଟ ହେବାକୁ ବସିଲାଣି । ତେବେ କେନାଲର ରକ୍ଷଣାବେକ୍ଷଣ ମୁଖ୍ୟ ସମସ୍ୟା ରହିଛି ।

ମିଶନାରି ଅଫ ଚାରିଟି ନିକଟରେ ଥିବା ମୁଖ୍ୟ କେନାଲକୁ ଏହି ତଳିଆ ଅଞ୍ଚଳକୁ ଶାଖା କେନାଲ ଯୋଗେ ପାଣି ଆସିଥାଏ । ଦୀର୍ଘ ଦିନରୁ ଏହି ଶାଖା କେନାଲ ମରାମତି ହୋଇ ନ ଥିବାରୁ ଏଠି ପାଣି ଆସିବାରେ ଅସୁବିଧା ସୃଷ୍ଟି ହୋଇଛି । ଦୀର୍ଘ ଦିନରୁ ସ୍ଥାନୀୟ ଇନ୍ଦ୍ରାବତୀ ଅଫିସରେ ଏହି ସମସ୍ୟା ପାଇଁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଇ ନ ଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି । ଏହି ସମସ୍ୟାର ଯଦି ସମାଧାନ କରା ନ ଯାଏ ତାହେଲେ ଇନ୍ଦ୍ରାବତୀ କାର୍ଯ୍ୟାଳୟ ସାମାନାରେ ଧାରଣା ଦେବାକୁ ଚାଷୀ ଚେତବାନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ ସୀମାଞ୍ଚଳ ଶତପଥୀଙ୍କୁ ପଚାରିବାରୁ ଏହି ଅଞ୍ଚଳ ଆମର ଆଏକଟ ଏରିଆ ମଧ୍ୟରେ ଆସୁନାହିଁ । ଏହି ଚାଷୀମାନେ ରବି ଚାଷ କରିବା କଥା ନୁହେଁ ବୋଲି ପ୍ରକାଶ କରିଛନ୍ତି । ଚାଷୀ ସବୁବେଳେ ଜଳ କର ଦେଉଥିବା ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି ଚାଷୀ ଜଳକର ପ୍ରଦାନ କରୁଛି ତେବେ ସେହି ଅଞ୍ଚଳକୁ ପାଣି ଯିବା କଥା । ବିଭାଗୀୟ ଅଧିକାରୀଙ୍କ ଏହି ଭଳି ମନ୍ତବ୍ୟକୁ ସ୍ଥାନୀୟ ଚାଷୀ ତୀବ୍ର ବିରୋଧ କରିଛନ୍ତି। ଏହି ସମସ୍ୟା ପ୍ରତି ତୁରନ୍ତ ଜିଲା ପ୍ରଶାସନ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଅନ୍‌ଲାଇନ ଶପିଂ ସଂସ୍ଥା ସ୍ନାପ୍‌ଡିଲ୍ ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ

ଭବାନୀପାଟଣା,୨୫।୪(ଡି.ଏନ.ଏ.)

- ସ୍ନାପଡିଲ ସଂସ୍ଥାଠାରୁ ଏକ ସାମଗ୍ରୀ କିଣିଥିଲେ
- ସମ୍ପୂର୍ଣ୍ଣ ମୂଲ୍ୟ ଅଗ୍ରିମ ଭାବେ ପୈଠ କରିଥିଲେ

ବର୍ତ୍ତମାନ ସମୟରେ ଅନ୍‌ଲାଇନ ଶପିଂ ଜନସାଧାରଣଙ୍କ ଜୀବନରେ ଏକ ପ୍ରମୁଖ ଅଂଶ ପାଲଟି ସାରିଲାଣି। ପାରମ୍ପରିକ ଦୋକାନରୁ କୌଣସି ସାମଗ୍ରୀ କିଣିବା ପରିବର୍ତ୍ତେ ଲୋକେ ବିଭିନ୍ନ ଅନ୍‌ଲାଇନ ବିକ୍ରୟ ସଂସ୍ଥାରୁ ନିଜର ଚାହିଦା ମୁତାବକ ସାମଗ୍ରୀ କିଣାକିଣି କରୁଛନ୍ତି। ଗ୍ରାହକମାନଙ୍କ ମନପସନ୍ଦ ସାମଗ୍ରୀ ପାରମ୍ପାରିକ ଦୋକାନଗୁଡିକରୁ କମ୍ ଦାମରେ ମିଳିବା ସହିତ ନିଜ ଘରେ ବସି ମିଳିପାରୁଥିବାରୁ ଏହି ବ୍ୟବସ୍ଥା ଉପରେ ଅଧିକାଂଶ ଭରସା କରିବା ସହିତ ସମସ୍ତଙ୍କ ମଧ୍ୟରେ ଖୁବ ଲୋକପ୍ରିୟ ହେବାରେ ଲାଗିଛି । କିନ୍ତୁ କିଛି ସ୍ଥାନରେ ଏହାର ବିପରିତ ପରିଣାମ ମଧ ଦେଖିବାକୁ ମିଳିବା ଅନେକ ସମୟରେ ଚର୍ଚ୍ଚାର ବିଷୟ ପାଲଟି ସାରିଲାଣି । ଗ୍ରାହକ ଅନେକ ସମୟରେ ନିମ୍ନମାନର ସାମଗ୍ରୀ ପାଇବା ଅଭିଯୋଗ କରୁଥିବା ବେଳେ କିଛି ସ୍ଥାନରେ ସାମଗ୍ରୀ ପରିବର୍ତ୍ତେ ପାର୍ସଲରେ ଇଟାଖଣ୍ଡ, କାଗଜ ଖଣ୍ଡ ବାହାରିବା ମଧ ନଜରକୁ ଆସୁଛି। ବେଳେବେଳେ ଗ୍ରାହକ ଅଗ୍ରିମ ଭାବରେ ସମ୍ପୂର୍ଣ୍ଣ ଟଙ୍କା ପୈଠ କରିଥିଲେ ମଧ ସାମଗ୍ରୀ ମିଳୁ ନ ଥିବା ମଧ ଅଭିଯୋଗ ହେଉଛି । ଏହି ପରିପ୍ରେକ୍ଷୀରେ ଏକ ଘଟଣା ଘଟିଛି କଳାହାଣ୍ଡି ଜିଲା ଭବାନୀପାଟଣା ସହରଠାରେ ସୁନୀଲ କୁମାର ୨୦୧୩ରେ ସ୍ନାପ୍‌ଡିଲ୍ ସଂସ୍ଥାଠାରୁ ଏକ ସାମଗ୍ରୀ କିଣିଥିଲେ। ଏଥିନିମନ୍ତେ ସାମଗ୍ରୀର ସମ୍ପୂର୍ଣ୍ଣ ମୂଲ୍ୟ ଅଗ୍ରିମ ଭାବେ ପୈଠ କରିଥିଲେ। କିନ୍ତୁ ଗ୍ରାହକ ଜଣକ ଏଲାହାବାଦ ଯାଇଥିବା ସମୟରେ ଫାଷ୍ଟ ଫ୍ଲାଇଟ କୋରିୟର ସଂସ୍ଥା ସେହି ପାର୍ସଲ ଟିକୁ ଗ୍ରାହକଙ୍କୁ ଡେଲିଭରି ନ କରି ଗ୍ରାହକଙ୍କୁ ହସ୍ତାନ୍ତର କରିଥିବା ଦର୍ଶାଇଥିଲେ। ଏହାକୁ ନେଇ ଗ୍ରାହକ ଜଣକ କୋରିୟର ସଂସ୍ଥା ଓ ସ୍ନାପ୍‌ଡିଲ୍ କର୍ତ୍ତୃପକ୍ଷକୁ ବହୁବାର ଏ ସମ୍ପର୍କରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ପରେ ଗ୍ରାହକ ଏହା ସମ୍ବନ୍ଧରେ କଳାହାଣ୍ଡି ଜିଲା ଖାଉଟି ଅଦାଲତରେ ୫୭/୨୦୧୮ରେ ଏକ ମାମଲା ରୁଜୁ କରିଥିଲେ । ଏହାର ଶୁଣାଣି କରି ଜିଲା ଖାଉଟି ଅଦାଲତ ସଭାପତି ଅଶ୍ୱିନି ସାହୁ ଓ ମହିଳା ସଦସ୍ୟ ଭବାନୀ ପଟ୍ଟନାୟକ ସ୍ନାପ୍‌ଡିଲ୍ ସଂସ୍ଥାକୁ ଦୋଷୀ ସାବ୍ୟସ୍ତ କରି ଗ୍ରାହକଙ୍କୁ ସାମଗ୍ରୀ ମୂଲ୍ୟ ବାବଦକୁ ୬୭୪ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ଲିଟିଗେସନ୍ ପାଇଁ ଏକ ହଜାର ଟଙ୍କା ଓ ମାନସିକ ଯନ୍ତ୍ରଣା ଓ କ୍ଷତିପୂରଣ ବାବଦକୁ ଏକ ହଜାର ଟଙ୍କା ପ୍ରଦାନ କରିବା ପାଇଁ ଆଦେଶ ଜାରି କରିଛନ୍ତି । ଖାଉଟି ଅଦାଲତ ଦ୍ୱାରା ସ୍ନାପଡିଲ କାର୍ଯ୍ୟାଳୟ ଠିକଣାରେ ଉକ୍ତ ଆଦେଶକୁ ଡାକରେ ପଠାଯାଇଥିଲେ ମଧ ଡାକ ବିଭାଗ ସେଠାରେ କୌଣସି କାର୍ଯ୍ୟାଳୟ ନାହିଁ ବୋଲି ଉକ୍ତ ଆଦେଶକୁ ଫେରାଇ ଦେଇଥିଲେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, କୌଣସି ସ୍ଥାୟୀ ଠିକଣା ନ ଥାଇ ମଧ ସ୍ନାପ୍‌ଡିଲ୍ ସଂସ୍ଥା କୋଟି କୋଟି ଟଙ୍କାର ଅନ୍‌ଲାଇନ ବାଣିଜ୍ୟ କରୁଥିଲେ ମଧ ସରକାରୀ ବିଭାଗ ନିରବ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର

## ସଂକ୍ଷେପରେ

### ସେଲ୍ ବୋର୍ଡ ସବ୍ କମିଟି ସଦସ୍ୟଙ୍କ ଆରଏସ୍‌ପି ପରିଦର୍ଶନ

ରାଉରକେଲା ଅଫିସ. ୨୫। ୪-ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲି଼(ସେଲ) ବୋର୍ଡ ସବ୍ କମିଟି ସଦସ୍ୟମାନେ ଗୁରୁବାର ରାଉରକେଲା ଇସ୍ପାତ୍ କାରଖାନା(ଆରଏସପି) ପରିଦର୍ଶନ କରିଛନ୍ତି। କମିଟି ଅଧ୍ୟକ୍ଷ ତଥା ସେଲର ସ୍ୱତନ୍ତ୍ର ନିର୍ଦ୍ଦେଶକ ନିରଞ୍ଜନ ସାନ୍ୟାଲଙ୍କ ସମେତ ପର୍ମୋଦ ବିନ୍ଦଲ, ଏନ୍.କେ. ତନେଜା, କେ.ଏସ୍. ଚୌହାନ, କେ.କେ. ଗୁପ୍ତା, ଜି. ବିଶ୍ୱକର୍ମା, ହରିନନ୍ଦ ରାୟ ଓ ଏମ୍‌ସି ଜୈନ ପ୍ରମୁଖ ବରିଷ୍ଠ ଅଧିକାରୀ ଏଥିରେ ସାମିଲ ଥିଲେ। ପରିଦର୍ଶନରେ ଆସିଥିବା ସବ୍ କମିଟି ସଦସ୍ୟଙ୍କୁ ଆରଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଓ ଅନ୍ୟ ଅଧିକାରୀ ସ୍ୱାଗତ ଜଣାଇ ଥିଲେ। ଏହି ଅବସରରେ ଏକ ବୈଠକ ରାଉରକେଲା ହାଉସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଇସ୍ପାତ୍ ଜେନେରାଲ ହସ୍ପିଟାଲ ଓ ସୁପରସ୍ପେଶିଆଲିଟି ହସ୍ପିଟାଲ ସାଇଟ ପରିଦର୍ଶନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆରଏସ୍‌ପି ପରିଦର୍ଶନରେ ଆସିଥିବା ପ୍ରତିନିଧି ଦଳଙ୍କୁ ଏଚ୍‌ଆରଡି ସେଣ୍ଟରଠାରେ ମଡେଲ ରୁମ ଓ ସୁରକ୍ଷା କକ୍ଷକୁ ନିଆଯାଇ ଥିଲା। ଏହି ଅବସରରେ ସୁରକ୍ଷା ଉପରେ ଆଧାରିତ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇ ଥିଲା। ଏଥିସହ ପ୍ରସ୍ତାବିତ କାଷ୍ଟର-୪ ଅଞ୍ଚଳ, ନୂତନ ହଟ୍‌ଷ୍ଟ୍ରିପ ମିଲ ଓ ନୂତନ ପ୍ଲେଟ ମିଲ ଅଞ୍ଚଳ ପରିଦର୍ଶନ କରିଥିଲେ ପ୍ରତିନିଧି ମଣ୍ଡଳୀ।

# ଚାକିରି ଦେବାକୁ କହି ୫ ଲକ୍ଷ ଟଙ୍କା ଠକେଇ

## ଅତିରିକ୍ତ ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ୫ ଯୁବକ

ରାଉରକେଲା ଅଫିସ,୨୫। ୪

ଚାକିରି ଲୋଭରେ ପଡି ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକର ୫ ଯୁବକ ଠକେଇର ଶିକାର ହୋଇଛନ୍ତି। ସେମାନେ ହେଲେ ଲାଠିକଟା ବ୍ଲକ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରଡା ଅଞ୍ଚଳ ବାସିନ୍ଦା ଶୁକ୍ରା ଟିଗା ଓ ବିର୍ଶା ଖାଲ୍‌କୋ, ବିରକେରା ବାସିନ୍ଦା ସୁରେନ୍ଦ୍ର ଏକ୍କା, ରବୀନ୍ଦ୍ର ଏକ୍କା ଓ ସୁନୀଲ ତିର୍କୀ। ଏନେଇ ଗୁରୁବାର ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ଏହି ଯୁବକମାନେ ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ଅଫିସକୁ ଆସିଥିଲେ । ତାଙ୍କ ଭେଟ ନ ପାଇ ଅତିରିକ୍ତ ଏସ୍‌ପି ସୁରେଶ ପାଠୀଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି।

ଠକେଇର ଶିକାର ହେଇଥିବା ଯୁବକମାନଙ୍କ କହିବାନୁସାରେ ୨୦୧୩-୧୪ମସିହାରେ ନିଜକୁ ରେଳପଥ କର୍ମଚାରୀ ପରିଚୟ ଦେଇ ଗୁରୁଣ୍ଡିଆ ବ୍ଲକ ଜାମଧର ଗାଁର ଜର୍ଜ ମୁଣ୍ଡା ଆମକୁ ରେଳପଥରେ ଚାକିରି କରାଇ ଦେବାକୁ କହି ଟଙ୍କା ନେଇଥିଲେ। ସକ୍ଷମ ଅନୁଯାୟୀ ଶୁକ୍ରା ୧ଲକ୍ଷ ୫୦ହଜାର, ସୁରେନ୍ଦ୍ର ଓ ରବୀନ୍ଦ୍ର ୧ଲକ୍ଷ ୮୦ ହଜାର, ସୁନୀଲ ୧ଲକ୍ଷ ୨୦ ହଜାର, ବିର୍ଶା ୧ଲକ୍ଷ ୨୨ ହଜାର ଟଙ୍କା ତାଙ୍କୁ ଦେଇଥିଲେ। ସଂପୃକ୍ତ ୫ ଯୁବକଙ୍କୁ ଜର୍ଜ ଯେମିତି ହେଲେ ରେଳପଥରେ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଉପରୋକ୍ତ ଅର୍ଥ ଠକି ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଟଙ୍କା ଦେଇଥିବା ଯୁବକଙ୍କୁ ବିଭିନ୍ନ କଥା କହି ଠକି ଚାଲିଥିଲେ। ଶେଷରେ ଜର୍ଜ କେଉଁଆଡ଼େ ଚାଲି ଯାଇଥିଲେ। ଏହି ଯୁବକମାନେ ଗୁରୁଣ୍ଡିଆ ଯାଇ ଜର୍ଜଙ୍କୁ ଖୋଜାଖୋଜି କଲେ ବି ତାଙ୍କ ପତ୍ତା ପାଇ ନ ଥିଲେ। ଟଙ୍କା ନେଇ ସେ ଭୁବନେଶ୍ୱର ଚାଲିଯାଇ ଥିବା ଶୁଣିବାକୁ ମିଳୁଛି । ୨୦୧୬-୧୭ରୁ ସେ ଆଉ ଘରକୁ ଫେରି ନ ଥିବା କହିଛନ୍ତି ଠକେଇର ଶିକାର ଯୁବକମାନେ। ଏହି ଠକେଇକୁ ନେଇ ସଂପୃକ୍ତ ଯୁବକଙ୍କ ମା'ବାପା ବି ଦୁଃଖରେ ଭାଙ୍ଗି ପଡିଛନ୍ତି। ଏନେଇ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ତାଙ୍କୁ ସହାୟତାର ହାତ ବଢାଇଛନ୍ତି। ଅତିରିକ୍ତ ଏସ୍‌ପି ପାଠୀଙ୍କ ପରାମର୍ଶ ଅନୁସାରେ ଗୁରୁବାର ଅପରାହ୍ନରେ ଠକେଇର ଶିକାର ଯୁବକ ବ୍ରହ୍ମଣୀତରଙ୍ଗ ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି। ମାମଲା ରୁଜୁ ପରେ ତଦନ୍ତ କରାଯିବ ବୋଲି ସମ୍ପୃକ୍ତ ଥାନା ଅଧିକାରୀ କହିଥିବା ସାଣ୍ଡିଲ ପ୍ରକାଶ କରିଛନ୍ତି।



ଅତିରିକ୍ତ ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଯୁବକ ଯୁବତୀମାନେ।

### ଆଜି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

#### ପୁରସ୍କାର ପାଇବେ କୃତୀ ପ୍ରତିଯୋଗୀ

ରାଉରକେଲା ଅଫିସ,୨୫। ୪

ରାଉରକେଲା ପୂଜ୍ୟପୂଜା ସମିତି ପକ୍ଷରୁ ଏହାର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ସେକ୍ଟର- ୭ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ୧୨୮ ତମ ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଗଜପତିଙ୍କ ଜୟନ୍ତୀ ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି। ଏହି ଅବସରରେ ପୂର୍ବରୁ ଆୟୋଜନ କରାଯାଇଥିବା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯିବ। ବୈଠକରେ ନାରାୟଣ ଦାସ, ବିକ୍ରମ ଆଚାର୍ଯ୍ୟ, ଗଙ୍ଗାଧର ଦାସ, ଶ୍ରଦ୍ଧା ଷଡଙ୍ଗୀ, ଦିଲୀପ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, କିଶୋର ଭଞ୍ଜ, ପ୍ରଶାନ୍ତ ଦାସ, ପର୍ଶୁରାମ ପୁଥଲ, ଅଶ୍ୱିନୀ ପାତ୍ର, ହେମନ୍ତ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ସମସ୍ୟା ସୁଧାର ନେଇ ବଣିକ ସଂଘ ପକ୍ଷରୁ ପଦକ୍ଷେପ

ରାଉରକେଲା ଅଫିସ,୨୫। ୪



ଖବରଦାତା ସମ୍ମିଳନୀରେ ବଣିକ ସଂଘର କର୍ମକର୍ତ୍ତାମାନେ।

ଗତ ୮ ତାରିଖରେ ଦକ୍ଷିଣ ପୂର୍ବ ରେଳପଥ ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ରାଉରକେଲା ଗସ୍ତକୁ ନେଇ ସନ୍ତୋଷ ବ୍ୟକ୍ତ କରିଛି ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି। ଏନେଇ ବୁଧବାର ବ୍ରାହ୍ମଣୀ କ୍ଲବରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ସମେତ ପାର୍ଶ୍ୱବର୍ତ୍ତୀ ରେଳ ଷ୍ଟେଶନର ସମସ୍ୟା ନେଇ ଏଥିରେ ଆଲୋକପାତ କରାଯାଇଥିଲା। ସଂଘ ସଭାପତି ସୁବ୍ରତ ପଟ୍ଟନାୟକ ସୂଚନା ପ୍ରଦାନ କରି କହିଥିଲେ ବହୁ ପୂର୍ବରୁ ଆମେ ରାଉରକେଲାର ରେଳ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛୁ। ମହାପ୍ରବନ୍ଧକ ମିଶ୍ରଙ୍କ ରାଉରକେଲା ଆଗମନ କାଳରେ ତାଙ୍କୁ ଏନେଇ ଅବଗତ କରାଯାଇଛି। ଦାବି ବାବଦରେ ତାଙ୍କ ସକାରାତ୍ମକ ପ୍ରତିଶ୍ରୁତିକୁ ଆମେ ସ୍ୱାଗତ କରୁଛୁ ବୋଲି ପଟ୍ଟନାୟକ ଏଥିରେ କହିଥିଲେ। ଆଲୋଚନା କାଳରେ କେତେକ କୋଚ ସଂଯୋଗୀକରଣ, କୋରାପୁଟ ସମ୍ବଲପୁର ଏକ୍ସପ୍ରେସରେ ଏସି କୋଚ ସଂଯୋଗ ସହ ରାଉରକେଲା ଯାତ୍ରୀଙ୍କ ପାଇଁ ସିଟ ସଂଖ୍ୟା ବୃଦ୍ଧି, ଦୁର୍ଗ ଦାନାପୁର ଏକ୍ସପ୍ରେସ ଚଳାଚଳ, କାଲୁଙ୍ଗା ରେଳ ସାଇଡିଂର ଉନ୍ନତିକରଣ, ରାଜଗାଙ୍ଗପୁର ଠାରେ ପୁନେ ଆଜାଦହିନ୍ଦ ଏକ୍ସପ୍ରେସ ରହିଣି ଆଦି ନେଇ ମହାପ୍ରବନ୍ଧକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଥିଲେ। ସେହିଭଳି ଗରିବ ରଥକୁ ରାଞ୍ଚିରୁ ରାଉରକେଲା ସଂପ୍ରସାରଣ କରାଯିବା, ହାଟିଆ ଗୋରଖପୁର ଏକ୍ସପ୍ରେସକୁ ରାଉରକେଲା ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବା, ରାଉରକେଲା ରେଳ ଷ୍ଟେଶନରେ ରହିଥିବା ଅଭାବ ଅସୁବିଧା ଦୂର କରାଯିବା ଦିଗରେ ମିଶ୍ର ପଦକ୍ଷେପ ନେବେ ବୋଲି ଆମେ ଆଶା ରଖିଛୁ। ଏହି ମର୍ମରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ବ୍ୟତୀତ ଆହୁରି ଅନେକ ସମସ୍ୟା ନେଇ ତାଙ୍କ ସହ ଆଲୋଚନ ହୋଇଛି। ଏନେଇ କର୍ତ୍ତୃପକ୍ଷ କିଛିଟା ସକାରାତ୍ମକ ପଦକ୍ଷେପ ନେଇଥିବାରୁ ସନ୍ତୋଷ ବ୍ୟକ୍ତ କରାଯାଇଥିଲା।

# ଆଦିବାସୀ ମହିଳାଙ୍କ ଉପରେ ଜୁଲମ ଅଭିଯୋଗ

ରାଉରକେଲା ଅଫିସ,୨୫। ୪:

ଫର୍ଟିଲାଇଜର ଟାଉନଶିପ୍ ଅନ୍ତର୍ଗତ ଉତ୍କଳ ନଗର ଅଞ୍ଚଳରେ ଥିବା ଆଦିବାସୀ ମହିଳା ସମିତି ସଦସ୍ୟାଙ୍କ ଉପରେ ଜୁଲମ ହୋଇଥିବା ନେଇ ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ଅଭିଯୋଗ ହୋଇଛି। ସଂପୃକ୍ତ ମହିଳାମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସେହି ଅଞ୍ଚଳରେ ଏକ ଝୁମ୍ପୁଡି ଘର ତୋଳି ସ୍ଥାନୀୟ ବେକାର ଯୁବତୀମାନଙ୍କୁ ସିଲେଇ ଶିକ୍ଷା ତାଲିମ ବ୍ୟବସ୍ଥା କରାଯାଇଥିଲା। ଗତ ୧ ଏପ୍ରିଲ ଓଡ଼ିଶା ଦିବସରେ ଗୋପବନ୍ଧୁଙ୍କ ଫଟୋ ଚିତ୍ର ଟାଙ୍ଗି, ଫୁଲମାଳ ପିନ୍ଧାଇ ତାଙ୍କ ନୀତି ଆଦର୍ଶକୁ ଅନୁକରଣ କରିବାକୁ ବସ୍ତି ବାସିନ୍ଦା ଶପଥ ନେଇଥିଲେ। ହେଲେ ରାଜନୈତିକ ଆକ୍ରୋଶ ରଖି କେତେଜଣ ମହିଳା ପଣ୍ଡିତ ଗୋପବନ୍ଧୁଙ୍କ ଫଟୋ ଚିତ୍ର ଫିଙ୍ଗାଫୋପଡା କରିବା ସହ ଭଙ୍ଗାରୁଜା କରିଥିଲେ। ଝୁମ୍ପୁଡି ଘରେ ଟଙ୍ଗା ଯାଇଥିବା ପଲିଥିନକୁ ନେଇ ଯାଇଥିଲେ। ଗତ ୧୪ ତାରିଖରେ ଏହି ଘଟଣା ଘଟିଥିଲା। ଏନେଇ ମହିଳା ସମିତି କର୍ମକର୍ତ୍ତା ସ୍ଥାନୀୟ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ନ ଥିଲା। ସେହି ବସ୍ତିରେ ରହୁଥିବା ଶାସକ ଦଳର ଜଣେ ନେତାଙ୍କ ଚାପରେ ଆମ ଉପରେ ଏଭଳି ଅତ୍ୟାଚାର କରାଯାଉଥିବା ମହିଳା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସକୁ ଆମ ସମସ୍ୟା ବୁଝିବାକୁ ବେଳ ନ ଥିବା ବେଳେ ସମ୍ପୃକ୍ତ ନେତାଙ୍କ ଘରକୁ ଆସି ବସାଉଠା କରିବାକୁ କେମିତି ସମୟ ମିଳୁଛି ବୋଲି ମହିଳା ସମିତି ସଦସ୍ୟା ପ୍ରଶ୍ନ ଉଠାଇଛନ୍ତି। ଆମକୁ ହାତବାରିସି କରିବାକୁ ସଂପୃକ୍ତ ନେତାଙ୍କ ଚେଷ୍ଟା ବିଫଳ ହେବା ପରେ ଏଭଳି ଦାଉ ସାଧୁଛନ୍ତି ବୋଲି କର୍ମକର୍ତ୍ତା କମଳା ଗୋପ, ରଞ୍ଜିତା ହରୋ, କ୍ଲାରା ଲାକ୍ରା, ରାନୀ କୁଜୁର, ସବିତା ତିଲକ, ଅଗ୍ନି ତିର୍କୀ ଓ ଲାଖି ଓରାମ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଏକ ଅଭିଯୋଗପତ୍ର ଅତିରିକ୍ତ ଏସ୍‌ପି ସୁରେଶ ପାଠୀଙ୍କୁ ପ୍ରଦାନ କରାଯାଇଛି।



ପୋଲିସ୍‌ର ଦ୍ୱାରସ୍ଥ ହୋଇଥିବା ଆଦିବାସୀ ମହିଳା।

CLASSIFIED DISPLAY
ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା,ରାଜସ୍ୱ ଜିଲା ପାଇଁ ପଦକ୍ଷେପ

**ରାଉରକେଲା ଅଫିସ,୨୫।୪:** ରାଉରକେଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ରାଜସ୍ୱ ଜିଲା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଆଗମନ କାଳରେ ଓକିଲ ସଂଘ ପକ୍ଷରୁ ଏହି ମର୍ମରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ଥିଲା। ସଂଘ ଓ ସହରବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଛି। ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଏହି ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୦ରେ ଚିଠି ନଂ. ଜେଜେ/ ୩/ ୨୦୧୯/ ୩୯୬୫ ଡେପୁଟି ସେକ୍ରେଟାରୀ ଗୃହ ବିଭାଗ ଓ ଡେପୁଟି ସେକ୍ରେଟାରୀ ରେଭିନ୍ୟୁ ବିଭାଗକୁ ଚିଠି ଲେଖା ଯାଇଛି। ରାଉରକେଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କରିଥିବାରୁ ତାଙ୍କ ପ୍ରତି ଜିଲା ଓକିଲ ସଂଘ କୃତଜ୍ଞତା ଜ୍ଞାପନ କରିଛି। ଏହି ଅବସରରେ ସଂଘ କର୍ମକର୍ତ୍ତା ଆଶା ବ୍ୟକ୍ତ କରି କହିଛନ୍ତି, ଉଭୟ ଦାବି ନେଇ ପୂର୍ବରୁ ପ୍ରଦାନ କରାଯାଇଥିବା ଯୁକ୍ତିଯୁକ୍ତ ଓ ତଥ୍ୟ ସମ୍ବଳିତ ଦାବି ପତ୍ରକୁ ସରକାର ନିଶ୍ଚିତ ବିଚାରକୁ ନେବେ। ତେବେ ଏନେଇ ପ୍ରତିମାସ ଶେଷ ୩ ଦିନ ବନ୍ଦ ପାଳନକୁ ସ୍ୱଭାବିକ କରାଯିବ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଏଣୁ ଆସନ୍ତା ୨୭ରୁ ୩୦ ଯାଏ ଓକିଲମାନେ କୋର୍ଟ କାର୍ଯ୍ୟରୁ ବିରତ ରହିବେ ବୋଲି ସଂଘ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି।





ରଙ୍ଗାଡିପା ଉଚ୍ଚପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟରମାନେ ଭୋଟ ଦେଉଛନ୍ତି(ବାମ), ଭୋଟ କେନ୍ଦ୍ର ବାହାରେ ଭୋଟରଙ୍କ ଲମ୍ବା ଧାଡ଼ି।

■ ସୁନ୍ଦରଗଡ଼ ଜିଲାରେ ୨ବୁଥରେ ସାନି ଭୋଟ

# ୭୦.୮୮ ପ୍ରତିଶତ ମତଦାନ

**ସୁନ୍ଦରଗଡ଼, ୨୫।୪ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ୨ଟି ବୁଥରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବାତିଲ ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଗୁରୁବାର ଏହି ୨ବୁଥରେ ସାନି ମତଦାନ ଗ୍ରହଣ କରାଯାଇଛି। ସୁନ୍ଦରଗଡ଼ ରଙ୍ଗାଡିପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୧୩ନଂ. ମତଦାନ କେନ୍ଦ୍ରରେ ମୋଟ ୬୧.୯୬ପ୍ରତିଶତ ମତଦାନ ହୋଇଛି। ସେହିପରି ଏହି ମତଦାନ କେନ୍ଦ୍ରରେ ୯୫୭ଜଣ ମତଦାତାଙ୍କ ମଧ୍ୟରୁ ୩୦୪ ପୁରୁଷ ଓ ୨୮୯ ମହିଳା ଭୋଟରଙ୍କୁ ମିଶାଇ ମୋଟ ୫୯୩ଜଣ ମତଦାନ କରିଛନ୍ତି। ସେହିପରି ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଉପରପଡା କେନ୍ଦ୍ରିକଳା ୟୁଜିୟୁପିସ୍କୁଲ ୧୨୯ନଂ. ବୁଥରେ ମଧ୍ୟ ସାନି ମତଦାନ ହୋଇଛି। ଏଠାରେ ୯୪୦ ଭୋଟରଙ୍କ ମଧ୍ୟରୁ ୭୫୦ଜଣ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ଏଠାରେ ମତଦାନ ହାର ୭୯.୭୯ ପ୍ରତିଶତ ହୋଇଛି। ଉଭୟ ବୁଥରେ ସମୁଦାୟ ୭୦.୮୮ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଭୋଟ ଦେବା ପାଇଁ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଇଥିଲା। ମହିଳା ଓ ପୁରୁଷମାନେ ବୁଥଗୁଡିକରେ ଲମ୍ବା ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ରଙ୍ଗାଡିପା ବୁଥ ଭିତରକୁ ବାରମ୍ବାର ଦଳୀୟ ପ୍ରାର୍ଥୀମାନେ ଯିବା ଆସିବା କରିବା ଓ ବୁଥ ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳର କର୍ମୀ ଓ ନେତାମାନେ ଗହଳି କରି ଭୋଟରଙ୍କୁ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଖୋଲାଖୋଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ କିଛି ସମୟ ସେଠାରେ ସାମାନ୍ୟ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ପରେ ଅଧିକ କଡାକଡି କରାଯାଇଥିଲା।

### ଜିଲାପାଳ ଅଫିସରେ ଆତ୍ମହତ୍ୟା ଉଦ୍ୟମ

**ବରଗଡ଼ ଅଫିସ,୨୫।୪**

ବରଗଡ଼ ଜିଲାପାଳଙ୍କ ଅଫିସ ପରିସରରେ ଥିବା ଏକ ଗଛରେ ଚଢି ଜଣେ ଯୁବକ ଗୁରୁବାର ସକାଳ ପ୍ରାୟ ୧୦ ଟାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯୁବକ ଜଣକ ସ୍ଥାନୀୟ କେନାଲପଡା ନିବାସୀ ମାନସ ରଞ୍ଜନ ପ୍ରଧାନ ବୋଲି ସୂଚନା ମିଳିଛି। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡିନାହିଁ। ଏ ନେଇ ବରଗଡ଼ ଟାଉନ ଥାନା ଆଇଆଇସି ଉକ୍ତ ଯୁବକଙ୍କୁ ପଚାରିବାରୁ ତାଙ୍କ ଜୀବନରେ ସେଭଳି ଏକ ଘଟଣା ଘଟିଥିବା କହିଥିଲେ । ପରେ ପୋଲିସ ଯୁବକ ଜଣଙ୍କୁ ସିଆରପିସି ୪୧ରେ ନୋଟିସ କରି ଛାଡି ଦେଇଥିଲା। ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ଜଣକ ଏକ ବାଇକ ଯୋଗେ ଜିଲାପାଳ ଅଫିସକୁ ଆସିଥିଲେ। ସେ ବାଇକରୁ ଓହ୍ଲାଇ ଚପଲ ଖୋଲିବା ପରେ ଏକ ଗାମୁଛା ଧରି ଜିଲାପାଳ ଅଫିସ ପରିସରରେ ଥିବା ଦେବଦାରୁ ଗଛ ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ଓ ଅଫିସ କର୍ମଚାରୀ ତାହା ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ପୋଲିସ ସେଠାକୁ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗଛରୁ ଓହ୍ଲାଇ ଆଣି ଥାନାକୁ ନେଇଥିଲା ।



ପଥଚାରୀଙ୍କୁ ଥଣ୍ଡା ପାନୀୟଜଳ ବଣ୍ଟନ କରାଯାଉଛି।

## ଯୋଗବେଦାନ୍ତସମିତିପକ୍ଷରୁ ଦରିଦ୍ର ନାରାୟଣ ସେବା

**ସୁନ୍ଦରଗଡ଼, ୨୫।୪ (ଡି.ଏନ୍.ଏ)**

ଯୋଗ ବେଦାନ୍ତ ସମିତି ସୁନ୍ଦରଗଡ ଶାଖା ତରଫରୁ ସ୍ଥାନୀୟ କଲେଜରୋଡସ୍ଥିତ ହରିଓଁ ଆଶ୍ରମ ସମ୍ମୁଖରେ ପଥଚାରୀଙ୍କୁ ଥଣ୍ଡା ପାନୀୟଜଳ ବଣ୍ଟନ କରାଯାଇଥିଲା। ଏଥିସହ ଦରିଦ୍ର ନାରାୟଣ ସେବା କାର୍ଯ୍ୟକ୍ରମରେ ଜୋତା ଓ ବସ୍ତ୍ର ସହ ଅନ୍ନଦାନ କରାଯାଇଥିଲା। ସକାଳେ କଳ୍ପତରୁ ଅନାଥା ଆଶ୍ରମ ଅନ୍ତେବାସୀଙ୍କୁ ଫଳ ବିତରଣ କରାଯାଇଥିଲା। ସମିତିର ସକ୍ରିୟସଭ୍ୟ ଗୌରୀଶଙ୍କର ପଟେଲ, ନିକୁଞ୍ଜ ମହାନ୍ତି, ରାଜୁ ପାତ୍ର, ମୁକେଶ ଗୁପ୍ତା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଶିକ୍ଷକ କର୍ମଶାଳା ଉଦ୍‌ଯାପିତ

**ସବ୍‌ଡ଼େଗା, ୨୫।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ ଲେଖାଏଁ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ନ୍ୟୁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଗାଇବିରାଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ପାଇଁ ଛୁଟି ଘୋଷଣା କରିଥିବା ବେଳେ ମେ ୪ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟକୁ ଆସିବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଜଣାପଡିଛି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସୁ ନ ଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟକୁ ନିୟମିତ ଆସୁଛନ୍ତି। ଏଣୁ ଏହି ସମୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷ ପାଇଁ କଣ ସବୁ କାର୍ଯ୍ୟକ୍ରମ ହାତକୁ ନେବେ କଣ ସବୁ ଯୋଜନା ପ୍ରସ୍ତୁତ କରିବେ ସେସବୁ ବିଷୟରେ ଏହି କର୍ମଶାଳାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଜ୍ଜଳ ଏବଂ ଉତ୍ଥାନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତି, ରେକର୍ଡ ପ୍ରସ୍ତୁତି, ବିଦ୍ୟାଳୟ ନଥିପତ୍ର ପ୍ରସ୍ତୁତି, କ୍ୟାସବହି ଲିପିବଦ୍ଧ, ସ୍କୁଲ ପରିସର, ଶ୍ରେଣୀ ଗୃହ, ସଫା ସୁତରା, ରଙ୍ଗ ଧଉଳାକରଣ, ଶ୍ରେଣୀ ଗୃହ ଓ ବିଦ୍ୟାଳୟର ନାମଲିଖନ, ଅତ୍ୟାବଶ୍ୟକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ସ୍ଥିର କରାଯାଇଥିଲା। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପନ୍ନ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା, ଫକୀର କିସପଟ୍ଟା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସିଆରସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତୀ, ଲଙ୍କେଶ୍ୱର ନାଏକ, ସଞ୍ଜୟ ଗରଡିଆ, ନରେନ୍ଦ୍ର ପୁରୋହିତ, ସୁରେଶ ପୃଷେଟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ସବ୍‌ଡ଼େଗାରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ।

## ନାହିଁ ନାହିଁରେ ଆମ୍‌କୋ-ସିମ୍‌କୋ ଶହୀଦ ଦିବସ ପାଳିତ

**କୁଆଁରମୁଣ୍ଡା, ୨୫।୪(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ରାଏବୋଗା ପଞ୍ଚାୟତର ଆମ୍‌କୋ-ସିମ୍‌କୋ ଶହୀଦ ପୀଠରେ ଜିଲା ପ୍ରଶାସନ ଗୁରୁବାର ଶହୀଦ ଦିବସ ପାଳନ କରିଛି। ଏହି ଶହୀଦ ପୀଠକୁ ଭାରତ ବର୍ଷର ୨ୟ ଜାଲିଆନାୱାଲାବାଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପୀଠକୁ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରି ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ମାତ୍ର ପ୍ରତିବର୍ଷ ଜିଲା ପ୍ରଶାସନ ଏପ୍ରିଲ ୨୫କୁ କେବଳ ଶହୀଦ ଦିବସ ଭାବେ ପାଳନ କରୁଛି। ଚଳିତବର୍ଷ ଏହି ଶହୀଦ ଦିବସ ପାଳନରେ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ପାଳନ ନ ହେଲା ପରି ସାଧାରଣରେ ଅଭିଯୋଗ ହେଉଛି। ଏହି ପାଳନ ସମୟରେ ଆଙ୍ଗୁଳି ଗଣତି ଲୋକ ଉପସ୍ଥିତ ଥିଲେ। ଏପରିକି ଏହି ଅବ୍ୟବସ୍ଥିତ ପାଳନକୁ ନେଇ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ମଧ୍ୟ ପ୍ରଶାସନକୁ ଦାୟୀ କରିଛନ୍ତି। ଅଞ୍ଚଳର କୌଣସି ବୁଦ୍ଧିଜୀବୀ, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଶହୀଦ ଦିବସ ପାଳନ ବିଷୟରେ କୌଣସି ଖବର ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ବିଶେଷକରି ଶହୀଦସ୍ଥଳ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଥିବାବେଳେ ଶହୀଦ ସ୍ମୃତି କମିଟିରେ କୁଆଁରମୁଣ୍ଡା ଅଞ୍ଚଳରୁ କୌଣସି ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନ ରଖି ରାଉରକେଲା ଅଞ୍ଚଳର କେତେକ ବ୍ୟକ୍ତି ସମସ୍ତ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସ୍ମୃତି କମିଟିରେ ଉକ୍ତ ରାଉରକେଲିଆ ବ୍ୟକ୍ତି ଜଣଙ୍କ ଇଙ୍ଗିତରେ ଶହୀଦ ଦିବସ ପାଳନ ହେଉଥିବାରୁ ଏହିପରି ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି। ଆମ୍‌କୋ-ସିମ୍‌କୋ ଶହୀଦ ପୀଠ ଉନ୍ନୟନ ପାଇଁ ପୀଡ ଚାରିକଡେ ପାଚେରୀ ନିର୍ମାଣ, ଶହୀଦ ସ୍ତମ୍ଭ ଇତ୍ୟାଦି ନିର୍ମିତ ହୋଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରୀ ଭୁଶୁଡି ପଡିଛି। ମୋଟାମୋଟି ଭାବେ ଶହୀଦ ପୀଠର ଉନ୍ନୟନ ନାଁରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ଦିବସ ପାଳନ ସମୟରେ ଉପସ୍ଥିତ ଥିବା ଲୋକେ ଆଲୋଚନା କରୁଥିଲେ। ଚଳିତବର୍ଷ ଶହୀଦ ଦିବସ ପାଳନରେ ପାଖାପାଖି ଶହେ ଲୋକ ଉପସ୍ଥିତ ଥିବା ସ୍ଥାନୀୟ ପୋଲିସ ଆକଳନରୁ ଜଣାପଡ଼ିଛି। ଶହୀଦ ଦିବସ ପାଳନ ସମ୍ପର୍କରେ ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ଏପରି ଅବ୍ୟବସ୍ଥା ହେଲା ବୋଲି କୁଆଁରମୁଣ୍ଡା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭବିଷ୍ୟତରେ ଏହି ଘଟଣାର ଯେପରି ପୁନରାବୃତି ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ସୁନ୍ଦରଗଡ଼ ଜିଲାପାଳ ସ୍ୱତନ୍ତ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

■ ବଡ଼ଗାଁ ରାମଲୀଳା ଯାତ୍ରା

## ହନୁମାନଙ୍କ ଦ୍ୱାରା ସୀତା ଠାବ, ଲଙ୍କା ଦହନ

**ବଡ଼ଗାଁ, ୨୫।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ମହୋତ୍ସବର ଦ୍ୱାଦଶ ରଜନୀରେ ହନୁମାନଙ୍କ ଦ୍ୱାରା ସୀତା ଠାବ ଓ ଲଙ୍କା ଦହନ ମଞ୍ଚସ୍ଥ ହୋଇଛି। ସୀତା ହରଣ ପରେ ସୀତାଙ୍କ ଅନ୍ୱେଷଣରେ ରାମ, ଲକ୍ଷ୍ମଣ ଚାରି ଦିଗକୁ ଦୂତ ପ୍ରେରଣ କରିଥିଲେ। ନଳ, ନୀଳ, ସୁଗ୍ରୀବ, ଜାମ୍ବବାନ, ସୁଷେଣଙ୍କ ପରାମର୍ଶକ୍ରମେ ଦକ୍ଷିଣ ଦିଗକୁ ହନୁମାନଙ୍କୁ ପଠାଇଥିଲେ। ହନୁମାନ ରାମଙ୍କ ନାମ ନେଇ ସମୁଦ୍ର ଲଘି ଲଙ୍କାଗଡକୁ ପ୍ରବେଶ କରିଥିଲେ। ବିଭିନ୍ନ ସ୍ଥାନ ଖୋଜାଖୋଜି ପରେ ଅଶୋକ ବନରେ ସୀତାଙ୍କୁ ଠାବ କରିଥିଲେ। ରାମଙ୍କ ଦୂତ ରୂପରେ ସୀତାଙ୍କୁ ନିଜ ପରିଚୟ ଦେଇ ପ୍ରମାଣ ସ୍ୱରୂପ ରାମଙ୍କ ସ୍ୱର୍ଣ୍ଣମୁଦି ପ୍ରଦାନ କରିଥିଲେ। ସୀତା ବିଶ୍ୱାସ ପ୍ରକଟ କରି ରାମ ଓ ଲକ୍ଷ୍ମଣଙ୍କ କୁଶଳ ବାର୍ତ୍ତା ପଚାରିବୁଝିବା ପରେ ସୀତା ତାଙ୍କ ମଥାମଣୀ ହନୁମାନଙ୍କୁ ଦେଇଥିଲେ। ଅସୁର କବଳରୁ ମୁକ୍ତି ଆଶା ସୀତାଙ୍କଠାରେ ସଞ୍ଚାର ହୋଇଥିଲା। ଏହା ପରେ ହନୁମାନ ରାବଣର ଉଦ୍ୟାନ ମଧୁବନରେ ପ୍ରବେଶ କରି ଫଳମୂଳ ଖାଇବା ସହ ଭଙ୍ଗାରୁଜା କରିଥିଲେ। ହନୁମାନଙ୍କ ଉତ୍ପାତ ବିଷୟରେ ଖବରପାଇ ରାବଣ ହନୁମାନଙ୍କୁ ଧରିବାକୁ ସୈନ୍ୟ ପଠାଇଲେ। ସୈନ୍ୟମାନେ ହନୁମାନଙ୍କୁ ଧରି ରାବଣଙ୍କ ସମ୍ମୁଖକୁ ନେଲେ। ହନୁମାନ ନିଜର ମୃତ୍ୟୁ ରହସ୍ୟ ଜଣାଇ କହିଲେ ମୋ ଲାଙ୍ଗୁଡରେ ନିଆଁ ଲଗାଇ ଜାଳିବାକୁ କହିଲେ। ରାବଣଙ୍କ ସୈନ୍ୟମାନେ ଲାଞ୍ଜରେ ନିଆଁ ଲଗାଇଥିଲେ। ଏହା ପରେ ହନୁମାନ କାୟାବିସ୍ତାର କରି ସମଗ୍ର ଲଙ୍କା ଧ୍ୱଂସ କରିଦେଇଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ କରି ରାମଙ୍କୁ ସୀତାଙ୍କ ମଥାମଣି ଦେଇଥିଲେ। ଦ୍ୱାଦଶ ରଜନୀର ମଞ୍ଚସ୍ଥ ନାଟକରେ ମାୟା ସୀତା, ହନୁମାନ, ସୁଗ୍ରୀବ, ନଳ, ନୀଳ, ଅଙ୍ଗଦ, ବିଭୀଷଣ ଭୂମିକାରେ ଯଥାକ୍ରମେ ପ୍ରକାଶ ସାହୁ, ବବଲୁ ପ୍ରଧାନ, ରାଜେଶ ଚକ୍ରବର୍ତ୍ତି, ଦେବେଶ କୁମାର ଗୁଣ୍ଡ, ହରିହର ସାହୁ, ନିଗମ ପୂଜାରୀ, ଦେବାଶିଷ ସାହୁ ଅଭିନୟ କରିଥିଲେ ।



ରାମଲୀଳା ଯାତ୍ରାରେ ରାମ, ଲକ୍ଷ୍ମଣଙ୍କ ସହିତ ଯୋଦ୍ଧା।





ମତଦାନବେଳେ ଭାଜପା ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ବୁଥ୍ ପରିଦର୍ଶନ କରୁଛନ୍ତି(ବାମ), ବାହାରେ ଭୋଟରମାନେ ମତଦାନ ଲାଗି ଧାଡ଼ିରେ ଠିଆ ହୋଇଛନ୍ତି।

## ଚାରମାଲ ବୁଥ୍‌ରେ ସାନି ଭୋଟ, ମତଦାନ ହାର ୭୯ ପ୍ରତିଶତ

**ଲଖନପୁର, ୨୫।୪(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଚାରମାଲ ୨୫୪ନଂ. ବୁଥ୍‌ରେ ଗୁରୁବାର ସାନି ମତଦାନ ସମ୍ପନ୍ନ ହୋଇଛି। ଏହି ବୁଥ୍‌ରେ ସମୁଦାୟ ୧୧ଶହ ୮୩ ଭୋଟର ରହିଛନ୍ତି। ଏଥିମଧ୍ୟରୁ ୯ଶହ ୨୨ଜଣ ଭୋଟର ନିଜର ମତଦାନ କରିଛନ୍ତି। ଏଥିମଧ୍ୟରେ ରହିଛନ୍ତି ୪୮୧ ପୁରୁଷ ଓ ୪୪୧ ମହିଳା । ଭୋଟ୍ ମତଦାନ ହାର ଶତକଡା ୭୭.୯୩ ପ୍ରତିଶତ ହୋଇଛି । ସୂଚନା ଥାଉକି ଗତ ୧୮ରେ ୧୧ଶହ ୮୩ ଭୋଟରରୁ ୯ଶହ ୪୪ମତଦାନ ହୋଇଥିଲା । ପୂର୍ବମତଦାନ ହାର ଅପେକ୍ଷା ସାନି ମତଦାନ ହାର ହ୍ରାସ ପାଇଛି। ଏହାର କାରଣ ଏହି ବୁଥ୍‌ରେ ରହୁଥିବା କେତେକ ସ୍ଥାନୀୟ ବାସିନ୍ଦା କର୍ମସଂସ୍ଥାନ ପାଇଁ ବାହାରେ ରହୁଛନ୍ତି। ଏହି ଭୋଟ୍‌ରମାନେ ଗତ ୧୮ତାରିଖରେ ଭୋଟ୍‌ଦେଇ ପୁଣି କର୍ମସଂସ୍ଥାନ ପାଇଁ ବାହାରକୁ ଚାଲିଯାଇଛନ୍ତି। ଫଳରେ ମତଦାନ ହାର ହ୍ରାସ ପାଇଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏହି ବୁଥ୍‌ରେ ସାନି ମତଦାନ କିଭଳି ଚାଲିଛି ଏହା ଜାଣିବାପାଇଁ ଭାଜପା ବରଗଡ ଲୋକସଭାପ୍ରାର୍ଥୀ ସୁରେଶ ପୂଜାରୀ, ଭାଜପା ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା, ବିଜେଡି ବିଧାୟକ ପ୍ରାର୍ଥୀ କିଶୋର ମହାନ୍ତି, ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ ପ୍ରମୁଖ ଭୋଟ୍ କେନ୍ଦ୍ରକୁ ଯାଇ ପରିଦର୍ଶନ କରିଥିଲେ। ବୁଥ୍ ପରିସରକୁ କୌଣସି ଦଳୀୟ କର୍ମୀଙ୍କୁ ପୋଲିସ ଛାଡି ନ ଥିଲା। ସାନି ନିର୍ବାଚନ ପାଇଁ ଜିଲା ପ୍ରଶାସନ ତରଫରୁ ୨ଦିନ ଧରି ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ସାନି ନିର୍ବାଚନ ପରିଚାଳନା ପାଇଁ ପିଜାଇଡିଂ ଅଫିସ୍‌ର ସହ ୭ଜଣ ଅଧିକାରୀ ନିୟୋଜିତ ହୋଇଥିଲେ । ଏହାକୁ ତଦାରଖ କରିବା ପାଇଁ ଉପଜିଲାପାଳ ଶିବ ଟପ୍ପୋ, ଲଖନପୁର ବିଡିଓ ଗୋବିନ୍ଦ ଦଣ୍ଡସେନା, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଏବିଓ ଅଭିନ ରାଉତ, କନିଷ୍ଠଯନ୍ତ୍ରୀ ବୃଷଭାନୁ ଭୋଇ, ପ୍ରହ୍ଲାଦ ବାରିକ, ଟିକନାଥ ଭଇଁସାଲ ପ୍ରମୁଖ ଅଧିକାରୀମାନେ ନିୟୋଜିତ ହୋଇଥିଲେ। ସେହିଭଳି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ପ୍ରାଶାସନ ତରଫରୁ ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଓରିଏଣ୍ଟ ଥାନା ଅଧିକାରୀ ସାରଙ୍ଗ ପାଣିଗ୍ରାହୀ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସଙ୍କ ସମେତ ୧ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଇଭିଏମ୍ ସିଲ୍ କରାଯାଇ ପୋଲିସ୍‌ର କଡାସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌କୁ ନିଆଯାଇଥିଲା।